ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, August 12/2025 | Page 14 | ₹ 7.00 | RAYAGADA
୫୧ଶ ଭାଗ ୨୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 258 | ମୂଲ୍ୟ ₹୭/-



**ବକ୍ସିଂରେ ରିଡ୍ଡିକାଙ୍କୁ ସ୍ୱର୍ଣ୍ଣ**

୨୨ ବର୍ଷରୁ କମ୍ ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ର ମହିଳା ୮୦+କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ଭାରତୀୟ ବକ୍ସର ରିଡ୍ଡିକା।

୧୪

୦୨

**ଭାରତରେ ରିଲିଜ୍ ହେବନି 'ଅବିର ଗୁଲାଲ୍'**

ପାକିସ୍ତାନୀ ଅଭିନେତା ଫୱାଦ୍ ଖାନ୍ ଓ ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ 'ଅବିର ଗୁଲାଲ୍' ଫିଲ୍ମ ଭାରତରେ ରିଲିଜ୍ ହେବ ନାହିଁ



# ଏସ୍‌ଆଇଆର୍, ଭୋଟ ଚୋରି | ବିରୋଧୀ ଏକଜୁଟ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଣିଥିବା 'ଭୋଟ ଚୋରି' ଏବଂ ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗରେ ସୋମବାର ନୂଆଦିଲ୍ଲୀରେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ଜୋରଦାର ସ୍ୱର ଉଠାଇଛନ୍ତି। ଶାସକ ଭାଜପା ସହ ମିଶି ଭାରତର ନିର୍ବାଚନ କମିଶନ (ଇସିଆଇ) ଭୋଟ ଜାଲିଆତି ଚଳାଇଥିବା ବିରୋଧୀ ଦଳଗୁଡ଼ିକର ନେତାମାନେ ଅଭିଯୋଗ କରୁଛନ୍ତି। ସେମାନେ ସଂସଦରେ ଏସ୍‌ଆଇଆର୍ ଏବଂ ଭୋଟ ଚୋରି ପ୍ରସଙ୍ଗ ଉଠାଇ ତାହାର ବିତର୍କ ଚାହୁଁଥିବାବେଳେ ତାହାକୁ ଗୁରୁତ୍ୱ ଦିଆଯାଉନାହିଁ। ଏହାର ପ୍ରତିବାଦରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାର ପ୍ରାୟ ୩୦୦ ଏମ୍‌ପି ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସଂସଦ ଭବନରୁ ନିର୍ବାଚନ କମିଶନ (ଇସି)ଙ୍କ କାର୍ଯ୍ୟାଳୟ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। କିନ୍ତୁ ବାଟରେ ଦିଲ୍ଲୀ ପୋଲିସ ଏତେ ବଡ଼ ଶୋଭାଯାତ୍ରା ପାଇଁ ଅନୁମତି ନ ଥିବା ଦର୍ଶାଇ ସେମାନଙ୍କୁ ଅଟକାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ, ପ୍ରିୟଙ୍କା ଚତୁର୍ବେଦୀ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସମେତ ଶତାଧିକ ନେତାଙ୍କୁ ପୋଲିସ ବସ୍ ଯୋଗେ ଉଠାଇନେଇଥିଲା। ପୋଲିସ ଅଟକ ନେତାମାନଙ୍କୁ ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିବାବେଳେ ଶାସକ ଭାଜପା ବିରୋଧରେ ଦୁଇଟି ବଡ଼ ପ୍ରସଙ୍ଗ ବିରୋଧୀଙ୍କୁ ପୁଣି ଏକଜୁଟ ହୋଇ ଆଗକୁ ବଢ଼ିବାକୁ ସୁଯୋଗ ଦେଇଥିବା ଚର୍ଚ୍ଚା ହେଉଛି।




ବିହାରରେ ଏସ୍‌ଆଇଆର୍‌କୁ ବିରୋଧ କରି ସୋମବାର ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ପାର୍ଲାମେଣ୍ଟ ଭବନରୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟକୁ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି। **(ଫଟୋ: ଚମନ ଗୌତମ)**

## ■ ବିକ୍ଷୋଭ ଶୋଭାଯାତ୍ରାବେଳେ ରାହୁଲଙ୍କ ସମେତ ଶତାଧିକ ଏମ୍‌ପି ଅଟକ
## ■ ମହୁଆ ମୋଇତ୍ର, ମିତାଲି ବାଗ୍ ମୂର୍ଚ୍ଛା ଗଲେ

ନୂଆଦିଲ୍ଲୀ,୧୧।୮

ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ବିଭିନ୍ନ ରାଜ୍ୟରେ ହୋଇଥିବା ଭୋଟ ଅନିୟମିତତା ପ୍ରତିବାଦରେ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ସୋମବାର ସକାଳେ ସଂସଦ ଭବନରୁ ନିର୍ବାଚନ କମିଶନ (ଇସି)ଙ୍କ କାର୍ଯ୍ୟାଳୟ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ଯିବାବେଳେ ପୋଲିସ ସେମାନଙ୍କୁ ଅଟକାଇଛି। ଏସ୍‌ଆଇଆର୍‌ରେ ନାଲି ଛକିଚିହ୍ନ ଏବଂ 'ଭୋଟ ଚୋରି' ଲେଖାଯାଇଥିବା ଧଳା ଟୋପି ପିନ୍ଧି ବିରୋଧୀ ଏମ୍‌ପିମାନେ ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସରକାର ଏବଂ ଇସିଙ୍କ ମଧ୍ୟରେ ସଲାସୁତ୍ରରେ ଭୋଟ ଚୋରି ହୋଇଥିବା ନେଇ ସେମାନେ ସ୍ଲୋଗାନ ଦେଇଥିଲେ। ପୋଲିସ ସେମାନଙ୍କୁ ଅଟକାଇ ବସ୍ ଯୋଗେ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାକୁ ନେଇଯାଇଥିବାବେଳେ ପରବର୍ତ୍ତୀ ସମୟରେ ଛାଡ଼ିଦିଆଯାଇଛି। ଏମ୍‌ପିମାନଙ୍କୁ ଅଟକାଯିବାରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ରାସ୍ତାରେ ବସିରହି ସ୍ଲୋଗାନ ଦେଇଥିଲେ। ଏସ୍‌ପି ଅଧ୍ୟକ୍ଷ ଅଖିଳେଶଙ୍କ ସମେତ ଟିଏମ୍‌ସିର ମହୁଆ ମୋଇତ୍ର, କଂଗ୍ରେସର ସଞ୍ଜନା ଜାଟଭ ଏବଂ ଜୋତିମଣି ପ୍ରମୁଖ ବ୍ୟାରିକେଡ୍‌ରେ ଚଢ଼ି ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା। ବିକ୍ଷୋଭ ବେଳେ ମହୁଆ ମୋଇତ୍ର ଏବଂ ମିତାଲି ବାଗ୍ ମୂର୍ଚ୍ଛା ଯାଇଥିଲେ। ପୂର୍ବରୁ କଂଗ୍ରେସ ନେତା ☞ପୃଷ୍ଠା-୪

# ଜଳିଗଲେ ଅଷ୍ଟମ ଶ୍ରେଣୀ ଛାତ୍ରୀ

## ମୃତାଙ୍କ ଅଜା, ଜଣେ ଦୋକାନୀ ଅଟକ

ବରଗଡ଼/ଗାଇସିଲେଟ୍,୧୧।୮
(ପ୍ରେମାନନ୍ଦ ଖମାରୀ/ଦୁର୍ଗାପ୍ରସାଦ ତ୍ରିବେଦୀ)



ମୃତା ଛାତ୍ରୀ ରଶ୍ମି

ବାଲେଶ୍ୱର, ବଲାଙ୍ଗୀ, କେନ୍ଦ୍ରାପଡ଼ା ପରେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଫିରିଙ୍ଗିମାଳ ଗ୍ରାମରୁ ସୋମବାର ସକାଳୁ ଏକ ଲୋମଟାଙ୍କୁରା ଘଟଣା ସାମ୍ନାକୁ ଆସିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ମାମୁ ଘରଠାରୁ ଅନତିଦୂରରେ ରହିଥିବା ଏକ ପଡ଼ିଆକୁ ଯାଇ ସକାଳ ପ୍ରାୟ ୭ଟା ୪୦ମିନିଟ୍‌ରେ ନିଜ ଶରୀରରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଭିମ୍‌ସାର୍, ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତା ନାବାଳିକା ଛାତ୍ରୀ ହେଉଛନ୍ତି ରଶ୍ମି ଓରଫ ଡୁନୀ ସେଠ। ରଶ୍ମିଙ୍କ ଆତ୍ମାହୁତିର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ହେଁ ଘଟଣାସ୍ଥଳରେ ରେକର୍ଡିଂ ହୋଇଥିବା ଏକ ଭିଡିଓ କ୍ଲିପିଂକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ଗାଇସିଲେଟ ଥାନା ପୋଲିସ ଘଟଣାସ୍ଥଳରୁ ଏକ ପ୍ଲାଷ୍ଟିକ ବୋତଲ, ଦିଆସିଲି ଏବଂ ମୃତ ନାବାଳିକାଙ୍କ ଜୋତା ଜବତ କରି ଘଟଣାର ଅଧିକ ତଦନ୍ତ କରୁଛି। ବରଗଡ଼ ଦାୟିତ୍ୱରେ ରହିଥିବା ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳକୁ ପହଞ୍ଚି ଛାନଭିନ୍ ଚଳାଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ୩ ପୋଲିସ ଇନ୍ସପେକ୍ଟରଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିବା ଏସ୍‌ପି ଅଭିଲାଷ ଜି କହିଛନ୍ତି। ସେହିପରି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି, ନାବାଳିକା ଜଣକ ଆତ୍ମାହୁତି ଭଳି ଚରମ ପଦକ୍ଷେପ କାହିଁକି ନେଲେ, ତାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନାହିଁ। ତଦନ୍ତ ଜାରି ରହିଛି। ୩ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ପରିବାର ଲୋକ ଏବଂ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି। ଆଇନ ଅନୁସାରେ ସମ୍ପୃକ୍ତ ବ୍ୟକ୍ତି ନିଶ୍ଚିତ ଦଣ୍ଡିତ ହେବେ ବୋଲି ଆଇଜି କହିଛନ୍ତି।

ସୂଚନା ଅନୁଯାୟୀ, ପଦ୍ମପୁର ଉପଖଣ୍ଡ ତେଣ୍ଡାପଦର ଗ୍ରାମର କ୍ରାନ୍ତିଲାଲ ସେଠ ଗାଇସିଲେଟ ଥାନା ଫିରିଙ୍ଗିମାଳ ଗ୍ରାମରେ ବିବାହ କରିଛନ୍ତି। କ୍ରାନ୍ତିଲାଲ ଦାଦନ ଖଟିବାକୁ ତାମିଲନାଡୁ ଯାଇଛନ୍ତି। ଅନ୍ୟପଟେ କ୍ରାନ୍ତିଲାଲଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ପୁଅ ପଙ୍କଜ ଓରଫ୍ ଡାକ୍ତର ଏବଂ ଝିଅ ରଶ୍ମିଙ୍କୁ ଧରି ଫିରିଙ୍ଗିମାଳସ୍ଥିତ ବାପଘରେ ରହୁଥିଲେ। ପୁଅ ଯୁକ୍ତ ୩ରେ ପଢୁଥିବାବେଳେ ଝିଅ ରଶ୍ମି ପାଇକମାଳ ବ୍ଲକ ସାପଲହର ସେବାଶ୍ରମ ସ୍କୁଲ ଛାତ୍ରୀନିବାସରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ। କିନ୍ତୁ ଅସୁସ୍ଥତା କାରଣରୁ ଗତମାସ ୪ତାରିଖରୁ ରଶ୍ମି ମାମୁ ଘରେ ଆସି ରହିଥିଲେ। ଭଲ ହୋଇଯାଇଥିବାରୁ ସୋମବାର ସେ ଛାତ୍ରୀନିବାସକୁ ଫେରିବାର ଥିଲା। କିନ୍ତୁ ଛାତ୍ରୀନିବାସକୁ ଯିବା ପୂର୍ବରୁ ଘର ପଛପଟ ପଡ଼ିଆରେ ☞ପୃଷ୍ଠା-୪

# ବିମାନ ଡୋର୍ ନ ଖୋଲିବାରୁ ଘଣ୍ଟାଏ ଫସିଲେ ଯାତ୍ରୀ

ରାୟପୁର,୧୧।୮

ଦିଲ୍ଲୀରୁ ଆସି ରାୟପୁର ବିମାନବନ୍ଦରରେ ଅବତରଣ କରିଥିବା ଏୟାର ଇଣ୍ଡିଆର ଏକ ବିମାନରେ ଯାନ୍ତ୍ରିକ ତ୍ରୁଟି କାରଣରୁ ଯାତ୍ରୀମାନଙ୍କୁ ଘଣ୍ଟାଏ ପର୍ଯ୍ୟନ୍ତ ବିମାନ ମଧ୍ୟରେ ଫସିରହିବାକୁ ପଡ଼ିଛି। ବିମାନରେ କଂଗ୍ରେସ ବିଧାୟକ ଅଟଳ ଶ୍ରୀବାସ୍ତବଙ୍କ ସମେତ ୧୬୦ ଜଣ ଯାତ୍ରୀ ଥିଲେ। ଏଆଇ ୨୭୯୭ ନମ୍ବର ଫ୍ଲାଇଟ୍ ରବିବାର ରାତି ୮ଟା ୧୫ ମିନିଟ୍ ସମୟରେ ଦିଲ୍ଲୀରୁ ଉଡ଼ାଣ ଆରମ୍ଭ କରି ୧୦ଟା ୦୫ ମିନିଟ୍ ବେଳେ ରାୟପୁରର ସ୍ୱାମୀ ବିବେକାନନ୍ଦ ଏୟାରପୋର୍ଟରେ ଅବତରଣ କରିଥିଲା। ତେବେ ବୈଷୟିକ ତ୍ରୁଟି କାରଣରୁ ଏହାର ଡୋର୍ ଖୋଲି ନ ଥିଲା। ରାତି ୧୧ଟା ପର୍ଯ୍ୟନ୍ତ ଯାତ୍ରୀମାନେ ବିମାନ ଭିତରେ ବନ୍ଦହୋଇ ରହିଥିବାବେଳେ ଏହାର କାରଣ ସମ୍ପର୍କରେ କ୍ରିଉ ସଦସ୍ୟମାନେ କହି ନ ପାରିବାରୁ ଯାତ୍ରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ଆଶଙ୍କା ବଢ଼ିଥିଲା। କୌଣସି ଯୋଗାଯୋଗ ହୋଇ ନ ପାରିବା ଏବଂ ନିକଟରେ ଘଟିଥିବା ଅହମଦାବାଦ ଦୁର୍ଘଟଣାକୁ ନେଇ ସେମାନେ ଡରିଯାଇଥିଲେ ବୋଲି ଜଣେ ଯାତ୍ରୀ କହିଛନ୍ତି। ବିମାନକୁ ବିଦ୍ୟୁତ୍ ସଂଯୋଗ ବନ୍ଦ ହୋଇଯିବାରୁ ସ୍ଥିତି ଆହୁରି ଖରାପ ହୋଇଥିଲା। ତେବେ କୌଣସି ସୁରକ୍ଷାଗତ ଉଲ୍ଲଂଘନ ହୋଇ ନ ଥିବା ଏୟାରଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା।



# ସମାଧାନ ହେଲାଣି ୧୦,୮୦୭ ଅଭିଯୋଗ



ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନେ।

## ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୪ତମ ପାଳି ସୋମବାର ଭୁବନେଶ୍ୱର ୟୁନିଟ-୨ ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରିମଣ୍ଡଳର ବରିଷ୍ଠ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି। ଗତ ୧୩ଟି ପାଳିରେ ଗ୍ରହଣ କରାଯାଇଥିବା ୧୨,୨୫୨ଟି ଅଭିଯୋଗ ମଧ୍ୟରୁ ୧୦,୮୦୭ଟି ସମାଧାନ କରାଯାଇଛି। ଏହା ଶତକଡ଼ା ୮୮%, ବାକି ଅଭିଯୋଗଗୁଡ଼ିକ ପ୍ରକ୍ରିୟା ମଧ୍ୟରେ ରହିଥିବା ସୂଚନା ମିଳିଛି। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ପ୍ରୟାସ ଯୋଗୁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି। ପ୍ରତ୍ୟେକ ଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ☞ପୃଷ୍ଠା-୪

# ଆତ୍ମହତ୍ୟା କଥା କହିବା ଠିକ୍ ନୁହେଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦୃଷ୍ଟିକୁ ଆସିଛି। ଜଣେ ବ୍ୟକ୍ତି ନିଜ ଅଭିଯୋଗ ଜଣାଇବା ସମୟରେ ତାଙ୍କ ଦାବି ପୂରଣ ନ ହେଲେ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏହା ଶୁଣିବା ପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ବିରକ୍ତିଭାବ ପ୍ରକାଶ କରିଥିଲେ। ଆତ୍ମହତ୍ୟା କରିବା କଥା କାହିଁକି କହୁଛନ୍ତି ବୋଲି ପଚାରିଥିଲେ। ଆତ୍ମହତ୍ୟା ଶବ୍ଦ କାହିଁକି ବ୍ୟବହାର କରିଲେ ବୋଲି ମଧ୍ୟ ପ୍ରଶ୍ନ କଲେ। ଏହା ଭଲ କଥା ନୁହେଁ ଏବଂ ଏଭଳି ଶବ୍ଦର ବ୍ୟବହାର କରିବା ଠିକ୍ ନୁହେଁ ବୋଲି କହିଥିଲେ। ଯଦି କୌଣସି ସମସ୍ୟା ରହିଛି ତେବେ ଏହାର ସମାଧାନ ଲାଗି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଉଛି, ବ୍ୟସ୍ତ ନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଆସିଥିବା ଅଭିଯୋଗକାରୀଙ୍କ ମଧ୍ୟରେ କେତେଜଣ ନିଜ ସମସ୍ୟାକୁ ନେଇ ବିଚଳିତ ହେଉଥିବାରୁ, ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆଶ୍ୱାସନା ଦେଇ ବୁଝାଇଥିଲେ। ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୧।୮ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ଇଡ୍‌କୋର ସିଜିଏମ୍ (ପିଆଣ୍ଡଏ) ଭାବେ ନିଯୁକ୍ତ କରାଯାଇଥିବାବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଗାଜା ଦଖଲ

# ଆଜି ହସ୍ତୀ ଦିବସ: ୫ ବର୍ଷରେ ମରିଛନ୍ତି ୪୦୫, ମାରିଛନ୍ତି ୬୨୪

ଭୁବନେଶ୍ୱର,୧୧।୮ (ରବିନାରାୟଣ ଜେନା)

ମଣିଷ ଏକ ସାମାଜିକ ପ୍ରାଣୀ, ଯିଏକି ସମାଜ ଭିତରେ ରୁହେ। ହାତୀ ଏକ ବନ୍ୟପ୍ରାଣୀ, ଯାହାର ବାସସ୍ଥାନ ଜଙ୍ଗଲ। କିନ୍ତୁ ପରିସ୍ଥିତି ଏବେ ଏ ଦୁହିଁଙ୍କ ଭିତରେ ଶତ୍ରୁତା ସୃଷ୍ଟି କରିଛି। ଜନସଂଖ୍ୟା ବୃଦ୍ଧି ହେଉ କିମ୍ବା ମଣିଷର ଜୀବନଶୈଳୀରେ ପରିବର୍ତ୍ତନ କିମ୍ବା ତସ୍କର ମନୋବୃତ୍ତି ପାଇଁ ଦିନକୁ ଦିନ ଜଙ୍ଗଲ ଅବକ୍ଷୟ ହୋଇଚାଲିଛି, ଯେଉଁଥିପାଇଁ ବନ୍ୟପ୍ରାଣୀ ହାତୀ ଏବେ ବେସାହାରା ହୋଇ ଜନବସତି ଭିତରକୁ ଧସେଇ ପଶୁଛି। ଆହାର ଅନ୍ୱେଷଣରେ ଆସି ଫସଲ କ୍ଷତି କରୁଛି। ପରିସ୍ଥିତିରେ ପଡ଼ି ଏବଂ ଜୀବନଜୀବିକାକୁ ରକ୍ଷା କରିବାକୁ ଯାଇ ଚାଷୀଟି ତା'ର ବୁଦ୍ଧି ଓ ବିବେକ ହରାଇ ହାତୀ ସହ ଲଢ଼େଇ କରୁଛି। ଲଢ଼େଇରେ କେତେବେଳେ ହାତୀ ଜିତୁଛି ତ ଆଉ କେତେବେଳେ ମଣିଷ। ବନ ଅଧିକାରୀ କେବଳ ଦେଖଣାହାରି ସାଜିଛନ୍ତି। ଏହି ପ୍ରକ୍ରିୟା ଗତ ଦଶନ୍ଧି ଧରି ତୀବ୍ର ହେବାରେ ଲାଗିଛି। ଏହାର ସମାଧାନ ଲାଗି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ହାତୀସାଥୀ, ବନସାଥୀ ଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ମାତ୍ର ବାସ୍ତବ କ୍ଷେତ୍ରରେ ଏହା ହାତୀ-ମଣିଷ ଲଢ଼େଇକୁ ରୋକିପାରୁନାହିଁ। ଫଳରେ ଗତ ୫ ବର୍ଷ ମଧ୍ୟରେ ୪୦୫ ହାତୀ ସରକାରୀ ଭାବେ ମୃତ ଘୋଷିତ



ହୋଇଥିବାବେଳେ ୬୨୪ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ଅନେକେ ଆହତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ପ୍ରଣୟନରେ ମନ୍ଥରତା ଏବଂ ଲୋକଙ୍କ ସଚେତନ ଅଭାବ ଯୋଗୁ ପରିସ୍ଥିତି ଜଟିଳ ଆଡ଼କୁ ଗତି କରୁଛି।

ନିକଟରେ ବିଧାନସଭାରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୧୦୩ ହାତୀ ରହିଛନ୍ତି। ମୟୂରଭଞ୍ଜରେ ସର୍ବାଧିକ ୨୯୫ଟି ହାତୀ ରହିଥିବାବେଳେ ରାୟଗଡ଼ା ଓ ଝାରସୁଗୁଡ଼ା ବନଖଣ୍ଡରେ ଗୋଟିଏ ଲେଖାଏ ହାତୀ ରହିଛନ୍ତି। ଏହାବାଦ୍ ଅନୁଗୋଳ ୨୫୪, କେନ୍ଦୁଝର ୧୯୫, ସୁନ୍ଦରଗଡ଼ ୧୭୯, ସମ୍ବଲପୁର ୧୪୦, କଟକ ୧୩୨, ଦେବଗଡ଼ ୧୦୭, କଳାହାଣ୍ଡି ୯୫, ଖୋର୍ଦ୍ଧା ୮୩, ନୟାଗଡ଼ ୫୬, ବାଲେଶ୍ୱର ୫୪, ଗଞ୍ଜାମ ୯୩, କନ୍ଧମାଳ ୫୪, ବଲାଙ୍ଗୀର ୪୨, ବୌଦ୍ଧ ୧୬ ଏବଂ ସୁବର୍ଣ୍ଣପୁରରେ ୩ଟି ହାତୀ ଥିବା ଜଣାପଡ଼ିଛି। ତେବେ ହାତୀ ମୃତ୍ୟୁର ଅନେକ କାରଣ ରହିଛି। ଗତ ୫ ବର୍ଷ ମଧ୍ୟରେ ପ୍ରତିବର୍ଷ ହାରାହାରି ୮୧ଟି ଲେଖାଏ ହାତୀଙ୍କର ମୃତ୍ୟୁ ବିଭିନ୍ନ କାରଣରୁ ହୋଇଥିବା ମନ୍ତ୍ରୀ ଗୃହକୁ ଦର୍ଶାଇଥିଲେ।

ଜୁଲାଇ ୩୧ରେ ରାଜ୍ୟ ସଭାର ତଥ୍ୟ ଅନୁଯାୟୀ, ୨୦୧୯-୨୦ରେ ହାତୀ ଆକ୍ରମଣରେ ୧୧୭ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୦-୨୧ରେ ୯୩, ୨୦୨୧-୨୨ରେ ୧୧୨, ୨୦୨୨-୨୩ରେ ୧୪୮ ଏବଂ ୨୦୨୩-୨୪ରେ ୧୫୪ ଜଣଙ୍କ ପ୍ରାଣହାନି ହୋଇଛି। ଅନ୍ୟପକ୍ଷେ ବିଭାଗୀୟ ତଥ୍ୟ କହୁଛି ଯେ, ୨୦୧୨-୧୩ରେ ହାତୀ-ମଣିଷ ଲଢ଼େଇରେ ୮୨ ହାତୀଙ୍କ ☞ପୃଷ୍ଠା-୪

## ସଂକ୍ଷେପରେ

### ୱାଶିଂଟନ୍‌କୁ ବିମାନ ସେବା ବନ୍ଦ କରିବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୧୧।୮

ଆସନ୍ତା ସେପ୍ଟେମ୍ବର ୧ରୁ ଏୟାର ଇଣ୍ଡିଆ ନିଜର ଦିଲ୍ଲୀ-ୱାଶିଂଟନ ଡିସି ବିମାନ ଉଡ଼ାଣ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରିବ। ବିଭିନ୍ନ ପରିଚାଳନାଗତ କାରଣ ଯୋଗୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଏୟାର ଇଣ୍ଡିଆ ପକ୍ଷରୁ ସୋମବାର ଏକ ବିବୃତି ଜାରିକରି ଘୋଷଣା କରାଯାଇଛି। ଗତ ମାସରେ ଏୟାର ଇଣ୍ଡିଆ ପକ୍ଷରୁ ନିଜର ୨୬ଟି ବୋଇଂ ୭୮୭-୮ ଏୟାରକ୍ରାଫ୍ଟକୁ ଅପ୍‌ଗ୍ରେଡ୍ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହା ୨୦୨୬ ପର୍ଯ୍ୟନ୍ତ ଜାରି ରହିବ। ଗ୍ରାହକଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ଲକ୍ଷ୍ୟରେ ଏହି ଅପ୍‌ଗ୍ରେଡ୍ କରାଯାଉଛି। ତେଣୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ଅନେକ ଏୟାରଇଣ୍ଡିଆ ବିମାନର ଅନୁପଲବ୍ଧତା ରହିପାରେ ବୋଲି ଉକ୍ତ ବିବୃତିରେ କୁହାଯାଇଛି।

### ଇସ୍ରାଏଲ୍ ଆକ୍ରମଣରେ ୬ ଖବରଦାତାଙ୍କ ମୃତ୍ୟୁ

ଗାଜା ସିଟି, ୧୧।୮

ଗାଜା ସିଟିରେ ଥିବା ଏକ ଟେଣ୍ଟ ଉପରେ ରବିବାର ଇସ୍ରାଏଲୀ ସେନା ବୋମାମାଡ଼ କରିବାରୁ ଅଲ୍ ଜଜିରାର ୫ ଜଣ ଖବରଦାତା ଓ ଜଣେ ମୁକ୍ତବୃତ୍ତ ଖବରଦାତାଙ୍କ ମୃତ୍ୟୁ ଘଟିଛି। ଅଲ୍ ଜଜିରାର ଜଣେ ଖ୍ୟାତନାମା ରିପୋର୍ଟରଙ୍କ ସମେତ ୨ ସାମ୍ବାଦିକ ଓ ୩ ଜଣ କ୍ୟାମେରାମ୍ୟାନଙ୍କ ନିହତ ହୋଇଥିବା ଉକ୍ତ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ସେହିପରି ପାଲେଷ୍ଟିନୀୟ ମୁକ୍ତବୃତ୍ତ ଖବରଦାତା ପ୍ରାଣ ହରାଇଥିବା ଗାଜାର ହସ୍ପିଟାଲ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଅଲ୍ ଜଜିରା ରିପୋର୍ଟର ଅନସ୍ ଅଲ୍-ଶରିଫ୍‌ଙ୍କୁ ହମାସ୍ ସ୍ୱୀକୃତ ଆତଙ୍କବାଦୀ ବୋଲି ଇସ୍ରାଏଲୀ ସେନା କହିବା ସହ ତାଙ୍କୁ ଟାର୍ଗେଟ କରିଥିଲା ବୋଲି ସ୍ୱୀକାର କରିଛି। ଗାଜାରେ ଇସ୍ରାଏଲ୍ ୨୨ ମାସ ହେଲା ଆକ୍ରମଣ ଚଳାଇଥିବାବେଳେ ଏଥିରେ ପ୍ରାୟ ୨୦୦ ଜଣ ଗଣମାଧ୍ୟମ କର୍ମଚାରୀଙ୍କ ମୃତ୍ୟୁ ଘଟିଲାଣି।

### ଫିଲିପାଇନ୍ସ ପାଟ୍ରୋଲ ବୋଟ୍‌କୁ ତଡ଼ିବା ବେଳେ ଚାଇନାର ୨ ଜାହାଜ ମଧ୍ୟରେ ଧକ୍କା

ମାନିଲା, ୧୧।୮

ଦକ୍ଷିଣ ଚାଇନା ସାଗରର ସ୍କାରବୋରୋ ଶୋଆଲ ନିକଟରେ ଫିଲିପାଇନ୍ସର ଏକ ପାଟ୍ରୋଲିଂ ବୋଟ୍‌କୁ ତଡ଼ିବା ବେଳେ ଚାଇନା ନୌସେନା ଜାହାଜ ଏବଂ ତଟସୁରକ୍ଷା ଜାହାଜ ପରସ୍ପର ସହ ଧକ୍କା ହୋଇଛନ୍ତି। ଏହି ଘଟଣାକୁ ନେଇ ଦକ୍ଷିଣ ଚାଇନା ସାଗରରେ ଉତ୍ତେଜନା ବଢ଼ିଛି। ଧକ୍କାହେବା ବେଳର ଭିଡିଓ ଫୁଟେଜ୍‌କୁ ଫିଲିପାଇନ୍ସ ତଟସୁରକ୍ଷା ବାହିନୀ ଦେଖାଇଛି। ଫିଲିପିନୋର ମତ୍ସ୍ୟଜୀବୀମାନଙ୍କୁ ସହାୟତା ପାଇଁ ଫିଲିପାଇନ୍ସ ତଟସୁରକ୍ଷା ବଳର ମାନବୀୟ ମିଶନ ବେଳେ ସେମାନଙ୍କ ବୋଟ୍‌କୁ ଚାଇନା ନୌସେନା ଓ ତଟସୁରକ୍ଷା ବାହିନୀର ଜାହାଜ ଗୋଡ଼ାଇ ତଡ଼ିଥିଲା। ଏହି ସମୟରେ ଉଭୟ ଜାହାଜ ମଧ୍ୟରେ ଧକ୍କାହେବାରୁ ତଟସୁରକ୍ଷା ଜାହାଜ କ୍ଷତିଗ୍ରସ୍ତ ହୋଇଛି।

# ‘ପାକିସ୍ତାନ ଅଣୁଅସ୍ତ୍ର ରଖିଥିବା ଦାୟିତ୍ୱଶୂନ୍ୟ ରାଷ୍ଟ୍ର’

## ମୁନିରଙ୍କ ମନ୍ତବ୍ୟକୁ ନିନ୍ଦାକଲା ଭାରତ

ନୂଆଦିଲ୍ଲୀ, ୧୧।୮

ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର ରବିବାର ଆମେରିକା ମାଟିରୁ ଭାରତକୁ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଥିଲେ। ସିନ୍ଧୁ ନଦୀରେ ଭାରତ ଡ୍ୟାମ୍ ନିର୍ମାଣ କଲେ ଆମେ ୧୦ ମିଶାଇଲ ମାଡ଼କରି ତାକୁ ଧ୍ୱଂସ କରିଦେବୁ ବୋଲି ଫ୍ଲୋରିଡାର ଟାମ୍ପାରେ ମୁନିର କହିଥିଲେ। ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ପାକିସ୍ତାନର ଅସ୍ତିତ୍ୱ ପ୍ରତି ସଙ୍କଟ ସୃଷ୍ଟି ହେଲେ ବା ଆମେ ଖସୁଛୁ ବୋଲି ଯଦି ଅନୁଭବ କରିବୁ ତେବେ ଅଧା ବିଶ୍ୱକୁ ଖସାଇଦେବୁ ବୋଲି ମୁନିର ଧମକ ଦେଇଥିବାରୁ ଭାରତ ଏହାର କଡ଼ା ସମାଲୋଚନା କରିଛି। ପାକିସ୍ତାନ ଅଣୁଅସ୍ତ୍ର ରଖିଥିବା ଏକ ଦାୟିତ୍ୱଶୂନ୍ୟ ରାଷ୍ଟ୍ର ଏବଂ ଆଣବିକ ଯୁଦ୍ଧ ପାଇଁ ଉସୁକାଇବା ଏହାର ଅଭ୍ୟାସ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

ଭାରତର ଆଭିମୁଖ୍ୟକୁ ପୁଣିଥରେ ଦୋହରାଇ ମନ୍ତ୍ରଣାଳୟ କହିଛି, ଆଣବିକ ବ୍ଲାକ୍‌ମେଲ୍ ଆଗରେ ଆମେ ନଇଁଯିବୁ ନାହିଁ, ଏହା ପୂର୍ବରୁ ସ୍ପଷ୍ଟ କରିସାରିଛୁ। ଆମ ଜାତୀୟ ନିରାପତ୍ତାର ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେଇଚାଲିବୁ। ଏକ ବନ୍ଧୁତ୍ୱପୂର୍ଣ୍ଣ ତୃତୀୟ ରାଷ୍ଟ୍ରର ମାଟିରୁ ମୁନିର ଏଭଳି ମନ୍ତବ୍ୟ


ଆସିମ୍ ମୁନିର

ଦେବା ଦୁଃଖଦାୟକ। ପାକିସ୍ତାନରେ ଆତଙ୍କବାଦ ସମସ୍ୟା ରହିଥିବାବେଳେ ଏହା ଏକ ବିଫଳ ଗଣତନ୍ତ୍ର ଯେଉଁଠି ସରକାର ସାମରିକ ନିୟନ୍ତ୍ରଣରେ ରହିଛି। ସେନାମୁଖ୍ୟ ମୁନିରଙ୍କ ମନ୍ତବ୍ୟ ପାକିସ୍ତାନର ଅନ୍ତର୍ନିହିତ ଦାୟିତ୍ୱହୀନତା ବୋଲି ଅନ୍ତର୍ଜାତୀୟ ସମୁଦାୟ ଭଲ ଭାବେ ଜାଣନ୍ତି। ଯେଉଁଠି ସୈନ୍ୟବାହିନୀ ଆତଙ୍କବାଦୀ ସଂଗଠନଗୁଡ଼ିକ ସହ ହାତ ମିଳାଇଛି, ସେଭଳି ଦେଶର ଆଣବିକ ଯୁଦ୍ଧାସ୍ତ୍ର ଉପରେ ନିୟନ୍ତ୍ରଣର ସାଧୁତାକୁ ନେଇ ସେମାନେ ସନ୍ଦେହ ବ୍ୟକ୍ତ କରିଆସିଥିବା ଭାରତ କହିଛି।

ମୁନିର ଫ୍ଲୋରିଡାର ଟାମ୍ପାରେ ପ୍ରବାସୀ ପାକିସ୍ତାନୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଭାରତକୁ ପରମାଣୁ ଧମକ ଦେଇଥିଲେ। ସେମାନେ ଯଦି ପାକିସ୍ତାନକୁ ଜଳପ୍ରବାହ ରୋକନ୍ତି, ତେବେ ଆମେ ଭାରତୀୟ ଭିତ୍ତିଭୂମିକୁ ଧ୍ୱଂସ କରିଦେବୁ ବୋଲି ମୁନିର କହିଥିଲେ। ଯେତେବେଳେ ଆମେରିକା ପାକିସ୍ତାନୀ ସେନାକୁ ସମର୍ଥନ କରେ, ସେତେବେଳେ ସେମାନେ ନିଜର ଅସଲି ଆକ୍ରମଣାତ୍ମକ ରଙ୍ଗ ଦେଖାଇଥାନ୍ତି ବୋଲି ଭାରତୀୟ ସୂତ୍ରରୁ କୁହାଯାଇଛି। ଏହା ସତ ଯେ ପାକିସ୍ତାନରେ ଗଣତନ୍ତ୍ର ନାହିଁ ଏବଂ ସେଠାର ସେନା ଦେଶକୁ ନିୟନ୍ତ୍ରଣ କରୁଛି। ଆମେରିକାର ସ୍ୱାଗତରେ ଉତ୍ସାହିତ ହୋଇ ସେମାନେ ହୁଏତ ପାକିସ୍ତାନରେ ଖୋଲା ବିଦ୍ରୋହ କରିପାରନ୍ତି, ଯାହା ଦ୍ୱାରା ଫିଲ୍ଡ ମାର୍ଶାଲ ମୁନିର ରାଷ୍ଟ୍ରପତି ହୋଇପାରିବେ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ଜୁନ୍ ୧୮ରେ ମୁନିର ଆମେରିକା ଯାଇ ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିଥିଲେ। ଦୁଇମାସ ନ ପୂରୁଣୁ ପୁଣିଥରେ ସେ ଆମେରିକା ଯାଇ ଭାରତକୁ ଧମକ ଦେବା ଅନେକ ପ୍ରଶ୍ନ ଉଠାଇଛି।

### ଗୁଳିମାଡ଼ରେ ଆହତ କଲମ୍ବିଆ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମୃତ୍ୟୁ


ମିଗୁଏଲ ଉରିବେ

ବୋଗୋଟା, ୧୧।୮

କଲମ୍ବିଆର ରାଷ୍ଟ୍ରପତି ପଦ ଆଶାୟୀ ତଥା ସିନେଟର ମିଗୁଏଲ ଉରିବେ (୩୯)ଙ୍କର ସୋମବାର ମୃତ୍ୟୁ ଘଟିଛି। ସେ କଲମ୍ବିଆର ଦକ୍ଷିଣପନ୍ଥୀ ବିରୋଧୀ ଦଳରୁ ସମ୍ଭାବ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ଥିଲେ। ଜୁନ୍ ୭ରେ କଲମ୍ବିଆର ରାଜଧାନୀ ବୋଗୋଟାସ୍ଥିତ ଏକ ନିର୍ବାଚନୀ ରାଲିରେ ମିଗୁଏଲକୁ ଟାର୍ଗେଟ କରି ଗୁଳିମାଡ଼ କରାଯାଇଥିଲା। ତାଙ୍କ ଶରୀରରେ ୩ଟି ଗୁଳି ବାଜିଥିଲା। ଏହି ମାମଲାରେ ବୋଗୋଟା ପୋଲିସ ୫ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଥିଲା। ମିଗୁଏଲଙ୍କୁ ହତ୍ୟା ପାଇଁ ଏଲ୍ଡର ଜୋସ୍ ଆର୍ଟିଆଗା ହର୍ନାଣ୍ଡେଜ୍ ଯୋଜନା ରଚିଥିଲେ ବୋଲି ପୋଲିସ କହିଥିଲା।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏମ୍‌ପିମାନଙ୍କ ପାଇଁ ନବନିର୍ମିତ ଫ୍ଲାଟ୍ ଉଦ୍‌ଘାଟନ କରୁଛନ୍ତି। ପାଖରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଉପସ୍ଥିତ ଅଛନ୍ତି।

## ଏମ୍‌ପିଙ୍କ ପାଇଁ ଫ୍ଲାଟ୍ ଉଦ୍‌ଘାଟନ କଲେ ମୋଦି

ନୂଆଦିଲ୍ଲୀ, ୧୧।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଏମ୍‌ପିମାନଙ୍କ ପାଇଁ ନବନିର୍ମିତ ବହୁତଳ ବିଶିଷ୍ଟ ଫ୍ଲାଟ୍ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଛନ୍ତି। ସାଂସଦମାନଙ୍କର ଏହି ନୂଆ ଆବାସିକ କମ୍ପ୍ଲେକ୍ସ ପରିସରରେ ଦେଶର ବିଭିନ୍ନ ଉତ୍ସବ ପାଳନ କରାଯିବା ସହ ପରିବେଶକୁ ସ୍ୱଚ୍ଛ ରଖିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସଂସଦ ଭବନ ନିକଟବର୍ତ୍ତୀ ବାବା ଖରକ ସିଂ ମାର୍ଗରେ ନିର୍ମିତ ନୂଆ କମ୍ପ୍ଲେକ୍ସରେ ୧୮୪ଟି ଟାଇପ୍-୭ ବହୁମହଲା ଫ୍ଲାଟ୍ ରହିଛି। ଏମ୍‌ପିମାନଙ୍କ ପାଇଁ ବାସଭବନ ଅଭାବ ରହିଥିଲା ଓ ପ୍ରଥମ ଥର ସଂସଦକୁ ଆସିଥିବା ସଦସ୍ୟମାନେ ଘର ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଉପା ସରକାରର ୧୦ ବର୍ଷର ଶାସନ କାଳରେ କୌଣସି ନୂଆ ବାସଭବନ ନିର୍ମାଣ ହୋଇ ନ ଥିବାବେଳେ ତାଙ୍କ ସରକାର ୩୫୦ଟି ଫ୍ଲାଟ୍ ନିର୍ମାଣ କରିଥିବା ମୋଦି କହିଛନ୍ତି।

## ନିମିଶା ପ୍ରିୟା ମାମଲା: ମଧ୍ୟସ୍ଥତା ଦାବିକୁ ମୃତକଙ୍କ ଭାଇ ଖଣ୍ଡନ କଲେ

ସାନା, ୧୧।୮

ୟେମେନରେ ଫାଶୀ ଦଣ୍ଡାଦେଶ ପାଇଥିବା ଭାରତୀୟ ନର୍ସ ନିମିଶା ପ୍ରିୟା ମାମଲାରେ ଏକ ନୂତନ ମୋଡ଼ ସାମ୍ନାକୁ ଆସିଛି। ୨୦୧୭ରେ ନିମିଶା ହତ୍ୟା କରିଥିବା ୟେମେନର ବ୍ୟବସାୟୀ ତଲାଲ ଅବ୍‌ଦୋ ମହଦିଙ୍କ ଭାଇ ଅବଦୁଲ ଫତହ ମହଦି ନିମିଶାଙ୍କୁ ଯଥାଶୀଘ୍ର ଫାଶୀ ଦଣ୍ଡ ଦିଆଯାଉ ବୋଲି ପୁଣି ନିଜ ଦାବିକୁ ଦୋହରାଇଛନ୍ତି। ତଲାଲଙ୍କ ପରିବାର ସହ ମଧ୍ୟସ୍ଥତା କରିଥିବା ନେଇ କେରଳର ଧର୍ମଗୁରୁ କାନ୍ଥାପୁରମ ଏପି ଅବୁବକର ମୁସଲିୟାରଙ୍କ ଦାବିକୁ ସେ ଖାରଜ କରିଛନ୍ତି। ଏକ ଫେସ୍‌ବୁକ ପୋଷ୍ଟ କରି ଅବଦୁଲ ଲେଖିଛନ୍ତି, କୌଣସି ବ୍ୟକ୍ତିବିଶେଷ କିମ୍ବା ସଙ୍ଗଠନ ଦ୍ୱାରା ତାଙ୍କ ପରିବାର ସହ ମଧ୍ୟସ୍ଥତା ପାଇଁ ପ୍ରୟାସ କରାଯାଇନାହିଁ ଏବଂ ଆଗକୁ ମଧ ଏପରି ପ୍ରୟାସକୁ ତଲାଲଙ୍କ ପରିବାର ଗ୍ରହଣ କରିବ ନାହିଁ। ପ୍ରକାଶ



ଯେ, କିଛିଦିନ ତଳେ କେରଳର ଧର୍ମଗୁରୁ ଅବୁବକରଙ୍କ କାର୍ଯ୍ୟାଳୟ ପକ୍ଷରୁ ଦାବିକରି କୁହାଯାଇଥିଲା, ନିମିଶାଙ୍କ ଆଶ୍ୱସ୍ତି ପାଇଁ ଅବୁବକରଙ୍କ ମଧ୍ୟସ୍ଥତା ଉଦ୍ୟମ ସଫଳ ହୋଇଛି ଏବଂ ୟେମେନ କର୍ତ୍ତୃପକ୍ଷ ନିମିଶାଙ୍କ ଫାଶୀକୁ ରଦ୍ଦ କରିଛନ୍ତି। ତେବେ ନିମିଷାଙ୍କ ଫାଶୀ ଦଣ୍ଡ ରଦ୍ଦ ସମ୍ପର୍କିତ କୌଣସି ଘୋଷଣା ୟେମେନ କର୍ତ୍ତୃପକ୍ଷ କରିନାହାନ୍ତି ବୋଲି ଭାରତ ସରକାରଙ୍କ ପକ୍ଷରୁ ପରେ ସ୍ପଷ୍ଟ କରାଯାଇଥିଲା।

### ଭୋଟର ତାଲିକା ମନ୍ତବ୍ୟକୁ ନେଇ କର୍ନାଟକ ମନ୍ତ୍ରୀଙ୍କ ଇସ୍ତଫା

ବେଙ୍ଗାଲୁରୁ, ୧୧।୮

କଂଗ୍ରେସର ଭୋଟର ତାଲିକା ଜାଲିଆତି ଅଭିଯୋଗକୁ ନେଇ ମନ୍ତବ୍ୟ ଦେଇଥିବା କର୍ନାଟକ ମନ୍ତ୍ରୀ କେ.ଏନ୍. ରାଜନ୍ନା ସୋମବାର ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ଅନୁଗତ ଭାବେ ଜଣାଶୁଣା ରାଜନ୍ନା ପୂର୍ବରୁ କହିଥିଲେ, ଭୋଟର ତାଲିକାରେ ଅନିୟମିତତା ହୋଇଥିବା ନେଇ କଂଗ୍ରେସ ଶିବିର ଯେଉଁ ଅଭିଯୋଗ ଉଠାଇଛି, ତାହା ରାଜ୍ୟରେ କଂଗ୍ରେସ କ୍ଷମତାରେ ଥିବାବେଳେ ହିଁ ହୋଇଥିଲା। ତାଙ୍କର ଏଭଳି ମନ୍ତବ୍ୟ ଦଳକୁ ଆଘାତ ଦେଇଥିବାବେଳେ ବିଧାନ ସୌଧରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ପରେ ସେ ତାଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି।

## ଲୋକ ସଭାରେ ଆୟକର ବିଲ୍ ଗୃହୀତ

### ମଣିପୁର ବଜେଟ, ଜିଏସ୍‌ଟି ବିଲ୍‌କୁ ଫେରାଇଦେଲା ରାଜ୍ୟ ସଭା

ନୂଆଦିଲ୍ଲୀ, ୧୧।୮

ଲୋକ ସଭାରେ ବିପକ୍ଷ ଦଳଗୁଡ଼ିକର ହଟ୍ଟଗୋଳ ମଧ୍ୟରେ ସୋମବାର ଗୁରୁତ୍ୱପୂର୍ଣ୍ଣ ଆୟକର (ନଂ.୨) ବିଲ୍ ଏବଂ ଟ୍ୟାକ୍ସେସନ ଲ’ (ସଂଶୋଧନ) ବିଲ୍ ଗୃହୀତ ହୋଇଛି। ୧୯୬୧ର ଆୟକର ଆଇନକୁ ଅଧିକ ସୁଦୃଢ଼ କରିବା ସହ ଏଥିରେ ସଂଶୋଧନ ପାଇଁ ଆୟକର (ନଂ.୨) ବିଲ୍, ୨୦୨୫ ଅଣାଯାଇଥିଲା। ଭାଜପା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଗଠିତ ସିଲେକ୍ଟ କମିଟିର ସୁପାରିସକ୍ରମେ ବିଲ୍‌ରେ ସଂଶୋଧନ କରାଯାଇଛି। ଆୟକର ଆଇନ, ୧୯୬୧ ଏବଂ ଫାଇନାନ୍ସ ଆଇନ, ୨୦୨୫ରେ ସଂଶୋଧନ ପାଇଁ ଟ୍ୟାକ୍ସେସନ ଲ’ (ସଂଶୋଧନ) ବିଲ୍ ଅଣାଯାଇଛି। ୟୁନିଫାଏଡ୍ ପେନ୍‌ସନ ଯୋଜନାର ହିତାଧିକାରୀଙ୍କୁ ଟିକସରୁ ବାଦ୍ ଦେବା ଏହାର ଲକ୍ଷ୍ୟ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଉଭୟ ବିଲ୍‌କୁ ଆଗତ କରିଥିଲେ। ଏହା ବ୍ୟତୀତ ବହୁ ପ୍ରତୀକ୍ଷିତ ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ଏବଂ ଆଣ୍ଟି-ଡୋପିଂ (ସଂଶୋଧନ) ବିଲ୍ ମଧ ଲୋକ ସଭାର ଅନୁମୋଦନ ଲାଭ କରିଛି। ସ୍ୱାଧୀନତା ପରେ କ୍ରୀଡ଼ା କ୍ଷେତ୍ରରେ ଏହା ସବୁଠୁ ବଡ଼ ଏକକ ସଂସ୍କାର ବୋଲି ବିଭାଗୀୟ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

ଅନ୍ୟପକ୍ଷରେ ବିହାର ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ବିରୋଧୀ ହଟ୍ଟଗୋଳ ଚଳାଇଥିବାବେଳେ ରାଜ୍ୟ ସଭା ସୋମବାର ମଣିପୁର ବଜେଟ ଏବଂ ମଣିପୁର ଜିଏସ୍‌ଟି (ସଂଶୋଧନ) ବିଲ୍‌କୁ ଫେରାଇ ଦେଇଛି।

## ‘ଦିଲ୍ଲୀ-ଏନ୍‌ସିଆର୍‌ରେ ବୁଲା କୁକୁରଙ୍କୁ ଆଶ୍ରୟସ୍ଥଳ ପଠାଅ’

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

### ପ୍ରାଣୀ ଅଧିକାର କର୍ମୀଙ୍କ ବିରୋଧ

ନୂଆଦିଲ୍ଲୀ, ୧୧।୮

ଦିଲ୍ଲୀ ଏନ୍‌ସିଆର୍‌ରେ ବୁଲା କୁକୁରଙ୍କ ବଢୁଥିବା ଉପଦ୍ରବ ଏବଂ ରାବିଜ୍ ରୋଗରେ ପୀଡ଼ିତ ହୋଇ ବର୍ଦ୍ଧିତ ମୃତ୍ୟୁ ମାମଲାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ଏନ୍‌ସିଆର୍‌ରେ ଥିବା ସମସ୍ତ ବୁଲା କୁକୁରଙ୍କୁ ୮ ସପ୍ତାହ ମଧ୍ୟରେ ବିଭିନ୍ନ ଆବାସିକ ଅଞ୍ଚଳରୁ ଉଠାଇ ଆଶ୍ରୟସ୍ଥଳରେ ରଖିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି କିମ୍ବା ସଙ୍ଗଠନ ଏହି କାର୍ଯ୍ୟରେ ବାଧା ସୃଷ୍ଟି କରନ୍ତି



ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଛନ୍ତି। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜନହିତକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶକୁ କୌଣସି ପ୍ରକାରର ଭାବନା ସହ ଯୋଡ଼ାଯିବା ଉଚିତ ନୁହେଁ। ପ୍ରାଣୀ ଅଧିକାର କର୍ମୀମାନେ ନିଶ୍ଚିତ ଭାବେ ଏପରି ନିର୍ଦ୍ଦେଶକୁ ବିରୋଧ କରିବେ। ସେମାନେ ରାବିଜ୍ ରୋଗରେ ପ୍ରାଣ ହରାଇଥିବା ପିଲାଙ୍କ ଜୀବନକୁ ଫେରାଇ ଆଣିପାରିବେ କି ବୋଲି ଶୁଣାଣି ସମୟରେ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷେ, ସୁପ୍ରିମକୋର୍ଟଙ୍କ ଏପରି ନିର୍ଦ୍ଦେଶକୁ ନେଇ ଅନେକ ପଶୁ ପ୍ରେମୀ ଏବଂ ପ୍ରାଣୀ ସଙ୍ଗଠନ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରିଛନ୍ତି। ପ୍ରାଣୀ ଅଧିକାର କର୍ମୀ ଗୌରୀ ମୌଲେଖି କହିଛନ୍ତି, ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପ୍ରାୟ ୧୦ ଲକ୍ଷ ବୁଲାକୁକୁରଙ୍କୁ ପ୍ରଭାବିତ କରିବ। ଏହା ଅତ୍ୟନ୍ତ ଦୁଃଖଦ। ସୁପ୍ରିମକୋର୍ଟ ଅନ୍ୟ ପକ୍ଷକୁ ନ ଶୁଣି ଏପରି ଏକତରଫା ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯିବ ବୋଲି ସେ କହିଛନ୍ତି। ସେହିପରି ପ୍ରାଣୀ ଅଧିକାର ସଙ୍ଗଠନ ପେଟା ଇଣ୍ଡିଆ ପକ୍ଷରୁ ମଧ ଏକ ବିବୃତି ଜାରିକରି ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସମାଲୋଚନା କରାଯାଇଛି। ବୁଲା କୁକୁରଙ୍କୁ ବିଭିନ୍ନ ଗଳିକନ୍ଦିରୁ ହଟାଇ ଆଶ୍ରୟସ୍ଥଳକୁ ପଠାଇବା ଏକ ଅବୈଜ୍ଞାନିକ ପଦକ୍ଷେପ ଏବଂ ସମାଜ ଉପରେ ଏହାର ଲାଭ ଅତ୍ୟନ୍ତ କ୍ଷୀଣ ବୋଲି ପେଟା ଇଣ୍ଡିଆ କହିଛି।

## ଫୁରସତ୍

# ଭାସମାନ ଗ୍ରାମ

### ପାଣିରେ ରହୁଛନ୍ତି ୨୦ ହଜାର ଲୋକ

ପୋର୍ଟୋ-ନୋଭୋ

ପଶ୍ଚିମ ଆଫ୍ରିକୀୟ ଦେଶ ବେନିନ୍‌ରେ ଏପରି ଏକ ଗ୍ରାମ ରହିଛି, ଯାହା ନିଜର ଅନନ୍ୟ ଗଠନ ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। ଦକ୍ଷିଣ ବେନିନ୍‌ର ବନ୍ଦର ସହର କୋଟୋନୁ ନିକଟରେ ଥିବା ନୋକୋଉ ହ୍ରଦର ମଧ୍ୟଭାଗରେ ଏହି ଗ୍ରାମ ଅବସ୍ଥିତ। ଉକ୍ତ ଗ୍ରାମର ନାମ ଗାନ୍‌ଭି ହୋଇଥିବା ବେଳେ ଏହାକୁ ଭାସମାନ ଗ୍ରାମ ବୋଲି ମଧ କୁହାଯାଇଥାଏ।

୨୦ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମ ପର୍ଯ୍ୟଟକଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ। ଏହି ଗ୍ରାମର ଇତିହାସ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସପ୍ତଦଶ ଶତାବ୍ଦୀରେ ଟୋଫିନୁ ଜନଜାତିର ଲୋକମାନେ ଏହି ସ୍ଥାନରେ ବସତି ସ୍ଥାପନ କରିବା ଆରମ୍ଭ କରିଥିଲେ। ଫୋନ୍ ଜନଜାତିର ଲୋକଙ୍କ ଆକ୍ରମଣ ଭୟରେ ସେମାନେ ନୋକୋଉ ହ୍ରଦର



ମଧ୍ୟଭାଗରେ ବସବାସ କରିବାକୁ ନିଷ୍ପତ୍ତି ନେଇଥିଲେ। ଫୋନ୍ ଜନଜାତିର ଲୋକଙ୍କ ଧର୍ମ ସେମାନଙ୍କୁ ପାଣି ଭିତରକୁ ଯିବାପାଇଁ ଅନୁମତି ଦେଉ ନ ଥିଲା। ଏହି କାରଣରୁ ଟୋଫିନୁ ଜନଜାତିର ଲୋକେ ନୋକୋଉ ହ୍ରଦକୁ ନିଜର ନିରାପଦ ସ୍ଥାନ ବୋଲି ବିବେଚନା କରିଥିଲେ ଏବଂ ସେଠାରେ ଘର ତିଆରି କରି ଜନବସତି ଆରମ୍ଭ କରିଥିଲେ। ଗତ ପ୍ରାୟ ୫୦୦ ବର୍ଷ ଧରି ଗାନ୍‌ଭି ଗ୍ରାମରେ ଟୋଫିନୁ ଜନଜାତିର ଲୋକମାନେ ଏକ ସମୃଦ୍ଧ ସଂସ୍କୃତି ଏବଂ ଜୀବନଶୈଳୀକୁ ବିକଶିତ କରିଛନ୍ତି। ଗାଁରେ ନିର୍ମିତ ସମସ୍ତ ଘର, ଦୋକାନ ଏବଂ ହୋଟେଲ ହ୍ରଦର ପାଣିଠାରୁ କିଛି ଫୁଟ ଉଚ୍ଚରେ କାଠ ସ୍ତମ୍ଭରେ ନିର୍ମିତ। ଗାନ୍‌ଭି ଗ୍ରାମରେ ଏକ ଭାସମାନ ବଜାର ମଧ ରହିଛି, ଯେଉଁଠାରେ ଗାଁର ମହିଳାମାନେ ସେମାନଙ୍କର ବିଭିନ୍ନ ଜିନିଷପତ୍ରଗୁଡ଼ିକୁ ବିକ୍ରି କରିଥାନ୍ତି। ତେବେ ପୂରା ଗାଁରେ କେବଳ ଗୋଟିଏ ମାତ୍ର ଜମି ରହିଛି, ଯେଉଁଠାରେ ଗ୍ରାମର ପିଲାମାନଙ୍କ ପାଇଁ ସ୍କୁଲ ନିର୍ମାଣ କରାଯାଇଛି। ଗାଁର ଲୋକେ ଡଙ୍ଗା ସାହାଯ୍ୟରେ ହ୍ରଦ କୂଳକୁ ଯାଇ ସେଠାରୁ ମାଟି ଆଣି ଏହି ଜମିକୁ ନିର୍ମାଣ କରିଥିଲେ।

ଗାନ୍‌ଭି ଗ୍ରାମର ଅଧିକାଂଶ ଲୋକ ନିଜର ଆୟ ପାଇଁ ମାଛ ଧରିବା ଏବଂ ପର୍ଯ୍ୟଟନ ଉପରେ ନିର୍ଭର କରିଥାନ୍ତି। ମତ୍ସ୍ୟଜୀବୀମାନେ ବାଉଁଶ ଏବଂ ଜାଲ ସାହାଯ୍ୟରେ ପାଣି ତଳେ ବାଡ଼ ତିଆରି କରି ମାଛ ଧରି ନିଜ ଜୀବିକା ନିର୍ବାହ କରନ୍ତି। ଗାଁରେ କେତେଜଣ ଲୋକ ପୋଷା ପ୍ରାଣୀ ମଧ ରଖିଛନ୍ତି। ପାଣିରେ ବଢ଼ିଥିବା ଛୋଟ ଘାସ ଖଣ୍ଡ ଉପରେ ଏହି ପୋଷା ପ୍ରାଣୀଗୁଡ଼ିକୁ ରଖାଯାଇଥାଏ। ପର୍ଯ୍ୟଟକଙ୍କ ପାଇଁ ଗାନ୍‌ଭି ଗ୍ରାମରେ କେତେକ ରେଷ୍ଟୁରାଣ୍ଟ ଏବଂ ହୋଟେଲ ମଧ ରହିଛି, ଯେଉଁଠାରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ତାଜା ମାଛ ଖାଇବାକୁ ମିଳିଥାଏ।

## ଭାରତରେ ରିଲିଜ୍ ହେବନି ‘ଅବିର ଗୁଲାଲ୍’

ନୂଆଦିଲ୍ଲୀ

ପାକିସ୍ତାନୀ ଅଭିନେତା ଫୱାଦ୍ ଖାନ୍‌ଙ୍କ କାଷ୍ଟିଂକୁ ନେଇ ବିବାଦଘେରରେ ଥିବା ‘ଅବିର ଗୁଲାଲ୍’ ଫିଲ୍ମ ଆସନ୍ତା ୨୯ ତାରିଖରେ ବିଶ୍ୱବ୍ୟାପୀ ରିଲିଜ୍ ହେବ। ତେବେ ଏହି ଫିଲ୍ମଟି ଭାରତରେ ରିଲିଜ୍ କରାଯିବନାହିଁ। ଏକ ରିପୋର୍ଟ ଅନୁଯାୟୀ, ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଜାରି ରହିଥିବା କୂଟନୈତିକ ବିବାଦ ଲାଗି ‘ଅବିର ଗୁଲାଲ୍’କୁ ଭାରତରେ ରିଲିଜ୍ ନ କରିବାକୁ ଏହାର ନିର୍ମାତା ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଗତ ମେ’ ୯ରେ ଏହି ଫିଲ୍ମ ଭାରତରେ ରିଲିଜ୍ ହେବ ବୋଲି ସ୍ଥିର ହୋଇଥିଲା। ତେବେ ପହଲଗାମ୍ ଆତଙ୍କବାଦ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ବିଗିଡ଼ିଯିବାରୁ ଭାରତ ସରକାର ଦେଶରେ ପାକିସ୍ତାନୀ କଳାକାରଙ୍କ ଅଭିନୟକୁ ନିଷିଦ୍ଧ କରିବା ସହ ‘ଅବିର ଗୁଲାଲ୍’ ଫିଲ୍ମର ରିଲିଜ୍ ଉପରେ ରୋକ୍ ଲଗାଇଥିଲେ। ଆରତି ଏସ୍. ବାଗଡ଼ିଙ୍କ ନିର୍ଦ୍ଦେଶିତ ଏହି ରୋମାଣ୍ଟିକ୍ କମେଡି ଫିଲ୍ମରେ ଫୱାଦ୍‌ଙ୍କ ବିପକ୍ଷରେ ବଲିଉଡ୍ ଅଭିନେତ୍ରୀ ବାଣୀ କପୁର ନଜରକୁ ଆସିବେ। ତେବେ ଫୱାଦ୍‌ଙ୍କ ବିପକ୍ଷରେ ଅଭିନୟ କରିଥିବାରୁ ବାଣୀଙ୍କ ଅନ୍ୟାନ୍ୟ ଫିଲ୍ମକୁ ବୟକଟ୍ କରିବାକୁ ପରବର୍ତ୍ତୀ ସମୟରେ କେତେଜଣ ୟୁଜର୍ସ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ ଚଳାଇଥିଲେ।


ବାଣୀ କପୁର




# ୩ଜିଲ୍ଲାରେ ବର୍ଷିଲା, ଅତିଷ୍ଠ କଲା ଗୁଳୁଗୁଳି

ଭୁବନେଶ୍ୱର,୧୧।୮ (ଅନୁରାଧା ମହାରଣା)

ରାଜ୍ୟରେ ଏବେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। ସୋମବାର କେନ୍ଦୁଝର, ବାଲେଶ୍ୱର ଓ କନ୍ଧମାଳର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ଖରା ସହ ଗୁଳୁଗୁଳି ଅନୁଭୂତ ହୋଇଛି। ୧୫ ଜିଲାରେ ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ରହିଥିବାବେଳେ ବୌଦ୍ଧରେ ସର୍ବାଧିକ ତାପମାତ୍ରା ୩୬.୮ ଡିଗ୍ରୀ, ଭବାନୀପାଟଣାରେ ୩୬.୫ ଡିଗ୍ରୀ ଏବଂ ସମ୍ବଲପୁରରେ ୩୬. ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ୧୩ ତାରିଖ ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପଜନିତ ବର୍ଷା ନେଇ ୧୩ ଓ ୧୪ ତାରିଖ ପାଇଁ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ୧୬ ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ରହିବ। ମଙ୍ଗଳବାର ରାଜ୍ୟରେ ବଜ୍ରପାତ ସହ ବର୍ଷା ହେବ। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲାର କିଛି ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ଏକା ବଂଶରେ ପ୍ରେମ କରିବାରୁ ପ୍ରେମୀ ଯୁଗଳଙ୍କୁ ଦଣ୍ଡ

## ଲଙ୍ଗଳ ଦେଇ ହଳ କରାଇଲେ ଗ୍ରାମବାସୀ

ବନ୍ଧୁଗାଁ,୧୧।୮ (ବେଣୁଧର ଲାବାଲା)

ପରମ୍ପରା ଆଗରେ ପ୍ରଶାସନର ଜନ ସଚେତନତା ପଛରେ ପଡ଼ିଛି। ଏପରି ଅମାନବୀୟ କାର୍ଯ୍ୟକଳାପକୁ ରୋକିବାକୁ ସରକାରୀ ସ୍ତରରେ ଚେଷ୍ଟା ଚାଲିଥିବା ବେଳେ କମୁନି ଅନ୍ଧବିଶ୍ୱାସ। କିଛି ଦିନ ତଳେ ରାୟଗଡ଼ା ଜିଲାର କଞ୍ଚାମଯୋଡ଼ି ଓ କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ପେଦା ଇଟିକି ଗାଁରେ ବଳଦ ଦଣ୍ଡ ଭଳି ଅସାମାଜିକ ବ୍ୟବସ୍ଥାର ନିଦର୍ଶନ ଦେଖିବାକୁ ମିଳିଥିଲା। ପୁଣି ରବିବାର କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ଆଲମଣ୍ଡା ପଞ୍ଚାୟତ ଓଡ଼ିଶା ଓ ଆନ୍ଧ୍ର ସୀମାନ୍ତ ଚିଡ଼ିବାଲସା ଗାଁରେ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି।

ଉକ୍ତ ଗାଁର ଏକା ବଂଶର ସମ୍ପର୍କୀୟ ଭଉଣୀ ଭାଇ ପରସ୍ପରକୁ ଭଲ ପାଇ ପୁଅ ଘରକୁ ଚାଲିଯାଇଥିଲେ। ଆଦିବାସୀ ପରମ୍ପରା ଅନୁସାରେ ଏହା ନିୟମର ଖିଲାପ ହୋଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରି ପ୍ରେମୀ ଯୁଗଳଙ୍କୁ ଦଣ୍ଡିତ କରିଛନ୍ତି। ସେମାନଙ୍କୁ ଲଙ୍ଗଳ ଦେଇ ଗାଁ ଦାଣ୍ଡରେ ହଳ କରାଇଛନ୍ତି। ରବିବାର ସକାଳେ ଗାଁର ମୁଖିଆ ଜାନି ଓ ଅନ୍ୟମାନେ ଉପସ୍ଥିତ ରହି ପ୍ରେମୀ ଯୁଗଳ ପରମ୍ପରା ଭାଙ୍ଗିଥିବାରୁ ଗାଁ ମଝିରେ ଥିବା ମଣ୍ଡପରେ ଲଙ୍ଗଳ ଦେଇ ହଳ କରାଇଥିଲେ। ସୂଚନା ଅନୁଯାୟୀ, ଯୁବକଙ୍କ ଦ୍ୱାରା ଲଙ୍ଗଳ ଟାଣିବା ପରେ ଯୁବତୀ ଲଙ୍ଗଳରେ ପାଣି ପକାଇଥାନ୍ତି। ଏହିପରି ତିନିଥର ଲଙ୍ଗଳ ଯୁଆଳି ବୁଲାଇବା ପରେ ଗାଁର ମୁଖିଆମାନେ ଯୁବକଙ୍କୁ ଘରକୁ ନେଇ ଛାଡ଼ିଥାନ୍ତି। ଏହାପରଠାରୁ ପ୍ରେମୀ ଯୁଗଳ ବିନା ଦ୍ୱିଧାରେ ସ୍ୱାମୀ ସ୍ତ୍ରୀ ଭାବେ ସମାଜରେ ରହିପାରିବେ ବୋଲି ଶୁଣାଣି କରିଥାନ୍ତି। ପ୍ରେମୀ ଯୁଗଳଙ୍କୁ ବଳଦ ଦଣ୍ଡ ଦେବା ଘଟଣା ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ସ୍ଥାନୀୟ ତହସିଲଦାର ସୋନାଲି ପାତ୍ର, ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ବିଡିଓ ମିନତି ଜଗଦ୍ଦେବ, ସିଡିପିଓ ଗୀତାଞ୍ଜଳି ମହାରଣା ଓ ସରପଞ୍ଚ ଗୌରୀ ମେଲେକା ଗାଁରେ ପହଞ୍ଚିଥିଲେ। ପ୍ରେମୀ ଯୁଗଳଙ୍କ ସମେତ ୱାର୍ଡମେମ୍ବର ବାଙ୍ଗୁରୁ କଲେକା ଓ ଗ୍ରାମବାସୀଙ୍କୁ ଏଭଳି ଦଣ୍ଡ ଦେବା ଆଇନ ଅନୁସାରେ ଅପରାଧ ବୋଲି କହିଥିଲେ। ଭବିଷ୍ୟତରେ ଏହିପରି ଗାଁ କିମ୍ୱା ଆଖପାଖରେ ନ ଘଟାଇବା ନେଇ ସଚେତନ କରିଥିଲେ। ବନ୍ଧୁଗାଁ ପୋଲିସ ନିଜ ତରଫରୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ମିଶ୍ର ସୂଚନା ଦେଇଛନ୍ତି।


ପ୍ରେମୀ ଯୁଗଳ ଗାଁ ଦାଣ୍ଡରେ ହଳ କରୁଛନ୍ତି।

# ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ: ଆଇନ ମନ୍ତ୍ରୀ

## ସରକାର ଉପରୁ ଭରସା ଓ ବିଶ୍ୱାସ ହରାଇଲେଣି ରାଜ୍ୟବାସୀ: ବିଜେଡି

ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)

ଜୀବନକୁ ଶେଷ କରି ଯେଉଁ କଥାର ସମାଧାନ ନାହିଁ ସେହି ରାସ୍ତାକୁ ଅନ୍ତତଃ କେହି ନ ଆଦରନ୍ତୁ ଏବଂ ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଆତ୍ମହତ୍ୟାର ସମାଧାନ ଲାଗି ବିଭିନ୍ନ ବର୍ଗର ମୁଖିଆ ରହିଛନ୍ତି। କୌଣସି କାରଣରୁ କେହି ଯଦି ପୀଡ଼ିତା କିମ୍ୱା ପୀଡ଼ିତ ଅଛନ୍ତି ସେମାନଙ୍କୁ ଅନୁରୋଧ ସେମାନେ ଆଇନର ଆଶ୍ରୟ ନିଅନ୍ତୁ। କୌଣସି ଜାଗାରେ ସେଭଳି କିଛି ଅସୁବିଧା ହେଲେ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୁଆର ଖୋଲା ଅଛି। ସମସ୍ୟାର ସମାଧାନ କରିବା ଲାଗି ସେ ବିଷୟରେ କଥାବାର୍ତ୍ତା ହେବା ଆଦି ବିଷୟକୁ ପ୍ରାଥମିକତା ଦିଆଯିବ। ଏଭଳି ପଦକ୍ଷେପ କିପରି ଲୋକମାନେ ନ ନେବେ ସେଥିପାଇଁ ସରକାର ପ୍ରକ୍ରିୟା ଆଗକୁ ଜାରି ରଖିଛନ୍ତି ବୋଲି ହରିଚନ୍ଦନ କହିଛନ୍ତି। ସେ ପୁଣି କହିଛନ୍ତି ଯେ, ଆତ୍ମହତ୍ୟା ଭଳି ଘଟଣା ବଢ଼ୁଥିବା ବେଳେ ସେଭଳି ସମସ୍ୟାର ସମାଧାନ ନୁହେଁ ନିରାକରଣ କିପରି ହେବ ସେଥିଲାଗି ସରକାର ପଦକ୍ଷେପ ନେଉଛନ୍ତି। ବିରୋଧୀଙ୍କ କାମ ହେଉଛି ସତ ଆଉ ମିଛ କହି ଟାର୍ଗେଟ କରିବେ। ବିଭିନ୍ନ କାରଣରୁ ଲୋକମାନେ ଯେଉଁ ଜୀବନ ହାନି କରୁଛନ୍ତି ସେକଥା କିପରି ନ ହେବ ସେଥିଲାଗି ସରକାର ଚିନ୍ତା କରୁଛନ୍ତି। ଯେଉଁ ସ୍ଥାନରେ କୌଣସି ସମସ୍ୟା ନେଇ ପୀଡ଼ିତା କିମ୍ୱା ପୀଡ଼ିତଙ୍କ ଅଭିଯୋଗ ରଖାଯାଉନି ସେଠାରେ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ଆହୁରି ନିଆଯିବ।

ଆଇନ ମନ୍ତ୍ରୀ ପ୍ରତିକ୍ରିୟାର ଜବାବରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଆତ୍ମାହୁତି କୌଣସି ସମସ୍ୟାର ସମାଧାନ ନୁହେଁ ବୋଲି ପାଠ ପଢାଉଥିବା ଆଇନ ମନ୍ତ୍ରୀ ମନେ ରଖିବା ଉଚିତ ଭାଜପା ସରକାର ଉପରୁ ରାଜ୍ୟବାସୀ ଭରସା ଓ ବିଶ୍ୱାସ ହରାଇଛନ୍ତି। ବାଲେଶ୍ୱର, ବଲଙ୍ଗା ଓ ପଞ୍ଚାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ଘଟଣା ଲୋକଙ୍କ ମନରୁ ଲିଭୁ ନଥିବା ପୁଣି ବରଗଡ ଜିଲାରେ ଜଣେ ଛାତ୍ରୀଙ୍କ ଦୁଃଖଦ ମୃତ୍ୟୁ ସରକାରଙ୍କ ବ୍ୟବସ୍ଥାଗତ ବିଫଳତାକୁ ସୂଚାଉଛି। ପୀଡ଼ିତାଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ସମସ୍ତ ଦ୍ୱାର ଖୋଲାଥିବା କଥା କହୁଥିବା ଆଇନ ମନ୍ତ୍ରୀ ବୁଝିବା ଉଚିତ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ଶାସକ ଭାଜପାର ଛାତ୍ର ସଙ୍ଗଠନ ଏବିଭିପିର ଜଣେ ଛାତ୍ରୀ ନ୍ୟାୟ ପାଇବା ପାଇଁ ସରକାରଙ୍କୁ ସବୁ ସ୍ତରରେ ନିବେଦନ କରି ଯଦି ନ୍ୟାୟ ପାଇପାରିଥାନ୍ତେ ତାହା ହେଲେ ଏକ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିଥାନ୍ତା। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ସରକାରଙ୍କ ଏହି ବିଫଳତାକୁ ସ୍ୱୀକାର କରନ୍ତୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବିଭିନ୍ନ କାରଣକୁ ନେଇ ରାଜ୍ୟର ବିଭିନ୍ନ ଜିଲାରୁ ବହୁଜଣ ଆତ୍ମହତ୍ୟା କରୁଥିବା ଲକ୍ଷ୍ୟ କରାଯାଉଛି। ବାଲେଶ୍ୱର ଜିଲାର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଘଟଣା ରାଜ୍ୟବାସୀଙ୍କୁ ଚକିତ କରିଦେଇଥିଲା। ଏହାପରଠାରୁ ବହୁ ସ୍ଥାନରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଘଟଣା ବାରମ୍ବାର ନଜରକୁ ଆସିଛି।




# ବିଶ୍ୱ ହସ୍ତୀ ଦିବସ ଉପଲକ୍ଷେ

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

'ବିଶ୍ୱ ହସ୍ତୀ ଦିବସ' ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଉଛି।

ହାତୀ ଆମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ, ଗୌରବ ଓ ଅରଣ୍ୟ ପରିତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଆରମ୍ଭକରି ଓଡ଼ିଶାର ଗୌରବୋଜ୍ଜ୍ୱଳ ଇତିହାସର ସ୍ୱର୍ଣ୍ଣିମ ସ୍ୱାକ୍ଷର କୋଣାର୍କ ଯାଏ ସବୁଠାରେ ହାତୀ ପରିଦୃଷ୍ଟ। ଜୈବବିବିଧତାର ସୁରକ୍ଷାରେ ହାତୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ତାକୁ 'ପରିବେଶ ଯନ୍ତ୍ରୀ' ଭାବେ ଗ୍ରହଣ କରାଯାଇଛି । ଆମ ଜଙ୍ଗଲର ସ୍ୱାସ୍ଥ୍ୟ ଓ ସମୃଦ୍ଧି ଏହି 'ପରିବେଶ ଯନ୍ତ୍ରୀ' ଉପରେ ବହୁଳ ଭାବେ ନିର୍ଭରଶୀଳ । ବିଭିନ୍ନ କାରଣ ପାଇଁ ବୈଶ୍ୱିକସ୍ତରରେ ଅବକ୍ଷୟମୁଖି ହାତୀମାନଙ୍କର ସଂରକ୍ଷଣ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ।

ଆମ ସରକାର ହାତୀମାନଙ୍କ ନିରାପଦ ଭବିଷ୍ୟତ ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ । ସେଥିପାଇଁ ସେମାନଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧିକରଣ ସହ ବୈଜ୍ଞାନିକ ପଦ୍ଧତିରେ ମଣିଷ-ହାତୀ ସଂଘର୍ଷ ହ୍ରାସକରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି । ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉଛି, ସେଥିମଧ୍ୟରୁ ଅନୁକମ୍ପାମୂଳକ ସହାୟତାରାଶିର ଅଭିବୃଦ୍ଧି ଅନ୍ୟତମ ।

ସମସ୍ତଙ୍କର ମିଳିତ ପ୍ରୟାସ ଦ୍ୱାରା ଭାରତବର୍ଷର ଜାତୀୟ ଐତିହ୍ୟ ପ୍ରାଣୀକୁ ସୁରକ୍ଷିତ ରଖିପାରିବା । ଆସନ୍ତୁ, ଏହି ଅବସରରେ ଆମେ ସମସ୍ତେ ମିଳି ମିଶି ହାତୀସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବା ।

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-202 OIPR 08141/13/0010/2526



ଗଣେଶ ରାମ ସିଂଖୁଣ୍ଟିଆ
ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ)
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

# ବିଶ୍ୱ ହସ୍ତୀ ଦିବସ ଅବସରରେ

## ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା

ବିଶ୍ୱ ହସ୍ତୀ ଦିବସର ଏହି ସୁଅବସରରେ, ମୁଁ ରାଜ୍ୟର ସମସ୍ତ ଜନସାଧାରଣ, ବନ୍ୟପ୍ରାଣୀପ୍ରେମୀ ଓ ନିଷ୍ଠାପର ବନ କର୍ମଚାରୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟ ଓଡ଼ିଶା, ଦେଶର ଅନ୍ୟତମ ହାତୀ ବହୁଳ ରାଜ୍ୟ । ଆମ ସୁସ୍ଥ ଜଙ୍ଗଲ ପରିତନ୍ତ୍ରର ଏକ ସୁଦୃଢ ମୂଳଦୁଆ ହେଉଛି ହାତୀ । ନୂତନ ଜଙ୍ଗଲ ସୃଷ୍ଟି ଓ ଜୈବ ବିବିଧତା ବଜାୟ ରଖିବାରେ ଏହି 'ପରିବେଶ ବିନ୍ଧାଣୀ'ର ଭୂମିକା ଅତୁଳନୀୟ ।

ବନ ବିଭାଗ ହାତୀ ସଂରକ୍ଷଣ ଦିଗରେ ବହୁମୁଖୀ ପଦକ୍ଷେପ ଗ୍ରହଣ କରୁଛି । ରାଜ୍ୟରେ ଥିବା ତିନୋଟି ହାତୀ ସଂରକ୍ଷଣ ରିଜର୍ଭର ସୁଦୃଢ଼ୀକରଣ ଓ ସୁରକ୍ଷା, ଗଜସୁରକ୍ଷା ବାହିନୀ ଓ 'ଗଜସାଥୀ'ମାନଙ୍କ ମାଧ୍ୟମରେ ସ୍ଥାନୀୟ ଜନସମୁଦାୟକୁ ସାମିଲ କରିବା ଆମର ପ୍ରମୁଖ ଲକ୍ଷ୍ୟ । କୃତ୍ରିମ ବୁଦ୍ଧିମତା ସମ୍ପନ୍ନ କ୍ୟାମେରା, ରେଡିଓ କଲାରିଂ, ଡ୍ରୋନ୍ ସର୍ଭେଲାନ୍ସ ଭଳି ଆଧୁନିକ ଜ୍ଞାନକୌଶଳ ଦ୍ୱାରା ମଣିଷ-ହାତୀ ସଂଘର୍ଷକୁ ହ୍ରାସ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି । ଜନସାଧାରଣଙ୍କୁ ବନ୍ୟପ୍ରାଣୀ କ୍ଷୟକ୍ଷତିଜନିତ ଅନୁକମ୍ପା ରାଶି ତ୍ୱରିତ୍ ପ୍ରଦାନ କରିବାପାଇଁ ଅନୁକମ୍ପା ୨.୦ ଆପ୍ ର ପ୍ରଚଳନ କରାଯାଇଛି । ଜଙ୍ଗଲମଧ୍ୟରେ ହାତୀମାନଙ୍କ ପାଇଁ ବ୍ୟାପକ ଖାଦ୍ୟ ଓ ଜଳ ବ୍ୟବସ୍ଥାପାଇଁ ବିଭିନ୍ନ ଫଳଚାରାରୋପଣ ଏବଂ ଜଳାଶୟମାନ ନିର୍ମାଣ କରାଯାଇଛି ।

ଆମ ସମସ୍ତଙ୍କର ମିଳିତ ପ୍ରୟାସ ହିଁ ହାତୀମାନଙ୍କୁ ଆଗାମୀ ପିଢି ପାଇଁ ସୁରକ୍ଷିତ ରଖିପାରିବା । ସେଥିପାଇଁ ଆସନ୍ତୁ, ଏହି ସଂରକ୍ଷଣ ଯାତ୍ରାରେ ସରକାର ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ଗର୍ବ ହାତୀମାନଙ୍କର ସୁରକ୍ଷା ପାଇଁ ଶପଥ ନେବା ।

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନିଖିଳ ଉତ୍କଳ ପାଟେରା ସମିତି ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିକାତ୍ମକ ଗହ୍ମାପର୍ବ ସମାରୋହ, ସ୍ଥାନ:ବୁଦ୍ଧମନ୍ଦୀର ସଭାଗୃହ(ୟୁନିଟ୍ ୯), ସମୟ:ସକାଳ ୯ଟା।

## ପୁରୀ
- ବନ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ସତ୍ୟବାଦୀ ଉଚ୍ଚବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ବିଜେଡିର ଗଣଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚାନ୍ଦବାଲି ଏନ୍ଏସି, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ବିଶ୍ୱ ହସ୍ତୀ ଦିବସ, ସ୍ଥାନ: ମହିଳା ଯୁକ୍ତ୨ ବିଦ୍ୟାଳୟ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ମହାବୀର ମନ୍ଦିରରେ ଭଜନ ସମାରୋହ ଏବଂ ନାମ ସଙ୍କୀର୍ତ୍ତନ, ସ୍ଥାନ : ହାବଳେଶ୍ୱର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ଟା ୩୦ ।
- ମା' ମଙ୍ଗଳାଙ୍କ ମନ୍ଦିରରେ ଭକ୍ତଙ୍କ ମାନସିକ ପୂଜା ଏବଂ ମେଳା , ସ୍ଥାନ : ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ହରଘର ତ୍ରିରଙ୍ଗା ଅଭିଯାନ ଅନ୍ତର୍ଗତ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଷ୍ଟାଡିୟମଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ମୟୂରଭଞ୍ଜ
- ରକ୍ତଦାନ ଶିବିର,ସ୍ଥାନ:ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବେତନଟୀ,ସମୟ: ସକାଳ ୮ଟା।
- ୩୦ତମ ୪ ଦିନିଆ ଫୁଟବଲ ଟୁର୍ନାମେଣ୍ଟର ଉଦ୍ଯାପନୀ ଦିବସ,ସ୍ଥାନ:ଗୁଡ଼ଡ଼ିହା ସ୍କୁଲ ପଡ଼ିଆ, ଶିଳଘାଟୀ, ଗୋପବନ୍ଧୁ ନଗର, ସମୟ:ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ଲାଇବ୍ରେରୀ ଦିବସ ପାଳନ, ସ୍ଥାନ: ଜୁବୁଲି ଲାଇବ୍ରେରୀ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ପାଳନ ଅବସରରେ ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତା, ସ୍ଥାନ:ବିଦ୍ୟାବିହାର ଉଚ୍ଚ ବିଦ୍ୟାଳୟ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ଜେନେରାଲ କୁଇଜ୍ ପ୍ରତିଯୋଗିତା,ସ୍ଥାନ: ରାଧାରାଣୀ ଦୟାଭାଇ ସରକାରୀ ଉପ୍ରା ବିଦ୍ୟାଳୟ, ବାରିପଦା,ସମୟ: ଅପରାହ୍ନ ୨ଟା।
- ହିନ୍ଦୀ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ:ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟ, ବାରିପଦା,ସମୟ: ଅପରାହ୍ନ ୨ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା,ସ୍ଥାନ:ଉଦଳା ମହାବିଦ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ଅନ୍ତର୍ଜତୀୟ ଯୁବ ଦିବସରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ମାଲୁଆଣୀ ମନ୍ଦିର, ହରିଡାଖଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଯୁବ ଦିବସ ପାଳନ, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- ନୂପୁର ନାଟ୍ୟ ଆସର, ସ୍ଥାନ: ପ୍ରକାଶମ ହଲ୍, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ଭରତପତି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ ପାତ୍ରପୁର ବ୍ଲକ ସାମନ୍ତୀଆପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ସ୍ୱାଧୀନତା ଦିବସ ଉପଲକ୍ଷେ ବାଇକ୍ ରାଲି, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ସ୍ୱାଧୀନତା ଦିବସ ପ୍ୟାରେଡ ଅଭ୍ୟାସ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମ, ବାଲିଗୁଡ଼ା, ସମୟ : ଅପରାହ୍ନ ୩ଟା।
- ଶ୍ରୀମଦ ଭାଗବତ କଥା ମହୋତ୍ସବ ଆରମ୍ଭ, ସ୍ଥାନ: ସାର୍ତ୍ତାଗୁଡା ଇସ୍କନ ମନ୍ଦିର, ଫୁଲବାଣୀ, ସମୟ: ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।

## ଢେଙ୍କାନାଳ
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍, ସମୟ: ଅପରାହ୍ନ ୪ଟା।
- ଭାଜପା ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବାଜିରୌକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖଯାଏ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ
- ମା' ଖୁମ୍ଭେଶ୍ୱରୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଛେଣ୍ଡିପଦା ବ୍ଲକ ଶିମିଳିପାଳ (ଚରାକାନି), ସମୟ: ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର
- ଜାତୀୟ କୃମି ନାଶକ ଦିବସ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ ଟା୩୦।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ବାଲିତୁଠ ମଣ୍ଡଳ, ଏରସମା, ସମୟ: ଅପରାହ୍ନ ୪ଟା।
- ଯାଦବ ମହାସଂଘ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜନ୍ମାଷ୍ଟମୀ ପଡ଼ିଆ, ମାଉସୀ ମା'ମନ୍ଦିର ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ନେଇ ଶ୍ରୀପୁରୁଷୋତ୍ତମ ମହାତ୍ମ୍ୟ ପାରାୟଣ ଓ ପ୍ରବଚନ, ସ୍ଥାନ: ନିମାଇଁ ଭବନ (ଟାଉନହଲ୍), ଜଗତ୍‌ସିଂହପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ– ଜମଧର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ:ରସୁଲପୁର ବ୍ଲକ୍ ନରସିଂହପୁର ପଞ୍ଚାୟତ,ସମୟ ପୂର୍ବାହ୍ନ ୧୦ଟା।
- ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ,ସ୍ଥାନ: ଚଣ୍ଡିଖୋଲସ୍ଥିତ କଲେଜ ପରିସର, ସମୟ: ପୂର୍ବାହ୍ନ–୧୦ଟା।

## ନୟାଗଡ଼
- କୃମି ନାଶକ ଦିବସର ଶୁଭାରମ୍ଭ, ସ୍ଥାନ: ନୟାଗଡ଼ ବ୍ଲକ ପଣ୍ଡୁସର ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୨ୟ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା, ସମୟ: ସକାଳ ୭ଟା, ପ୍ରବଚନ ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର ପରିସର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କନିଷ୍ଠ ଶିକ୍ଷକ ସଂଘର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଦିକ୍ଷାରମ୍ଭ ଏବଂ ସ୍କୁଲ ଅଫ ଏଗ୍ରିକଲଚରର ପ୍ରତିଷ୍ଠା ଦିବସ, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ଅପରାହ୍ନ ୪ଟା ୩୦।

## ନବରଙ୍ଗପୁର
- ଶହୀଦ ସ୍ମୃତି ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।

## ମାଲକାନଗିରି
- ଘର ଘର ତ୍ରିରଙ୍ଗା, ଘର ଘର ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ:କୋରୁକୋଣ୍ଡା ବ୍ଲକ ପୁରୁଣା ଟିମ୍‌ଟାପାଲୀ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ଛକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଜିଲା ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ସୁଭଦ୍ରା ଭଉଣୀ ଓ ଲକ୍ଷପତି ଦିଦିଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଜଳଖିଆ କାର୍ଯ୍ୟକ୍ରମ, ସ୍ଥାନ: ସର୍କିଟ ହାଉସ, ବଲାଙ୍ଗୀର, ସମୟ: ସକାଳ ୮ଟା।

## ରାଉରକେଲା
- ଗାୟତ୍ରୀ ପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ଗାୟତ୍ରୀ ଶକ୍ତିପୀଠ, ସେକ୍ଟର–୨, ସମୟ: ସକାଳ ୭ଟା ୩୦।
- ଅଗଷ୍ଟ ୧୫ ପାଇଁ ପ୍ରତିଯୋଗିତା, ସ୍ଥାନ: ସେକ୍ଟର–୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୮ଟା।
- କୃମିନାଶକ ଔଷଧ ବିତରଣ ପାଇଁ ବୈଠକ, ସ୍ଥାନ: ସେକ୍ଟର–୨ ଖରିଆବାହାଲ ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- କାହ୍ନୁ ଚରଣ ମହାନ୍ତିଙ୍କ ଜୟନ୍ତୀ, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର–୭, ସମୟ: ସନ୍ଧ୍ୟା ୭ଟା।
- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ସଭା, ସ୍ଥାନ: ସତ୍‌ସଙ୍ଗ ବିହାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ଜୟ କିସାନ ଆନ୍ଦୋଳନର ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।

## କଳାହାଣ୍ଡି
- ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ମାଗଣା ହୃଦ୍‌ରୋଗ ନିରାକରଣ ଶିବିର, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କୃମିନାଶକ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଳାହାଣ୍ଡି ରାଜସ୍ୱ ଅମଲା ସଂଘର ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୮ଟା।

## ଦେବଗଡ଼
- ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ୨୪ ଘଣ୍ଟିଆ ସେବା ଯୋଗାଇବା ପାଇଁ ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଗୋପାଳଜୀ ମନ୍ଦିରରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କୃମିନାଶକ ଦିବସ ଅଗଷ୍ଟ ରାଉଣ୍ଡ ୨୦୨୫ର ଶୁଭାରମ୍ଭ, ସ୍ଥାନ: ଦେବଗଡ଼ସ୍ଥିତ ଆର୍‌ବିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ହର ଘର ତ୍ରିରଙ୍ଗା ହର ଘର ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ, ସ୍ଥାନ: ବିନିକା ଏନ୍ଏସି ଅଫିସ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ସମୀକ୍ଷା ବୈଠକ, ସ୍ଥାନ: ସୁବର୍ଣ୍ଣପୁର ସର୍କିଟ୍ ହାଉସ, ସମୟ: ଅପରାହ୍ନ ୧ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଅନ୍ତର୍ଜାତୀୟ ଯୁବ ଦିବସ ପାଳନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ଗୋପୀନାଥ ନର୍ସିଂ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଗଣେଶ ଓ ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ସନ୍ଧ୍ୟା ୬ଟା ୩୦।
- ନୂଆପଡ଼ା ବାନରସେନା ମଞ୍ଚ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଭଇଁଆମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୧୬ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଗ୍ରୁପ–ବି ଦ୍ୱିତୀୟ ଲିଗ୍ ମ୍ୟାଚ, ସ୍ଥାନ: ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଖଡିଆଲ, ସମୟ: ଅପରାହ୍ନ ୪ଟା।
- ବିଦ୍ୟୁତ ବିଲ ସଂଶୋଧନ ଶିବିର, ସ୍ଥାନ: ଟିପିଡବ୍ଲ୍ୟୁଓଡିଏଲ୍ ସେକ୍ସନ ସବ୍‌ଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୫ଟା ୩୦।

## ଝାରସୁଗୁଡ଼ା
- ଜିଲାସ୍ତରୀୟ ଘର ଘର ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଜାତୀୟ ଅନ୍ତରୀକ୍ଷ ଦିବସ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ବଡେଇମୁଣ୍ଡା ଯାନ୍ତ୍ରିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ମିରର ଥିଏଟରରେ ସେମିନାର, ସ୍ଥାନ: ବେଲପାହାଡ଼ ମିରର ଥିଏଟର, ସମୟ: ଅପରାହ୍ନ ୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ପାରିବାରିକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରିନେବେ। ବନ୍ଧୁଙ୍କ ବ୍ୟକ୍ତିଗତ କାମରେ ସହଯୋଗ କରିବା ସକାଶେ ଦୂରଯାତ୍ରା କରିବାକୁ ପଡ଼ିପାରେ। ରଚନାତ୍ମକ କାର୍ଯ୍ୟ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ କ୍ଷେତ୍ରରେ ଅଗ୍ରଗତି ଘଟିବ।

**ବୃଷ** ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। ସଭାସମିତିରେ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପଚାରିବା ପୂର୍ବରୁ କିଛି କହିବାକୁ ନେଇ ପାରିବାରିକ ଅଶାନ୍ତି ଲାଗିରହିବ। ଆଜି ମୃଗଶିରା ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** ନିଜ ଇଚ୍ଛା ଅନୁସାରେ କୌଣସି କାମକରି ପରିବାରରୁ ସମାଲୋଚିତ ହେବାକୁ ପଡ଼ିବ। ଭଲ କଥା କହୁଥିବା ସହକର୍ମୀ ପରୋକ୍ଷ ଶତ୍ରୁତା ଆଚରଣ କରିବେ। ଏହା ସାଙ୍ଗକୁ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟାକରିପାରନ୍ତି। ଆରଦ୍ରା ନକ୍ଷତ୍ର ପାଇଁ ପରିବାର ଓ କର୍ମକ୍ଷେତ୍ର ମନ୍ଦ ହେବନି ଏବଂ ବ୍ୟବସାୟରେ ମଧ୍ୟ ସନ୍ତୁଷ୍ଟ ରହିବେ।

**କର୍କଟ** ଆଜି ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତଙ୍କ ସକ୍ରିୟତା ବୃଦ୍ଧି ପାଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରୁ ଖୁସି ରହିବେ ଓ ଆଶା କରିଥିବା ଜିନିଷ ମଧ୍ୟ ପାଇପାରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବାର ଯୋଗ ସଂଘଟିତ ହେବ।

**ସିଂହ** ପାରିବାରିକ ଅଥବା କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଖଟାଇ କାର୍ଯ୍ୟ ସାଧନ କରିପାରନ୍ତି। ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ସମ୍ପର୍କୀୟଙ୍କ ସାହାଯ୍ୟରୁ ବହୁ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମଘା ନକ୍ଷତ୍ର ମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିଯାଇପାରେ।

**କନ୍ୟା** ହସ୍ତା ନକ୍ଷତ୍ର ପାଇଁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ କିନ୍ତୁ ବିଶେଷ କିଛି ଗୁରୁତର ହେବନାହିଁ। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ଅତି ନିକଟରେ ରହୁଥିବା ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବା ଆଶଙ୍କା ରହିଛି।

**ତୁଳା** କର୍ମକ୍ଷେତ୍ରରେ ଯଦିଓ କେତେକ ସମସ୍ୟା ଓ ପ୍ରତିବନ୍ଧକ ଆସିବ ତଥାପି କାମ ଅଟକିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ଚିତ୍ରା ନକ୍ଷତ୍ରର ପାରିବାରିକ ଅଶାନ୍ତି ହେତୁକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ବିବାଦୀୟ ସ୍ଥିତିରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ।

**ବିଛା** ଅନୁରାଧା ନକ୍ଷତ୍ରର ସ୍ୱାସ୍ଥ୍ୟହାନି ସାଙ୍ଗକୁ ପାରିବାରିକ ସମସ୍ୟା ମନକୁ ଭାରାକାନ୍ତ କରିବ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ଅଭାବ ନ ଥିଲେ ମଧ୍ୟ ହଠାତ୍ ପାଖରେ କିଛି ନ ଥିବା କାରଣରୁ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ କଲ୍ୟାଣମୂଳକ କାମକରି ପ୍ରଶଂସିତ ହେବେ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ଉଦ୍ଦେଶ୍ୟମୂଳକ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ଶ୍ରବଣା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଲାଭକରି କାମ ସମ୍ପନ୍ନ କରିପାରିବେ। କୌଣସି ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ ନେଇ କଳହ ଲାଗିପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ, ଯୋଗାଯୋଗ ଏବଂ ଆଲୋଚନା କ୍ଷେତ୍ରରେ କିଛି ଅସୁବିଧା ହେବନାହିଁ।

**ମୀନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କରେ ଅବନତି ଘଟିପାରେ। ଭଲ ସମ୍ପର୍କ ନ ଥିବା କାରଣରୁ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବ। ଉତ୍ତରଭାଦ୍ରପଦ ନକ୍ଷତ୍ର କେତେକ କ୍ଷେତ୍ରରେ ଜିଦ୍‌ଖୋର କାରଣରୁ ହଇରାଣ ହୋଇପାରନ୍ତି।

ଆଜି ଅଗଷ୍ଟ ୧୨ ତାରିଖ, ବିଶ୍ୱ ଯୁବଦିବସ, ଜାତୀୟ ଗ୍ରନ୍ଥାଗାରିକ ଦିବସ, ଭାଦ୍ରବ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର–ଦିବା ଘ.୧୧।୫୧ ମି. ପର୍ଯ୍ୟନ୍ତ ପୂର୍ବଭାଦ୍ରପଦ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୪୦ ଗତେ, ଘ.୧୦।୩୫ ମଧ୍ୟେ, ଘ. ୦୧।୦୭ ଗତେ, ଘ.୦୧।୨୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୨ ଗତେ, ୦୪।୩୮ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ବିରୋଧୀ ଏକଜୁଟ...

ଜୟରାମ ରମେଶଙ୍କ ପତ୍ରର ଉତ୍ତର ଦେଇ ନିର୍ବାଚନ କମିଶନରଙ୍କୁ କେବଳ ୩୦ ଜଣ ଏମ୍‌ପିଙ୍କୁ ଭେଟିବା ପାଇଁ ଅନୁମତି ଦିଆଯିବ ବୋଲି ଇସିଙ୍କ କାର୍ଯ୍ୟାଳୟ କହିଥିଲା। ତେବେ ବିହାର ଓ ଅନ୍ୟ ରାଜ୍ୟରେ ଏସ୍‌ଆଇଆର୍ ପ୍ରସଙ୍ଗରେ ଏମ୍‌ପିମାନେ ସାମୂହିକ ଭାବେ କମିଶନଙ୍କୁ ଭେଟିବାକୁ ଚାହାନ୍ତି ବୋଲି ଜୟରାମ କହିଥିଲେ। ନିର୍ବାଚନ କମିଶନ ସବୁ ବିରୋଧୀ ଦଳ ଏମ୍‌ପିଙ୍କୁ ଭେଟିବା ପାଇଁ ମନା କରିବାରୁ ବିକ୍ଷୋଭ ଶୋଭାଯାତ୍ରାକୁ ଅଟକାଇବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ଲଗାଇଥିଲା। ମାତ୍ର ୩୦ ଜଣ ଏମ୍‌ପିଙ୍କୁ ଅନୁମତି ମିଳିବ। ସେଥିପାଇଁ ଏମ୍‌ପିମାନେ ସେମାନଙ୍କ ପ୍ରତିନିଧିଙ୍କୁ ପଠାଇବାକୁ ପୋଲିସ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରିଥିଲା। ଶେଷରେ ଟ୍ରାନ୍ସପୋର୍ଟ ଭବନଠାରେ ପୋଲିସ ରାହୁଲଙ୍କ ସମେତ ବିରୋଧୀ ଏମ୍‌ପିମାନଙ୍କୁ ଅଟକାଇବା ସହ ଅଟକ ରଖିଥିଲା।

ପ୍ରତ୍ୟେକ ଭାରତୀୟଙ୍କ ଭୋଟ ଅଧିକାର ପାଇଁ ବିରୋଧୀ ଦଳ ବିକ୍ଷୋଭ କରିବା ସହ ଏକ ସ୍ୱଚ୍ଛ ଭୋଟର ତାଲିକା ଦାବି କରୁଛି ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସେ ଉଠାଇଥିବା ନିର୍ବାଚନୀ ଅନିୟମିତତା ପ୍ରସଙ୍ଗ କେବଳ ଗୋଟିଏ ନିର୍ବାଚନ ମଣ୍ଡଳୀରେ ସୀମିତ ନୁହେଁ, ବରଂ ସାରା ଦେଶ ସହ ଜଡ଼ିତ। ତେଣୁ ଏହି ପ୍ରସଙ୍ଗ ଖୁବ୍‌ଶୀଘ୍ର ବିସ୍ଫୋରକ ରୂପ ନେବ ବୋଲି ରାହୁଲ କହିଛନ୍ତି। ନିର୍ବାଚନ କମିଶନ ଭୟଭୀତ ଏବଂ ସତ୍ୟକୁ ସାମ୍ନା କରିବାକୁ ଚାହୁଁନାହାନ୍ତି ବୋଲି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ପାର୍ଲାମେଣ୍ଟ ବାହାରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ଜୟରାମ କହିବା ସହ ବିରୋଧୀ ଏମ୍‌ପିଙ୍କ ପ୍ରତିନିଧି ନୁହନ୍ତି, ସମସ୍ତ ଏମ୍‌ପି ମିଳିତ ଭାବେ ଇସିଙ୍କୁ ଭେଟିବାକୁ ଚାହାନ୍ତି ବୋଲି ପଠାଇଥିବା ପତ୍ର ଦେଖାଇଥିଲେ। 'ଭୋଟ ଚୋରି' ଏବଂ ଏସ୍‌ଆଇଆର ବିରୋଧରେ ବିକ୍ଷୋଭ ହେଉଛି ଜନସାଧାରଣଙ୍କ ମତାଧିକାରର ସୁରକ୍ଷା ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ ବୋଲି ଖାର୍ଗେ କହିଛନ୍ତି। ଭାଜପାର ଷଡ଼ଯନ୍ତ୍ରକୁ ଇଣ୍ଡିଆ ମେଣ୍ଟ ପଦାରେ ପକାଇବ ବୋଲି ସେ କହିଛନ୍ତି।

## ଜଳିଗଲେ ଅକ୍ଷମ...

ରଶ୍ମି ଆତ୍ମାହୁତି କରିଥିଲେ। ଘଟଣା ସମ୍ପର୍କରେ ରଶ୍ମିଙ୍କ ବୁଢ଼ୀ ମା'(ଆଈ) ଚୈତ୍ରୀ କହିଛନ୍ତି, ରଶ୍ମି ଶୌଚକାର୍ଯ୍ୟ ପାଇଁ ଯାଉଛି କହି ସକାଳୁ ଘରୁ ବାହାରିଥିଲେ। ତେବେ ରଶ୍ମିଙ୍କ ମା' ପୁଷ୍ପାଞ୍ଜଳି ଘର ସଫେଇ କରୁଥିବାବେଳେ ଘର ପଛପଟ ପଡ଼ିଆରେ ରଶ୍ମି ପେଟ୍ରୋଲ ଢାଳିବା ସହିତ ଶରୀର ନିଆଁ ଲଗାଇ ଜଳୁଥିବା ଦେଖି ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ମାମୁ ବିନୋଦ ବିହାରୀ ସେଠଙ୍କ ସମେତ ଆଖପାଖ ଲୋକ ଦୌଡ଼ି ଆସିଥିଲେ। ସେଠାରୁ ରଶ୍ମିଙ୍କୁ ଉଦ୍ଧାର କରାଯାଇ ଭିମ୍‌ସାର୍, ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ନାବାଳିକା ଜଣକ ଏହି ଭିଡିଓ କ୍ଲିପିଂରେ ସମ୍ବଲପୁରୀ ଭାଷାରେ କିଛି ପରିଚୟ ଦେବା ସହିତ କଳିଗୋଳ ସୂଚନା ଦେଇ ଅନ୍ୟଜଣେ ଝିଅଙ୍କୁ ଇଙ୍ଗିତ କରୁଥିବା ଜଣାପଡୁଛି। ପୋଲିସ ଏହି ଭିଡିଓ କ୍ଲିପିଂକୁ ନିଜ ହେପାଜତକୁ ନେଇ ତଦନ୍ତ ଚଳାଇଥିବା ସୂଚନା ମିଳିଛି। ମୃତ ନାବାଳିକାଙ୍କ ମାମୁଁଅଙ୍କୁ ପୋଲିସ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବାବେଳେ ତାଙ୍କ ଅଜା ଏବଂ ଗ୍ରାମର ଜଣେ ଦୋକାନୀଙ୍କୁ ଅଟକ ରଖି ଜେରା କରୁଛି। ଅନ୍ୟପଟେ ବୁର୍ଲା ଥାନାରେ ନାବାଳିକାଙ୍କ ମୃତ୍ୟୁ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୫୬୨/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ନାତୁଣୀ ଭଲ ହୋଇଥିଲେ ଏବଂ ସୋମବାର ସେବାଶ୍ରମକୁ ଯାଇଥାନ୍ତେ। କିନ୍ତୁ କେଉଁ କାରଣ ପାଇଁ ସେ ସେଭଳି ପଦକ୍ଷେପ ନେଲେ, ତାହା ସେ ଜାଣି ନାହାନ୍ତି ବୋଲି ବୁଢ଼ୀ ମା' ଚୈତ୍ରୀ କହିଛନ୍ତି। ସେହିପରି ଭାଣିଜୀ କାହିଁକି ଆତ୍ମାହୁତି ଦେଲେ, ତାହା ସେ ମଧ୍ୟ ଭାବି ପାରୁ ନ ଥିବା ମୃତ ନାବାଳିକାଙ୍କ ମାମୁ ବିନୋଦ କହିଛନ୍ତି। ସାପଲହର ସେବାଶ୍ରମର ପ୍ରଧାନ ଶିକ୍ଷକ ରମାକାନ୍ତ ସାହୁ କହିଛନ୍ତି, ମୃତ ନାବାଳିକା ଗତ ୪ତାରିଖ ବେହୋସ୍ ହୋଇ ପଡ଼ିଥିଲେ। ଏହାପରେ ପରିବାର ଲୋକଙ୍କୁ ଖବର ଦେବା ସହିତ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଥିଲା ଏବଂ ସେହିଦିନଠାରୁ ସେ ଛୁଟିରେ ଥିଲେ ବୋଲି ପ୍ରଧାନ ଶିକ୍ଷକ ସାହୁ କହିଥିଲେ। ଅପରପକ୍ଷରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ମୃତ ନାବାଳିକାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଦାଦନ ଖଟିବାକୁ ଯାଇଥିବା ତାଙ୍କ ବାପାଙ୍କୁ ନିଜ ଗାଁକୁ ଫେରାଇ ଆଣି କାମ ଯୋଗାଇ ଦେବାକୁ ଦାବି କରିଥିଲେ। ଏହି ଦାବି ପୂରଣ ନ ହେଲେ ମୃତଦେହ ଦାହ କରାଯିବ ନାହିଁ ବୋଲି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ସମାଧାନ ହେଲାଣି...

ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପୀଡ଼ିତ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଭେଟିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ। ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ୮ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, କୃଷ୍ଣଚନ୍ଦ୍ର ମହାପାତ୍ର, ରବିନାରାୟଣ ନାୟକ, ନିତ୍ୟାନନ୍ଦ ଗଣ୍ଡ, ସୂର୍ଯ୍ୟବଂଶୀ ସୂରଜ, ପ୍ରଦୀପ ବଳସାମନ୍ତ ଏବଂ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଏବଂ ଅନ୍ୟ ବିଭାଗଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଛନ୍ତି।

## ଆଜି ହସ୍ତୀ ଦିବସ...

ମୃତ୍ୟୁ ଘଟିଥିବାବେଳେ ଉକ୍ତ ବର୍ଷ ୯୨ ନିରୀହ ଲୋକଙ୍କ ମୃତ୍ୟୁ ସହ ୧୭୫ ଜଣ ଆହତ ହୋଇଥିଲେ। ସେହିପରି ୨୦୧୩–୧୪ରେ ୭୦ ହାତୀ ମୃତ୍ୟୁ ହୋଇଥିବାବେଳେ ୯୩ ଲୋକଙ୍କ ମୃତ୍ୟୁ ସହ ୨୦୮ ଆହତ, ୨୦୧୪–୧୫ରେ ୫୪ ହାତୀ ସାଙ୍ଗକୁ ୭୪ ମଣିଷଙ୍କ ମୃତ୍ୟୁ ଏବଂ ୧୪୦ ଆହତ, ୨୦୧୫–୧୬ରେ ୮୬ ହାତୀ ଓ ୧୦୭ ଲୋକଙ୍କ ମୃତ୍ୟୁ ସାଙ୍ଗକୁ ୩୦୯ ଆହତ, ୨୦୧୬–୧୭ରେ ୭୬ ହାତୀ ସାଙ୍ଗକୁ ୯୬ ଲୋକଙ୍କ ମୃତ୍ୟୁ ଓ ୨୪୮ ଆହତ, ୨୦୧୭–୧୮ରେ ୭୮ ହାତୀ ଓ ୧୩୨ ଜଣଙ୍କର ମୃତ୍ୟୁ ବେଳେ ୨୮୩ ଆହତ, ୨୦୧୮–୧୯ରେ ୯୩ ହାତୀ ଓ ୧୧୨ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨୩୭ ଆହତ ହୋଇଛନ୍ତି।

ସେହିପରି ୨୦୧୯–୨୦ରେ ୮୨ ହାତୀ ଓ ୧୪୦ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୩୪୪ ଜଣ ଆହତ ହୋଇଥିଲେ। ୨୦୨୦–୨୧ରେ ୭୭ ଓ ୨୦୨୧–୨୨ରେ ୮୬ ହାତୀଙ୍କର ମୃତ୍ୟୁ ହୋଇଥିବାବେଳେ ଯଥାକ୍ରମେ ୧୫୮ ଓ ୧୨୭ ଲୋକଙ୍କ ପ୍ରାଣହାନି ଏବଂ ୩୨୭ ଓ ୩୪୨ ଜଣ ଆହତ ହୋଇଛନ୍ତି।

ବିଭାଗ ପକ୍ଷରୁ ୨୦୧୨–୧୩ ଆର୍ଥିକ ବର୍ଷରେ ହାତୀଜନିତ ପ୍ରାଣ ହରାଇଥିବା ପରିବାରଗୁଡ଼ିକୁ ଅନୁକମ୍ପାମୂଳକ ସହାୟତା ରାଶି ବାବଦକୁ ୧ କୋଟି ୪୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ୨୦୧୩–୧୪ରେ ୧.୨୨ କୋଟି, ୨୦୧୪–୧୫ରେ ୧.୯୬ କୋଟି, ୨୦୧୫–୧୬ରେ ୨.୦୩ କୋଟି, ୨୦୧୬–୧୭ରେ ୨.୫୧ କୋଟି, ୨୦୧୭–୧୮ରେ ୨.୫୯ କୋଟି, ୨୦୧୮–୧୯ରେ ୨.୭୦ କୋଟି, ୨୦୧୯–୨୦ରେ ୩.୬୨ କୋଟି, ୨୦୨୦–୨୧ରେ ୬.୩୭ କୋଟି, ୨୦୨୧–୨୨ରେ ୪.୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ କେବଳ ହାତୀ ଦ୍ୱାରା ପ୍ରାଣ ହରାଇଥିବା ପରିବାରକୁ ୨୯.୩୮କୋଟି ଟଙ୍କା ବଣ୍ଟନ କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀମୃତ୍ୟୁ ରୋକିବା ଲାଗି ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ବାସ୍ତବ କ୍ଷେତ୍ରରେ ଅଧିକାରୀମାନେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ ଠିକଣାଭାବେ କାର୍ଯ୍ୟାନ୍ୱୟନ କଲେ ହାତୀ–ମଣିଷ ଲଢ଼େଇକୁ ରୋକାଯାଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଓଏଏସ୍ ଅଧିକାରୀସ୍ତରରେ...

ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ମେଶ୍ରାଙ୍କୁ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସେହିପରି ରଞ୍ଜନ ସେନଙ୍କୁ ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବାବେଳେ ଶଙ୍କର ମିଶ୍ରଙ୍କୁ ମୟୂରଭଞ୍ଜ କରଞ୍ଜିଆ ଆଇଟିଡିଏର ପିଏ, ଗୌରବମୟ ପ୍ରଧାନଙ୍କୁ ଅନୁଗୋଳ ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପୁନମ୍ ରାଉତଙ୍କୁ ସ୍ୱାସ୍ଥ୍ୟ ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି।

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେତେ କହିଲେ ଭାଗବତ,**
**ତୋଷ ନୋହିଲା ମୋର ଚିତ୍ତ।**

ଅବୁଝା ଲୋକଙ୍କୁ ବୁଝାଇବା ଅତ୍ୟନ୍ତ କଷ୍ଟକର କାମ ହୋଇଥାଏ। ଏହିଧରଣର ଲୋକେ କେବେବି କାହାର ପରାମର୍ଶ ବା ଉପଦେଶକୁ ଅତି ସହଜରେ ଗ୍ରହଣ କରି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେ ପରା ବଡ଼ ରସିଆଟାଏ**
**କାନରେ ନାଇଛି ଫାସିଆଟାଏ।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। ରସିକିଆପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ହାତୀ ପାଇଁ ଏକାଠି ହେବା



କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ହିଂସାତ୍ମକ ଆଚରଣକୁ ନେଇ ପୃଥିବୀରେ ବିଶାଳକାୟ ଜୀବ ଆଜି ବିଲୁପ୍ତ। ଖାଦ୍ୟଶୃଙ୍ଖଳ ଓ ଅସନ୍ତୁଳିତ ପରିବେଶ ଯୋଗୁଁ ଡାଇନୋସର ଭଳି ଜୀବଙ୍କ ବଂଶ ଲୋପ ପାଇସାରିଛି। ଏସବୁ ସମସ୍ୟା ପାଇଁ ଆଜି ମଣିଷସମାଜ ଗୋଟିଏ ପରେ ଗୋଟିଏ ଜୀବକୁ ହରାଇବାରେ ଲାଗିଛି। ମଣିଷର ଆବଶ୍ୟକତାକୁ ପୂରଣ କରିବା ପାଇଁ ଜଙ୍ଗଲ ଧ୍ୱଂସ ମୁଖ୍ୟ କାରଣ ସାଜିଥିବା ବେଳେ ଦିନକୁଦିନ ହାତୀମାନଙ୍କ ସଂଖ୍ୟା କମିବାରେ ଲାଗିଛି। ହାତୀଙ୍କ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଆହ୍ୱାନ। ମାତ୍ର ହାତୀ ସୁରକ୍ଷାକୁ ନେଇ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ରାଜ୍ୟର ବୃହତ୍ ଜାତୀୟ ଅଭୟାରଣ୍ୟରେ ହାତୀମୃତ୍ୟୁ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ହାତୀ-ମଣିଷ ଲଢ଼େଇରେ ଉଭୟଙ୍କ ଜୀବନ ଯାଉଥିବା ବେଳେ ସଚେତନତା, ସୁଚିନ୍ତିତ ପଦକ୍ଷେପ ଓ ଆବଶ୍ୟକତାକୁ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଶିମିଳିପାଳ ଜାତୀୟ ଉଦ୍ୟାନରେ ବ୍ୟାଘ୍ର ସଂରକ୍ଷଣ ଓ ହସ୍ତୀ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରତିବର୍ଷ ଝାଡ଼ଖଣ୍ଡୀ ହାତୀ ଜିଲା ସୀମାନ୍ତରେ ପ୍ରବେଶ କରି ବର୍ଷ ବର୍ଷ ଧରି ସଂରକ୍ଷିତ ଓ ଗ୍ରାମ୍ୟ ଜଙ୍ଗଲରେ ରହୁଛନ୍ତି। ଖାଦ୍ୟାଭାବ ଏହାର ମୁଖ୍ୟ କାରଣ ବୋଲି ପ୍ରାଣୀପ୍ରେମୀମାନେ ପ୍ରକାଶ କରୁଥିବା ବେଳେ ଏଥିପ୍ରତି ବିଭାଗୀୟ ତତ୍ପରତାର ଆବଶ୍ୟକତା ରହିଛି। ସେହିପରି ଶିମିଳିପାଳ ହାତୀ ମଧ୍ୟ ଅନୁରୂପ ଭାବେ ଗାଁ ଓ ସହରମୁହାଁ ହୋଇ ଚଳପ୍ରଚଳ କରୁଛନ୍ତି। ବିଦ୍ୟୁତ୍, ରେଲ୍‌ବାଇ ଏବଂ ବନ ବିଭାଗର ଅବହେଳା ପାଇଁ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। ଚଳିତବର୍ଷ ହାତୀ ଗଣନା ଅନୁଯାୟୀ ବାରିପଦା ସର୍କଲର ୭ଟି ବନଖଣ୍ଡରେ ସମୁଦାୟ ୩୮୪ ହାତୀ ରହିଥିବା ବେଳେ ଗତବର୍ଷ ତୁଳନାରେ ୪୭ କମିଛନ୍ତି। ୨୦୧୭ ହାତୀଗଣନା ଅନୁଯାୟୀ ଏଠାରେ ୬୪୩ ହାତୀ ଥିବାବେଳେ ଏବେ ସେହି ସଂଖ୍ୟାରେ ୨୫୯ କମିଥିବା ଜଣାପଡିଛି। ବିଗତ ୫ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ୨୯ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦ରୁ ଊର୍ଦ୍ଧ୍ୱ ମଣିଷଙ୍କ ଜୀବନ ଯାଇଛି। ଏମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆନଗଲେ ପରିବେଶ ଅସନ୍ତୁଳିତ ହେବା ସହ ଜୀବଜଗତ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିବ। ତେବେ ହାତୀଙ୍କ ସୁରକ୍ଷା ପାଇଁ ଏକାଠି ହେବା ନିତାନ୍ତ ଜରୁରୀ।


ସଂଯୁକ୍ତା ବସା


ଭାନୁମିତ୍ର ଆଚାର୍ଯ୍ୟ

ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗରୁ ପ୍ରସ୍ତୁତ ସୌଖୀନ ସାମଗ୍ରୀ ବ୍ୟବହାରକୁ ରୋକିବା, ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ଜୀବଜନ୍ତୁଙ୍କ ପ୍ରତି ସଦୟଭାବ ଗ୍ରହଣ କରିବା ସହିତ ବ୍ୟାପକ ଜଙ୍ଗଲ ସୃଷ୍ଟି ମାଧ୍ୟମରେ ବିଲୁପ୍ତପ୍ରାୟ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦିଆଯାଇପାରିବ। ସେହିପରି ଖାଦ୍ୟପେୟର ସୁବ୍ୟବସ୍ଥା ଓ ଶିକାରୀଙ୍କ ପାଇଁ କଡ଼ା ଆଇନ ପ୍ରଣୟନ କରାଗଲେ ହାତୀମୃତ୍ୟୁକୁ ରୋକାଯାଇ ପାରିବ। ଅନ୍ୟପକ୍ଷରେ ହାତୀଙ୍କ ପାଇଁ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରାଗଲେ ଉଭୟ ମଣିଷ ଓ ହାତୀ ସୁରକ୍ଷିତ ରହିପାରିବେ।

ପରିବେଶବିତ୍ ସଂଯୁକ୍ତା ବସା କହନ୍ତି, ଆଜି ବିଶ୍ୱ ହସ୍ତୀ ଦିବସ। ସମସ୍ତଙ୍କ ପାଇଁ ସଙ୍କଳ୍ପର ଦିବସ। ନିର୍ଜୀବ ହାତୀକୁ ଲୋକେ ପୂଜା କରନ୍ତି, ମାତ୍ର ସଜୀବକୁ ମାରିବାକୁ ଗୋଡ଼ାଇଥାନ୍ତି। ମନୁଷ୍ୟର ହିଂସାତ୍ମକ ଆଚରଣ ପାଇଁ ବିଶାଳକାୟ ଜୀବମାନେ ଏବେ ଅସୁରକ୍ଷିତ ହୋଇପଡିଛନ୍ତି। ହାତୀଙ୍କୁ ସୁରକ୍ଷା ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନାର ଆବଶ୍ୟକତା ରହିଛି। ମଣିଷମାନଙ୍କ ପାଇଁ ନିର୍ମାଣ ହେଉଥିବା କଳକାରଖାନା, ସହରୀକରଣ, ଖଣିଖନନ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଜଙ୍ଗଲ ଧ୍ୱଂସ ହେଉଛି। ଫଳରେ ହାତୀପଲ ବାସସ୍ଥାନ ହରାଇବା ସହିତ ଜନବସତି ଉପରେ ଆକ୍ରମଣ କରୁଛନ୍ତି। ଜବରଦଖଲ ଉଚ୍ଛେଦ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରିବା ସହିତ ଖାଦ୍ୟପେୟର ସୁବନ୍ଦୋବସ୍ତ କରାଗଲେ ହାତୀଙ୍କୁ ସୁରକ୍ଷା ଦିଆଯାଇପାରିବ।

**-ରିପୋର୍ଟ: ନୀଳାଦ୍ରି ବିହାରୀ , ଦଣ୍ଡପାଟ, ବାରିପଦା**

## ହାତୀ ସୁରକ୍ଷା ...

### ସକ୍ରିୟ ପରିଚାଳନା ଜରୁରୀ



ହାତୀମାନଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା ହେଉଛି ବାସସ୍ଥାନ ସଙ୍କୋଚନ, ଦୁର୍ବଳ ପରିଚାଳନା, ଗବେଷଣାର ଅଭାବ, ପର୍ଯ୍ୟାପ୍ତ ପାଣି, ଖାଦ୍ୟ ଅଭାବ, ରେଳ ଦୁର୍ଘଟଣା ଏବଂ ସଙ୍କୁଚିତ କରିଡର, ଯାହା ସ୍ୱଟ(swot)ବିଶ୍ଳେଷଣ ମାଧମରେ ଚିହ୍ନଟ କରାଯିବା ଦରକାର। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ରେଳବାଡ଼ ଦେବା, ଟ୍ରେଞ୍ଚ ପୁନରୁଦ୍ଧାର, ପଥର କାନ୍ଥ ନିର୍ମାଣ, ସଂରକ୍ଷଣ ଭିତରେ ବାଉଁଶରୋପଣ, ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ଏବଂ ଜଙ୍ଗଲ ଆବଦ୍ଧ ସମ୍ପ୍ରଦାୟକୁ ରାତି ଟର୍ଚ୍ଚ ଯୋଗାଣ ଭଳି ସମନ୍ୱିତ ପଦକ୍ଷେପ ଆବଶ୍ୟକ। ବିକଳ୍ପ ଜୀବିକାକୁ ପ୍ରୋତ୍ସାହିତ କରିବା ଦ୍ୱାରା ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ମାଇଗ୍ରେଶନ୍ ସମୟରେ ଡ୍ରୋନ୍ ଦ୍ୱାରା ନଜର ରଖିବା ଏବଂ ରେଳ ଧକ୍କାରେ ମୃତ୍ୟୁକୁ ରୋକିବା ପାଇଁ ସକ୍ରିୟ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବନ ବିଭାଗ ଓ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସ ସ୍ୱରୂପ ଦୀର୍ଘକାଳୀନ ହାତୀ ସଂରକ୍ଷଣ ଏବଂ ସୁ-ସମ୍ପର୍କିତ ମଣିଷ-ହାତୀ ସହାବସ୍ଥାନ ସୁନିଶ୍ଚିତ କରିପାରିବ।

**-ଡ. ବିଶ୍ୱଜିତ୍ ପଣ୍ଡା,** ଫାଉଣ୍ଡର, ବିକାଶ ସାଥୀ, ବାଲେଶ୍ୱର

### ଚିହ୍ନଟ ୧୪ ହାତୀ କରିଡରକୁ ସ୍ୱୀକୃତି ପ୍ରଦାନ କରାଯାଉ



ଦୈନିକ ୧୮ ଘଣ୍ଟା ଚରାବୁଲା କରି ୨୦୦ କିଲୋଗ୍ରାମ ଖାଦ୍ୟ ଓ ୨୦୦ ଲିଟର ପାଣି ପିଉଥିବା ହାତୀ ଭଳି ଏକ ବିଶାଳକାୟ ଜୀବ ସୀମିତ ଜଙ୍ଗଲରେ ବସବାସ କରିବା ଅସମ୍ଭବ। ତେଣୁ ହାତୀକୁ ସୀମିତ ଜଙ୍ଗଲରେ ରହିବାକୁ ବାଧ କରାଗଲେ ହାତୀ-ମଣିଷ ଲଢ଼େଇ ବଢିବା ଏବଂ ହାତୀ ମୃତ୍ୟୁ ସଂଖ୍ୟା ବଢିବା ସ୍ୱାଭାବିକ। ବ୍ୟାପକ ଖଣିଖାଦନ ଓ ବିଭିନ୍ନ ମାନବବାଦୀ ନିର୍ମାଣାଧୀନ କାର୍ଯ୍ୟକଳାପ ଯୋଗୁ ଓଡିଶାରେ ହାତୀ ଚଲାପଥ (କରିଡର୍) ବର୍ତ୍ତମାନ ଧ୍ୱଂସ ପଥରେ ଅଗ୍ରସର। ଅନୁଗୋଳ ଜିଲାରେ ହାତୀଙ୍କ ପାରମ୍ପାରିକ ଚଲାପଥରେ କୋଇଲା ଖଣି, କେନାଲ, ଷ୍ଟିଲ ପ୍ଲାଣ୍ଟ, ଚଉଡା ଜାତୀୟ ରାଜପଥ ଏବଂ ନୂତନ ରେଳପଥ ନିର୍ମାଣ ହେଉଛି। ଫଳରେ ଏଠାକାର ହାତୀ ବାହାର ଜିଲାର ବଡବଡ ଜଙ୍ଗଲକୁ ଯାଇ ନ ପାରି ଏକ ପ୍ରକାର ବନ୍ଦୀ ହୋଇ ରହୁଛନ୍ତି। ପରିଣାମସ୍ୱରୂପ ହାତୀ-ମଣିଷ ବିବାଦ ଉଗ୍ର ନେଉଛି। ୨୦୧୦ରୁ ରାଜ୍ୟରେ ୧୪ଟି କରିଡର ଚିହ୍ନଟ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ଯାଏ ସରକାର ସ୍ୱୀକୃତି ଦେଇନାହାନ୍ତି। ସେହିଭଳି ସ୍ୱୀକୃତି ମିଳିନ ଥିବା ଅନୁଗୋଳ ଜିଲାର ୨ଟି ହାତୀ କରିଡରରେ ବିଭିନ୍ନ ଶିଳ୍ପ ଓ ନିର୍ମାଣ ବଢ଼ି ଚାଲିଛି। ଫଳରେ ଅନୁଗୋଳ ଜିଲାର ବନ୍ତଳା, ମହୀଧରପୁର ଓ ମନ୍ଦରଗିରି ଅଞ୍ଚଳରେ ବର୍ଷସାରା ହାତୀ-ମଣିଷ ବିବାଦ ଦେଖାଦେଉଛି। ହାତୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ତୁରନ୍ତ ଚିହ୍ନଟ ହୋଇଥିବା ହାତୀ କରିଡରକୁ ସ୍ୱିକୃତୀ ପ୍ରଦାନ କରିବା ଆବଶ୍ୟକ।

**-ସିଦ୍ଧାର୍ଥ ପ୍ରଧାନ,** ବନ୍ୟପ୍ରାଣୀ ପ୍ରେମୀ, ଅନୁଗୋଳ

## ସାତକୋଶିଆ ରେଞ୍ଜରେ ମାଈହାତୀ ମୃତ

ଠାକୁରମୁଣ୍ଡା,୧୧।୮ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ସାତକୋଶିଆ ରେଞ୍ଜ ବେଣୁଆଦର ଜଙ୍ଗଲରେ ଏକ ମାଈହାତୀର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଅସୁସ୍ଥ ଯୋଗୁ ଚିକିତ୍ସା ପୂର୍ବରୁ ତା'ର ମୃତ୍ୟୁ ଘଟିଛି ଓ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି।

ସୂଚନା ଅନୁଯାୟୀ, ରବିବାର କମ୍ପାର୍ଟମେଣ୍ଟ ନଂ.୧୯ ଭାଲିଆଡାଳ ଗ୍ରାମପଞ୍ଚାୟତ ବେଣୁଆଦର ସାହି ଜଙ୍ଗଲ ଭିତରେ ଏକ ହାତୀ ବିଚରଣ କରି ନ ପାରି ଗୋଟିଏ ସ୍ଥାନରେ ଛିଡ଼ା ହୋଇଥିବା ସ୍ଥାନୀୟ ଲୋକେ ଦେଖି ରାତିରେ ବନ ବିଭାଗକୁ ସୂଚନା ଦେଇଥିଲେ। ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ ଓ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ପାଇଁ ଉଦ୍ୟମ କରୁଥିବା ବେଳେ ହାତୀର ମୃତ୍ୟୁ ଘଟିଥିଲା। ମୃତ ହାତୀର ବୟସ ପ୍ରାୟ ୧୫ରୁ୨୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବା ବନ ବିଭାଗ ସୂଚନା ଦେଇଛି।

DSPL-200



**ବାର୍ତ୍ତା**

ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ମୁଁ ଓଡ଼ିଶାର ଯୁବପିଢ଼ିଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଆମ ଯୁବପିଢ଼ି ପ୍ରଗତି, ନବସୃଜନ ଏବଂ ସାମାଜିକ ପରିବର୍ତ୍ତନର ପ୍ରମୁଖ ସ୍ତମ୍ଭ । ସୁସ୍ଥ ଯୁବପିଢ଼ି ହେଉଛନ୍ତି ଏକ ସୁନ୍ଦର ଓ ସୁରକ୍ଷିତ ଓଡ଼ିଶାର ଆଧାରଶିଳା ।
ଅନେକ ସମୟରେ ସଚେତନତା ଅଭାବରୁ ଯୁବବର୍ଗଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇଥାଏ । ଏଚ୍.ଆଇ.ଭି/ ଏଡସ୍ ଏବଂ ଅନ୍ୟ ସହ-ସଂକ୍ରମଣ ସମ୍ପର୍କରେ ସଚେତନତା ଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆଜି ଆରମ୍ଭ ହୋଇଛି । ଯୁବପିଢ଼ିଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ଓଡ଼ିଶା ମଧ ଏଥିରେ ସାମିଲ ହୋଇଛି ।
ଏହି କାର୍ଯ୍ୟକ୍ରମ ଆଜିଠାରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯାନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଧ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଥିବା ଯୁବବର୍ଗଙ୍କ ପାଇଁ କଲେଜ ଏବଂ ସ୍କୁଲରେ ସଚେତନତା ଶିବିରମାନ ଆୟୋଜନ କରାଯାଉଛି । ଏହି ଅଭିଯାନରେ ଏଚ୍.ଆଇ.ଭି ସମ୍ପର୍କିତ ସଚେତନତା ଓ ସୁରକ୍ଷିତ ବ୍ୟବହାର ବିଷୟରେ ସଚେତନ କରାଯିବାର ଲକ୍ଷ୍ୟ ରହିଛି । ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ମଣ୍ଡଳ ଓ ସାମାଜିକ ସଂଗଠନମାନେ ଏଥିରେ ସକ୍ରିୟ ଭାଗ ନେବେ ବୋଲି ମୋର ଆଶା ଓ ବିଶ୍ୱାସ ।
ଏକ ସଚେତନ ଓ ସୁରକ୍ଷିତ ଯୁବପିଢ଼ି-ଏକ ଶକ୍ତିଶାଳୀ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ବାର୍ତ୍ତା**

ଯୁବପିଢ଼ି ଆମ ରାଜ୍ୟର ମେରୁଦଣ୍ଡ ଏବଂ ଏକ ସଶକ୍ତ ତଥା ସୁସ୍ଥ ଓଡ଼ିଶା ଗଠନ ପାଇଁ ସେମାନଙ୍କ ସ୍ୱାସ୍ଥ୍ୟ, ସଚେତନତା ଏବଂ ସଶକ୍ତିକରଣରେ ବିନିଯୋଗ କରିବା ଗୁରୁତ୍ୱପୂର୍ଣ୍ଣ । ଆଜି ଅନ୍ତର୍ଜାତୀୟ ଯୁବ ଦିବସ ୨୦୨୫ ଅବସରରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆରମ୍ଭ କରୁଛୁ । ଯାହା ଏଚ୍.ଆଇ.ଭି ନିରାକରଣ ଏବଂ ସୁସ୍ଥ ଆଚରଣ ଉପରେ ଯୁବ ନେତୃତ୍ୱଙ୍କ ସଚେତନତା ଉପରେ ପରିବେଶିତ ।
ଚଳିତ ବର୍ଷ ଅଗଷ୍ଟ ୧୨ରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ଲକ୍ଷ୍ୟ ତୃଣମୂଳ ସ୍ତରରେ ସଚେତନତାକୁ ଆହୁରି ତୀବ୍ର କରିବା ଏବଂ ସଠିକ ସୂଚନା, ପରୀକ୍ଷା ଏବଂ ସମର୍ଥନ ପାଇବାକୁ ପ୍ରୋତ୍ସାହିତ କରିବା । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ସାରା ରାଜ୍ୟରେ ଖୁବ୍ ଆଦୃତ ହୋଇପାରିଥିଲା । ସମସ୍ତଙ୍କ ସହଯୋଗରେ ୪ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଏବଂ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ସିଧାସଳଖ ସଚେତନତା ବାର୍ତ୍ତା ପହଞ୍ଚାଯାଇଥିଲା । ପଞ୍ଚାୟତ ସ୍ତରରେ ସମ୍ପୃକ୍ତି ସୁନିଶ୍ଚିତ କରିବା ପାଇଁ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନର ସଫଳ ରୂପାୟନ ପାଇଁ ଚଳିତ ବର୍ଷ ମଧ ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ ।
ଆସନ୍ତୁ, ଆମେ ଏକାଠି ଏକ ଏଡସ୍ ମୁକ୍ତ, ସୂଚନାପ୍ରଦ ଏବଂ ଦାୟିତ୍ୱବାନ ଓଡ଼ିଶା ଗଠନ କରିବା ।

(ଡ଼. ମୁକେଶ ମହାଲିଙ୍ଗ)
ମାନ୍ୟବର ମନ୍ତ୍ରୀ,
ସ୍ୱସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10009/13/0052/2526

DSPL-193





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**୧୨ ଅଗଷ୍ଟ ୨୦୨୫**
**ଜାତୀୟ କୃମି ନାଶକ ଦିବସ**

କୃମି ସଂକ୍ରମିତ ହୋଇନଥିବା ପିଲାମାନେ ଅଧିକ ସ୍ୱାସ୍ଥ୍ୟବାନ ହୁଅନ୍ତି

ଜାଣନ୍ତିକି, ଆମ ଦେହରେ କୃମି କେଉଁ କୁପ୍ରଭାବ ପକାଏ ?

- ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ସର୍ବଦା ଦୁର୍ବଳ ଅନୁଭବ ହୁଏ ।
- ସେମାନଙ୍କର ମାନସିକ ଓ ଶାରୀରିକ ଅଭିବୃଦ୍ଧିରେ ବାଧାପ୍ରାପ୍ତ ହୁଏ ।

**କୃମି ନିୟନ୍ତ୍ରଣର ଉପାୟ ଅତି ସହଜ**




୧-୧୯ ବର୍ଷର ସମସ୍ତ ପିଲାମାନଙ୍କୁ ସେମାନଙ୍କ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ିରେ କୃମି ନାଶକ ସିରପ୍/ ବଟିକା ଖାଇବାକୁ ଦିଆଯିବ ।
ଅଣପଞ୍ଜିକୃତ, ବିଦ୍ୟାଳୟ ଯାଉନଥିବା ପିଲା ଓ ପ୍ରଜନନକ୍ଷମ ମହିଳା (୨୦-୨୪ ବର୍ଷ) ମାନେ ଅଙ୍ଗନବାଡ଼ିରେ ଔଷଧ ଖାଇବେ ।

ଯେଉଁ ପିଲାମାନେ ଜାତୀୟ କୃମି ନାଶକ ଦିବସରେ ଔଷଧ ଖାଇନଥିବେ, ସେମାନଙ୍କୁ ୧୯ ଅଗଷ୍ଟ ୨୦୨୫ ଦିନ ଏହି ଔଷଧ ଦିଆଯିବ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0243/2526

> ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା। -ଶ୍ରୀଅରବିନ୍ଦ



# ଗାଜା ଦଖଲ

ଦେଖାଯାଇଛି ୨୦୦୬ ପରେ ପାଲେଷ୍ଟାଇନ୍‌ର ଉଗ୍ରବାଦୀ ସଙ୍ଗଠନ ହମାସ ଓ ଇସ୍ରାଏଲ ଅନେକ ଥର ମୁହାଁମୁହିଁ ହୋଇଛନ୍ତି। ହେଲେ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସର ଅତର୍କିତ ଆକ୍ରମଣ ବଡ଼ ଧରଣର ହୋଇଥିଲା। ଏଥିରେ ୧,୧୯୫ ଇସ୍ରାଏଲ ନାଗରିକଙ୍କୁ ହମାସ ହତ୍ୟା କରିବା ସହ ୨୫୧ ଜଣଙ୍କୁ ପଣବନ୍ଦୀ କରି ରଖିବା ଯୋଗୁ ଇସ୍ରାଏଲ ଗାଜା ଉପରେ ପ୍ରତି ଆକ୍ରମଣ କରିଥିଲା। ଏହି ଯୁଦ୍ଧକୁ ଆଉ ଦୁଇ ମାସ ପରେ ୨ ବର୍ଷ ପୂରିଯିବ। ୧ ଅଗଷ୍ଟ, ୨୦୨୫ ସୁଦ୍ଧା ପାଖାପାଖି ୬୫ ହଜାର ୬୦୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହେବା ସହ ୧,୫୨,୦୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ପ୍ରାୟ ଅଧା ଦେଉଛନ୍ତି ମହିଳା ଓ ଶିଶୁ। ଅପରପଟେ ଏହି ଯୁଦ୍ଧରେ ୨,୦୦୦ରୁ ଅଧିକ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଛି। ଏହାମଧ୍ୟରେ ନଭେମ୍ବର ୨୦୨୩ ଓ ଜାନୁଆରୀ ୨୦୨୪ରେ ଦୁଇଥର ସାମୟିକ ଭାବେ ଯୁଦ୍ଧବିରତି ହୋଇଥିଲେ ମଧ୍ୟ ଯୁଦ୍ଧାବସାନର ଆଭାସ ମିଳୁନାହିଁ। ଏଭଳି ସ୍ଥିତିରେ ନିକଟରେ ଗାଜାକୁ ସମ୍ପୂର୍ଣ୍ଣ ଦଖଲ କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଯୋଜନା କରିଛନ୍ତି। ତାଙ୍କର ଏପରି ନିଷ୍ପତ୍ତିକୁ ଇସ୍ରାଏଲର ସୁରକ୍ଷା କ୍ୟାବିନେଟ ମଞ୍ଜୁରୀ ଦେଇସାରିଥିବାବେଳେ ପୂର୍ଣ୍ଣ କ୍ୟାବିନେଟ ଏହାକୁ ସ୍ୱୀକୃତି ପ୍ରଦାନ କରିପାରେ ବୋଲି କୁହାଯାଉଛି। ଦେଖାଗଲାଣି ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ(ଆଇଡିଏଫ୍) ଏବେ ସୁଦ୍ଧା ଗାଜାର ୭୫ ପ୍ରତିଶତ ଦଖଲ କରିଥିବାବେଳେ ଆଉ ବାକି ୨୫% ଅକ୍ତିଆର କରିବା ପାଇଁ ନେତାନ୍ୟାହୁ ଯୋଜନା କରିଛନ୍ତି। ଇତିମଧ୍ୟରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଇସ୍ରାଏଲ ନାଗରିକ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରି ପଣବନ୍ଦୀଙ୍କୁ ମୁକ୍ତ କରିବା ସକାଶେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ହେଲେ ନେତାନ୍ୟାହୁଙ୍କ ଯୁକ୍ତି ହେଲା ଆକ୍ରମଣ ଜୋରଦାର ହେଲେ ପଣବନ୍ଦୀଙ୍କୁ ଶୀଘ୍ର ମୁକ୍ତ କରିବା ସମ୍ଭବ ହେବ। ଅନ୍ୟପକ୍ଷରେ ଆକ୍ରମଣ ଜୋରଦାର କରାଗଲେ ତାହା ପଣବନ୍ଦୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ମାନବୀୟ ସଙ୍କଟ ଓ ବିସ୍ଥାପନ ବଢ଼ିବ ବୋଲି ଜର୍ମାନୀ, ଫ୍ରାନ୍ସ ଓ ଇଂଲଣ୍ଡ ମିଳିତ ବିବୃତିରେ କହିଲେଣି। ଗାଜାକୁ ସମ୍ପୂର୍ଣ୍ଣ ଦଖଲ କରି ଇସ୍ରାଏଲ ସହ ମିଶାଇବା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି।

> **ଉଗ୍ରବାଦକୁ ଦମନ କରିବାକୁ ହେଲେ ସାଧାରଣ ଲୋକ କ୍ଷତିଗ୍ରସ୍ତ ହେବା ସ୍ୱାଭାବିକ। ପୃଥିବୀର ସଭ୍ୟ ସମାଜକୁ ଏହି ବିଷୟରେ ଚିନ୍ତା କରି ନିଷ୍ପତ୍ତି ନେବାକୁ ହେବ। କୌଣସି ସଭ୍ୟ ସମାଜ ଉଗ୍ରବାଦକୁ କଦାପି ସମର୍ଥନ ଦେବା ଅନୁଚିତ।**

ଖବର ମିଳୁଛି ଏବେସୁଦ୍ଧା ଗାଜାରେ ୧୯ ଲକ୍ଷ ଲୋକ ବିସ୍ଥାପିତ ହୋଇସାରିଲେଣି। ଏହି ଯୁଦ୍ଧ ଏବେ ଗଣହତ୍ୟାର ରୂପ ନେଇଛି ବୋଲି ଇସ୍ରାଏଲ ମାନବ ଅଧିକାର ସଙ୍ଗଠନଠାରୁ ଆରମ୍ଭ କରି ବହୁ ଅନ୍ତର୍ଜାତୀୟ ମାନବ ଅଧିକାର ସଙ୍ଗଠନ ଓ ଗଣହତ୍ୟା ଉପରେ ଅନୁଧ୍ୟାନ କରୁଥିବା ବିଶେଷଜ୍ଞ ମତ ଦେଉଛନ୍ତି। ଏହା ଉପରେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ) ଉଦ୍‌ବେଗ ପ୍ରକାଶ କରିବା ପରେ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ(ଆଇସିସି) ନେତାନ୍ୟାହୁ ଓ ପୂର୍ବତନ ସେନାଧିକାରୀ ତଥା ପ୍ରତିରକ୍ଷା ମନ୍ତ୍ରୀ ୟୋଭ ଗାଲାଣ୍ଟଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛି। ଏହା ବାସ୍ତବରେ ଗାଜାର ଗଣହତ୍ୟା ସ୍ଥିତିକୁ ଉଜାଗର କରୁଛି। ଏତଦ୍‌ବ୍ୟତୀତ ଯୁଦ୍ଧ ଆରମ୍ଭରୁ ସ୍କୁଲ, ହସ୍ପିଟାଲ ଓ ଆଶ୍ରୟସ୍ଥଳୀଗୁଡ଼ିକୁ ଇସ୍ରାଏଲ ଛାଡ଼ିନାହିଁ। ଏବେ କିଛି ମାସ ହେଲା ସହାୟତା କେନ୍ଦ୍ରଗୁଡ଼ିକରେ ଇସ୍ରାଏଲ ଆକ୍ରମଣ କରି ଗାଜାର ଲୋକଙ୍କୁ ମାରିଦେଉଛି। ପାଲେଷ୍ଟାଇନ ଶରଣାର୍ଥୀଙ୍କ ପାଇଁ ଥିବା ଜାତିସଂଘର ସଂସ୍ଥା ତଥ୍ୟ ଅନୁଯାୟୀ ଚଳିତ ବର୍ଷ ମେ'ଠାରୁ ଏହିଭଳି ଭାବେ ଏଯାବତ ପାଖାପାଖି ୮୦୦ ଲୋକଙ୍କ ମୃତ୍ୟୁ ଘଟିଲାଣି। ଲୋକମାନେ ଭୋକିଲା ରହିବା ସହ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଶିଶୁମାନଙ୍କୁ ଶିକ୍ଷା ମିଳିପାରୁନାହିଁ ଓ ଅଧିକ ସଂଖ୍ୟାରେ ସେମାନଙ୍କ ମୃତ୍ୟୁ ହେଉଛି। ଏଭଳି ଏକ ମାନବୀୟ ସଙ୍କଟ ଓ ମାନବ ଅଧିକାରର ଉଲ୍ଲଂଘନରୁ କ୍ଷାନ୍ତ ହେବା ପାଇଁ ଦାବି କରିବା ସହ ଇସ୍ରାଏଲ ଆକ୍ରମଣ ବିରୋଧରେ ଜାତିସଂଘ ସାଧାରଣ ସଭାରେ ୧୪୯ ଦେଶ ଭୋଟ ଦେଇଛନ୍ତି। ହେଲେ ଭାରତ ସେଥିରୁ ବିରତ ରହିଛି। ଦେଖିବାକୁ ଗଲେ ଇସ୍ରାଏଲକୁ ଆମେରିକା ସମ୍ପୂର୍ଣ୍ଣ ସହଯୋଗ କରି ଏକବିଂଶ ଶତାବ୍ଦୀର ଏଭଳି ଗଣହତ୍ୟାକୁ ଉତ୍ସାହିତ କରିଚାଲିଛି। ଏବକାର ବୈଶ୍ୱିକ ଦୃଶ୍ୟପଟରେ ହମାସ, ହେଜବୋଲ୍ଲା, ହୁଟି, ଆଇଏସ୍ ଭଳି ଉଗ୍ରବାଦୀ ଗୋଷ୍ଠୀ ମାନବତା ପ୍ରତି ବିପଦ। ସେମାନଙ୍କୁ ନିୟନ୍ତ୍ରଣ କିମ୍ବା ଶକ୍ତିହୀନ କରିବା ସକାଶେ ହେଉଥିବା ପ୍ରୟାସକୁ ଦୃଷ୍ଟିରେ ରଖି ଆଲୋଚନା କଲେ ଇସ୍ରାଏଲର ସାମରିକ ପଦକ୍ଷେପକୁ ଠିକ୍ ବୋଲି କୁହାଯାଇପାରେ। କିନ୍ତୁ ଯୁଦ୍ଧ ବେଳେ କେବଳ ଉଗ୍ରବାଦୀ କିମ୍ବା ସାମରିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟି ନ ଥାଏ। ସିଧାସଳଖ ଯୁଦ୍ଧ ସହ ସମ୍ପୃକ୍ତ ନ ଥିଲେ ମଧ୍ୟ ବେସାମରିକ ଲୋକମାନେ ଏହାର ଶିକାର ହୋଇଥାଆନ୍ତି। ଏଭଳି ସ୍ଥଳେ ଅନ୍ତର୍ଜାତୀୟ ମଞ୍ଚରେ ପ୍ରଥମେ ଚିନ୍ତା କରାଯିବା ଦରକାର ଉଗ୍ରବାଦକୁ ସମର୍ଥନ ଦିଆଯିବ ନା ତାକୁ ଦମନ କରାଯିବ। ଯଦି ସମର୍ଥନ ଦିଆଯିବ ସେହିସବୁ ସଙ୍ଗଠନ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେଉଥିବା ବେସାମରିକ ସାଧାରଣ ନାଗରିକର ସୁରକ୍ଷା ପ୍ରତି ସଚେତନ ରହିବା ଦରକାର। ଉଗ୍ରବାଦ ଭିଆଉଥିବା ଗୋଷ୍ଠୀକୁ ନିଜର କାର୍ଯ୍ୟ କରିବାକୁ ହେଲେ ସ୍ଥାନୀୟ ସାଧାରଣ ନାଗରିକଙ୍କ ସମର୍ଥନ ନିଶ୍ଚିତ ଭାବେ ଲୋଡ଼ା। ସେଥିପାଇଁ ଉଗ୍ରବାଦକୁ ଦମନ କରିବାକୁ ହେଲେ ସାଧାରଣ ଲୋକ କ୍ଷତିଗ୍ରସ୍ତ ହେବା ସ୍ୱାଭାବିକ। ପୃଥିବୀର ସଭ୍ୟ ସମାଜକୁ ଏହି ବିଷୟରେ ଚିନ୍ତା କରି ନିଷ୍ପତ୍ତି ନେବାକୁ ହେବ। କୌଣସି ସଭ୍ୟ ସମାଜ ଉଗ୍ରବାଦକୁ କଦାପି ସମର୍ଥନ ଦେବା ଅନୁଚିତ।

# କ୍ଷମତାର ଲଢ଼େଇ



ଅକ୍ଷୟ କୁମାର ମିଶ୍ର

ଶୀର୍ଷକଟି ସାର୍ବଜନୀନ ସତ୍ୟ କହିଲେ ଭୁଲ୍ ହେବ ନାହିଁ। ଏହି ଲଢ଼େଇଠାରୁ ବୋଧହୁଏ କେହି ମୁକ୍ତ ନୁହନ୍ତି। ପ୍ରାୟ ଊଣାଧିକେ ସମସ୍ତେ ଲଢ଼େଇର ମଇଦାନରେ ଅବତୀର୍ଣ୍ଣ। ସବୁଠି ଲଢ଼େଇ ଚାଲିଛି। ପୁଣି ସୀମାହୀନ। ପାହାଚ ପରେ ପାହାଚ ଚଢ଼ିବା ନିମନ୍ତେ ପଛକୁ ଠେଲିଦେଇ ଆଗକୁ ଆଗେଇ ଯିବାର ପ୍ରବଣତା ମଣିଷର ପ୍ରବୃତ୍ତି ପାଲଟି ଗଲାଣି। କ୍ଷମତାର ଲଢ଼େଇ ବେଳେ ଚିହ୍ନାମୁହଁ ସବୁ ଅଚିହ୍ନା ପାଲଟି ଯାଉଛନ୍ତି। ଆପଣାର ମଣିଷ ପର ପାଲଟି ଯାଉଛନ୍ତି। ସ୍କୁଲ, କଲେଜ, ଅଫିସ ସବୁଠି କ୍ଷମତାର ଲଢ଼େଇ। ସଂଘ, ସଂଗଠନ, ରାଜନୈତିକ ଦଳଗୁଡ଼ିକର ତ ଏହା ଅଣାୟତ୍ତ ହେବାକୁ ବସିଲାଣି।

କ୍ଷମତା ପାଇଁ ଲଢ଼େଇ ସାଧାରଣତଃ ଦୁଇ ପ୍ରକାର ହୋଇଥାଏ। ଏକ ପ୍ରକାର ଲଢ଼େଇ ଦୃଶ୍ୟମାନ। ଯେଉଁଥିରେ ସାଧାରଣ ଲୋକ ପକ୍ଷଭୁକ୍ତ ହୁଅନ୍ତି। ସେମାନେ କ୍ଷମତା ଲଢ଼େଇରେ ଜଣେ ଜଣେ ଅସଲି ସୈନିକ ସାଜନ୍ତି ଏବଂ ମତଦାନ ଜରିଆରେ କ୍ଷମତା ପ୍ରଦାନ କରନ୍ତି। ଯାହାକୁ ଆମେ ଗଣତନ୍ତ୍ରର ମହୋତ୍ସବ ବୋଲି ଧରିନେଉ। ଏହା ସରକାରୀ ବ୍ୟବସ୍ଥାର ଅଂଶବିଶେଷ। ସେଥିପାଇଁ ଦେଶର ଏକ ସ୍ୱାଧୀନ ସଂସ୍ଥା ମଧ୍ୟ ଅଛି ଯାହାକୁ ନିର୍ବାଚନ ଆୟୋଗ ବୋଲି କୁହାଯାଏ। ପଞ୍ଚାୟତଠାରୁ ପାର୍ଲାମେଣ୍ଟ ସମସ୍ତ ଦରବାର ପାଇଁ ଯେଉଁ ଚେୟାରସବୁ ଅଛି ସେଥିରେ ଉପବେଶନ ପାଇଁ ଯୋଗ୍ୟତମ ବ୍ୟକ୍ତି ଚୟନ ନିମନ୍ତେ ପ୍ରତି ପାଞ୍ଚବର୍ଷରେ ନିର୍ବାଚନ ହୁଏ। ଏହି ନିର୍ବାଚନ ରଣାଙ୍ଗନରେ ଲଢ଼େଇ ପାଇଁ ଯେଉଁମାନେ ଅବତୀର୍ଣ୍ଣ ହୁଅନ୍ତି ସେମାନେ ଯେଉଁ କଳ, କୌଶଳ, କୂଟନୀତି ପ୍ରୟୋଗ କରନ୍ତି ସେଗୁଡ଼ିକ ଏମିତି ମାରଣାସ୍ତ୍ର ଯାହା ମଣିଷ ମଣିଷ ଭିତରେ ଘୃଣା, ବିଦ୍ୱେଷ, ହିଂସା, ଶତ୍ରୁତା ଜନ୍ମ ଦିଏ। ସଂପ୍ରୀତି, ସଂହତି, ସମ୍ପର୍କ, ଧ୍ୱଂସ କରିଦିଏ। ଭାବ, ଭ୍ରାତୃତ୍ୱ, ଭାଇଚାରା ନଷ୍ଟ କରିଦିଏ। ଏହାର ପ୍ରମୁଖ କାରଣ ହେଉଛି କ୍ଷମତା ପ୍ରତି ମାତ୍ରାଧିକ ଆସକ୍ତି ଓ ଆକର୍ଷଣ। ଯେମିତି ହେଉ କଳେ ବଳେ କୌଶଳେ ଲଢ଼େଇରେ ବିଜୟୀ ହେବାର ପ୍ରବଣତା ମଣିଷକୁ ବିଚାରବୋଧ ଠାରୁ ଦୂରେଇ ଦେଉଛି।

ମାତ୍ର ଏହି ରଣ କୌଶଳରେ ଯେଉଁସବୁ ପନ୍ଥା ଅବଲମ୍ବନ ହେଉଛି ତାହା ଗଣତନ୍ତ୍ରର ପରିପନ୍ଥୀ, ଗଣତନ୍ତ୍ରକୁ ଦୁର୍ବଳ କରୁଛି। ପ୍ରଥମତଃ ଲଢ଼େଇ ଜିତିବା ନିମନ୍ତେ ଅପର୍ଯ୍ୟାପ୍ତ ଅର୍ଥ ବିନିଯୋଗ ହେଉଛି ବ୍ୟବସାୟରେ ପୁଞ୍ଜି ନିବେଶ କଲାଭଳି। ଜାତି, ଧର୍ମକୁ ନେଇ ଭାବପ୍ରବଣତାର ଅସ୍ତ୍ର ପ୍ରୟୋଗ ହେଉଛି ଯେଉଁଠି ଯେମିତି ଆବଶ୍ୟକ। ଏହା ପରେ 'ହାତୀ ଦେବି, ଘୋଡ଼ା ଦେବି'ର ମନଲୋଭା ପ୍ରତିଶ୍ରୁତି ଦେଇ ପ୍ରଲୁବ୍ଧ କରାଯାଉଛି ଜନତାଙ୍କୁ। କ୍ଷମତାରେ ଥିବା ବ୍ୟକ୍ତିମାନେ କ୍ଷମତାର ଅପବ୍ୟବହାର କରୁଛନ୍ତି ନିଜ କୁର୍ସିକୁ ବଜାୟ ରଖିବା ପାଇଁ। ଦେଖାଯାଉଛି ଲଢ଼େଇ ସମୟ ଯେତେ ପାଖେଇ ଆସୁଛି ସେତେ ସେତେ ମନଲୋଭା ଯୋଜନା ପ୍ରଣୟନ ହେଉଛି। ସରକାରୀ କଳ, ବଳ, ଧନର ଦୁରୁପଯୋଗ ହେଉଛି କେବଳ କ୍ଷମତାରେ ଟିକି ରହିବା ନିମନ୍ତେ। ଏହି ଅନୈତିକ ଲଢ଼େଇକୁ ରୋକିବା ପାଇଁ ନା ନିର୍ବାଚନ ଆୟୋଗ ପାଖରେ ଆନ୍ତରିକତା ଅଛି ନା ଜନସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି ହେଉଛି ? ସଭିଏ ସମୟ, ସମାଜ ଓ ବ୍ୟବସ୍ଥା ଉପରେ ଦୋଷ ଦେଉଛନ୍ତି।



ଆଉ ଏକ ପ୍ରକାର କ୍ଷମତାର ଲଢ଼େଇ ଆମେ ଦେଖିବାକୁ ପାଉଛୁ ଯାହା ପୂର୍ବୋକ୍ତ ଲଢ଼େଇଠାରୁ ଆହୁରି କ୍ଷତିକାରକ ଓ ମାରାତ୍ମକ। ଅଣ୍ଟି ଛୁରି ତଣ୍ଟି କାଟିଲା ଭଳି ଏହା ଭିତରେ ଭିତରେ ଚାଲିଥାଏ। ଏହି ଲଢ଼େଇ ସହିତ ସାଧାରଣ ଲୋକଙ୍କର କୌଣସି ସମ୍ପର୍କ ନ ଥାଏ। କିନ୍ତୁ ଏହା ସେମାନଙ୍କୁ ସଂକ୍ରମିତ କରେ। ସେମାନଙ୍କ ମଧ୍ୟରେ ବିଭାଜନର ବିଷ ମଞ୍ଜି ବୁଣେ। ଉଚ୍ଚ ପଦବୀରେ ଅଧିଷ୍ଠିତ ହେବା ପାଇଁ ଏହି ଲଢ଼େଇ ଚାଲେ ନିଜ ନିଜ ଭିତରେ। ପଦ ପଦବୀର ମୋହ, କ୍ଷମତାର ଲାଳସା ନିକଟରେ ବନ୍ଧୁତା ଶତ୍ରୁତାରେ ରୂପାନ୍ତରିତ ହୋଇଯାଏ। ପ୍ରଥମେ ଏହା ମତାନ୍ତର ବୋଲି କୁହାଯାଏ। କିନ୍ତୁ ପରବର୍ତ୍ତୀ ସମୟରେ ଏହା ମନାନ୍ତରରେ ପରିଣତ ହୁଏ। ଏହି ଲଢ଼େଇ ଦେଖିବାକୁ ମିଳେ ବିଭିନ୍ନ ସଂଘ, ସଂଗଠନ, ରାଜନୈତିକ ଦଳ ଭିତରେ। ଏହି ଆଭ୍ୟନ୍ତରୀଣ କନ୍ଦଳ ସଂଗଠନର ସଂହତିକୁ ନଷ୍ଟ କରିଦିଏ, କ୍ଷୁଣ୍ଣ କରିଦିଏ ରାଜନୈତିକ ଦଳର ପତିଆରା।

ଆମେ ଯଦି ରାଜନୈତିକ ଦଳଗୁଡ଼ିକୁ ବିଚାରକୁ ନେବା ତେବେ ସେଥିରେ ଏହି ପ୍ରକାର ଲଢ଼େଇ ବେଳେ ବେଳେ ଉତ୍କଟ ରୂପ ଧାରଣ କରେ। କେବଳ ବାମପନ୍ଥୀ ଦଳଗୁଡ଼ିକରେ ନେତୃତ୍ୱ ଚୟନ ବେଳେ ସେମିତି କିଛି ବଡ଼ ଧରଣର ସମସ୍ୟା ଉପୁଜୁ ନ ଥିଲେ ମଧ୍ୟ ସାମୟିକ ଦ୍ୱନ୍ଦ୍ୱ ଥାଏ। କିନ୍ତୁ ଏକ ନିର୍ଦ୍ଧାରିତ ସମୟରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ମାଧ୍ୟମରେ ନେତୃତ୍ୱ ଚୟନ ହୁଏ। କନ୍ଦଳ ପାଇଁ କେଉଁଠି ନେତୃତ୍ୱ ଚୟନ ପ୍ରକ୍ରିୟା ସ୍ଥଗିତ ରହିବା କଥା ଶୁଣିବାକୁ ମିଳେ ନାହିଁ। ଏହିସବୁ ଦଳଗୁଡ଼ିକରେ କ୍ଷମତାକୁ ନେଇ ଆଦୌ ଲଢ଼େଇ ହୁଏ ନାହିଁ କହିଲେ ଭୁଲ୍ ହେବ ମାତ୍ର କ୍ୱଚିତ୍। ଦକ୍ଷିଣପନ୍ଥୀ ଦଳଗୁଡ଼ିକରେ କ୍ଷମତାକୁ ନେଇ ଗୋଷ୍ଠୀ କନ୍ଦଳ ଉଗ୍ରରୂପ ଧାରଣ କରୁଛି। ବ୍ଲକ୍‌ଠାରୁ ରାଜ୍ୟରେ, ସର୍ବଭାରତୀୟ ସ୍ତରରେ ଯେତେସବୁ କମିଟି ଅଛି ସବୁଥିରେ କନ୍ଦଳ, ଗୋଷ୍ଠୀ କନ୍ଦଳ। ତାହା ପୁଣି ନେତୃତ୍ୱ ଚୟନକୁ ନେଇ। ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ କଥା କଟାକଟି, ଆକ୍ଷେପ, ପ୍ରତିଆକ୍ଷେପ, ବେଳେ ବେଳେ ସଭା ସମିତିରେ ଚେୟାର ଫିଙ୍ଗାଫିଙ୍ଗି ପର୍ଯ୍ୟନ୍ତ ଯାଏ। ଭୁଲିଯାଆନ୍ତି ସେମାନେ ସମସ୍ତେ ଗୋଟିଏ ପକ୍ଷୀର ପର ବୋଲି। ଲଢ଼େଇ ଏମିତି ସ୍ତରରେ ଯାଇ ପହଞ୍ଚେ ଟଣାଓଟରା ଯୋଗୁ ନେତୃତ୍ୱ ଚୟନ ହୋଇପାରେ ନାହିଁ। ଏହି ସବୁ ଦଳଗୁଡ଼ିକରେ ଗଣତନ୍ତ୍ର ଏକ ଢାଲ ଭାବରେ ବ୍ୟବହାର ହୁଏ। କିନ୍ତୁ ହାଇକମାଣ୍ଡଙ୍କ ଇସାରାରେ ନେତୃତ୍ୱ ଚୟନ ହୁଏ। ଫଳରେ ଅସନ୍ତୋଷର ନିଆଁ ଲିଭିବାର ନାଁ ଧରେ ନାହିଁ। ଶାସକ ଦଳ ହୋଇଥିଲେ ମନ୍ତ୍ରିମଣ୍ଡଳ ଗଠନଠାରୁ ଆରମ୍ଭ କରି ଏହି ଲଢ଼େଇର ପ୍ରଭାବ ସରକାର ପରିଚାଳନା ଉପରେ ମଧ୍ୟ ପଡ଼େ। ତା'ପରେ ଏହା ଜନସାଧାରଣଙ୍କ ପାଖକୁ ସଂକ୍ରମିତ ହୋଇଯାଏ। ଗୋଟିଏ ଦଳ ଭିତରେ ଇଏ ତା' ଗୋଷ୍ଠୀର ସିଏ ଇଆର କହି ଶତ୍ରୁତା ଚରମ ସୀମା ଛୁଏଁ।

କେବଳ ରାଜନୈତିକ ଦଳଗୁଡ଼ିକରେ କ୍ଷମତା ଲଢ଼େଇର ଅନ୍ତଃସ୍ରୋତ ପ୍ରବାହିତ ହେଉ ନାହିଁ, ହେଉଛି ଊଣାଧିକେ ସବୁ ଗଣ ସଂଗଠନରେ। ବିଭିନ୍ନ ପଦ ପଦବୀରେ କୁର୍ସି ଆରୋହଣ କରିବା ପାଇଁ ଚାଲୁଛି ଅଘୋଷିତ ଲଢ଼େଇ। ବିଶ୍ୱାସ ଅବିଶ୍ୱାସର ଲୁଚକାଳି ଖେଳ ଭିତରେ ସଂଗଠନର ସଂହତି, ଏକତା ପଶାପାଲିରେ ନିର୍ଜୀବ ଗୋଟି ପାଲଟି ଯାଉଛି। କିଛି କିଛି ଗଣ ସଂଗଠନରେ ଏହି ଲଢ଼େଇ ନିର୍ବାଚନର କୁରୁକ୍ଷେତ୍ର ସୃଷ୍ଟି କରୁଛି। ଦେଶରେ ସମ୍ପ୍ରତି ଅନୁଷ୍ଠିତ ନିର୍ବାଚନ ସବୁ ଯେମିତି କଳୁଷିତ ହେଲାଣି ସେମିତି ସମାନ ରାସ୍ତାରେ ଏବେ ଗଣ ସଂଗଠନଗୁଡ଼ିକର ନିର୍ବାଚନ ପ୍ରକ୍ରିୟା। ଏହି ଲଢ଼େଇ ଯେ ସଂଗଠନଗୁଡ଼ିକୁ ଦୁର୍ବଳ କରୁଛି ଏବଂ ସଂଗଠନ ତା'ର ନୀତି, ଆଦର୍ଶ, ଆଭିମୁଖ୍ୟଠାରୁ ଅପସରିଯାଉଛି ଏଥିରେ ସନ୍ଦେହ ନାହିଁ। କେବଳ ଗଣ ସଂଗଠନ ନୁହଁ ବହୁ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟ ସଂଗଠନଗୁଡ଼ିକ ଏହି ବ୍ୟାଧିରୁ ମୁକ୍ତ ନୁହନ୍ତି।

ସତ କହିବାକୁ ଗଲେ କ୍ଷମତା ଥିଲେ ସମ୍ମାନ ମିଳୁଛି। କ୍ଷମତା ଥିଲେ ପ୍ରତିଷ୍ଠା, ପ୍ରତିପତ୍ତି ଅଛି। କ୍ଷମତା ଅର୍ଥ ଉପାର୍ଜନର ମାଧ୍ୟମ ପାଲଟି ଯାଇଛି। ସେଇଥିପାଇଁ କ୍ଷମତା ପ୍ରାପ୍ତିର ଲଢ଼େଇ ନିକଟରେ ସତ୍ୟ, ନ୍ୟାୟ, ସମ୍ପର୍କ, ସହାନୁଭୂତି ସବୁକିଛି ତୁଚ୍ଛ। ଏ ଲଢ଼େଇ ଥିଲା, ଅଛି, ରହିବ। କେବେ ବନ୍ଦ ହୋଇଯିବ ନାହିଁ। କିନ୍ତୁ ଏ ଲଢ଼େଇ ଯେତେ ସ୍ୱଚ୍ଛ ଓ ସୁସ୍ଥ ହେବ, ସହଜ ଓ ସରଳ ହେବ, ଅନ୍ୟାୟ ଅନୀତିଠାରୁ ଦୂରେଇ ରହିବ ଆମ ସମସ୍ତଙ୍କ ପାଇଁ ସେତେ ଭଲ ହେବ। ସମାଜରେ ସୃଷ୍ଟି ହେବ ଏକ ସକାରାତ୍ମକ ବାତାବରଣ। ନଚେତ୍ ଲଢ଼େଇ ଜନ୍ମ ଦେବ ଅବିଶ୍ୱାସ। ଅବିଶ୍ୱାସରୁ ସନ୍ଦେହ, ସନ୍ଦେହରୁ ଶତ୍ରୁତା, ଶତ୍ରୁତାରୁ ହିଂସା ଓ ରକ୍ତପାତ।

**ସଭାପତି, ଓଷ୍ଟା**
**ମୋ: ୯୯୩୮୭୬୩୨୩୭**

# ସ୍ନେହରଙ୍କୁଣା ମଣିଷ



ଡ. ମନୋରଞ୍ଜନ ପ୍ରଧାନ

ଦୁଇଦିନିଆ ଜାତୀୟ ପତ୍ରବାଚନ ସଫଳତାର ସହ ସମାପ୍ତ ହୋଇଯାଇଥାଏ। ଅତିଥି, ଅଧିକାରୀ ଓ ଆଗନ୍ତୁକ ସଦସ୍ୟା ସଦସ୍ୟମାନେ ଫେରିଗଲେଣି ନିଜ ଗନ୍ତବ୍ୟ ସ୍ଥାନକୁ। ସମସ୍ତଙ୍କୁ ଆନୁଷ୍ଠାନିକ ବିଦାୟ ଦେବା ପରେ ଦୁଇ ଦିନ ଧରି ଜଳପାନ, ମଧ୍ୟାହ୍ନ ଓ ରାତ୍ରି ଭୋଜନ ପ୍ରସ୍ତୁତ କରିଥିବା ରୋଷେୟା ଏବଂ ତାଙ୍କ ସହଯୋଗୀଙ୍କ ପାଖରେ ପହଁଚି, ସେମାନଙ୍କ ପାରିଶ୍ରମିକ ଦେଇ କହିଲି- ଆପଣମାନଙ୍କର କଠିନ ପରିଶ୍ରମ ହେତୁ ଅତିଥିମାନେ ଖୁସିରେ ଖାଇଲେ। ତା'ପରେ ସେମାନଙ୍କ ସହ ଏକ ସ୍ଥିର ଚିତ୍ର (ଫଟୋ) ଉତ୍ତୋଳନ ପାଇଁ ମୋର ଜଣେ ସହକର୍ମୀଙ୍କୁ କହିଲି। ଫଟୋ ଉଠିବା ପରେ ରୋଷେୟା ଓ ତାଙ୍କ ସହଯୋଗୀ (ଦୁଇଜଣ ବୃଦ୍ଧା ଶ୍ରମଜୀବୀ ଏବଂ ଜଣେ ପୁରୁଷ ସହକାରୀ) ମୋତେ କୋଳାଗ୍ରତ କହିଲେ- ବାବୁ ବିଭିନ୍ନ ଜାଗାରେ ଭୋଜି ରାନ୍ଧୁଛୁ। ରୋଜଗାର କରୁଛୁ। ସମସ୍ତେ ରୋଷେଇ ପରେ କିଛି କିଛି ପାରିଶ୍ରମିକ ବିଭିନ୍ନ ବାହାନା କରି କାଟି ଦିଅନ୍ତି ଏବଂ ଆମକୁ ମଳିମୁଣ୍ଡିଆ ଭଳି ବ୍ୟବହାର କରନ୍ତି। ହେଲେ ତୁମେ ଭିନ୍ନ ।

ଉପରୋକ୍ତ ବ୍ୟକ୍ତିଗତ ଅନୁଭବଟି ଉପସ୍ଥାପନ କରିବାର ଆଭିମୁଖ୍ୟ ହେଉଛି ପ୍ରତ୍ୟେକ ମଣିଷ ସ୍ନେହରଙ୍କୁଣା। କେବଳ ଟିକିଏ ଭଲ ବ୍ୟବହାର, କଥାବାର୍ତ୍ତା, ଭାବର ଆଦାନ ପ୍ରଦାନରେ ଅତି ଆପଣାର ହୋଇଯାଆନ୍ତି। କିନ୍ତୁ ଆଜିକାଲି ମଣିଷପଣିଆ ହଜିଯାଇଛି। ମଣିଷ ଆଉ ମଣିଷ ହୋଇ ରହିନାହିଁ। ମଣିଷ ସବୁ କଥାରେ ଲାଭ କ୍ଷତିର ହିସାବ କରୁଛି। ସମସ୍ତଙ୍କୁ ସମାନ ଭାବରେ ଦେଖିବା ପରିବର୍ତ୍ତେ ପଦ, ପଦବୀ, ଅର୍ଥ ତଥା କ୍ଷମତାର ନିକିତିରେ ତଉଲିବାକୁ ଚେଷ୍ଟା କରି ତା'ଠାରୁ ସାମାନ୍ୟ ତଥାକଥିତ ତଳ ସ୍ତରର ଲୋକଙ୍କୁ ଇତର ପ୍ରାଣୀଙ୍କ ଭଳି ବ୍ୟବହାର କରୁଛି। ତା' ପାଇଁ ଭାଗବତ ବାଣୀ- 'ସକଳ ଘଟେ ନାରାୟଣ, ଅନାଦି ପରମ କାରଣ' ଆପ୍ତ ବାକ୍ୟଟି ଗୋଟିଏ ପୁରୁଣାକାଳିଆ ଲୋକୋକ୍ତି। ସେଥିପାଇଁ ସମାଜରେ ଭେଦଭାବର ହାର ବଢ଼ିଚାଲିଛି। ମଣିଷ ଚିନ୍ତା କରିପାରୁ ନାହିଁ ଯେ ସମସ୍ତ ମଣିଷ ଏକ କିନ୍ତୁ ସୁବିଧା ସୁଯୋଗ ଦୃଷ୍ଟିରୁ ଆମର ବୃତ୍ତି ବା ପେଟ ପୋଷିବାର ପନ୍ଥା ଭିନ୍ନ। କିନ୍ତୁ ଏକଥା ବି ମନେରଖିବା ଉଚିତ ଯେ ଯେଉଁ ବ୍ୟକ୍ତିବିଶେଷ ନିଜ ପଦ,ପଦବୀ ଓ କ୍ଷମତା ପାଇଁ ଅନ୍ୟମାନଙ୍କୁ ଘୃଣା କରନ୍ତି, ସେମାନେ ଅବସର ନେବା ପରେ ତାଙ୍କ ସାଥିରେ କେବଳ ବୁଲିବ ପୋଷାକୁକୁର, ସେ ପୁଣି ଲାଞ୍ଚ (ପ୍ରସ୍ତାବିତ ଭଲ ଖାଦ୍ୟ, ସୁବିଧା ସୁଯୋଗ ଇତ୍ୟାଦି)ପାଉଥିଲେ। ନିର୍ଦ୍ଧାରିତ ବୟସ ପରେ ପଦ, ପଦବୀ ଓ କ୍ଷମତା ଚାଲିଯିବ। ସମାଜର କୌଣସି ବ୍ୟକ୍ତି ସେଭଳି ଅହଂକାରୀ ଓ ସ୍ୱଘୋଷିତ ପଦାଧିକାରୀଙ୍କୁ ସମ୍ମାନ ଦେବେ ନାହିଁ। ଶେଷରେ ନିଃସଙ୍ଗ ଜୀବନ କଟେଇବାକୁ ପଡ଼ିବ।

କୋଡ଼ିଏ ବର୍ଷ ତଳର କଥା। ମୋର ସ୍ୱଭାବ ହେଉଛି ସବୁ ବର୍ଗର ଲୋକଙ୍କ ସହ ବିନା ବାଛବିଚାରରେ କଥାବାର୍ତ୍ତା କରିବା। ମୁଁ ଯେଉଁ ଅନୁଷ୍ଠାନରେ କାମ କରୁଥିଲି ସେଠାରେ ଦଶ ବାର ଜଣ ସଫେଇ କର୍ମଚାରୀ କାମ କରୁଥିଲେ। ମୁଁ ସେମାନଙ୍କ ଭଲମନ୍ଦ ପଚାରି ବୁଝେ। ଛୁଟି ଦରଖାସ୍ତ ଲେଖିଦିଏ। ପିଲାମାନଙ୍କ ପାଠପଢ଼ା ବିଷୟରେ ପଚାରେ। ସେମାନେ ସବୁଦିନ ଗୋଟିଏ କୋଣ ଜାଗାରେ ମଧ୍ୟାହ୍ନ ଖାଆନ୍ତି। ଦିନେ ମୁଁ ସେମାନଙ୍କ ପାଖକୁ ଗଲି ଏବଂ ମିଶିକରି ଖାଇବି ବୋଲି କହିଲି। ସେମାନେ ଆଦୌ ରାଜି ହେଲେ ନାହିଁ। କିନ୍ତୁ ଜବରଦସ୍ତ ଜଣକ ଖାଇବା ଡବାରୁ (ଟିଫିନ ବକ୍ସ) ତରକାରି ଆଣି ଖାଇଲି। ସମସ୍ତେ ଅସ୍ତବ୍ୟସ୍ତ ହୋଇ ସେଠାରୁ ଉଠିଯିବାକୁ ଚେଷ୍ଟା କଲେ। ବୁଝେଇଲି ଏବଂ ସମସ୍ତେ ମିଳିମିଶି ଖାଇଲୁ। ସେଥିରୁ ଜଣେ ଯାହାଙ୍କ ଅକାଳରେ ସ୍ୱର୍ଗବାସ ହୋଇଗଲାଣି କହିଲେ- ଆଜ୍ଞା, ଅଧିକାଂଶ ଲୋକ ଆମକୁ ସୁଇପର କହି ଘୃଣା କରୁଛନ୍ତି। ହେଲେ ତୁମେ ଆମକୁ ଏତେ ସ୍ନେହ କାହିଁକି କରୁଛ ? ମୁଁ କହିଲି- ଦେଖ ! ମୋତେ ସୁଯୋଗ ମିଳିଲା ବୋଲି ଭଲ ପାଠପଢ଼ି ଚାକିରିଟିଏ କରିଦେଲି। ତୁମକୁ ମଧ୍ୟ ଯଦି ଭଲ ସୁବିଧା ସୁଯୋଗ ମିଳିଥାନ୍ତା, ମୋ ଭଳି ଭଲ ଚାକିରିଟି କରିପାରିଥାନ୍ତ! ଆମେ ପଦପଦବୀ ଦୃଷ୍ଟିରୁ ଟିକିଏ ଭିନ୍ନ, କିନ୍ତୁ ମଣିଷ ଭାବରେ ସମଜାତି ଓ ସମାନ। ସମସ୍ତେ ଖୁସି ହୋଇଗଲେ। ମୁଁ ଯେତେବେଳେ ସେ ଚାକିରି ଛାଡ଼ିଲି ପ୍ରଥମ ଥର ସେମାନଙ୍କ ଦ୍ୱାରା ସ୍ୱତନ୍ତ୍ର ବିଦାୟୀ ସମ୍ବର୍ଦ୍ଧନା ଦେଇ ବହୁତ କାନ୍ଦିଥିଲେ ଏବଂ ଆଜିଯାଏ ମନେ ରଖିଛନ୍ତି ତଥା ଭଲମନ୍ଦରେ କଥାବାର୍ତ୍ତା ହେଉଛନ୍ତି। କହିବାର ଅର୍ଥ ହେଉଛି ଆମର ଶାଳୀନ ତଥା ଶ୍ଳୀଳ ବ୍ୟବହାର ଆମକୁ ସମସ୍ତଙ୍କ ସହ ଅନ୍ତରଙ୍ଗ କରିଥାଏ। ତେଣୁ ମଣିଷ ତା'ର ଅହଂକାରକୁ ପରିହାର କରି ମଣିଷପଣିଆର ସମ୍ପର୍କ ଡୋରିରେ ବାନ୍ଧି ହୋଇଗଲେ ପଦପଦବୀ ତା' ପାଇଁ ଗୌଣ ହୋଇଯିବ, ଭେଦଭାବ ରୂପକ କାମଳ ରୋଗ ଦୂର ହୋଇଯିବ ଏବଂ ସବୁ ମଣିଷ ଆପଣାର ବୋଲି ଅନୁଭବ ହେବେ। କିନ୍ତୁ ଏତିକି ସାଧାରଣ ଜ୍ଞାନ ଓ ସାମାଜିକ ମୂଲ୍ୟବୋଧର ଅଭାବ ହିଁ ସମାଜରେ ବଡ଼ ସାନ, ଧନୀ ନିର୍ଦ୍ଧନ ଆଦି ଭେଦଭାବର ପାଚେରି ସୃଷ୍ଟି କରି ସମାଜରେ ଅରାଜକତା ସୃଷ୍ଟି କରୁଛି।



ଆଉ ଗୋଟିଏ ଛୋଟ ଉଦାହରଣ। ଘର ପାଖକୁ ଅନେକ ବନବାସୀ ମହିଳା ତାଙ୍କ କୃଷି ଓ ଜଙ୍ଗଲଜାତ ସାମଗ୍ରୀ ବିକ୍ରିକରିବାକୁ ଆସନ୍ତି। ସେମାନେ ଆମ ପରିବାରର ସଦସ୍ୟ ଭଳି ମନ ଖୋଲି କଥା ହୁଅନ୍ତି। ସୁବିଧା ଅସୁବିଧା କହନ୍ତି। ସେମାନେ ଭାରି ସ୍ୱାଭିମାନୀ ଏବଂ ସଚ୍ଚୋଟ। କାହାକୁ ଠକିବା, କାହାର କ୍ଷତି କରିଦେବା ସେମାନଙ୍କ ଆଦୌ ପ୍ରକୃତି କି ପ୍ରବୃତ୍ତି ନୁହେଁ। ସେମାନେ ସରଳ, ସଚ୍ଚୋଟ ଓ ବିଶ୍ୱାସୀ ମଣିଷ। ଯେତେବେଳେ ଆମେ ସେମାନଙ୍କ ସହ ଭଲ ବ୍ୟବହାର କରୁ ସେମାନେ ଆମକୁ ନିଜରକରି ସବୁ ସୁଖଦୁଃଖ କହି ଦିଅନ୍ତି। ତେଣୁ ମଣିଷ ମଣିଷପଣିଆ ନେଇ ବଞ୍ଚୁ। ପଦ, ପଦବୀ, କ୍ଷମତା ଆଦି ଭୌତିକ ସମ୍ପତ୍ତି କ୍ଷଣସ୍ଥାୟୀ ଏବଂ କ୍ଷଣଭଙ୍ଗୁର। କିନ୍ତୁ ସମାଜର ସବୁବର୍ଗର ଲୋକଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର, ସହଭାଗିତା ଓ ସହଯୋଗିତା ମଣିଷକୁ ଅମର କରିଦିଏ। ଶରୀର ତ୍ୟାଗ ପରେ ମଧ୍ୟ ମଣିଷ ବହୁବର୍ଷ ବଞ୍ଚିଯାଏ। ସ୍ନେହରଙ୍କୁଣା ମଣିଷମାନଙ୍କୁ କେବଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଶୃଙ୍ଖଳରେ ବାନ୍ଧିବା ସହଜ, ଦିଆନିଆ ବା ନାଲିଆଖି ଦେଖେଇ ନୁହେଁ। ହେଲେ ଘୁଷୁରି ପ୍ରକୃତି ପଙ୍କେ ଲୋଟେ ଆଉ ମଣିଷ...।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ଏଇ ଭାରତରେ

ପୁଣେର ଭୋଲେଶ୍ୱର ପାଲାଙ୍ଗେ ୨୫ ବର୍ଷ ଭିତରେ ୧ ଲକ୍ଷ ଚାରା ଉଡାରି ବାଣ୍ଟିବା ସହ ୧ ଲକ୍ଷ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ଏହି କାର୍ଯ୍ୟରେ ଭୋଲେଶ୍ୱରଙ୍କୁ ତାଙ୍କ ପରିବାର ସହଯୋଗ କରୁଛି। ଭୋଲେଶ୍ୱରଙ୍କୁ ବୟସ ଏବେ ୫୦। ସେ ଟାଟା କମ୍ପାନୀରେ କାମ କରନ୍ତି। ଦାୟିତ୍ୱ ଭିତରୁ ସମୟ ବାହାର କରି ଚାରା ପ୍ରସ୍ତୁତିରେ ଲାଗିଥାନ୍ତି। ଛୁଟିଦିନ କିମ୍ବା ମଧ୍ୟାହ୍ନଭୋଜନ ସମୟରେ ମଧ୍ୟ ସେ ଚାରାର ଯତ୍ନ ନେବାକୁ ଭୁଲନ୍ତି ନାହିଁ। ଭୋଲେଶ୍ୱର ପିଲାଦିନୁ ଗଛକୁ ଭଲ ପାଉଥିଲେ। ତାଙ୍କ ଘର ପାଖରେ ରହୁଥିବା ଜଣେ ଶିକ୍ଷକଙ୍କ ପରବେଶ ପ୍ରତି ଭଲ ପାଇବାକୁ ଲକ୍ଷ୍ୟକରି ସେ ଚାରା ପ୍ରସ୍ତୁତି ଓ ରୋପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ସେ ଓ ତାଙ୍କ ପରିବାର ପକ୍ଷରୁ ଲଗାଯାଇଥିବା ଗଛଗୁଡ଼ିକର ଉଚ୍ଚତା ୧୫ ଫୁଟରୁ ଅଧିକ ଉଚ୍ଚ ହୋଇଗଲାଣି। ବଡ଼କଥା ହେଉଛି, ଭୋଲେଶ୍ୱର ବ୍ୟବହୃତ କ୍ଷୀର ପ୍ୟାକେଟ, ଅନ୍ୟାନ୍ୟ ଜରି ଓ ଛୋଟ ବାକ୍ସ ସଂଗ୍ରହକରି ସେଥିରେ ଚାରା ଉତ୍ତାରୁଛନ୍ତି। ଏହାବ୍ୟତୀତ ପ୍ରତିଦିନ ପାଖ ଜଙ୍ଗଲରୁ ଛୋଟ ଛୋଟ ଚାରା ସଂଗ୍ରହ କରି ଲଗାନ୍ତି ଏବଂ ଉର୍ବର ମାଟି ଆଣି ତା' ମୂଳେ ଦେଇଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ଅଗଷ୍ଟ ୧୯୭୬**

- ଭାରତୀୟ ଜାତୀୟ କଂଗ୍ରେସରେ ନିଜକୁ ସାମିଲ କରିବା ପାଇଁ ୟୁନାଇଟେଡ୍ ଗୋଆନ୍ସ ପାର୍ଟି ନିଷ୍ପତ୍ତି ଘୋଷଣା କରିଛି।
- ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଯୋଗୁ ଲୋକସଭାର ବାଚସ୍ପତି ବଳିରାମ ଭଗତଙ୍କୁ ତାମ୍ରପତ୍ର ପ୍ରଦାନ।
- ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଜାହାଜ ଚଳାଚଳ ପାଇଁ ଏକ ରାଜିନାମା ସ୍ୱାକ୍ଷରିତ।

## ସୁଡୋକୁ

sudoku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 8 | 4 | |
| | 5 | | 8 | 7 | | | | |
| | 6 | 3 | | 4 | | | | |
| | | 1 | | | 2 | 5 | | |
| | | 7 | | | | | | |
| | 3 | | | 6 | 1 | 7 | | 2 |
| | 1 | | | | 6 | | | |
| | | | | 9 | | 2 | | |
| | | | | 1 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 6 | 5 | 9 | 2 | 8 | 1 |
| 5 | 6 | 1 | 8 | 7 | 2 | 3 | 9 | 4 |
| 9 | 2 | 8 | 4 | 3 | 1 | 7 | 5 | 6 |
| 2 | 1 | 5 | 3 | 4 | 6 | 9 | 7 | 8 |
| 3 | 7 | 6 | 9 | 2 | 8 | 4 | 1 | 5 |
| 8 | 4 | 9 | 7 | 1 | 5 | 6 | 2 | 3 |
| 1 | 5 | 4 | 2 | 9 | 3 | 8 | 6 | 7 |
| 6 | 9 | 3 | 1 | 8 | 7 | 5 | 4 | 2 |
| 7 | 8 | 2 | 5 | 6 | 4 | 1 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଣ୍ଣବୋଧରେ ତ୍ରୁଟି ଅକ୍ଷମଣୀୟ

ମହାଶୟ,
ଭକ୍ତକବିଙ୍କ ମୂଳ ବର୍ଣ୍ଣବୋଧକୁ ଜଣେ ବ୍ୟକ୍ତିଙ୍କ ଦ୍ୱାରା ସଂପାଦିତ ଓ ସଂକଳିତ କରାଯାଇ ରଙ୍ଗିନ ପରିପାଟୀ ସହ ବଡ଼ ଆକାରରେ ପ୍ରକାଶ କରାଯାଇଛି। ଏହି ବର୍ଣ୍ଣବୋଧରେ କିଛି ତ୍ରୁଟି ରହିଛି। ଯେମିତି ପୃଷ୍ଠା ୮ରେ ସ୍ଥାନିତ ଶବ୍ଦ- (ଲୁ ହୁ), ଯାହାର ଅର୍ଥ କୌଣସି ଭାଷାକୋଷରେ ନାହିଁ। ଏହା ଏକ ସଂପୂର୍ଣ୍ଣ ଅର୍ଥହୀନ ଶବ୍ଦ। ପୃଷ୍ଠା ୧୯ ଓ ୨୦ ବିବିଧ ପାଠ ସ୍ତମ୍ଭରେ କଜ୍ରଳପାତୀ ଓ ପୁସି ଶବ୍ଦ ସ୍ଥାନିତ, ଯାହାକି ପ୍ରକୃତରେ କଜଳପାତି ଓ ପୁଷି ହେବ। ସେହିପରି ପୃଷ୍ଠା ୩୧ରେ ସ୍ଥାନିତ ପଞ୍ଚାଏ ମୂଳ ବର୍ଣ୍ଣବୋଧରେ ଏହି ଶବ୍ଦଗୁଡ଼ିକର ରୂପ କ'ଣ ଅଛି। ଅସ୍ପଷ୍ଟତା ଯୋଗୁ ତାହା ଆଦୌ ଜାଣିବା ସମ୍ଭବ ହେଉନାହିଁ। ଆମର ଯାହା ହୃଦ୍‌ବୋଧ ହେଉଛି, ଭକ୍ତକବିଙ୍କ ଭଳି ପଣ୍ଡିତ ବ୍ୟକ୍ତି ଏଭଳି ତ୍ରୁଟି କେବେ କରି ନ ଥିବେ। ବର୍ଣ୍ଣବୋଧ ଭଳି ସର୍ବପ୍ରଥମ ଶିଶୁ ଅଭିଧାନରେ ଏଭଳି ଶବ୍ଦତ୍ରୁଟି ଆଦୌ ସ୍ପୃହଣୀୟ ନୁହେଁ । ଏକଥା ସଂକଳକ ତଥା ସଂପାଦକଙ୍କ ନଜରକୁ ଆସି ନାହିଁ କିପରି ?

**-ଚିନ୍ମୟ କୁମାର ମଲ୍ଲିକ, ଧଳସାହି ଛକ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିବାହର ଦିନ ଯାଇ ନାହିଁ ମୋର ସରିନାହିଁ ଯଉବନ
ଚିକ୍‌କଣ ଅଳକା ରଖିଛି ସାଇତି ନୀଳ ନଦୀ ଦରପଣ
ସିନ୍ଦୂର ଟୋପା ରହିଛି ଗୋଲାପେ
ନୟନର ପତା କଳାପୀ କଳାପେ
କଜ୍ଜଳ ରେଖା ଦିଗ୍‌ବଳୟେ ତ ଲିଭିନାହିଁ ଏତେକ୍ଷଣ
ବିବାହର ତିଥି ବାକି ନାହିଁ ମୋର ସରିନାହିଁ ଯଉବନ ।
-(ମଧୁ-ବିବାହ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ସମୂହ ଛୁଟିରେ ଜିଲ୍ଲାର ରାଜସ୍ୱ ଅମଲା

**ନବରଙ୍ଗପୁର, ୧୧।୮ (ସଦାଶିବ ପ୍ରହରାଜ)**

ରାଜ୍ୟ ରାଜସ୍ୱ ଅମଲାଙ୍କ ସାମୁହିକ ଛୁଟି ଡାକରାରେ ସୋମବାର ନବରଙ୍ଗପୁର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ଏଥିରେ ସାମିଲ ହୋଇଛନ୍ତି। ସଂଘର ୧୦ ଦଫା ଦାବିକୁ ରାଜ୍ୟ ସରକାର ପୂରଣ ନ କରିବାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଚାଲିବ। ୮ ତାରିଖରେ ଅମଲାମାନେ ନିଜ ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ ସହ ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଦାକ୍ଷିଣାଞ୍ଚଳ ଜୋନ୍ ସଭାପତି କୈଳାଶ ଚନ୍ଦ୍ର ଦାସ, ରାଜ୍ୟ ଉପସଭାପତି ଏସ୍. ଜଗଦୀଶ, ନବରଙ୍ଗପୁର ଜିଲ୍ଲା ସଭାପତି ଆଶୁତୋଷ ମହାନ୍ତି ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନ ସମୟରେ ଜନ ସାଧାରଣଙ୍କ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ପ୍ରକାଶ କରିଛନ୍ତି ଯେ, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରାଯାଇଥିଲା। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗତ ଜୁଲାଇ ୯ ତାରିଖରେ ପ୍ରାୟ ଅଢ଼େଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ୧୫ ଦିନ ଭିତରେ ଦାବିଗୁଡ଼ିକୁ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ପୂରଣ ହେଲାନି। ତେଣୁ ଅମଲାମାନେ ଧାରଣା ଦେଉଛନ୍ତି। ଏହି ଆନ୍ଦୋଳନ ଫଳରେ ସରକାରୀ ସେବା ପାଇବା ପାଇଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ। ସେଥିପାଇଁ ସେ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି।



ଧାରଣାରେ ସାମିଲ ହୋଇଥିବା ଅମଲାମାନେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ଜୟପୁର, ୧୧।୮ (ପବନ ପାଣିଗ୍ରାହୀ)**

କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍ ହାଡିଆରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର ଏବିଡିଓ ମନୋଜ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ ଓ ଡବ୍ଲ୍ୟୁଓ ଆଭା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମର ଗ୍ରାମବାସୀ ନଳକୂପ ଖନନ, ଡ୍ରେନ ନିର୍ମାଣ ଆଦି ଦାବି କରିଥିଲେ। ବିଭିନ୍ନ ସରକାରୀ ଯୋଜନା ଲାଭ ପାଇବା ନେଇ ଅଧିକାରୀମାନେ ସଚେତନ କରିଥିଲେ। ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା।

## ଅବକାରୀ ଚଢ଼ାଉ, ପୃଥକ୍ ସ୍ଥାନରୁ ୨ ଗିରଫ

**ନନ୍ଦାହାଣ୍ଡି, ୧୧।୮ (ପ୍ରତାପ କୁମାର ଦାଶ)**

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡିରେ ଅବକାରୀ ବିଭାଗ ଦ୍ୱାରା ବିପୁଳ ପରିମାଣ ର ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ନନ୍ଦାହାଣ୍ଡି ବ୍ଲକ ଖାତିଗୁଡା ଥାନା ଅଧୀନ ଲଙ୍ଗଳଅଟାଳ ଗ୍ରାମର ଭୀମ ଚୌଧୁରୀ ଓ ନବରଙ୍ଗପୁର ଥାନା ଅଧୀନ ସୁରୁଗୁଡା ଗ୍ରାମର ଡାଲିମ୍ବ ବିଷୋୟୀ। ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଲଙ୍ଗଳଅଟାଳ ଗ୍ରାମରେ ଚଢାଉ କରି ଭୀମ ଚୌଧୁରୀଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୪୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ସେହିଭଳି ସୁରୁଗୁଡା ଗ୍ରାମରେ ଚଢ଼ାଉବେଳେ ଡାଲିମ୍ବ ବିଷୋୟୀଙ୍କ ନିକଟରୁ ୧୧.୯୭୫ ଲିଟର ବିଅର, ୪.୩୨୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ତାଙ୍କ ଘରୁ ୪୫୦ ଲିଟର ମହୁଲ ପୋଚ ଜବତ ସହ ନଷ୍ଟ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଛି। କେସ ନମ୍ବର ୫୩/୨୦୨୫-୨୬ ଓ ୫୪/୨୦୨୫-୨୬ ରେ ଅବକାରୀ ବିଭାଗ, ନବରଙ୍ଗପୁର ରେଞ୍ଜରେ ମକଦ୍ଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଅବକାରୀ କର୍ମଚାରୀ ରଞ୍ଜୀ ଜାନି, ରେଶମା ସୁନା ଓ ଅକ୍ରମ୍ ଖାନ୍ ସହଯୋଗ କରିଥିଲେ।


**ଜିଲ୍ଲା ପରିଷଦ, ବୌଦ୍ଧ**
**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**
ସଂଖ୍ୟା. ୨୧୫୭ ତାରିଖ. ୦୬.୦୮.୨୦୨୫

**ବିଜ୍ଞାପନ**

**No.CAD-1419 :** ଏତଦ୍ୱାରା ବୌଦ୍ଧ ଜିଲ୍ଲାର ସମସ୍ତ ଜନସାଧାରଣ, ଜବ୍‌କାର୍ଡଧାରୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ହିତାଧିକାରୀ ଏବଂ ଲୋକ ପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଆର୍ଥିକ ବର୍ଷ ୨୦୨୫-୨୬ (ପ୍ରଥମ ଚକ୍ର) ତା. ୦୧.୧୦.୨୦୨୪ ରିଖଠାରୁ ତା. ୩୧.୦୩.୨୦୨୫ ରିଖ ପର୍ଯ୍ୟନ୍ତ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବର୍ଷ ୨୦୨୪-୨୫ ଅବଧିରେ କରାଯାଇଥିବା ସମସ୍ତ ପ୍ରକଳ୍ପ ଏବଂ ବିତରଣ ଖାଦ୍ୟ ସାମଗ୍ରୀର ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଅଛି। ଏଥି ନିମନ୍ତେ ଯଦି କୌଣସି ଆପତ୍ତି ଅଭିଯୋଗ ଥାଏ, ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ।


| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ (ପୂର୍ବାହ୍ନ ଘ.୧୦.୩୦ ଟିକା) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ ଅଧିକାରୀ |
|---|---|---|---|
| ବୌଦ୍ଧ | ୧୯.୦୮.୨୦୨୫ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ | ଅତିରିକ୍ତ ଜିଲ୍ଲାପାଳ, ବୌଦ୍ଧ |
| ହରଭଙ୍ଗା | ୨୦.୦୮.୨୦୨୫ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ |
| କଣ୍ଟାମାଳ | ୨୧.୦୮.୨୦୨୫ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ | ଉପଜିଲ୍ଲାପାଳ, ବୌଦ୍ଧ |

ଏଣୁ ଉକ୍ତ ବ୍ଲକସ୍ତରୀୟ ଜନଶୁଣାଣିରେ ଆପଣମାନେ ବହୁ ସଂଖ୍ୟାରେ ଯୋଗଦେଇ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ଆପଣଙ୍କର ସୁଚିନ୍ତିତ ମତାମତ ଦେବାକୁ ବିନମ୍ର ଅନୁରୋଧ।

ସ୍ୱା./- ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ
OIPR-19234/11/0004/2526


## 'ଆନ୍ଦୋଳନରେ ସରକାରଙ୍କ ଉପରେ ଚାପ ପଡ଼ିବନି'

**କୋରାପୁଟ/ଜୟପୁର, ୧୧।୮ (ଅମିତାଭ ବେହେରା/ ପବନ ପାଣିଗ୍ରାହୀ)**



ଜଣେ ଅମଲା ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି ।

ରାଜସ୍ୱ ଅମଲା ସଂଘ ୧୦ ଦଫା ଦାବି ନେଇ ସୋମବାରଠାରୁ ଓହ୍ଲାଇଥିବା ଆନ୍ଦୋଳନକୁ ଓଡ଼ିଶା ଅମଲା ସଂଘ ଅସହଯୋଗ କରିଛି। ବିଭିନ୍ନ ସ୍ଥାନରେ ଖବରଦାତା ସମ୍ମିଳନୀ କରି ସଂଘର ଆଭିମୁଖ୍ୟ ସ୍ପଷ୍ଟ କରିଛି। ରବିବାର ଜୟପୁରରେ କୋରାପୁଟ ଜିଲ୍ଲା ଓଡ଼ିଶା ଅମଲା ସଂଘ ସଭାପତି ଶଶୀଭୂଷଣ ଦାଶ ଖବରଦାତା ସମ୍ମିଳନୀ କରି ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ଡାକରାକୁ ସମ୍ପୂର୍ଣ୍ଣ ବିରୋଧ କରୁଥିବା ନେଇ ସ୍ପଷ୍ଟୀକରଣ ଦେଇଥିଲେ। ତଳ ଦିନରେ ରାଜସ୍ୱ ଅମଲା ସଂଘ ସମସ୍ତ ଜିଲ୍ଲାସ୍ତରୀୟ ଅମଲାଙ୍କୁ କୁଠାରାଘାତ କରିଥିବା କହିଥିଲେ। ସୋନପୁରଠାରେ ଓଡ଼ିଶା ଅମଲା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ ସମ୍ମିଳନୀ କରି ସମାନ କଥା କହିଛନ୍ତି। ଆନ୍ଦୋଳନ ସମୟରେ ବିଭିନ୍ନ ଜିଲ୍ଲାରେ ରାଜସ୍ୱ ଅମଲା ନିଜ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସୂଚନା ମିଳିଛି। ସେହିପରି ୱାଇ.ଶ୍ରୀନିବାସ ରାଓ ବୈପାରୀଗୁଡ଼ା ତହସିଲରେ କାର୍ଯ୍ୟରତ ଅଧିକାରୀ ଜଣେ ରାଜସ୍ୱ ଅମଲା ହୋଇଥିବା ସ୍ଥଳେ ସଂଘର ଆନ୍ଦୋଳନ ଡାକରାକୁ ନ ମାନି ପୂର୍ବ ପରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ମତ ପ୍ରକାଶ ପାଇଛି।

## ଅନ୍ତର୍ଜାତୀୟ ଯୁବ ପରିବେଶବିତ୍ ସମ୍ମାନ ପାଇଁ ହର୍ଷିତା ମନୋନୀତ

**ଜୟପୁର, ୧୧।୮ (ପବନ ପାଣିଗ୍ରାହୀ)**

ଅନ୍ତର୍ଜାତୀୟ ଯୁବ ପରିବେଶ ବିତ ସମ୍ମାନ ପାଇଁ କୋରାପୁଟ ଜିଲ୍ଲାର ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ମନୋନୀତ ହୋଇଛନ୍ତି। ଆକ୍ସନ ଫର ନେଚେର ଅନୁଷ୍ଠାନ ସାନଫ୍ରାନ୍ସିକ, ଆମେରିକା ପକ୍ଷରୁ ବିଶ୍ୱର ୮ରୁ ୧୬ ବର୍ଷ ମଧ୍ୟରେ ଯୁବ ପରିବେଶବିତଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ଏଥିରେ ଚଳିତବର୍ଷ ବିଶ୍ୱର ୪୩ ଦେଶ, ଆମେରିକାର ୨୨ ରାଜ୍ୟର ୪୫୭ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିରୁ ୧୪ବର୍ଷ କମ ବର୍ଗରେ ଜୟପୁର ପ୍ରକାଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ହର୍ଷିତା ଜୈବ ବିବିଧତାରେ ପାରମ୍ପରିକ ଦେଶୀ ବିହନ ସଂରକ୍ଷଣ, ବ୍ୟାପକ ଚାଷ, ଓ ବିସ୍ମୃତ ଖାଦ୍ୟର ସଚେତନତା ପାଇଁ ଦ୍ୱିତୀୟ ହୋଇ ୪୦୦ ଆମେରିକା ଡଲାର, ମାନପତ୍ରରେ ସମ୍ମାନିତ ହୋଇଛନ୍ତି। ବିଶ୍ୱରେ ତାଙ୍କର କାର୍ଯ୍ୟର ପ୍ରସାର ପାଇଁ ଅନୁଷ୍ଠାନ ପକ୍ଷରୁ ସହଯୋଗ ପାଇବେ। ହର୍ଷିତା ଦେଶୀ ଧାନ, ମାଣ୍ଡିଆ, ଓ ଶୁଁଆର ସଂରକ୍ଷଣ, ବ୍ୟାପକ ଚାଷ ଓ ବିସ୍ମୃତ ଖାଦ୍ୟର ପ୍ରସାର ନିମନ୍ତେ କାର୍ଯ୍ୟ କରି ଦେଶ, ରାଜ୍ୟ ଓ ଜିଲ୍ଲାସ୍ତରରେ ସମ୍ମାନିତ ହୋଇଛନ୍ତି। ସେ ୱେଲ ଅଫ ଓଡ଼ିଶା, କୃଷକ ରତ୍ନ, ଆଇଡିଆ ୟଙ୍ଗ ଷ୍ଟାର-୨୪, ପ୍ରକୃତି ବନ୍ଧୁ, ଫୁଡ୍ ହୀରୋ, ଇଣ୍ଡିଆ ବୁକ ଅଫ ରେକର୍ଡ, ପ୍ରଫେସର୍ ରାଧାମୋହନ ବିହନ ବ୍ୟାଙ୍କ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି।



ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି


**ପୂର୍ବ ତଟ ରେଳପଥ**

ଇ-କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. Ref. SDMM/KUR/EP/2025-26/E-procurement Tender Notice/06, ତା.07.08.2025ରିଖ

(1) ଟେଣ୍ଡର ସଂ. 81256043

**କ୍ରମ ସଂ.1 :** ସାମଗ୍ରୀଗୁଡ଼ିକର ବିବରଣୀ : ମେସର୍ସ ସଙ୍କ୍ କାର୍ବନ ଟେକ୍ନୋଲୋଜି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (M/s. Schunk Carbon Technology India Pvt. Ltd.) ମଡେଲ-WBL 22.03 କିମ୍ବା ଅନୁରୂପର 3-ଫେଜ୍ MEMU ନିମନ୍ତେ ବେସ୍ ଇନ୍ସୁଲେଟର ଗୁଡ଼ିକ ସହିତ ନ୍ୟୁମାଟିକ୍ ନିୟନ୍ତ୍ରଣ ୟୁନିଟ୍ ଏବଂ ଭାଲ୍ବ ଆସେମ୍ବ୍ଲି ଦ୍ୱାରା ସମ୍ପୂର୍ଣ୍ଣ ପାଣ୍ଟୋଗ୍ରାଫ ଆସେମ୍ବ୍ଲି, ପରିମାଣ-10 ଗୋଟି ।

(2) ଟେଣ୍ଡର ସଂ. 81256009

**କ୍ରମ ସଂ.2 :** ସାମଗ୍ରୀଗୁଡ଼ିକର ବିବରଣୀ : 5 ବର୍ଷର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ସହିତ ଭୂସମାନ୍ତର ଡ୍ରିଲିଂ ଏବଂ ଟାପିଙ୍ଗ୍ ମେସିନ୍ ଇତ୍ୟାଦିର ଯୋଗାଣ, ଭିତ୍ତିଭୂମି, ସଂସ୍ଥାପନ, ପ୍ରଚଳନ ଏବଂ ପ୍ରମାଣିତ ପରୀକ୍ଷା, ପରିମାଣ-01 ଗୋଟି ।

**ବନ୍ଦ ହେବା ତାରିଖ ଓ ସମୟ :** ତା.01.09.2025ରିଖ 1500 ଘଟିକାରେ (ଉଭୟ କ୍ରମ ସଂ. ନିମନ୍ତେ) ।

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ www.ireps.gov.in ରେ ଅପ୍‌ଲୋଡ୍ କରାଯାଇଛି ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-457/Q/25-26



**କାନାରା ବ୍ୟାଙ୍କ Canara Bank** A Government of India Undertaking | ସିଣ୍ଡିକେଟ Syndicate

 କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବନ୍ଧକ ସୁନା ଅଳଙ୍କାରଗୁଡିକର ଇ-ନିଲାମ ବିଜ୍ଞପ୍ତି**

କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖାର ଶାଖା ମୁଖ୍ୟମାନଙ୍କ ଦ୍ୱାରା ସୁନା ଋଣ ବାବଦ ବ୍ୟାଙ୍କର ବକେୟା ଦେୟ ପରିଶୋଧ କରିବା ପାଇଁ ସୁନା ଋଣଗ୍ରହୀତାମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ସୁନା ଅଳଙ୍କାରଗୁଡ଼ିକୁ "ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ଅନ୍‌ଲାଇନ୍ ନିଲାମ କରାଯିବ। ଅନ୍‌ଲାଇନ୍ ନିଲାମ https://egold.auctiontiger.net ମାଧ୍ୟମରେ ଅନୁଷ୍ଠିତ ହେବ।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୦୮.୨୦୨୫ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା
ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୬.୦୮.୨୦୨୫ ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ
ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୬.୦୮.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ | ମୋଟ ଓଜନ ଏବଂ ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| **ଅଡସପୁର ଶାଖା (୦୨୮୩), ମୋ.: ୭୬୦୫୦୦୯୦୪୭, IFSC CODE-CNRB0000283** | | | | |
| ୧. | ଝରଣା ଭୋଇ, ସ୍ୱାମୀ: ଜଗବନ୍ଧୁ ଭୋଇ, ସା: ସଲେଇବେଦପୁର, ପୋ: ଅଁଳ, କଟକ, ଓଡ଼ିଶା, ପିନ୍-୭୫୪୦୧୦ / ୧୮୦୦୮୨୯୯୮୦୬୨ | ଟ.୨୧,୯୩୭/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୪୦,୦୦୦/- | ୬.୨ ଏବଂ ୫ |
| **ପାରାଦୀପ ଶାଖା (୧୪୩୫), ମୋ.: ୭୬୦୫୦୦୯୦୯୭, IFSC CODE-CNRB0001435** | | | | |
| ୧. | ବିଶ୍ୱଜିତ ଦାଶ, ପିତା: ବସନ୍ତ କୁମାର ଦାଶ, ବଡ଼ପଡିଆ, ଜଗତସିଂହପୁର, ପାରାଦୀପ, ଓଡ଼ିଶା, ପିନ୍-୭୫୪୧୪୨ / ୧୮୦୪୦୬୬୨୬୨୫୦ | ଟ.୩,୮୧,୫୯୩/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୫,୪୯,୦୦୦/- | ୭୬.୧ ଏବଂ ୬୧ |
| **ଭଉରଣ ଶାଖା (୪୪୨୪), ମୋ.: ୭୬୦୫୦୦୯୦୯୯, IFSC CODE-CNRB0004424** | | | | |
| ୧. | ସୁଚିତ୍ରା ବେହେରା, ସ୍ୱାମୀ: ମଙ୍ଗୁଳି ବେହେରା, ସା: ଏରଞ୍ଚ, ପୋ: ଏରଞ୍ଚ, କଟକ, ଓଡ଼ିଶା, ପିନ୍-୭୫୪୧୦୫ / ୧୮୦୩୫୨୧୮୮୬୬୭ | ଟ.୪୫,୨୨୬/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୭୦,୦୦୦/- | ୧୦.୧ ଏବଂ ୮ |
| **ଝାରପଡା ଶାଖା (୪୯୭୨), ମୋ.: ୭୬୦୫୦୦୯୦୯୫, IFSC CODE-CNRB0004972** | | | | |
| ୧. | ରୁଦ୍ରନାରାୟଣ ପାଢ଼ୀ, ପିତା: ପ୍ରଶାନ୍ତ କୁମାର ପାଢ଼ୀ, ସା/ପୋ: ବସୁନ୍ଦରା, ଭାୟା: ବିରିଡି ରୋଡ, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୧ / ୧୬୪୦୪୦୨୦୭୯୮୯ | ଟ.୧୬,୦୦୦/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୩୭,୬୫୯/- | ୪.୪ ଏବଂ ୩.୯୬ |
| ୨. | ରୁଦ୍ରନାରାୟଣ ପାଢ଼ୀ, ପିତା: ପ୍ରଶାନ୍ତ କୁମାର ପାଢ଼ୀ, ସା/ପୋ: ବସୁନ୍ଦରା, ଭାୟା: ବିରିଡି ରୋଡ, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୧ / ୧୮୦୩୭୯୦୬୫୧୧୮ | ଟ.୧,୫୯,୫୪୯/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୨,୮୨,୦୧୯/- | ୩୨.୯୫ ଏବଂ ୨୯.୬୫ |
| ୩. | ରୁଦ୍ରନାରାୟଣ ପାଢ଼ୀ, ପିତା: ପ୍ରଶାନ୍ତ କୁମାର ପାଢ଼ୀ, ସା/ପୋ: ବସୁନ୍ଦରା, ଭାୟା: ବିରିଡି ରୋଡ୍, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୧ / ୧୮୦୪୦୮୮୩୮୯୮୭ | ଟ.୧,୪୨,୮୮୫/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୨,୫୮,୭୩୮/- | ୩୦.୨୩ ଏବଂ ୨୭.୨ |
| **ଗୋପିନାଥପୁର ଶାଖା (୯୨୪୧), ମୋ.: ୭୬୦୫୦୦୯୦୮୧, IFSC CODE-CNRB0009241** | | | | |
| ୧. | ସାହିସ୍ତା ପରୱିନ୍, ଭଗବାନପୁର, ପିତେଇପୁର, କାଦୁଅପଡା, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୬ / ୧୬୪୦୩୨୫୨୯୮୬୦ | ଟ.୧,୫୯,୪୧୨/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୯୨,୦୦୦/- | ୧୩.୭ ଏବଂ ୧୦ |
| ୨. | ସାହିସ୍ତା ପରୱିନ୍, ଭଗବାନପୁର, ପିତେଇପୁର, କାଦୁଅପଡା, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୬ / ୧୬୪୦୩୨୫୩୩୯୨୬ | ଟ.୧,୫୯,୪୧୨/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୭୫,୪୦୦/- | ୧୧ ଏବଂ ୮.୨ |
| **ସିଡ଼ିଏ ଶାଖା (୧୮୦୯୪), ମୋ.: ୯୪୩୭୪୯୬୦୭୧, IFSC CODE-CNRB0018094** | | | | |
| ୧. | ପ୍ରଭାତ କୁମାର ପାତ୍ର, ପିତା: ପଞ୍ଚାନନ ପାତ୍ର, ସା: କଳାମାଟିଆ, ପୋ: କାଇପଦା, ବରୀ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୦ / ୧୮୦୦୮୮୭୮୬୪୮୩ | ଟ.୯୦,୨୮୪.୬୮ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୩,୨୮,୪୪୦/- | ୩୯.୭୫ ଏବଂ ୩୫.୭ |

ଅମାନତ ଜମା ବିବରଣୀ: ଆକାଉଣ୍ଟ ନଂ.: ୨୦୯୨୭୨୪୩୪, ଆକାଉଣ୍ଟର ନାମ: CANARA BANK, IFSC Code: ସମ୍ପୃକ୍ତ ଶାଖାର IFSC Code, ଅମାନତ ଜମା ରାଶି: ଟ.୨୫,୦୦୦/-

ଯାଞ୍ଚ ଓ ଅନ୍ୟ କୌଣସି ଅନୁସନ୍ଧାନ ପାଇଁ ଦୟାକରି ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ। ନିଲାମଧାରୀମାନେ ଅମାନତ ଜମା ଦାଖଲ ତାରିଖ ସୁଦ୍ଧା କେୱାଇସି କାଗଜାତ୍ ଏବଂ ପ୍ରତି ଶାଖା ପିଛା ଅମାନତ ରାଶି ଜମା କରିବେ। ଅଧିକ ସୂଚନା ପାଇଁ ଦୟାକରି e-Procurement Technologies Limited (Auction Tiger), ମୋ: 9023724780 କିମ୍ବା 6359575981ରେ ଯୋଗାଯୋଗ କରନ୍ତୁ। ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି https://egold.auctiontiger.net ଦେଖନ୍ତୁ।

ସ୍ଥାନ : କଟକ, ତାରିଖ : ୧୧.୦୮.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**DISTRICT PROJECT OFFICE**
SAMAGRA SHIKSHA, SUNDARGARH, ODISHA
In front of B.S. High School, At/Po/Dist - Sundargarh, Pin - 770001
Email - dpcsndgssa.opepa@nic.in Phone No. - 06622-273718
No.2676/GE/Date : 11.08.2025

**EXPRESSION OF INTEREST (EOL) IS INVITED FOR PROCUREMENT AND SUPPLY OF SCHOOL UNIFORM FOR SECONDARY SCHOOLS FOR CLASS IX & X FROM MSE (MANUFACTURING UNITS)/WSHG UNITS OF SUNDARGARH DISTRICT**

Interested MSE Manufacturing units/WSHGs units having Willingness and aptitude for providing school uniforms to schools are invited to submit their proposals before the concerned Block Education Officer in the prescribed format within 10 (Ten) days of this advertisement i.e, on or before 22.08.2025 from the MSE Manufacturing units/WSHGs units for supply of uniform for secondary schools for Class IX & X. The detailed terms and conditions for supply of uniform can be downloaded from the district official website http://www.sundargarh.odisha.gov.in

By the order of Collector & DM, Sundargarh
Sd./-DEO-cum-DRC, SS Sundargarh



**Government of Jharkhand**
**Department of School Education and Literacy**
**(Jharkhand Education Project Council, Ranchi)**
J.S.C.A. Stadium Road, Sector.-III, Dhurwa, Ranchi-834004
Phone:0651-2444501, E-Mail: jepcranchi1@gmail.com

**Tender Notice**

JEPC invites Separate Technical & Financial Bids from eligible and interested contractors for Constructions of Physics/Chemistry/Biology Lab in Secondary and Higher Secondary Schools in different blocks/district of Jharkhand. Interested and eligible bidders are requested to submit their proposal latest by 26.08.2025 at 2.00 PM.

The details of tender document can be seen and applied through website **http://jepc.jharkhand.gov.in** only.

Sd/-
State Project Director
Jharkhand Education Project Council

Ref. No.: JEPC/CIV/03/1604/2025/3063 Ranchi, Date :- 08.08.2025
PR.NO.359327 Jharkhand Education Project Council(25-26):D



**WORKS DEPARTMENT**
**OFFICE OF THE SUPERINTENDING ENGINEER**
**BHADRAK (R&B) DIVISION**
No.B-388 e-mail : bhadrakrnbdivision@gmail.com

**Government of Odisha "e" Procurement Notice**
**Bid Identification No. SE (R&B) BDK-10/2025-26**
**No.6257/dt.-05.08.2025**

| | |
|---|---|
| Nature of work | : Civil & EI Works |
| Number of works | : 3 (Three) Nos |
| Amount put to Tender | : Rs.9.54 to 50.89 |
| Class of Contractor | : B Class, B&C, HT or MV with Authorised Dealer of OEM |
| Date & Time of availability of bid document in the portal | : 16.08.2025 |
| Last Date / Time of receipt of bid in the portal | : 25.08.2025 up to 05.00 PM |
| Date of opening of bid | : Dt.26.08.2025 at 11.30 AM |
| Name & address of the Office inviting bid | : Superintending Engineer, Bhadrak (R&B) Division |

The bidders have to participate in ONLINE bidding only
Further details can be seen from the e-procurement portal : "http//tendersodisha.gov.in."
All future corrigendum will be available on ONLINE mode only

Sd./- Superintending Engineer
Bhadrak (R&B) Division
OIPR-34079/11/0026/2526



**କାନାରା ବ୍ୟାଙ୍କ Canara Bank** | ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧, ମୋ.: ୭୯୭୮୫୪୮୪୮୩

**ଯନ୍ତ୍ରପାତି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ବଡି ମେସିନ୍ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| ଶାଖାର ନାମ / ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ / ଆକାଉଣ୍ଟ ନଂ. / ଋଣପ୍ରଦାନ ତାରିଖ / ଏନ୍‌ପିଏ ତାରିଖ | ଯନ୍ତ୍ରପାତିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି |
|---|---|---|---|
| ନଖରା ଶାଖା (୩୫୨୪) / ଫୋନ୍: ୭୬୦୫୦୦୯୦୮୯ | ରୀନା ଭୋଇ / ୧୮୪୦୦୨୪୧୪୯୯୭ / ୧୦.୦୩.୨୦୨୩ / ୧୮.୦୫.୨୦୨୪ | (1) GRINDING MACHINE-5KG, (2) BADI DROPING MACHINE, (3) DRYER, (4) WEIGH MACHINE, (5) PACKING MACHINE | ଟ.୪୮,୮୦୦/- / ଟ.୪,୮୮୦/- |

ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "………………… କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ତା.୨୬.୦୮.୨୦୨୫ରିଖ ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡ଼ିକ ତା.୨୭.୦୮.୨୦୨୫ରିଖ ଦିନ ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ ସମ୍ପୃକ୍ତ ଶାଖାକୁ ପୈଠ ଦର୍ଶାଇ ଦାଖଲ କରିବେ।
୩. ଯନ୍ତ୍ରପାତିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ତା.୨୬.୦୮.୨୦୨୫ରିଖ ସୁଦ୍ଧା ଯାଞ୍ଚ କରିପାରିବେ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ / ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ।
୬. ଅମାନତ ଜମା ରାଶି ଦାଖଲ କରିବାର ଅନ୍ତିମ ତାରିଖ: ୨୬.୦୮.୨୦୨୫।

ଏହି ନୋଟିସ୍ ଦ୍ୱାରା ଯନ୍ତ୍ରପାତିର ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ୧୫ ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଯନ୍ତ୍ରପାତି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।

ସ୍ଥାନ: କଟକ, ତାରିଖ: ୧୧.୦୮.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**NCC GROUP HEADQUARTERS, CUTTACK**

1. Applications are invited from retd. offrs. of the Armed Forces for the post of Manager for CSD of NCC Gp. HQs, Cuttack.
2. **Qualifications & Terms of Employment.**
(a) Rk - Retd. Lt. Col. / Col.
(b) Age - Max 60 yrs.
(c) Min. 5 yrs experience in handling Type 'F' Cat | CSD.
(d) Knowledge of IT & Accts.
(e) Experience in HR mgt.
(f) Residing within 30 kms around Cuttack.
(g) Well versed with labour laws and policies/guidelines on CSD & QD Fund.
(h) Consolidated monthly pay of Rupees Sixty Thousand only (Rs 60,000/-) (Negotiable)
(j) Not emp in any Govt/ Semi Govt/Pvt Org.
(k) 11 months on contractual basis (Max four tenures can be given)
3. Interested retd offrs to send their resume alongwith copy of PPO, Discharge Book & self certificate (No recordable discp award in career) to the address below:-
OIC CSD
NCC Gp HQs, Cuttack
SO-15, Cantonment Road
Near Senior Police Officers' Mess
Cuttack-753001
**e mail : gphqcuttack@nccorissa.org**
**Mob :7893123452**
4. Last date for submission of applications is **25 Aug. 2025**.



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ଭୁବନେଶ୍ୱର

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଏହା ପରେ "ବ୍ୟାଙ୍କ" ରୂପେ ଉଲ୍ଲେଖିତ), ଭୁବନେଶ୍ୱର ଏହାର ଔଷଧାଳୟ ଗୁଡିକରେ ଔଷଧ ଯୋଗାଣ ପାଇଁ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରତିଷ୍ଠିତ ଏବଂ ଅଭିଜ୍ଞ କେମିଷ୍ଟ / ଷ୍ଟକିଷ୍ଟମାନଙ୍କଠାରୁ ଦୁଇ ଭାଗରେ (ବୈଷୟିକ ଏବଂ ଆର୍ଥିକ ବିଡ୍) ଇ-ଟେଣ୍ଡର ପାଇଁ ଆବେଦନ ଆହ୍ୱାନ କରୁଅଛି ।

ଟେଣ୍ଡରର ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟ୍ (https://www.rbi.org.in) ର "ଟେଣ୍ଡର୍ସ" ବିଭାଗକୁ ଯାଆନ୍ତୁ କିମ୍ବା ଅଧିକ ବିବରଣୀ ପାଇଁ ମାନବ ସମ୍ବଳ ପରିଚାଳନା ବିଭାଗ, ଆରବିଆଇ ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ । MSTC ପୋର୍ଟାଲ (https://www.mstcecommerce.com/eprocn) ରେ ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ୨୯ ଅଗଷ୍ଟ, ୨୦୨୫ ଅପରାହ୍ନ ୦୨:୦୦ ଟା ପର୍ଯ୍ୟନ୍ତ ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭାରତୀୟ ରିଜର୍ଭ ବ୍ୟାଙ୍କ
ଭୁବନେଶ୍ୱର



**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना



नाम परीना खातून, उम्र करीब–19 वर्ष, रंग–साँवला, ऊँचाई–05 फीट पहनावा–पीला रंग का सलवार सूट पहनी हुई है।

उपरोक्त लापता महिला परीना खातून, उम्र–19 वर्ष, लुकमान अंसारी, ग्राम–चोड़ा, थाना–चान्हो, जिला–राँची जो दिनांक–09.07.2025 को अपने घर से सिलाई सेन्टर को कहकर निकली जो आजतक अपने घर वापस नहीं आई है। जिसके संबंध में चान्हो थाना सनहा संख्या–10/2025, दिनांक–23.07.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID (rnc-dcb@jhpolice.gov.in)
पुलिस उपाधीक्षक, खलारी, राँची। – 9431742777
थाना प्रभारी चान्हो, राँची। – 9431706184

पुलिस उप–महानिरीक्षक–सह–वरीय पुलिस अधीक्षक, राँची
PR 359361 Police (25-26)_D



**GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVSION, JEYPORE**
E-mail ID : mijeypore@yahoo.co.in

**NOTICE INVITING TENDER**
**E-Procurement Notice**
**Bid Identification No. MIDJEY - 04/2025-26**

**Letter No.1195** **Dt.08.08.2025**

**No.A-481** : The Superintending Engineer, Minor Irrigation Division, Jeypore on behalf of Governor of Odisha invites **Percentage rate** bids in Single Cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in.

1. Name of the work : Improvement to MIPS under DPIW and Critical Grant 2025-26.
2. Total Number of work : 15 (Fifteen) Nos.
3. Estimated cost : Approximately Rs.8.20 to 42.05 lakhs.
4. Period of completion : 02 (Two), 03 (Three) and 04 (Four) Calendar Months
5. Class of Contractor : "D", "C" and "B" Class Contractor
6. Date and time of availability of bid documents in the portal : From 10.00 A.M. of 16.08.2025 to 5.00 P.M. of 29.08.2025
7. Last date/time for receipt of bids in the portal : 5.00 pm on 29.08.2025
8. Date of opening of bid : At 11.00 A.M. on 30.08.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Website : www.tendersorissa.gov.in

Sd./- Superintending Engineer
M.I. Division, Jeypore
OIPR-32374/11/0013/2526

# ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବେ ରାୟଗଡ଼ାର ୩ ଖେଳାଳି

■ ଏସିଆନ୍ ପାୱାର ଲିଫ୍ଟିଂରେ ଭାରତ ଟିମ୍‌କୁ ପ୍ରତିନିଧିତ୍ୱ କରିବେ
■ ସାହାଯ୍ୟ ପାଇଁ ପ୍ରଶାସନକୁ ଗୁହାରିକରି ନିରାଶ ୨ ଖେଳାଳି

ରାୟଗଡା, ୧୧।୮ (ଭାଗ୍ୟଶ୍ରୀ ମିଶ୍ର)

ଅନ୍ତର୍ଜାତୀୟ ଏସିଆନ୍ ପାୱାର ଲିଫ୍ଟିଂରେ ଭାରତ ଟିମ୍‌କୁ ପ୍ରତିନିଧିତ୍ୱ କରିବେ ରାୟଗଡ଼ାର ୩ ଜଣ ଖେଳାଳି। ହେଲେ ଅର୍ଥ ଅଭାବ ସାଙ୍ଗକୁ ଉଚିତ ସୁବିଧା ସୁଯୋଗ ମିଳୁ ନ ଥିବାରୁ ଅଭ୍ୟାସରେ ବାଧା ସୃଷ୍ଟି ହେବା ସହ ଖେଳିବାକୁ ଯିବା ପାଇଁ ଅର୍ଥ ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି ୩ ଖେଳାଳି। ଜିଲା ପ୍ରଶାସନ ପକ୍ଷରୁ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ କ୍ରୀଡ଼ାରେ ଆହୁରି ଭଲ ପ୍ରଦର୍ଶନକରି ରାୟଗଡ଼ାକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଆଶା ରଖିଛନ୍ତି ବୋଲି ଖେଳାଳି ଦୋରା କଣ୍ଡାଗରୀ, ପିଙ୍କି ହୁଇକା, ଏବଂ ରବି ନାରାୟଣ ନାୟକ କହିଛନ୍ତି।

ନେପାଳର କାଠମାଣ୍ଡୁରେ ଅଗଷ୍ଟ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ରାୟଗଡ଼ାର ଏହି ୩ ଖେଳାଳି ଭାଗନେବାକୁ ଚୟନ ହୋଇଛନ୍ତି। ରାୟଗଡ଼ାରୁ ପିଙ୍କି ହୁଇକା ବରିଷ୍ଠ ବର୍ଗ ୫୩ କେ.ଜି. କାଟେଗୋରି ପାଇଁ, ଦୋରା କଣ୍ଡାଗରୀ ୯୪ କେ.ଜି. ସିନିୟର ବର୍ଗ ପାଇଁ ଏବଂ ରବି ନାରାୟଣ ନାୟକ ପାରା ଶକ୍ତି ଉତ୍ତୋଳନ ପ୍ରତିଯୋଗିତାର ୧୦୫ କେ.ଜି. ବର୍ଗ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡ଼ିଛି। ଏମାନଙ୍କ ସହ ଭାରତୀୟ ଟିମ୍‌ରେ ଭୁବନେଶ୍ୱର ସହ ଓଡ଼ିଶାର ବିଭିନ୍ନ ଜିଲାରୁ ଖେଳାଳି ଭାଗନେବା ପାଇଁ ଚୟନ ହୋଇଛନ୍ତି। ଉକ୍ତ ଖେଳାଳିମାନେ ରାୟଗଡ଼ାର ଆମ୍ବାଗୁଡ଼ାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଜିମ୍‌ରେ ଅଭ୍ୟାସ କରିଆସୁଛନ୍ତି।



ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଥିବା ରାୟଗଡ଼ାର ୩ ଖେଳାଳି।

ଗରିବ ପରିବାରର ହୋଇଥିବାରୁ ଏହି ପ୍ରତିଯୋଗିତାରେ ଭାଗନେବାକୁ ସେମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଦୋରା ଏବଂ ପିଙ୍କି କହିଛନ୍ତି। ସେମାନେ କହିଛନ୍ତି, ଅନ୍ତର୍ଜାତୀୟ ସ୍ତରରେ ଭାଗନେବାକୁ ହେଲେ ନିଜ ଶରୀରରେ ଅଧିକ ଓଜନ ଉଠାଇବା ପାଇଁ ଅନେକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ନିଜର ଅଭ୍ୟାସ ପାଇଁ ନି ବେଲ୍ଟ, ରିଷ୍ଟ, ନି କ୍ୟାପ୍, ଜୋତା, ବିଭିନ୍ନ ଓଜନର ପ୍ଲେଟ୍ ଭଳି ଉପକରଣ କିଣିବାକୁ ପଡ଼ିଥାଏ। ଫଳରେ ଜଣକ ପିଛା ଅତି କମ୍‌ରେ ପ୍ରାୟ ୩୦ ହଜାର, ନିଜକୁ ଫିଟ୍ ରଖିବାକୁ ପ୍ରୋଟିନ ଖାଦ୍ୟ ପାଇଁ ୩୦ ହଜାର ଏବଂ ଅନ୍ତର୍ଜାତୀୟ ସ୍ତରରେ ଭାଗନେଲେ ଫିଜ ବାବଦକୁ ୧୨ ହଜାର ଟଙ୍କା ଏବଂ ସେଠାରେ ରହିବା, ଖାଇବା, ଟ୍ରେନ୍ ଭଡା ଆଦି ଖର୍ଚ୍ଚ ବହନ କରିବାକୁ ପଡ଼ିଥାଏ। ହେଲେ ଅର୍ଥ ଅଭାବ ଯୋଗୁ ଧାରକରଜ କରି ଏସବୁ କରିବାକୁ ପଡୁଥିବା ଦୋରା କଣ୍ଡାଗରୀ କହିଛନ୍ତି। ଦୋରାଙ୍କ ବାପା ଦିନ ମଜୁରିଆ ହୋଇଥିବାବେଳେ ପିଙ୍କି ମଧ୍ୟ ଅତ୍ୟନ୍ତ ଗରିବ ପରିବାରରୁ ଆସିଛନ୍ତି। ଦୃଢ଼ ଇଚ୍ଛାଶକ୍ତି ଏବଂ ଉଦ୍ୟମ ବଳରେ ଉଭୟ ଭାରୋତ୍ତୋଳନ ଏବଂ ଶକ୍ତି ଉତ୍ତୋଳନରେ ଅନେକ ରାଜ୍ୟସ୍ତରୀୟ ଏବଂ ଜାତୀୟ ପ୍ରତିଯୋଗିତାରେ ଭାଗନେଇ ରାୟଗଡ଼ା ପାଇଁ ଅନେକ ପଦକ ଆଣିଛନ୍ତି। ହେଲେ ପ୍ରଶାସନ କିମ୍ବା ଜିଲାରେ ପ୍ରତିଷ୍ଠିତ ବିଭିନ୍ନ ବଡ଼ କମ୍ପାନୀ କର୍ତ୍ତୃପକ୍ଷ କେହି କେବେ ସାହାଯ୍ୟର ହାତ ବଢ଼ାଇ ନ ଥିବା ଉଭୟେ କ୍ଷୋଭ ପ୍ରକାଶକରି କହିଛନ୍ତି। ପ୍ରଶାସନ ସାହାଯ୍ୟର ହାତ ବଢ଼ାଇଲେ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଅଲିନୁର କହିଛନ୍ତି, ଉକ୍ତ ୨ ଖେଳାଳି ସାହାଯ୍ୟ ପାଇଁ ସେମାନେ ଆମକୁ ଲିଖିତ ନିବେଦନ କରିଥିଲେ। ଜିଲା ପ୍ରଶାସନକୁ ଆମେ ଲେଖିକି ଦେଇଛୁ, ସେମାନଙ୍କୁ ଯେମିତି ସରକାରୀ ସହାୟତା ମିଳିବ ସେଥିପାଇଁ ବ୍ୟବସ୍ଥା କରିବୁ ବୋଲି ସେ କହିଛନ୍ତି।

# ୧୪୦ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣୁଛନ୍ତି।

## କାଶୀପୁରରେ ଯୁଗ୍ମ ଜନଶୁଣାଣି

ଟିକିରି, ୧୧।୮ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ସଭାଗୃହ ପରିସରରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍ କୁମାର, ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର, ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲାପାଳ ରମେଶ କୁମାର ଜେନା, ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି. ସରୋଜିନୀ ଦେବୀଙ୍କ ସହ ଜିଲାର ସମସ୍ତ ବିଭାଗର ଅଧିକାରୀ ଏବଂ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଜନଶୁଣାଣିରେ ମୋଟ ୧୪୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୧୭ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୨୩ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ରହିଥିଲା। ଜିଲାପାଳ ୧୪୦ ଅଭିଯୋଗର ଶୁଣାଣିକରି ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟତଃ କାଶୀପୁର ବ୍ଲକ୍‌ରେ ଦୀର୍ଘଦିନ ହେବ ସରକାରଙ୍କ ତରଫରୁ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବା ପାଇଁ ବ୍ଲକ୍ ଅଧ୍ୟକ୍ଷ କଣ୍ଡ ମାଝୀଙ୍କ ସହ କାଶୀପୁର ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାକରି ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଜିଲାପାଳ ୨ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହାପରେ ଜିଲାପାଳ ପ୍ରଶାସନିକ ଅଧିକାରୀଙ୍କୁ ନେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।

# ଦକ୍ଷତା ପ୍ରଦର୍ଶନ: ରାଜ୍ୟରେ ୬ଷ୍ଠରେ ଟିକିରି, ୯ମ ସ୍ଥାନରେ ଗୁଡାରି ଥାନା ଅଧିକାରୀ

ଟିକିରି/ଗୁଡାରି, ୧୧।୮ (ପ୍ରଫୁଲ୍ଲ କୁମାର ବେହେରା/ ପ୍ରମୋଦ କୁମାର ପତି)


ବିଶ୍ୱବନ୍ଦିନୀ ବାଗ


ସମର୍ପିତା ସ୍ୱାଇଁ

କାର୍ଯ୍ୟଦକ୍ଷତା ପ୍ରଦର୍ଶନରେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ଟିକିରି ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗ ରାଜ୍ୟରେ ୬ଷ୍ଠ ଏବଂ ଏବଂ ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ନବମ ସ୍ଥାନରେ ରହିଛନ୍ତି। ମାମଲାର ତଦନ୍ତ ଶେଷ କରିବାଠାରୁ ଆରମ୍ଭକରି ଅପରାଧ ନିୟନ୍ତ୍ରଣ ଓ ପୋଲିସ ଅଧିକାରୀଙ୍କ ବ୍ୟବହାରକୁ ମାପଦଣ୍ଡ ରୂପରେ ନିଆଯାଇଥିଲା। ଏହି ଆଧାରରେ ରାଜ୍ୟର ସମସ୍ତ ଥାନାକୁ ନମ୍ବର ବା ପ୍ରତିଶତ ମିଳିଥିଲା। ସେଥିରେ ଟିକିରି ଥାନା ୬ଷ୍ଠ ସ୍ଥାନରେ ରହିଛି। ପ୍ରତ୍ୟେକ ମାସରେ ରାଜ୍ୟରେ ଥିବା ୬୧୨ ଥାନାରେ କାର୍ଯ୍ୟରତ ଥାନା ଅଧିକାରୀଙ୍କ ପ୍ରଦର୍ଶନ ରିପୋର୍ଟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ହୋଇଥାଏ। ୨୦୨୫ ଜାନୁଆରୀ ୧ରୁ ଜୁଲାଇ ୩୧ ଯାଏ ଅର୍ଥାତ୍ ଗତ ୭ ମାସର ମାମଲାର ତଦନ୍ତ, ଅପରାଧୀ ଚିହ୍ନଟ, ଲୋକ ସମ୍ପର୍କ, ଥାନା ପରିବେଶ, କାର୍ଯ୍ୟାଳୟରେ ନଥିପତ୍ର କାର୍ଯ୍ୟ ଇତ୍ୟାଦିକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ କହିଛନ୍ତି, ପୋଲିସ ଅଧିକାରୀ ଭାବେ ସାଧାରଣ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବା ନିମନ୍ତେ ମୋର ଚେଷ୍ଟା ଜାରି ରଖିଛି। ଏହି ଶ୍ରେୟ ମୋର ସମସ୍ତ କର୍ମଚାରୀ ଓ ଉପରିସ୍ଥ ଅଧିକାରୀଙ୍କ ସହଯୋଗରେ ସମ୍ଭବ ହୋଇଛି। ଗୁଡାରି ପ୍ରେସ ୟୁନିଅନ ପକ୍ଷରୁ ଥାନା ଅଧିକାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଓଡ଼ିଶାରେ ମଧ୍ୟ ଭୋଟ ଚୋରି ହୋଇଛି: କଂଗ୍ରେସ

**କଂଗ୍ରେସର ଖବରଦାତା ସମ୍ମିଳନୀ**
■ ନିର୍ବାଚନ ଆୟୋଗକୁ ତଥ୍ୟ ମାଗିଲେ ଭାଜପାକୁ ବାଧୁଛି: ଆପଲସ୍ୱାମୀ
■ ବିଜେଡ଼ି କାହିଁକି ଚୁପ୍ ବସିଛି: ପବିତ୍ର ସାଉନ୍ତା

ରାୟଗଡ଼ା, ୧୧।୮ (ଆଶିଷ ରଞ୍ଜନ ପଣ୍ଡା)

କେବଳ ମହାରାଷ୍ଟ୍ର, କର୍ନାଟକ ନୁହେଁ, ଓଡ଼ିଶାରେ ମଧ୍ୟ ଭୋଟ ଚୋରି ହୋଇଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଭୋଟ ଚୋରି ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ ଉଠାଇବା ପରେ ନିର୍ବାଚନ ଆୟୋଗ ସ୍ପଷ୍ଟୀକରଣ ଦେବା ବଦଳରେ କାହିଁକି ଚୁପ୍ ବସିଛି ବୋଲି ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଓ ଜିଲା କଂଗ୍ରେସ କମିଟି ପ୍ରଶ୍ନ କରିଛନ୍ତି। ସ୍ଥାନୀୟ କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୨ ବିଧାୟକ ଏହି ପ୍ରଶ୍ନ ଉଠାଇଛନ୍ତି। ଗତ ୭ ତାରିଖରେ ରାହୁଲ ଗାନ୍ଧୀ ତଥ୍ୟ ରଖିବା ପରେ ନିର୍ବାଚନ ଆୟୋଗ ପୋର୍ଟାଲ କାହିଁକି ଖୋଲୁନି ବୋଲି ବିଧାୟକ ପବିତ୍ର ସାଉନ୍ତା ପ୍ରଶ୍ନ କରିଛନ୍ତି।

ରାହୁଲଙ୍କ ସୂଚନା ଅନୁସାରେ ୨୦୨୪ରେ କର୍ନାଟକରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ବ୍ୟାପକ ଜାଲିଆତି ହୋଇଥିବା ସ୍ପଷ୍ଟ ହୋଇଛି। ରାହୁଲ ପ୍ରମାଣ ସହ ବେଙ୍ଗାଲୁରୁ ସେଣ୍ଟ୍ରାଲ ଲୋକସଭା ନିର୍ବାଚନମଣ୍ଡଳୀର ଉଦାହରଣ ଦେଇଥିବା ବିଧାୟକ ସାଉନ୍ତା କହିଛନ୍ତି। ସେହିପରି ଓଡ଼ିଶାରେ ମଧ୍ୟ ଅନୁରୂପ ଜାଲିଆତି ନେଇ ଗଣମାଧ୍ୟମରେ ତଥ୍ୟ ପ୍ରକାଶ ପାଇଥିବା ୨ ବିଧାୟକ କହିଛନ୍ତି। ଓଡ଼ିଶାରେ ମୋଟ ୪୨ଲକ୍ଷ ଭୋଟ ଚୋରି ହୋଇଛି। ଅର୍ଥାତ୍ ୨୧ଟି ଲୋକସଭା ନିର୍ବାଚନମଣ୍ଡଳୀରେ ୨ଲକ୍ଷ ଲେଖାଏ ଭୋଟ ଚଞ୍ଚକତା ହୋଇଛି। ଏହି ରଙ୍ଗବୋଲା ଓ ଠକ ସରକାରଙ୍କ ଠାରୁ ଜନସାଧାରଣ କୌଣସି ବିକାଶ ପାଇପାରିବେ ନାହିଁ ବୋଲି ରାୟଗଡ଼ା ବିଧାୟକ କାଡ୍ରାକା କହିଛନ୍ତି। ଜାତୀୟ ମିଡିଆଠାରୁ ଆରମ୍ଭ କରି ଆଇଟି, ସିବିଆଇ, ଇଡି ସବୁ ଭାଜପାର ହାତବାରିଶି ସାଜିଛି। ଏଭଳିକି କଂଗ୍ରେସ ନେତା ନିର୍ବାଚନ ଆୟୋଗଙ୍କୁ ଭୋଟ ସମ୍ବନ୍ଧୀୟ ତଥ୍ୟ ମାଗିଲେ ଭାଜପାକୁ କାହିଁକି ବାଧୁଛି ବୋଲି ପ୍ରଶ୍ନ କରିଛନ୍ତି ବିଧାୟକ କାଡ୍ରାକା ଓ ସାଉନ୍ତା। ଏତେ ସବୁ ପରେ ମଧ୍ୟ ବିଜେଡି କାହିଁକି ଚୁପ୍ ବସିଛି ବୋଲି ବିଧାୟକ ସାଉନ୍ତା ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ, ପୂର୍ବତନ ଜିଲା ସଭାପତି ଶଙ୍କର ଜିଲାକାରା, ଯୁବନେତା ଅଶୋକ ପୁଆଲା, ଅସଲାମ୍ ଖାନ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତାଙ୍କ ସହ ଅନ୍ୟ କଂଗ୍ରେସ ନେତା।

# ଖବର ପ୍ରକାଶ, ଚେତାବନୀ ପରେ ଡାକ୍ତର ନିଯୁକ୍ତି

**ଧରିତ୍ରୀ ପ୍ରଭାବ**

ଗୁଡାରି, ୧୧।୮ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ଅନ୍ତର୍ଗତ ପେଣ୍ଡିଲି ଗ୍ରାମପଞ୍ଚାୟତର ଗୌଡ଼ ଢେପାଗୁଡାସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କେହି ଡାକ୍ତର ନ ଥିବାରୁ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲିଥିଲା ରୋଗୀସେବା। ଏ ନେଇ ଗତ ୨ ତାରିଖରେ ଧରିତ୍ରୀରେ ‘ଡାକ୍ତର ନାହାନ୍ତି, ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲିଛି ରୋଗୀ ସେବା’ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଅଗଷ୍ଟ ୧୫ ତାରିଖ ସୁଦ୍ଧା ଏଠାରେ ଡାକ୍ତର ନିଯୁକ୍ତି ନ ହେଲେ ୧୬ ତାରିଖରୁ ଅଞ୍ଚଳବାସୀଙ୍କ ସହଯୋଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସେହି ସମୟରେ ସ୍ଥାନୀୟ ପୂର୍ବତନ ସରପଞ୍ଚ ସତ୍ୟ ନାରାୟଣ ଦୋରା ମତ ଦେଇଥିଲେ। ଧାରଣା ଧମକ ପରେ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ସୋମବାର କରୁଣାକର ସାହୁଙ୍କୁ ଗୌଡ଼ ଢେପାଗୁଡା ମେଡିକାଲର ନୂତନ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। ସୋମବାରଠାରୁ ଡାକ୍ତର କରୁଣାକର ମେଡିକାଲ ଇନ୍‌ଚାର୍ଜ ଦାୟିତ୍ୱ ନେଇଛନ୍ତି। ଏ ନେଇ ସତ୍ୟନାରାୟଣ ଦୋରା କହିଛନ୍ତି, ଡାକ୍ତର ନିଯୁକ୍ତି ହେଲେ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ମେଡିକାଲର ଅନ୍ୟାନ୍ୟ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ନିଅନ୍ତୁ ନଚେତ୍ ପୁନର୍ବାର ଧାରଣା ଦେବା ନିମନ୍ତେ ଜିଲାପାଳଙ୍କୁ ଭେଟିବୁ। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୦୨୩ ରୁ ଏଠାରେ କୌଣସି ଡାକ୍ତର ନ ଥିଲେ। ଫଳରେ ଜଣେ ଫାର୍ମାସିଷ୍ଟ ଓ ସୁଇପରଙ୍କ ଭରସାରେ ଚାଲିଥିଲା ଏହି ମେଡିକାଲ।


ନୂତନ ଡାକ୍ତର କରୁଣାକର ସାହୁ।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ପଦ୍ମପୁର, ୧୧।୮ (ପ୍ରଶାନ୍ତ କୁମାର କର)

ପଦ୍ମପୁର ସରସତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଗତ ରବିବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଡ. ସିଦ୍ଧାର୍ଥ ଶଙ୍କର ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୁଣପୁର ସଙ୍କୁଳ ପ୍ରମୁଖ ତଥା ବିଶିଷ୍ଟ ଶିକ୍ଷାବିତ୍ ଜଗନ୍ନାଥ ପଟ୍ଟନାୟକ ଉପସ୍ଥିତ ରହି ଶିଶୁଙ୍କୁ ମାର୍ଗଦର୍ଶନ କରିଥିଲେ। ମେଳାରେ ୭ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ୧୬ ଜଣ ବିଜ୍ଞାନ ଶିକ୍ଷକ ଉପସ୍ଥିତ ରହି ଶିଶୁଙ୍କ ପ୍ରକଳ୍ପ, ପ୍ରୟୋଗ ଓ ମୂର୍ତ୍ତିକଳା ପ୍ରଦର୍ଶନୀର ମୂଲ୍ୟାୟନକରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ମୂଲ୍ୟ ନିରୂପଣ କରିଥିଲେ। ପ୍ରଥମ ସ୍ଥାନ ପାଇଥିବା ଶିଶୁ ଜୟପୁରଠାରେ ହେବାକୁ ଥିବା ବିଜ୍ଞାନମେଳାରେ ଅଂଶ ଗ୍ରହଣ କରିବେ ବୋଲି ସଙ୍କୁଳ ସଂଯୋଜକ ପ୍ରଫୁଲ୍ଲ କୁମାର ଶତପଥୀ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ବିହାରର ସମସ୍ତ ଗୁରୁଜୀ ଓ ଗୁରୁମା ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ପେନିକଣା ଉଚ୍ଚ ବିଦ୍ୟାଳୟରୁ ଚାଉଳ ହେରଫେର ଅଭିଯୋଗ

ରାୟଗଡା, ୧୧।୮ (ଆଶିଷ ରଞ୍ଜନ ପଣ୍ଡା)

ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ରାୟଗଡ଼ା ବ୍ଲକ ଅଧିନସ୍ଥ ପେନିକଣା ସରକାରୀ ଉଚ୍ଚ ବିଦ୍ୟାଳୟରୁ ୨୫ ବସ୍ତା ଚାଉଳ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କ ଜ୍ଞାତରେ ଚାଉଳ ହେରଫେର ହୋଇଥିବା ପେନିକଣା କଲୋନୀ ତଥା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ମଧ୍ୟ ହ୍ୱାଟ୍ସଆପ ମାଧ୍ୟମରେ ଚୋରି ହୋଇଥିବା ଚାଉଳ ବସ୍ତାର ଫଟୋ ପଠାଇଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ପଚାରିବାରୁ ଗ୍ରାମବାସୀ ଫଟୋ ପଠାଇଛନ୍ତି, କିନ୍ତୁ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି ବୋଲି କହିଛନ୍ତି। ଗ୍ରାମବାସୀଙ୍କ ଲିଖିତ ଅଭିଯୋଗକୁ ନେଇ ତଦନ୍ତ ହେବ ଏବଂ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଅସୀମା ରାଓ କହିଛନ୍ତି। ଯଦି ଚାଉଳ ହେରଫେର ହୋଇଥାଏ, ତେବେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ। ଏହି ଘଟଣାର ତଦନ୍ତ କରାଗଲେ ଚାଉଳ ଚୋରା ଚାଲାଣ ଧରାପଡିବ ବୋଲି ଗ୍ରାମବାସୀ ପତି ପାଡିକା, ବିନନ୍ଦନ ପୁଆଲା, ଚନ୍ଦନ ମାଣ୍ଡାଙ୍ଗି, ନିରଞ୍ଜନ ପାସପୁରେଡ଼ି, କୃଷ୍ଣ କିଲାକା, ରିଙ୍କୁ ପାଡିକା ଓ ଅନ୍ୟମାନେ ପ୍ରକାଶ କରିଛନ୍ତି।

# ଭାଗବତ ଟୁଙ୍ଗିର ପଞ୍ଚମ ବାର୍ଷିକ ଉତ୍ସବ

ମୁନିଗୁଡ଼ା, ୧୧।୮ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ପାଇକସାହିସ୍ଥିତ ପୁରୁଷୋତ୍ତମ ଭାଗବତ ଟୁଙ୍ଗିର ପଞ୍ଚମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ ଗଙ୍ଗା ଆବାହନ, କଳସ ସ୍ଥାପନ ଓ ଭାଗବତ ଟୁଙ୍ଗି ମଣ୍ଡପଠାରୁ ସଂକୀର୍ତ୍ତନ ମଣ୍ଡଳୀ ସହ ଭବ୍ୟ ନଗର ପରିକ୍ରମା କରାଯାଇଥିଲା। ପରେ ପୁରୋହିତ ଜଗବନ୍ଧୁ ପଣ୍ଡାଙ୍କ ପୌରୋହିତ୍ୟ ଓ ସଦାନନ୍ଦ ମହାପାତ୍ରଙ୍କ ସହଯୋଗରେ ମଣ୍ଡପ ନିକଟରେ ବିଭିନ୍ନ ପୂଜାପାଠ ସହ ଭାଗବତ ପାଠ ଏବଂ ସାମୂହିକ ହନୁମାନ ଚାଳିଶା ପାଠ, ଆଳତି ଓ ପୁଷ୍ପାଞ୍ଜଳି କରାଯାଇଥିଲା। କର୍ତ୍ତା ଭାବେ ଦିଲୀପ ସୁବୁଦ୍ଧି ଓ ସଙ୍ଗୀତା ସୁବୁଦ୍ଧି କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଭାଗବତପ୍ରେମୀ ଓ ବିଭିନ୍ନ ବର୍ଗର ଲୋକଙ୍କୁ ଉପଢୌକନ ପ୍ରଦାନକରି ସମ୍ମାନିତ କରାଯାଇଥିଲା। ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପୁରୁଷୋତ୍ତମ ଭାଗବତ ଟୁଙ୍ଗିର ମୁଖ୍ୟ ଜାମି ମହେଶ, ଭାଗବତ ପ୍ରେମୀ ବଂଶୀଧର ନନ୍ଦ, ଦୁର୍ଯ୍ୟୋଧନ ବେହେରା, ରଜତ ମହାରଣା, କ୍ଷିତୀଶ ସାହୁ, ରାମବତାର ଅଗ୍ରୱାଲ, ତରଣୀ ବେହେରା, ପ୍ରଭାକର ଲବଲା, ବନମାଳୀ ପାତ୍ର, ମହିଳା ସଦସ୍ୟା ପୁଷ୍ପଲତା ପାତ୍ର, ସୁଦେଷ୍ଣା ଦାସ, ବିନୋଦିନୀ ସାହୁ, ଶାନ୍ତିଲତା ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଏସ୍‌ସି, ଏସ୍‌ଟି କର୍ମଚାରୀ କଲ୍ୟାଣ ପରିଷଦ ବୈଠକ

ପଦ୍ମପୁର, ୧୧।୮ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ବଡ଼ନାଳ ଜଳସେଚନ ନଦୀ ବନ୍ଧ ନିକଟରେ ସୋମବାର ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ରାୟଗଡ଼ା ଜିଲା ଶାଖାର ଜିଲାସ୍ତରୀୟ ୩ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା ସଭାପତି ଆନନ୍ଦ ତାଡ଼ିଙ୍ଗି, ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସେକ୍ସନ ଅଫିସର ବଳଦେବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କୈଳାସପୁର ଜି.ଏଚ୍.ଏସ.ଏସ୍.ର ପ୍ରିନ୍ସିପାଲ ବିଶିକେଶନ ବାଗ, ସହ ସମ୍ପାଦିକା ପ୍ରଣତି ହିମିରିକା, ପଦ୍ମପୁର ବ୍ଲକ୍ ସଭାପତି କରୁଣାକର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୁଡ଼ାରୀ, ରାମନାଗୁଡ଼ା, କଲ୍ୟାଣସିଂହପୁର, ରାୟଗଡ଼ା, ଗୁଣପୁର, କୋଲନରା, ପଦ୍ମପୁର ଇତ୍ୟାଦି ବ୍ଲକ୍‌ର ସଭାପତି ଓ ସମ୍ପାଦକଙ୍କ ସମେତ ବିଭିନ୍ନ ବ୍ଲକ୍‌ର ସଭ୍ୟାସଭ୍ୟ ଏବଂ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୋହନ ମାଝୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।



ଏସ୍‌ସି, ଏସ୍‌ଟି କର୍ମଚାରୀ କଲ୍ୟାଣ ପରିଷଦ କର୍ମକର୍ତ୍ତା।

# ବଂଶଧାରା ବ୍ରିଜ୍‌ରେ ଦୁର୍ଘଟଣା, ୩ ଆହତ

ଗୁଡାରି, ୧୧।୮ ( ପ୍ରମୋଦ କୁମାର ପତି)

ଗୁଡାରି ବଂଶଧାରା ବ୍ରିଜ ଉପରେ ସୋମବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ପ୍ରଥମେ ଗୁଡାରି ମେଡିକାଲ ଅଣାଯାଇଥିଲା ଏବଂ ପ୍ରାଥମିକ ଚିକିତ୍ସା ପରେ ୨ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଗୁଣପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ମଧ୍ୟରେ ମଧୁବନ ଗ୍ରାମ ପଞ୍ଚାୟତର ଉର୍ଲକଣା ଗ୍ରାମର ୨ ଜଣ ଏବଂ ରାଉତଗୁଡା ଗ୍ରାମର ଜଣେ ବୋଲି ସୂଚନା ମିଳିଛି।

# ସ୍କୁଲରୁ ପାଣି ମଟର ଚୋରି

ଝରିଗାଁ, ୧୧।୮ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁରୁଚିଛାପର ପଞ୍ଚାୟତ କଲେଗାଁସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗତ ରବିବାର ରାତିରେ କେହି ଦୁର୍ବୃତ୍ତ ସ୍କୁଲ ପରିସରରେ ଥିବା ପାଣି ମଟର ଚୋରି କରି ନେଇଯାଇଛି। ଏନେଇ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଅରୁଣ କୁମାର ମିଶ୍ର ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ରାୟଗଡ଼ା /ଗୁଣପୁର, ୧୧।୮
(ଆଶିଷ ରଞ୍ଜନ ପଣ୍ଡା/ ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ରାଜସ୍ୱ ଅମଲା ସଂଘ ତରଫରୁ ୧୦ ଦଫା ଦାବି ପୂରଣ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ସୋମବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ରାଜସ୍ୱ ଅମଲା ସଂଘଙ୍କ ନିର୍ଦ୍ଦେଶକ୍ରମେ ଜିଲା ସଂଘ ତରଫରୁ କାର୍ଯ୍ୟବନ୍ଦ କରାଯାଇଛି। ଅମଲାଙ୍କ ଚାକିରି ପ୍ରବେଶ ମୂଳ ଦରମା ଲେଭୁଲ ୯ ଅନୁଯାୟୀ ପ୍ରଦାନ, ରାଜସ୍ୱ ଅମଲାଙ୍କ କ୍ୟାଡର ଗଠନ, ପ୍ରତି ଅମଲାଙ୍କ ପରିବାରର ପ୍ରତି ସଦସ୍ୟଙ୍କୁ ବୀମା ପ୍ରଦାନ, ୨୦୨୦ ପୂର୍ବରୁ ଥିବା ନିୟମାନୁସାରେ ପୁନଃ ଥଇଥାନ ନିୟମ ଲାଗୁ କରିବା, ପୁରୁଣା ପେନ୍‌ସନ ଲାଗୁ କରିବା ଆଦି ବିଭିନ୍ନ ଦାବି ସରକାର ଶୀଘ୍ର ପୂରଣ କରିବା ନେଇ ଅମଲାମାନେ ଦାବି କରିବା ସହ ଆନ୍ଦୋଳନ କରିଛନ୍ତି। ରାୟଗଡ଼ାସ୍ଥିତ ଅମଲା ପାଠାଗାରଠାରେ ଜିଲା ସଭାପତି ମନୋଜ କୁମାର ରଥଙ୍କ ଅଧ୍ୟକ୍ଷତାରେ ସମସ୍ତେ ଏକତ୍ରିତ ହୋଇଥିଲେ। ଯେଉଁ ପର୍ଯ୍ୟନ୍ତ ସରକାର ଆମର ଦାବିଗୁଡିକ ପୂରଣ କରିନାହାନ୍ତି ସେ ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏଥିରେ ମନୋଜ ରଥ, ରବି ପାଢ଼ୀଯୋଶୀ, ବବିତା ପଣ୍ଡା, ଗଦାଧର ପାତ୍ର, ଅରୁଣ ପାଢ଼ୀ, ଡି ଭିଏସ୍ ରାଓ ଏବଂ ରାମଚନ୍ଦ୍ର ରଥ ମଞ୍ଚାସୀନ ହୋଇଥିଲେ।

ସେହିପରି ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା, ସମ୍ପାଦକ ଅଜୟ ନାହାକ ଏବଂ ବିଶ୍ୱନାଥ ମଣ୍ଡଳ, ରାଜ୍ୟ ପରିଷଦ ସଭ୍ୟଙ୍କ ନେତୃତ୍ୱରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଗୁଣପୁରରେ ସେକ୍ସନ ଅଫିସର ମନୋରଞ୍ଜନ କାର୍ଜି, ଭି. ଅରୁଣା, ମୁରାରୀ ପଟ୍ଟନାୟକ, ଏ. ଭି. ରାମନା, ଗୁପ୍ତ ପାଣିଗ୍ରାହୀ, ପ୍ରବୀର ପାତ୍ର, ବସନ୍ତ ବେହେରା, ମନୋଜ ପାତ୍ର, ରାଧା ସେଠୀ, ଘନସି ମାଳି, ନନ୍ଦିତା ଶବର, ସୁମତି ଗମାଙ୍ଗ ପ୍ରମୁଖ ଆନ୍ଦୋଳନରେ ଯୋଗ ଦେଇଥିଲେ।



ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଲାମାନେ ଧାରଣାରେ ବସିଛନ୍ତି।

# ରାଜସ୍ୱ ଅମଲା ସଂଘର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟି

ମାଲକାନଗିରି, ୧୧।୮ (ଦୁର୍ଯ୍ୟୋଧନ ପାତ୍ର)

ଅଗଷ୍ଟ ୩ରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲା ରାଜସ୍ୱ ଅମଲା ଶାଖାରେ ସରକାର ଅମଲାଙ୍କ ନ୍ୟାୟୋଚିତ ଦାବି ଉପରେ ବାରମ୍ବାର ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କରୁ ନ ଥିବାରୁ ତୁରନ୍ତ ସେମାନଙ୍କ ଦାବି ପୂରଣ ନ ହେଲେ ସମସ୍ତ ଅମଲା ସମୂହ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନେଇଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କ ଦାବି ପୂରଣ ନ ହେବାରୁ ସୋମବାରଠାରୁ ସମସ୍ତ ଅମଲା ସମୂହ ଛୁଟିରେ ଯିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଯେତେ ଦିନ ପର୍ଯ୍ୟନ୍ତ ତାଙ୍କର ଦାବି ପୂରଣ ନ ହେବ ସେହିଦିନ ପର୍ଯ୍ୟନ୍ତ ସମସ୍ତେ ଛୁଟିରେ ରହିବେ


ଧାରଣାରେ ବସିଥିବା ରାଜସ୍ୱ ଅମଲା ସଂଘ କର୍ମକର୍ତ୍ତା ।

ବୋଲି ନିଷ୍ପତ୍ତି ନିଆଯାଇଛି।
ପ୍ରକାଶଯେ, ୯,୩୦୦ ସ୍କେଲ ପେରେ ୪୨୦୦ ଗ୍ରେଡ୍ ପେ ପ୍ରଦାନ, ନିୟମିତ ପଦୋନ୍ନତି, କ୍ୟାଡର ପୁନର୍ଗଠନ ଆଦି ଦାବି ବହୁବାର ସରକାରଙ୍କ ଜଣାଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ନ ହୋବରୁ ସମୂହ ଛୁଟିରେ ଥିବା ଜଣାପଡିଛି। ଏହି ଧାରଣାରେ ସଂଘ ସଭାପତି କ୍ରିଷ୍ଣା ରାଓ, ସାଧାରଣ ସମ୍ପାଦକ ଦିଲୀପ ନାୟକ, ସଂଗଠନ ସମ୍ପାଦକ ଗୁକୁନା ପଡିଆରି, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପୃଷ୍ଟି, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଶ୍ୟାମ ସୁନ୍ଦର ନାୟକ, ଉପଦେଷ୍ଟା ଅଶୋକ ସାମଲଙ୍କ ସହ ସଂଘର ସମସ୍ତ ସଦସ୍ୟାସଦସ୍ୟ ଓ ସମସ୍ତ ଅମଲା ଯୋଗଦେଇଛନ୍ତି।

# ୧୦୩ ଅଭିଯୋଗ ଶୁଣିଲେ ଅଧିକାରୀ


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

**ଖଇରପୁଟରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

ଗୋବିନ୍ଦପାଲି/ଖଇରପୁଟ, ୧୧।୮ (କାର୍ତ୍ତିକ ରଥ/ଜଗନ୍ନାଥ ମାଝି)

ଖଇରପୁଟ ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ୧୦୩ ଅଭିଯୋଗର ଶୁଣାଣି ହୋଇଥିଲା । ସେଥି ମଧ୍ୟରୁ ୫୮ଟି ବ୍ୟକ୍ତିଗତ ରହିଥିବା ବେଳେ ୪୫ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିରୁ ୧୦ଟି ପେନ୍‌ସନ ସମ୍ବନ୍ଧୀୟ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା। ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନ୍‌ସନ, ଆବାସ ଓ ରାଶନ କାର୍ଡ ଆଦି ପ୍ରମୁଖ ସମସ୍ୟା ରହିଥିଲା।

ଏଥିରେ ଉପଜିଲାପାଳ ଅଶ୍ୱିନୀ ଏଏଲ୍, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ । ଖଇରପୁଟ ବିଡିଓ ଉମାଶଙ୍କର କୋୟା, ଅତିରିକ୍ତ ଜିଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ରାଶନ କାର୍ଡ, ପେନ୍‌ସନ ଓ ଆବାସ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନ୍‌ଲାଇନ ସେବା ଯୋଗାଇ ଦିଆଯାଇଥିଲା।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

କୋରୁକୋଣ୍ଡା, ୧୧।୮ (ଶିବଦତ୍ତ ସାହୁ )

**■ ବାଲିମେଳା ସରସ୍ୱତୀ ଶିଶୁ ମନ୍ଦିର**
**■ ୫ ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୦ ପ୍ରକଳ୍ପ ପ୍ରଦର୍ଶିତ**

ମାଲକାନଗିରି ଜିଲା ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିମେଳା ଶିଶୁ ବିଦ୍ୟାମନ୍ଦିର ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ସହ ଜିଲା ପ୍ରମୁଖ ଚିତ୍ତରଞ୍ଜନ ନାୟକ, ବାଲିମେଳା ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଶରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ମେଳାର ଶୁଭାରମ୍ଭ କରିଥିଲେ।

ଏଥିରେ ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ଚିତ୍ରକୋଣ୍ଡା, ଖଇରପୁଟ, କୋରୁକୋଣ୍ଡା ଏବଂ କିଟପାଲ୍ଲୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତେବେ ଏଥିରେ ଶିଶୁବର୍ଗର ୨୫ ପ୍ରକଳ୍ପ ଏବଂ ବାଲ ବର୍ଗରେ ୧୫ ମୋଟ ୪୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହାସହ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ ଶିଶୁବର୍ଗ ଓ ବାଲବର୍ଗ, ବିଜ୍ଞାନ ପ୍ରଶ୍ନ ମଞ୍ଚ, ବୈଦିକ ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପତ୍ର ବାଚନ, ପ୍ରୟୋଗ, ଗଣିତ ପ୍ରୟୋଗ ପତ୍ରବାଚନ,ପ୍ରବନ୍ଧ ଶିଶୁବର୍ଗ ଏବଂ ବାଲବର୍ଗ ଆଦି ପ୍ରତିଯୋଗିତା କରାଯାଇ ଶିଶୁଙ୍କ ପକ୍ଷରୁ ମିଳିଥିବା ଉତ୍ତରଗୁଡ଼ିକର ମୂଲ୍ୟାଙ୍କନ କରାଯାଇଥିଲା। ଏଥିରେ ଆପନମାଳା ପ୍ରହ୍ଲାଦ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ଦାସ,ଏମ୍‌ଭି –୨୩ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ବିଷ୍ଣୁ ପ୍ରସାଦ ଅତିବୁଦ୍ଧି, ବାଲିମେଳା ବିଜ୍ଞାନ ବୈଷୟିକ ମହାବିଦ୍ୟାଳୟ ଅଧ୍ୟାପିକା ଲିପ୍ସା ଗମାଙ୍ଗ ଏବଂ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଧାଂଶୁ ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ।

ଏଥିରେ ବାଲିମେଳା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଚିତ୍ରକୋଣ୍ଡା ପ୍ରଧାନ ଆଚାର୍ଯ୍ୟ ନରସିଂହ କୋପେ, କିଟପାଲ୍ଲୀ ପ୍ରଧାନ ଆଚାର୍ଯ୍ୟ ତ୍ରିନାଥ ମହାନ୍ତି, ଖଇରପୁଟ ପ୍ରଧାନ ଆଚାର୍ଯ୍ୟା ଶର୍ମିଷ୍ଠା କଅଁରଙ୍କ ସମେତ ସବୁ ଶିକ୍ଷାନୁଷ୍ଠାନର ଗୁରୁଜୀ ଗୁରୁମା'ମାନେ ଉପସ୍ଥିତ ଥିଲେ। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ହେବାକୁ ଥିବା ଜ୍ଞାନ ବିଜ୍ଞାନମେଳାରେ ଭାଗନେବା ପାଇଁ ସାରଦା ବିହାର ଜୟପୁର, ମୁଖିଗୁଡା ଏବଂ ନବରଙ୍ଗପୁରରେ ଥିବା ସରସ୍ୱତୀ ଶିଶୁ ମନ୍ଦିରକୁ ପଠାଯିବ ବୋଲି ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି ।


ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# କଂଗ୍ରେସ ପରାଜୟର ମୁଖ୍ୟ କାରଣ ଭୋଟ ଚୋରି



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା ।

**ଖବରଦାତା ସମ୍ମିଳନୀରେ ତଥ୍ୟ ପ୍ରଦାନ**

ମାଲକାନଗିରି, ୧୧।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କଂଗ୍ରେସ କମିଟି ତରଫରୁ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ଦଳ ପରାଜୟର ମୁଖ୍ୟ କାରଣ ହେଉଛି ଭୋଟ ଚୋରି ବୋଲି କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତକରି ପର୍ଦ୍ଦାଫାଶ କରିଛନ୍ତି କଂଗ୍ରେସ ଦଳର ମୁଖ୍ୟ ରାହୁଲ ଗାନ୍ଧୀ । ଖବରଦାତା ସମ୍ମିଳନୀରେ ରାହୁଲଙ୍କ ଭିଜୁଆଲ ଓ ନଥିପତ୍ର ମାଧ୍ୟମରେ ତଥ୍ୟ ପ୍ରଦାନ କରାଯାଇଥିଲା। ସେହିପରି ଲୋକ ଆୟୋଗକୁ ତଥ୍ୟ ପ୍ରଦାନ କରିବାକୁ କହିବାରୁ ସେମାନେ ତଥ୍ୟ ଲୁଚାଉଥିବା ରାହୁଲ ଗାନ୍ଧି ସ୍ପଷ୍ଟ କରିଥିବା ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ।

ତଥ୍ୟରେ ଉଲ୍ଲେଖ ରହିଛି, ୨୦୧୪ରେ କେନ୍ଦ୍ର ଭାଜପା ଶାସନକୁ ଆସିବା ପରେ ନିର୍ବାଚନ ଫଳାଫଳରେ ହେରଫେର ସନ୍ଦେହ ହୋଇଥିଲା। ଦେଢମାସ ତଳେ ରାହୁଲ ଗାନ୍ଧୀ ନିର୍ବାଚନ ଆୟୋଗ ମହାରାଷ୍ଟ୍ର କିପରି କୋଟିଏ ଭୋଟରଙ୍କୁ ୫ ମାସରେ ଯୋଡି ବିଧାନସଭା ନିର୍ବାଚନ ଭାଜପା ଜିତିବା ମାର୍ଗ ପ୍ରସସ୍ତ କରିଥିଲା। ତା'ର ବିବରଣୀ ଦେଇଥିଲେ ପୂର୍ବ ୫ ବର୍ଷରେ ଏତେ ସଂଖ୍ୟକ ଭୋଟରଙ୍କ ନାମ ଜଡିତ ହୋଇ ନ ଥିବା ବେଳେ ବିଧାନସଭା ନିର୍ବାଚନରେ ୫ ମାସ ମଧ୍ୟରେ କିପରି ଏତେ ଭୋଟର ଯୋଡି ହୋଇଥିଲେ> ୨୦୨୪ ଲୋକସଭା ନିର୍ବାଚନରେ ମହାଦେବପୁର ବିଧାନସଭା ଖଣ୍ଡର ହିସାବ ଅନୁସାରେ କଂଗ୍ରେସ ୧୧୫୫୮୬, ଭାଜପା ୨୨୯୬୩୨ ଭୋଟ ପାଇଥିବା ବେଳେ ଭାଜପା ୧୧୪୦୬୪ ବ୍ୟବଧାନରେ ବିଜୟ ଲାଭ କରିଥିଲା। କିନ୍ତୁ ଅନ୍ୟ ସବୁ ବିଧାନସଭା ଖଣ୍ଡରେ କଂଗ୍ରେସ ବିଜୟ ଲାଭ କରିଥିଲା। ୫ଟି ପ୍ରକ୍ରିୟାରେ ନିର୍ବାଚନ ଆୟୋଗ ଭାଜପାକୁ ୧ ଲକ୍ଷ ୨୫୦ ଖଣ୍ଡ ଭୋଟ ଚୋରି କରିବାରେ ସହଯୋଗ କରଥିଲେ। ନକଲି ଭୋଟର ୧୧୯୬୫, ୪୦୦୦୯ ଫେକ୍ ଇନ୍‌ଭାଲିଡ୍ ଠିକଣା, ଗୋଟିଏ ଠିକଣାରେ ପ୍ରାୟ ୧୦୪୫୨ ଭୋଟର, ଇନ୍‌ଭାଲିଡ୍ ଫଟୋ ପ୍ରାୟ ୪୧୩୨ ଗୋଟି ଏପରି ବ୍ୟକ୍ତି ତାଲିକାରେ ଥିଲେ ଯେଉଁମାନଙ୍କ ଫଟୋ ଚିହ୍ନି ହେଉ ନ ଥିବା ଅଭିଯୋଗ କରାଯାଇଛି। ସେହିପରି ଲୋକ ଆୟୋଗକୁ ତଥ୍ୟ ପ୍ରଦାନ କରିବାକୁ କହିବାରୁ ସେମାନେ ତଥ୍ୟ ଲୁଚାଉଥିବା ରାହୁଲ ସ୍ପଷ୍ଟ କରିଥିବା ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ସଂଯୋଜକ ଜି. ଶ୍ରୀନିବାସ ରାଓ, ବରିଷ୍ଠ ନେତା ପଦ୍ମପାଙ୍ଗୀ, ପି. କେଶୁ ରାଓ ଓ ମାଲା ମାଢିଙ୍କ ସହ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ ।

# ସ୍କୁଲରୁ ପାଣି ମଟର ଚୋରି

ଝରିଗାଁ, ୧୧।୮ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁରୁଚିଛାପର ପଞ୍ଚାୟତ କଲେଗାଁସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗତ ରବିବାର ରାତିରେ କେହି ଦୁର୍ବୃତ୍ତ ସ୍କୁଲ ପରିସରରେ ଥିବା ପାଣି ମୋଟର ଚୋରି କରି ନେଇଯାଇଛି। ଏନେଇ ବିଦ୍ୟାଳୟରେ ରହିଥିବା ରାତ୍ରୀ ଜଗୁଆଳି ସ୍କୁଲ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଅରୁଣ କୁମାର ମିଶ୍ରଙ୍କୁ ଫୋନ୍ କରି ଜଣାଇଥିଲେ। ଏହାପରେ ମିଶ୍ର ଝରିଗାଁ ଥାନାରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି।

# ଜନ୍ମରୁ ଦିବ୍ୟାଙ୍ଗ, ମିଳିଛି ୬୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର

ତେନ୍ତୁଲିଖୁଣ୍ଟି, ୧୧।୮ (ଚିଦାନନ୍ଦ ସାହୁ)

**ମିଳିପାରୁନି ବର୍ଦ୍ଧିତ ଭତ୍ତା**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଲମତାଗୁଡା ପଞ୍ଚାୟତ ଫଟାଗୁଡ଼ା ଗାଁର ବନିତା ସ୍ୱାଇଁ ଗଞ୍ଜାମ ଜିଲାର ରବୀନ୍ଦ୍ର ସ୍ୱାଇଁଙ୍କୁ ବିବାହ କରିଥିଲେ। ରବୀନ୍ଦ୍ର ବାହାର ରାଜ୍ୟରେ ଶ୍ରମିକ ଭାବେ କାମ କରୁଛନ୍ତି। ସେମାନଙ୍କ ବଡ଼ ଝିଅ ମାମାଲି (୧୦) ଜନ୍ମରୁ ଦିବ୍ୟାଙ୍ଗ। ତାଙ୍କୁ ସରକାରଙ୍କ ପକ୍ଷରୁ ୬୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି। ଫଳରେ ମାମାଲିଙ୍କୁ ବର୍ଦ୍ଧିତ ଭତ୍ତା ମିଳିପାରୁନାହିଁ।

ସୂଚନାନୁଯାୟୀ, ବନୀତା ଓ ରବୀନ୍ଦ୍ରଙ୍କ ୨ ଝିଅ ଅଛନ୍ତି। ବଡ଼ ଝିଅ ମାମାଲିଙ୍କ ଜନ୍ମ ପରେ ବନୀତା ବାପଘର ଫଟାଗୁଡ଼ାରେ ଆସି ରହୁଛନ୍ତି। ମାମାଲି ଜନ୍ମରୁ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ନା ସେ ଚଲାବୁଲା କରିପାରୁଛନ୍ତି ନା ବସିଉଠି ପାରୁଛନ୍ତି। ପ୍ରମାଣପତ୍ରରେ ୬୦ ପ୍ରତିଶତ ଥିବାରୁ ପେନ୍‌ସନ କେବଳ ୧୨୦୦ ଟଙ୍କା ମିଳୁଛି। ମାମାଲିଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଭଲଭାବେ ଯାଞ୍ଚ କରିବାକୁ ବନୀତା ନିବେଦନ କରିଛନ୍ତି। ସ୍ୱାମୀ ଦାଦନ ଶ୍ରମିକଭାବେ କାମ କରୁଥିବାବେଳେ ବନୀତାଙ୍କ ବାପଘର ସ୍ଥିତି ମଧ୍ୟ ଭଲ ନାହିଁ। ଏଣୁ ପ୍ରଶାସନ ସମସ୍ୟାକୁ ଗୁରୁତ୍ୱଦେବାକୁ ଦାବି ହୋଇଛି। ଦୟନୀୟ ଅବସ୍ଥାରେ ରହୁଥିବା ଲୋକଙ୍କୁ ସରକାରଙ୍କ କୌଣସି ଯୋଜନାରୁ ଠିକ୍ ଭାବେ ସହାୟତା ଯୋଗାଇଦେବା ବ୍ୟବସ୍ଥା କରିବା ଉଚିତ। ଏଭଳି ହେଲେ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ନେଇ ଭାରପ୍ରାପ୍ତ ଏସ୍‌ଇଓ ରବୀନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିବାରୁ ମାମାଲିଙ୍କ ପୁନଃ ପଞ୍ଜୀକରଣ କରିବା ପରେ ୮୦ ପ୍ରତିଶତ ପ୍ରମାଣପତ୍ର ପାଇଯିବେ। ଏହାପରେ ବର୍ଦ୍ଧିତ ଭତ୍ତା ମିଳିପାରିବ ବୋଲି ସେ କହିଛନ୍ତି।


ମା' ବନୀତାଙ୍କ ସହ ମାମାଲି।

# ଦିବଂଗତ କବି ବଳରାମ ପୂଜାରୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ମାଲକାନଗିରି, ୧୧।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମାରେ ସୋମବାର ସ୍ୱର୍ଗତ କବି ବଳରାମ ପୂଜାରୀ ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ କବିଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ସହ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାହିତ୍ୟିକ, କବି, ଶିକ୍ଷାବିତ, ପ୍ରଶାସନିକ ଅଧିକାରୀ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପୂଜାରୀଙ୍କ ପିତା ଇନ୍ଦ୍ରମଣି ପୂଜାରୀ ଏବଂ ଶ୍ୱଶୁର ବାଳକୃଷ୍ଣ ରଣାଙ୍କ କରକମଳରେ କବିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ପରେ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଆଦିବାସୀ ସଂସ୍କୃତି ଗବେଷକ, ପାଡୁଆର ସଭାପତି ରାଜେନ୍ଦ୍ର ପାଢ଼ୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପୂର୍ବତନ ସଦସ୍ୟ ବୁଲୁ ହୋତା, ଦେଶିଆ କୁଟୁମ୍ବ ସଭାପତି ସାଇମନ


ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ ।

ବିଡିକା, ସେମିଳିଗୁଡା ଶ୍ରୀତମ କଲେଜ ଅଧ୍ୟକ୍ଷା ଝାନ୍‌ସୀ ସିଂ, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ର, ଚିତ୍ରକୋଣ୍ଡା ଡାଏଟ କଲେଜ ଅଧ୍ୟାପକ ହେମନ୍ତ ଦଳପତି କବିଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ରଣା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅତିଥି କବିଙ୍କ ସ୍ମୃତିଚାରଣ କରିବା ସହ ଆଗାମୀ ଦିନରେ କବିଙ୍କ ନାମରେ ଯେଉଁ ସ୍ମୃତି ସଂସଦ ଗଠନ କରାଯାଇଛି ତାହା କିଭଳି ସୁଦୃଢ ହୋଇପାରିବ ସେ ନେଇ ମତ୍ୟବକ୍ତ କରିଥିଲେ। କବି ପୂଜାରୀଙ୍କ ୬ ଟି କବିତା ସଂକଳନ ପ୍ରକାଶିତ ହୋଇଥିବା ବେଳେ ଆହୁରି ଅନେକ ଅପ୍ରକାଶିତ ଲେଖା ରହିଯାଇଛି। ତାର ପାଣ୍ଡୁଲିପି ସଂଗ୍ରହକରି ପ୍ରକାଶନ ଦାୟିତ୍ୱ ହାତକୁ କିପରି ନିଆଯିବ ସେ ସମ୍ପର୍କରେ ମତ ପ୍ରକାଶ ପାଇଥିଲା।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ରାଇଘର, ୧୧।୮ (କିରଣ ପଟ୍ଟନାୟକ)

ନବରଙ୍ଗପୁର ରାଇଘର ବ୍ଲକରେ ସୋମବାର ଭାଲୁ ଆକ୍ରମଣ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ଏବେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ରାଇଘର ବ୍ଲକ ମୁଣ୍ଡିବେଡ଼ା ପଞ୍ଚାୟତ କୁଡୁମଧରା ଗ୍ରାମର ରାମ ଯାନୀ ଙ୍କ ସ୍ତ୍ରୀ ଦମ୍ପତିବାଇ (୪୦) ସୋମବାର ଖରାବେଳେ ନିଜ ମକା ଜମିରେ କାମ କରୁଥିଲେ। ଏହି ସମୟରେ ଏକ ଭାଲୁ ତାଙ୍କ ପିଠି ଏବଂ କାନକୁ କାମୁଡ଼ି ଦେଇଥିଲା। ମହିଳା ପାଟି କରିବାରୁ ଆଖପାଖ ଜମିରେ କାମ କରୁଥିବା ଲୋକେ ଧାଇଁ ଆସି ତାଙ୍କୁ ଉଦ୍ଧାର କରିଥିଲେ। ପରେ ପରିବାର ଲୋକେ ଆହତ ମହିଳାଙ୍କୁ ରାଇଘର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଉମରକୋଟ ଉପଖଣ୍ଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଭିତ୍ତିପ୍ରସ୍ତରକୁ ବିତିଛି ୬ ବର୍ଷ, ନିର୍ମାଣ ହୋଇନି ମଡେଲ ଡିଗ୍ରୀ କଲେଜ

ସେମିଳିଗୁଡ଼ା/ସୁନାବେଡା, ୧୧।୮ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

**ଅଧାରେ ପିଲାଙ୍କ ଉଚ୍ଚଶିକ୍ଷା ଆଶା**

ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନାରେ କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ପିତାଗୁଡ଼ା ପଞ୍ଚାୟତ ଚାରା ଗାଁରେ ଏକ ମଡେଲ ଡିଗ୍ରୀ କଲେଜ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ଏହି କଲେଜ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନକୁ ୬ରୁ ଊର୍ଦ୍ଧ୍ୱ ବର୍ଷ ବିତିଥିଲେ ସୁଦ୍ଧା କଲେଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। କଲେଜ ପାଇଁ ସରକାର ୧୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ସୂଚନା ଫଳକ ଅନୁଯାୀ, ୨୦୧୯ ଫେବୃୟାରୀ ୩ରେ ଏହାର ଭିତ୍ତିପ୍ରସ୍ତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ଥାପନ ହୋଇଥିଲା। ଆଦିବାସୀ ଅଧ୍ୟୁଷିତ ଜିଲାରେ ଶିକ୍ଷା ସହ ଯୁବତୀ ଯୁବକଙ୍କ ବିକାଶ ଉଦ୍ଦେଶ୍ୟ ଥିଲା। ଏଯାଏ କଲେଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। କେବଳ ଜମିକୁ ଆବଦ୍ଧ କରିବାକୁ ପୋତା ଯାଇଥିବା ଖୁଣ୍ଟଗୁଡ଼ିକ ମୁକଶାଖି ହୋଇ ରହିଛି। ଏ ନେଇ ଲୋକେ ପ୍ରଶାସନକୁ ଅଭିଯୋଗ କରିଥିବା ଗାଁର ଦୈତାରୀ କାନ୍ଦୁଲଫୁଲ ଓ ଏକାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଏହି କଲେଜ ପ୍ରଥମେ ଦଳେଇଗୁଡ଼ା ପଞ୍ଚାୟତ କୁଟୁ ଗାଁରେ ୨୦୧୮ରେ ନିର୍ମାଣ ହୋଇଥିଲା। କଲେଜ କୋଠା ଶିକ୍ଷା ବିଭାଗକୁ ହସ୍ତାନ୍ତର ପୂର୍ବରୁ ଭାରତମାଳା ପ୍ରକଳ୍ପ ଯୋଗୁ ତାହା ମାଟିରେ ମିଶିଗଲା। ପରେ ରାଜପଥ ବିଭାଗ ଶିକ୍ଷା ବିଭାଗକୁ ସମସ୍ତ ଖର୍ଚ୍ଚ ଅର୍ଥ ଦେଇଥିଲା। ସେହି ଟଙ୍କାରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚାରା ଗାଁ ନିକଟରେ ଶିକ୍ଷା ବିଭାଗ ୧୦ ଏକର ବିଶିଷ୍ଟ ଜମି ଗ୍ରହଣ କରି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା।

ଏ ସମ୍ପର୍କରେ ସେମିଳିଗୁଡ଼ା ଅତିରିକ୍ତ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଏ ନେଇ ଜିଲାପାଳଙ୍କ ସହିତ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ।



ସୂଚନା ଫଳକ ।

# ନକଲି କ୍ୟାଶ ରସିଦ ପ୍ରଦାନ କରି ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ

ନବରଙ୍ଗପୁର, ୧୧।୮ (ସଦାଶିବ ପ୍ରହରାଜ)

**ବନ ବିଭାଗରେ ଦୁର୍ନୀତି ଅଭିଯୋଗ ଆଣିଲା ଚନ୍ଦାହାଣ୍ଡି ବ୍ଲକ ମୂଳ ଆଦିବାସୀ ସଂଘ**

ନକଲି କ୍ୟାସ ରସିଦ ପ୍ରଦାନ କରି ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚନ୍ଦାହାଣ୍ଡି ବ୍ଲକର ଆଦିବାସୀ ମୂଳ ନିବାସୀ ସଭାପତି ଗୌରୀ ପୂଜାରୀ ଅଭିଯୋଗ କରିଛନ୍ତି। ଏହାର ଏକ ନକଲ ରାଷ୍ଟ୍ରପତି ଓ ରାଜ୍ୟପାଳ ନିକଟକୁ ପ୍ରେରଣ କରିଛନ୍ତି। ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉକ୍ତ ପତ୍ରରେ ସେ ଜଣାଇଛନ୍ତି।

ଚନ୍ଦାହାଣ୍ଡି ବ୍ଲକ ମୂଳ ଆଦିବାସୀ ସଂଘ ଅଭିଯୋଗ କରିଛି ଯେ, ସରକାରଙ୍କ ପକ୍ଷରୁ ଆସିଥିବା ଅର୍ଥରେ ଜଙ୍ଗଲ ଜମିରେ ଗଛ ଲଗାଇବାର ପ୍ରବଧାନ ରହିଛି। କିଛି ଲୋକ ଜଙ୍ଗଲ ଜମି ପଟ୍ଟା ଆବଶ୍ୟକତା ଅଛି ବୋଲି ଚାରାରୋପଣକୁ ବିରୋଧ କରୁଛନ୍ତି। ଜଙ୍ଗଲ ଜମି ପଟ୍ଟା ପାଇବାକୁ ଯେଉଁ ସବୁ କାଗଜ ପତ୍ରର ଆବଶ୍ୟକତା ଅଛି ଇତି ମଧ୍ୟରେରେ ଜଙ୍ଗଲ ବିଭାଗରେ ଗଛ କାଟିବା ମାମଲା ହୋଇଛି। ଏନେଇ ବିଭିନ୍ନ ସରକାରୀ ରସିଦ ପ୍ରମାଣଭାବେ ଅଭିଯୋଗ ପତ୍ର ସହିତ ସଂଯୋଗ କରିଛନ୍ତି।


ନବରଙ୍ଗପୁର ବନଖଣ୍ଡର ଝରିଗାଁ ବନାଞ୍ଚଳ ମୋହରା ସେକସନର ଚିଲିଗାଁ, କାସିପାଣି, ଜାମପଡା, ଚିଲିଝରନ, ଫଟିକି, ନାହିମାଳ, ବଇଦପଡା, ଗରୁଝରିଆ, ଦେଓବନ୍ଧ, କାକରପାଣି, ଭେଲୁଆକୋଟ, ଗୋଟି ସାହି ଗ୍ରାମବାସୀ ଜଙ୍ଗଲ ବିଭାଗର କିଛି ଅସାଧୁ କର୍ମଚାରୀଙ୍କୁ ଧରି ନକଲି ରସିଦ ବହି ପ୍ରସ୍ତୁତ କରି ଜଙ୍ଗଲ ଜମି ପଟ୍ଟା ପାଇବା ପାଇଁ ଆବେଦନ କରିଥିବା ଅଭିଯୋଗ ହୋଇଛି। ସେମାନେ ଅଣଆଦିବାସୀ ହୋଇ ଥିବା ରସିଦ ସଂଗ୍ରହରୁ ଜଣା ପଡ଼ିଛି। ଦୁଇଟି ବଳା କାଟିଥିବା ଲୋକଙ୍କୁ ପ୍ରାୟ ୪୫୦୦ ରୁ ୭୫୦୦ ଟଙ୍କାର ରସିଦ ଦେଇଛନ୍ତି। କିନ୍ତୁ ଓଡିଶା ବନ ବିଭାଗ ନିୟମ ଅନୁଯାୟୀ ତାହା ୫୦୦ ରୁ ଊର୍ଦ୍ଧ୍ୱ ହେବ ନାହିଁ । ବନାଞ୍ଚଳ ଅଧିକାରୀଙ୍କ ପାଖକୁ ରସିଦଗୁଡିକ ନେଇ ରେଞ୍ଜରେ ଥିବା ତଥ୍ୟ ସମସ୍ତଙ୍କୁ ତାଜୁବ କରିଥିଲା। ୫୦୦ ଟଙ୍କାର ରସିଦକୁ ନକଲି ରସିଦ ପ୍ରସ୍ତୁତ କରି ୫୦୦୦/– ରୁ ୭୦୦୦/– ଟଙ୍କା ଆଦାୟ କରିଛନ୍ତି। ଦୁଇ ମାସ ତଳେ ଯାମପାଣି, ବତାଝର, ଧରାକୋଟ, ପ୍ରାୟ ୧୫୦ ଜଣ ଅଣ ଆଦିବାସୀ ଲୋକ ରସିଦ ନେଇ ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରିଛନ୍ତି। ଉକ୍ତ କାଗତପତ୍ର ରାଜସ୍ୱ ନିରୀକ୍ଷକ, ଚନ୍ଦାହାଣ୍ଡି, କୋନ୍ଦିଓଡ଼ା ଓ ମହରା ବନପାଳଙ୍କ ପାଖରେ ରହିଛି। କିଛି ଅସାଧୁ ଲୋକ ଏହାର ଲାଭ ଉଠାଇ ଜଙ୍ଗଲ ଜମି ପଟ୍ଟା ମଧ୍ୟ ପାଇ ସାରିଲେଣି। ସମସ୍ତ ହିତାକାରୀଙ୍କ ରସିଦକୁ ଯାଞ୍ଚ କଲେ ପ୍ରାୟ ୧୦ କୋଟି ଟଙ୍କାରୁ ଅଧିକ ହେବ। ପ୍ରକୃତରେ ଏତେ ଟଙ୍କା ରାଜ୍ୟ ରାଜକୋଷକୁ ଯାଇଅଛି କି ନାହିଁ ତାହାର ତଦନ୍ତ ଆବଶ୍ୟକ ବୋଲି ଉଲ୍ଲେଖ ରହିଛି। ସେହି ନକଲି ରସିଦ ପ୍ରସ୍ତୁତ ପଛରେ ରେଞ୍ଜର ଓ ବନପାଳ ହାତ ଅଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଯେଉଁ ଗ୍ରାମବାସୀ ନକଲି ରସିଦ ନେଇ ଜଙ୍ଗଲ ଜମି ପଟ୍ଟା ଆବେଦନ କରିଛନ୍ତି ଓ ଜଙ୍ଗଲ ଜମି ପଟ୍ଟା ପାଇଛନ୍ତି ତାଙ୍କ ବିରୋଧ ରେ ଫୌଜଦାରୀ ମାମଲା ରୁଜୁ କରାଯାଉ ବୋଲି ଉଲ୍ଲେଖ କରିଛନ୍ତି । ମହରା ସେକସନ ର ସମସ୍ତ ଗ୍ରାମରେ ପଲ୍ଲୀ ସଭା କରି କେତେ ଜଣଙ୍କୁ ନକଲି ରସିଦ ଦିଆ ଯାଇଛି ତାହାର ତଥ୍ୟ ଲୋକ ଲୋଚନ କୁ ଅଣାଯାଉ। ବନପାଳ ଙ୍କୁ ତୁରନ୍ତ ନିଲମ୍ବନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏନେଇ ଡିଏଫ୍‌ଓ ଶୁଭେନ୍ଦୁ ବେହେରାଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପାଇଁ ଏସଇଏଫ୍‌ଓଙ୍କୁ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଘଟଣାର ସତ୍ୟତା ରହିଛି କି ନାହିଁ ବୋଲି ପଚାରିବାରୁ ସତ୍ୟତା ରହିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଅଭିଯୋଗ ପତ୍ର ପାଇବା ପାରେ ତଦନ୍ତ ଆରମ୍ଭ ହୋଇଛି ବୋଲି କହିଛନ୍ତି।

## ଅଲ୍‌ଟ୍ରାସାଉଣ୍ଡ ମେଶିନ ଉଦ୍‌ଘାଟିତ

ନନ୍ଦପୁର,୧୧।୮(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଅଲ୍‌ଟ୍ରାସାଉଣ୍ଡ ମେଶିନ ସୋମବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ଜିଲା ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଅରବିନ୍ଦ ନେପାକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଦୂର୍ବରାଜ ମୁର୍ମୁ ମେଶିନର କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇଥିଲେ। ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୋଗୀଙ୍କୁ ଅଲ୍‌ଟ୍ରାସାଉଣ୍ଡ ସୁବିଧା ଦିଆଯିବ। କିନ୍ତୁ ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ମେଶିନ ପରିଚାଳନା ଓ ପରୀକ୍ଷା ରିପୋର୍ଟ ଆଧାରରେ ଚିକିତ୍ସା ପରାମର୍ଶ ଦେବାକୁ ଆବଶ୍ୟକ କର୍ତ୍ତୃପକ୍ଷ ନାହାନ୍ତି। ଏଥିପାଇଁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତି ସୋମବାର ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧ଟା ଯାଏ ଅଲ୍‌ଟ୍ରାସାଉଣ୍ଡ ମେଶିନରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଥିବା ଡା. ନେପାକ ସୂଚନା ଦେଇଛନ୍ତି। ବିଧାୟକ କାଡ଼ାମ ଅଲ୍‌ଟ୍ରାସାଉଣ୍ଡ ମେଶିନ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେଲେ ମହିଳା, ଗର୍ଭବତୀ, ପ୍ରସୂତିଙ୍କ ଚିକିତ୍ସାରେ ସହାୟକ ହେବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'ଦାବି ପୂରଣ ନ ହେବାଯାଏ ଜାରି ରହିବ ଆନ୍ଦୋଳନ'



ଅମଲା ସଂଘର ସଦସ୍ୟମାନେ ଧାରଣାରେ ବସିଛନ୍ତି।

କୋରାପୁଟ,୧୧।୮(ଅମିତାଭ ବେହେରା)

### ରାଜସ୍ୱ ଅମଲା ସଂଘର ଧାରଣା

ବିଭିନ୍ନ ଦାବି ନେଇ କୋରାପୁଟ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲା ଶାଖା ପକ୍ଷରୁ ସୋମବାରଠାରୁ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ରାଜ୍ୟ ରାଜସ୍ୱ ଅମଲା ସଂଘର ଅଧ୍ୟକ୍ଷ ପ୍ରଶନ୍ନ କୁମାର ନାୟକ ନେତୃତ୍ୱରେ ଜିଲାର ସମସ୍ତ ରାଜସ୍ୱ ଅମଲା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଲେଭୁଲ ୯ କରାଯିବା,ତୁରନ୍ତ ପଦୋନ୍ନତି ଦିଆଯିବା ଆଦି ବିଭିନ୍ନ ଦାବି ସରକାରଙ୍କୁ ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟକାରୀ ନ ହେବାରୁ ରାଜ୍ୟ ସଂଘର ଡାକରାରେ ରାଜ୍ୟରେ କଲମ ଛାଡ଼ ଆନ୍ଦୋଳନ କରାଯାଉଛି। ଜିଲାର ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ରାଜସ୍ୱ ଅମଲା ଏଥିରେ ସାମିଲ ହୋଇଛନ୍ତି। ସରକାର ସେମାନଙ୍କ କଥା ନ ଶୁଣିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଜିଲା ସମ୍ପାଦକ ନିତ୍ୟାନନ୍ଦ ଭତ୍ରା ସୂଚନା ଦେଇଛନ୍ତି। ଧାରଣାରେ ଜିଲା ସଭାପତି ମନୋଜ କୁମାର ବାରିକ, ଉପସଭାପତି ଅମିତ କୁମାର ସୁବୁଦ୍ଧି, କାର୍ଯ୍ୟକାରୀ ସମ୍ପାଦକ ଭବାନୀ ଆଚାର୍ଯ୍ୟ, ରାଜ୍ୟ ସମ୍ପାଦକ ମନୋଜ କୁମାର ବାରିକଙ୍କ ସହ ସମସ୍ତ ସଭ୍ୟ ଓ ସଭ୍ୟା ଯୋଗଦେଇଥିଲେ। ଏହି ଧାରଣା ଯୋଗୁ ଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ଆଇସିଡିଏସ୍ କାର୍ଯ୍ୟାଳୟରେ ଅଚଳାବସ୍ଥା ହୋଇଛି। ଜିଲା ଅମଲା ସଂଘ ଏଥିରେ ସାମିଲ ହୋଇ ନ ଥିବାରୁ ଜଙ୍ଗଲ,ଖଣି, ରାସ୍ତା ଓ ଗୃହ ନିର୍ମାଣ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଆଦି ବିଭାଗରେ କର୍ମଚାରୀମାନେ ସବୁଦିନ ଭଳି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଦେଖାଦେଇଛି।

## ୧୧ ସମସ୍ୟା ସମାଧାନ ନିର୍ଦ୍ଦେଶ

ସେମିଳିଗୁଡ଼ା/ସୁନାବେଡ଼ା,୧୧।୮ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

### ପଞ୍ଚାୟତସ୍ତରୀୟ ଜନଶୁଣାଣି

ସେମିଳିଗୁଡ଼ା ବ୍ଲକ୍ ପିତାଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ସଚେତନତା ଓ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ(ଏବିଡିଓ)ବସନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ୧୧ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ଗମନାଗମନ,ଭତ୍ତା, ରାଶନ କାର୍ଡ ସହ ପଞ୍ଚାୟତର ବିଭିନ୍ନ ଉନ୍ନୟନ ସମ୍ପର୍କିତ ସମସ୍ୟା ରହିଥିଲା। ବ୍ଲକ୍ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଡବ୍ଲ୍ୟୁଇଓ ହରପ୍ରସାଦ ଦାସ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ରମାକାନ୍ତ ନାୟକ,ଜେଇ ବିଷ୍ମିତା ନାୟକ, ବିଏସ୍‌ଏସ୍‌ଓ ଟି.ସୁରଭି, ବିପିସି ପେଶା ପ୍ରମୋଦ ଖିଲ,ପିଇଓ ଡମ୍ବରୁ ପାଙ୍ଗୀ, ଏଲ୍‌ଆଇ ସୁଶୀଳା ଖରା, ଆର୍‌ଆଇ ଆର୍.ସନ୍ଧ୍ୟା କୁମାରୀ,ସ୍ୱାସ୍ଥ୍ୟ ବିଭାଗ ସିଏଚ୍‌ଓ ସ୍ନିଗ୍ଧା ସାମଲ, ଶିକ୍ଷା ବିଭାଗ ରାଧା ରମଣ ପାଢ଼ୀ, ଅଙ୍ଗନୱାଡି କର୍ମୀ ରୀତା ତ୍ରିପାଠୀ, ବନପାଳ ନିରଞ୍ଜନ ଶତପଥୀ, ସରପଞ୍ଚ ପଦ୍ମା କାନ୍ଦୁଲଫୁଲ, ଆଶାକର୍ମୀ ମୁନି ସିଂହ ଓ ସମିତିସଭ୍ୟ ସୁନ୍ଦର କୁଳଦୀପ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ନୂତନ ଭତ୍ତା ପାଇଁ ୫ ଓ ନୂଆ ରାଶନ କାର୍ଡ ପାଇଁ ୪ ହିତାଧିକାରୀ ଅଭିଯୋଗ କରିଥିଲେ। ପଞ୍ଚାୟତ ଅଧୀନ ସାକିଆ ଗୁଡ଼ା ଗାଁରେ ମୋବାଇଲ ଟାୱାର ନ ଥିବାରୁ ଲୋକେ ବିଭିନ୍ନ ଜରୁରୀ ସେବାରୁ ବଞ୍ଚିତ ହେଉଥିବା ଓ ଗାଁରେ ସିସି ରୋଡ୍ ନିର୍ମାଣ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ଏବିଡିଓ ବେହେରା ସୂଚନା ଦେଇଥିଲେ। ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଯାୟୀ ଅଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟ ପରିସର ସଫେଇ କରିଥିଲେ।



ଅଧିକାରୀମାନେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

## ଜାତୀୟ କବାଡ଼ି ପ୍ରତିଯୋଗିତାରେ ସୁନାବେଡ଼ାର ଅପରାଜିତା



ରର୍ନସଅପ ଟିମ୍।

ସୁନାବେଡ଼ା/ଦାମନଯୋଡ଼ି,୧୧।୮ (କୃତ୍ତିବାସ ପ୍ରଧାନ/ନରସିଂହ ବ୍ରହ୍ମା)

କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବାଳିକା ବିଭାଗ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭୁବନେଶ୍ୱର ସମ୍ଭାଗ ଟିମ୍‌ରେ ଥିବା ସୁନାବେଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅପରାଜିତା ରଥ ସଫଳତା ହାସଲ କରିଛନ୍ତି। ବୁଧବାର କର୍ନାଟକର ବେଙ୍ଗାଲୁରୁ ଡିଆର୍‌ଡିଓ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ଭାରତରୁ ୨୪ ଟିମ୍ ଭାଗ ନେଇଥିଲେ। ଫାଇନାଲରେ ଚେନ୍ନାଇ ସମ୍ଭାଗ ସହ ଭୁବନେଶ୍ୱର ସମ୍ଭାଗ ମଧ୍ୟରେ କବାଡ଼ି ଖେଳ ହୋଇଥିଲା। ଏଥିରେ ଭୁବନେଶ୍ୱର ସମ୍ଭାଗ ରନରଅପ୍ ହୋଇଥିଲା। ଅପରାଜିତାଙ୍କ ସଫଳତା ପାଇଁ ସ୍କୁଲ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ବିଭିନ୍ନ ଯୋଜନାର ସମୀକ୍ଷା କଲେ ବିଧାୟକ

ନନ୍ଦପୁର,୧୧।୮(ତୁଷାର କାନ୍ତ ମହାନ୍ତି)

ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ନନ୍ଦପୁର ବ୍ଲକ ଅନ୍ତର୍ଗତ ବିଲାପୁଟ ଓ ବାଡେଲ ପଞ୍ଚାୟତ ଗସ୍ତ କରି ବିଭିନ୍ନ ସରକାରୀ ଯୋଜନାର ସୋମବାର ସମୀକ୍ଷା କରିଛନ୍ତି। ଏହି ଅବସରରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଲାପୁଟ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଆୟୋଜିତ ହୋଇଥିଲା। ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ରାଜେଶ ଲେନ୍ଥୁ, ସମିତିସଭ୍ୟ ଯୋଗେନ୍ଦ୍ର ଖେମୁଣ୍ଡୁ,ସମସ୍ତ ୱାର୍ଡସଭ୍ୟ ଓ ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ସହଯୋଗୀ ବିଭାଗର ଅଧିକାରୀଙ୍କ ଉପସ୍ଥିତ ଥିଲେ। ବିଲାପୁଟ ପଞ୍ଚାୟତବାସୀ ଜୋଲାପୁଟ ଉଚ୍ଚ ବିଦ୍ୟାଳୟ ପାଇଁ ସରକାରୀ ଜମି ଚିହ୍ନଟ, ଛାତ୍ରାବାସ ନିର୍ମାଣ, ଜବାଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟ କରିବା, ପଞ୍ଚାୟତରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଓ ଜୋଲାପୁଟ ଉପସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ବିକାଶ, ଜୋଲାପୁଟ, ସାବୁନ, ସୁରୁମୀ ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ, ହରଗଣ୍ଡା ଓ ଜୋଲାପୁଟ-୨ ଅଙ୍ଗନୱାଡି କେନ୍ଦ୍ରର ମରାମତି କରିବାକୁ ଅନୁରୋଧ କରିଥିଲେ। ପଞ୍ଚାୟତର ପ୍ରତି ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂରୀକରଣ, ପିଡବ୍ଲ୍ୟୁ ରୋଡରୁ ସାବୁନ ଘାଟ ରାସ୍ତାର ମରାମତି ଓ ସମସ୍ତ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରିବା ଆଦି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୨୭ ଅଭିଯୋଗ ପଞ୍ଜୀକୃତ କରାଯାଇଥିବା ବିଡିଓ ଦୁର୍ଗା ପ୍ରସାଦ ଦୋରା ସୂଚନା ଦେଇଛନ୍ତି। ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସମାଧାନ କରାଯିବ ବୋଲି ବିଧାୟକ କାଡାମ କହିଥିଲେ। ବିଧାୟକ କାଡାମ ବାଡେଲ ପଞ୍ଚାୟତର ସମୀକ୍ଷା ବୈଠକରେ ସାମିଲ ହୋଇଥିଲେ। ପଞ୍ଚାୟତ ସରପଞ୍ଚ ତୁଳା ହଂଶା, ସମିତି ସଭ୍ୟ ରାଧିକା ଖେମୁଣ୍ଡୁ ପ୍ରମୁଖ ସରକାରୀ ଯୋଜନା ଓ କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ। ପଞ୍ଚାୟତବାସୀ ଅଧାପନ୍ତରିଆ ଯନ୍ତାପୁଟ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ। ଖମରା-ଗୋଡିପୁଟ ରାସ୍ତା ଓ ପୋଲ କେବେ ନିର୍ମାଣ ହେବ। ଖମରା ଉଚ୍ଚ ବିଦ୍ୟାଳୟକୁ ରାସ୍ତା ନିର୍ମାଣ, ସୁରକ୍ଷା ପାଚେରୀ, ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ସହ ଆନୁଷଙ୍ଗିକ ଅବ୍ୟବସ୍ଥାରେ ସୁଧାର କରି ବିଦ୍ୟାଳୟର ବିକାଶ କରିବାକୁ ଅନୁରୋଧ କରିଥିଲେ। ବୈଠକରେ ତହସିଲଦାର ଦେବବ୍ରତ ମହାରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ, ସିଡିପିଓ ମିନତିବାଳା ପଟ୍ଟନାୟକ, କଂଗ୍ରେସର ବ୍ଲକ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଓ ଅନ୍ୟମାନେ।

## ଗାଡ଼ି ଧକ୍କାରେ ୪ ଗୋରୁ ମୃତ

ପଟ୍ଟାଙ୍ଗି,୧୧।୮(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମା ୨୬ ନଂ ଜାତୀୟ ରାଜପଥ କଡ଼ରେ ଗାଡ଼ି ଧକ୍କାରେ ୪ ଗାଇଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ବ୍ଲକ୍ ପ୍ରଶାସନ ଓ ପୋଲିସ ପହଞ୍ଚି ୪ ମୃତ ଗାଇକୁ ଜବତ କରିଥିଲେ। ସୂଚନା ଅନୁଯାୟୀ, ରବିବାର ରାତିରେ ରାଜପଥ କଡରେ ଶୋଇଥିବା କିଛି ଗାଇ ଉପରେ ଏକ ଗାଡ଼ି ଚଢ଼ି ଯାଇଥିଲା। ଏଥିରେ ୩ ଗାଇ ସହ ଗୋଟିଏ ବାଛୁରୀର ମୃତ୍ୟୁ ହୋଇଥିଲା। ସୋମବାର ସକାଳେ ଏହାକୁ ସ୍ଥାନୀୟ ଲୋକେ ଦେଖି ଥିବା ବେଳେ ଅସନ୍ତୋଷ ପ୍ରକାଶ କରିଥିଲେ। ଖବର ପାଇ ବିଡିଓ ରାମକୃଷ୍ଣା ନାୟକ ଓ ଥାନାଧିକାରୀ ପ୍ରଭାତ ବେହେରା ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ମୃତ ଗାଇଙ୍କ କେହି ଦାବିଦାର ଥିବା ନେଇ ପଚରାଉଚରା କରିଥିଲେ। କିନ୍ତୁ କେହି ଦାବିଦାର ଥିବା ଜଣାପଡ଼ି ନ ଥିଲା। ୪ ମୃତ ଗାଇକୁ ଏକ ଖାଲି ସ୍ଥାନରେ ନେଇ ପୋତିଥିଲେ। ପ୍ରତି ମାସରେ ଗାଡ଼ି ଧକ୍କାରେ ଗାଇ ମରୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସଚେତନତା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହିଭଳି ବୁଲୁଥିବା ଗାଇଗୋରୁଙ୍କ ପାଇଁ କାଞ୍ଜିଆ ଶାଳ ବ୍ୟବସ୍ଥା ମଧ୍ୟ କରାଯାଉନାହିଁ।

## କଲ୍ୟାଣ ମଣ୍ଡପ ସିଲ୍ କଲା ପୌର ପ୍ରଶାସନ

ଜୟପୁର,୧୧।୮(ପବନ ପାଣିଗ୍ରାହୀ)

ଜୟପୁର ବାଙ୍କମଠ ନିକଟରେ ଥିବା ବାବା ସାହେବ କଲ୍ୟାଣ ମଣ୍ଡପକୁ ପୌରପାଳିକା ପକ୍ଷରୁ ସିଲ୍ କରାଯାଇଛି। ମଣ୍ଡପ ପକ୍ଷରୁ ୨୦୧୭-୧୮ରୁ ପୌରପାଳିକାଠାରୁ ବାର୍ଷିକ ୭ ଲକ୍ଷ ଟଙ୍କାରେ ଲିଜ୍ ଆକାରରେ ନେଇ ୨୦୨୦ରୁ ଟଙ୍କା ପୌଠ କରି ନ ଥିଲେ। ଏ ନେଇ ଜୟପୁର ଉପଜିଲାପାଳ ତଥା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆକାବରମ ଶସ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶରେ ଅତିରିକ୍ତ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂଜା ରାଉତ ଚଢ଼ାଉ କରି ସିଲ୍ କରିଥିଲେ। ଟଙ୍କା ପୌଠ ନ କଲେ ପୌରପାଳିକା ମଣ୍ଡପକୁ ଚଲାଇବ ବୋଲି ସୂଚନା ଦିଆଯାଇଛି। ଚଢାଉରେ ମାଜିଷ୍ଟ୍ରେଟ ଭାବେ ଅସିଷ୍ଟାଣ୍ଟ କେଲେକ୍ଟର ସିନିଆ ନାୟକ,ଅମିନ ଶୁଭସ୍ମିତା ଜେନା, ଓମକାର ସିଂ ଓ ସତ୍ୟନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପୌର ଅଧିକାରୀମାନେ କଲ୍ୟାଣ ମଣ୍ଡପରେ ତାଲା ପକାଉଛନ୍ତି।

## ସମୁଦୀଙ୍କୁ ମାଡ଼ ମାରିବା ଅଭିଯୋଗରେ ବର୍ଷେ ଜେଲ

ଝରିଗାଁ,୧୧।୮(କିଶୋର ଚନ୍ଦ୍ର ମଣ୍ଡଳ)

ସମୁଦିଙ୍କୁ ମାଡ଼ ମାରିବା ମାମଲାର ବିଚାରକରି ନବରଙ୍ଗପୁର ଜିଲା ଝରିଗାଁ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ସଂଘମିତ୍ରା ଦ୍ୱିବେଦୀ ଅଭିଯୁକ୍ତ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁପୁଗାଁର ଅଗାଧୁ ମାଝୀଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ଶହ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଅର୍ଥ ଅନାଦୟେ ଅଧିକ ୧୫ ଦିନ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ୨୦୧୩ରେ ଅଗାଧୁ ତାଙ୍କ ଝିଅର ଶଶୁରଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଫଳରେ ତାଙ୍କର ହାତ ଏବଂ ଅନ୍ୟ ଅଙ୍ଗରେ ମାଡ ହୋଇଥିଲା। ଏ ନେଇ ଝରିଗାଁ ଥାନାରେ ୩ ଡିସେମ୍ବର ୨୦୧୩ରେ ଲିଖିତ ଅଭିଯୋଗ କରାଯାଇଥିଲା। ଏନେଇ କେସ୍ ନମ୍ବର ୧୯୪/୨୦୧୩ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମକଦ୍ଦମାରେ ୮ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ଝରିଗାଁ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ସଂଘମିତ୍ରା ଦ୍ୱିବେଦୀ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ମନୋଜ କୁମାର ମହାପାତ୍ର ପରିଚାଳନା କରିଥିଲେ।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି ଦାବି

ଜୟପୁର,୧୧।୮(ପବନ ପାଣିଗ୍ରାହୀ)

ଜୟପୁର ସଚେତନ ନାଗରିକ କମିଟି ପକ୍ଷରୁ ୫ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ସମ୍ପାଦକ ଅକ୍ଷୟ କୁମାର ସାହୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଲଟ୍ରା ସାଉଣ୍ଡ ଯନ୍ତ୍ରପାତି ବ୍ୟବସ୍ଥା କରିବା, ସାଧାରଣ ଲୋକଙ୍କ ପାଇଁ ଆଲଟ୍ରା ସାଉଣ୍ଡ ବ୍ୟବସ୍ଥା କରିବା, ଚିକିତ୍ସାଳୟରେ ରୋଡିଓ ଲୋଜିଷ୍ଟ, ସୋନୋ ଲୋଜିଷ୍ଟ, ହୃଦ୍‌ରୋଗ, ଅସ୍ଥି ବିଶେଷଜ୍ଞ ନିଯୁକ୍ତି କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ୧୬୬ ମଞ୍ଜୁର ଡାକ୍ତରୀ ପଦବୀରୁ ମାତ୍ର ୫୩ଜଣ ଅଛନ୍ତି। ଜିଲା ଚିକିତ୍ସାଳୟ ଉପରେ ୩୦ ଲକ୍ଷ ଲୋକ ନିର୍ଭର କରୁଥିବାରୁ ଡାକ୍ତର ସମସ୍ୟା ଦେଖାଯାଇଛି। ତୁରନ୍ତ ଡାକ୍ତର ନିଯୁକ୍ତି ସହ ଆଇସିୟୁ ବେଡ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀ ମାଝୀ ଦାବିପତ୍ର ଗ୍ରହଣ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ୨୫ରୁ ୩ ଅଭିଯୋଗର ତୁରନ୍ତ ସମାଧାନ

ନନ୍ଦାହାଣ୍ଡି, ୧୧।୮ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ପଞ୍ଚାୟତ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନଙ୍କ ଅଧ୍ୟକ୍ଷତାରେ ସୋମବାର ଜନ ଶୁଣାଣି ଶିବିର କରାଯାଇଛି। ସିଡିଓ ବିରଞ୍ଚି ନାରାୟଣ ଦରୱାନ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଦିବ୍ୟାଦାନ ସୁନା, ଡିଏସ୍‌ପି ସରୋଜ ପୁନମ କିସ୍ପୋଟା, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୩ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୫ ବ୍ୟକ୍ତିଗତ ଓ ୮ ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୩ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକୁ ସମ୍ପୃକ୍ତ ଅଧିକାରୀଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୫ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ସହାୟତା ରାଶି ସହ କାର୍ଡ ପ୍ରଦାନ କରାଯାଇଥିଲା।



ଅଧିକାରୀମାନେ ଏକ ଅଭିଯୋଗର ଶୁଣାଣି କରୁଛନ୍ତି।

# ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ପ୍ରତିକାର ଦାବି

ନବରଙ୍ଗପୁର, ୧୧।୮(ସଦାଶିବ ପ୍ରହରାଜ)

### ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲା ନାଗରିକ କମିଟି

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନବରଙ୍ଗପୁର ଜିଲା ଗସ୍ତ ଅବସରରେ ରବିବାର ସ୍ଥାନୀୟ ସର୍କିଟ ହାଉସ୍‌ରେ ଜିଲା ନାଗରିକ କମିଟି ସଦସ୍ୟମାନେ ତାଙ୍କୁ ଭେଟିଥିଲେ। ଜିଲା ମୁଖ୍ୟ ଚକିତ୍ସାଳୟ ଓ ଜିଲାର ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାର ସମାଧାନ ପାଇଁ ଲିଖିତଭାବେ ଜଣାଇଛନ୍ତି। ନବରଙ୍ଗପୁର ଜିଲାର ପ୍ରାୟ ୧୪, ୭୦, ୦୦୦ ଜନସଂଖ୍ୟା ଏବଂ ପୌରାଞ୍ଚଳର ପ୍ରାୟ ୫୨ହଜାର ଜନସଂଖ୍ୟା ବିଶିଷ୍ଟ। ଏହା ଆଦିବାସୀ ଅଧ୍ୟୁଷିତ, ଆର୍ଥିକ ଭାବେ ଅତି ପଛୁଆ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଏକ ଅନଗ୍ରସର ଜିଲା ଭାବେ ପରିଗଣିତ। ପ୍ରାଥମିକତା ଭିତ୍ତିରେ ବିଚାରକୁ ନେଇ ଜିଲାରେ ଦେଖାଦେଇଥିବା ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ପାଇଁ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

ଜିଲା ସଦର ମହକୁମା ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ଅଭାବରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ମୋଟ ୩୯୫ ଅନୁମୋଦିତ ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୧୪ ଡାକ୍ତର ରହିଛନ୍ତି ଏବଂ ୧୮୧ ପଦବୀ ଖାଲି ପଡ଼ିଛି। ଏହି ତଥ୍ୟ ମାତ୍ର କାଗଜ କଲମରେ ରହିଥିଲେ ମଧ୍ୟ ପ୍ରକୃତ ପକ୍ଷେ ୨୧୪ରୁ ବହୁତ କମ ସଂଖ୍ୟକ ଡାକ୍ତର ଜିଲା ସଦର ମହକୁମା ଡାକ୍ତରଖାନାରେ କାର୍ଯ୍ୟରତ। ଯାହାକି ଆବଶ୍ୟକତାଠାରୁ ବହୁତ କମ୍। ଅନେକ ଡାକ୍ତର ଉଚ୍ଚତର ଡାକ୍ତରୀ ଶିକ୍ଷା ପାଇଁ ଜିଲା ଛାଡି ଯାଇଛନ୍ତି। ଅନେକ ଡାକ୍ତର ଲମ୍ବା ଛୁଟିରେ ଅଛନ୍ତି। ଜିଲାର ଅନେକ ନାଗରିକଙ୍କ ଗୁରୁତର ଅଭିଯୋଗ ଅନୁଯାୟୀ, ଜିଲା ସଦର ମହକୁମା ଡାକ୍ତରଖାନାକୁ ଯେକୌଣସି ରୋଗୀ ଚିକିତ୍ସା ପାଇଁ ଗଲେ, ସେମାନଙ୍କୁ ଚିକିତ୍ସା ନକରି ତୁରନ୍ତ କୋରାପୁଟ ଡାକ୍ତରଖାନାକୁ ରେଫର କରାଯାଉଛି। ଏହି ଡାକ୍ତରଖାନା କେବେଳ ଏକ ରେଫରାଲ କେନ୍ଦ୍ର ଭାବେ କାମ କରୁଛି। ସମ୍ବଳ ଅଭାବରୁ ଜିଲା ବାହାରେ ଥିବା ଡାକ୍ତରଖାନାକୁ ଯାଇ ଲୋକେ ଚିକିତ୍ସିତ ହୋଇପାରୁନାହାନ୍ତି। ଜିଲାର ଅନେକ ସାମାଜିକ ସଙ୍ଗଠନ ପର୍ଯ୍ୟାପ୍ତ ପରିମାଣର ରକ୍ତ ସରକାରୀ ଡାକ୍ତରଖାନାର ରକ୍ତ ଭଣ୍ଡାରକୁ ଦେଉଥିଲେ ମଧ୍ୟ ଆବଶ୍ୟକ ସମୟରେ କେବେ ରୋଗୀଙ୍କୁ ମିଳୁନାହିଁ। ରୋଗୀଙ୍କୁ ଅନ୍ୟ ବ୍ୟକ୍ତିଙ୍କ ରକ୍ତ ଆଣି ବଦଳ ପାଇଁ ବାଧ କରାଯାଉଛି। ସଦର ମହକୁମା ଡାକ୍ତରଖାନା ଆଇସିୟୁରେ ଥିବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଦୀର୍ଘ ମାସ ହେଲା ଅଚଳ ହୋଇ ପଡ଼ିଥିବାରୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ ନେଇ ଦାବି କରାଯାଇଛି। ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ସହ ଜିଲାବାସୀଙ୍କୁ ଅତି ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବାପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଜିଲା ସଦର ମହକୁମା ଡାକ୍ତରଖାନାରେ ନିଯୁକ୍ତ ସୁରକ୍ଷା କର୍ମୀ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରୁଥିବାର ଅଭିଯୋଗ ହେଉଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ନବରଙ୍ଗପୁରରେ ଏକ ଭେଷଜ ମହାବିଦ୍ୟାଳୟ ସ୍ଥାପନ ପାଇଁ ବିଗତ ଦିନରେ ଓଡିଶା ସରକାର ଘୋଷଣା କରିଥିବା ଯୋଗୁ ଏହାର ସ୍ଥାପନା ପାଇଁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ନାଗରିକ କମିଟି ସଭାପତି ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ସମ୍ପାଦକ ରାମପ୍ରସାଦ ପାତ୍ର, ସହକାରୀ ଆବାହକ ପ୍ରଦୀପ ସାହୁ, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ର, କିଶୋରୀ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ତପନ ବିଷୋୟୀ, ସୁବ୍ରତ ବେହେରା, ପ୍ରଭାସିନୀ ମହାନ୍ତି ଉପସ୍ଥିତ ଥିଲେ। ସମସ୍ୟାଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ବିଚାରକୁ ନେଇ ପ୍ରତିକାର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦାବିପତ୍ର ଗ୍ରହଣ କରୁଛନ୍ତି।

# ତଣ୍ଟି କାଟି ମହିଳାଙ୍କୁ ହତ୍ୟା

## ଏମ୍ସରେ ମୃତ୍ୟୁ ସହ ସଂଘର୍ଷ କରୁଛି ଝିଅ

ବ୍ରହ୍ମପୁର, ୧୧।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମା ନଗରରେ ରବିବାର ରାତିରେ ଜଣେ ମହିଳାଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିବା ବେଳେ ତାଙ୍କ ଝିଅକୁ ମରଣାନ୍ତକ ଆକ୍ରମଣ କରାଯାଇଛି। ମୃତ ମହିଳା ହେଲେ ଗାୟତ୍ରୀ ସ୍ୱାଇଁ (୩୦)। ୧୦ ବର୍ଷୀୟା ଝିଅ ନିଲମ ସ୍ୱାଇଁଙ୍କୁ ଗୁରୁତର ଅବସ୍ଥାରେ ଏମ୍କେସିଜି ମେଡିକାଲକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଏମ୍କେସିଜିରେ ପୋଲିସ ଗୁରୁତର ନାବାଳିକାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ସଂଗ୍ରହ କରିଛି। ଅଭିଯୁକ୍ତ ଜଣଙ୍କ ତାଙ୍କର ଜଣେ ସମ୍ପର୍କୀୟ। ସେ ରବିବାର ରାତିରେ ଘରେ ଥିଲେ ବୋଲି ନିଲମ ପୋଲିସକୁ କହିଛନ୍ତି। ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ କରୁଛି। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ସଦର ଏସ୍‌ଡିପିଓ, ଥାନାଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ବିଭିନ୍ନ ଦିଗରୁ ଛାନଭିନ କରୁଛି।

ପ୍ରକାଶ ଯେ, ଗାୟତ୍ରୀଙ୍କ ସ୍ୱାମୀ କୋରାପୁଟର ସାଧୁଚରଣ ସ୍ୱାଇଁ ଭୁବନେଶ୍ୱରରେ କାମ କରୁଥିବାରୁ ସେଠାରେ ରହୁଛନ୍ତି। ଗାୟତ୍ରୀ ଷଷ୍ଠ ଶ୍ରେଣୀରେ ପଢୁଥିବା ଝିଅ ନିଲମଙ୍କୁ ଧରି ବ୍ରହ୍ମପୁରରେ ଭଡ଼ାଘରେ ରହୁଥିଲେ। ଶନିବାର ଝିଅକୁ ଧରି ସେ ହିଞ୍ଜିଳିକାଟୁରେ ରହୁଥିବା ତାଙ୍କ ଭାଇଙ୍କୁ ରାଖୀ ବାନ୍ଧିବା ପାଇଁ ଯାଇଥିଲେ। ରବିବାର ସନ୍ଧ୍ୟାରେ ମା', ଝିଅ ଭଡ଼ାଘରକୁ ଫେରିଥିଲେ। ସୋମବାର ଭୋର୍‌ରେ ହତ୍ୟାକାଣ୍ଡ ଘଟିଥିବା ଜଣାପଡିଥିଲା। ନିମଖଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସେଠାକାର ସିସିଟିଭି ଫୁଟେଜ୍ ଯାଞ୍ଚ ବେଳେ ଜଣେ ଯୁବକ ରବିବାର ବିଳମ୍ବିତ ରାତିରେ ସେହି ଘରୁ ବାହାରୁଥିବା ଦେଖିବାକୁ ମିଳିଛି। ସେ ଚାଲି ଚାଲି ଯାଇ ସାହି ଶେଷମୁଣ୍ଡରେ ଥିବା ଏକ ବାଇକ୍‌ରେ ପଳାଇ ଯାଇଥିବା ଜଣାପଡିଛି। ଗାୟତ୍ରୀଙ୍କ ଗଳାକାଟି ହତ୍ୟା କରିବା ପରେ ଅଭିଯୁକ୍ତ ଚିହ୍ନଟ ହୋଇଯିବା ଭୟରେ ନିଲମଙ୍କ ବେକରେ ଖଣ୍ଡା ଚୋଟ ପକାଇଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏପରିକି ଘଟଣା ଘଟାଇବା ପରେ ସେ ବାହାର ପଟୁ ତାଲା ପକାଇ ଚମ୍ପଟ ମାରିଥିବା ପୋଲିସ ସନ୍ଦେହ କରୁଛି। ଗାୟତ୍ରୀଙ୍କ ଭାଇ ଚିତ୍ରସେନଙ୍କ ଅଭିଯୋଗ ଅନୁସାରେ ପୋଲିସ ନଂ.୨୪୩/୨୫ରେ ହତ୍ୟା ମାମଲା ରୁଜୁ କରିଛି। ଲୋଚପଡା ଅଞ୍ଚଳରେ ବ୍ୟବସାୟ କରୁଥିବା ଜଣେ ଯୁବକ ଏହି କାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସେ ଧରାପଡ଼ିଲେ ହତ୍ୟାର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ଝିଅପୁଅଙ୍କ ସମ୍ମୁଖରେ ମା'ଙ୍କ ଗଳାକାଟି ହତ୍ୟା

## ୨ ଅଭିଯୁକ୍ତ ଗିରଫ

ନୟାଗଡ଼, ୧୧।୮ (ଲୋକନାଥ ମିଶ୍ର)


ଜୟନ୍ତୀ ବେହେରା

ନୟାଗଡ଼ ଜିଲା ଫତେଗଡ଼ ଥାନା ଭାପୁର ବିଟ୍ ହାଉସ୍ ଅନ୍ତର୍ଗତ ଭାପୁରରେ ଜୟନ୍ତୀ ବେହେରା(୩୬)ଙ୍କୁ ରବିବାର ରାତିରେ ଗଳାକାଟି ହତ୍ୟା କରାଯାଇଛି। ଝିଅପୁଅଙ୍କ ସମ୍ମୁଖରେ ନିଜ ଘରେ ମା'ଙ୍କୁ ହତ୍ୟା କରାଯାଇଛି। ଅଭିଯୋଗ ପାଇ ପୋଲିସ କଟକ ଜିଲା ବୈଦେଶ୍ୱର ଥାନା ଅଞ୍ଚଳର ମଉସା ଶ୍ୱଶୁର ପୁଅ ମନୋଜ କୁମାର ସାହୁ ଓ ମନୋଜଙ୍କ ସାଙ୍ଗ ରାଜାଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ନଂ. ୨୬୦/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

କରବର ଗାଁର ମହେଶ୍ୱର ବେହେରାଙ୍କ ଅଭିଯୋଗ ଅନୁସାରେ ସାନ ଝିଅ ଜୟନ୍ତୀ ଭାପୁରର ସୁରେଶ କୁମାର ବେହେରାଙ୍କୁ ବିବାହ କରିଥିଲେ। ସୁରେଶ ଜଣେ ପାଇପ ମିସ୍ତ୍ରି ଥିଲେ। ୨ ବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ଭାପୁର ଘରେ ନାତି ରଷି (୬) ଓ ନାତୁଣୀ ଲିଜା (୧୧)ଙ୍କ ସହ ଝିଅ ରହୁଥିଲେ। ଭାପୁର ବାସୁଦେବପୁର ଦେବ ବିଦ୍ୟାପୀଠରେ ଜୟନ୍ତୀ ପାଚିକା ଭାବେ କାମ କରୁଥିଲେ। ତେବେ ରବିବାର ରାତିରେ ଜୟନ୍ତୀଙ୍କ ଗଳାକାଟି ହତ୍ୟା ଖବର ଶୁଣିଥିଲେ। ସେଠାରେ ପହଞ୍ଚିବା ପରେ ଝିଅର ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅକୁ ବୈଦେଶ୍ୱର ଥାନା ଅଞ୍ଚଳର ମନୋଜ କୁମାର ସାହୁ ଓ ତାଙ୍କ ସାଙ୍ଗ ରାଜା ଛୁରିରେ ଗଳାକାଟି ହତ୍ୟା କରିଥିବା ନାତୁଣୀ ନାତିଙ୍କଠାରୁ ଜାଣିବାକୁ ପାଇଥିଲେ। ହତ୍ୟା ପରେ ଅଭିଯୁକ୍ତଦ୍ୱୟ ଘରୁ ମୋବାଇଲ ନେଇ ବାରିପଟେ ପଳାଇଯାଇଥଲେ ବୋଲି ଅଭିଯୋଗ ହୋଇଛି। ତେବେ ହତ୍ୟାର ପ୍ରକୃତ କାରଣ ଏଯାବତ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

- ହଷ୍ଟେଲ ଛାତରୁ ପଡ଼ିଯାଇଥିବା ସନ୍ଦେହ
- ଜଣେ ଯୁବନେତାଙ୍କ ଡ୍ରାଇଭର ଥିଲେ

ଭୁବନେଶ୍ୱର, ୧୧।୮ (ସତ୍ୟଜିତ୍ ରାଉତ)- ଉତ୍କଳ ବିଶ୍ୱବିଦ୍ୟାଳୟର ଫକୀର ମୋହନ ଛାତ୍ରାବାସରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ କମଳାଦେଈପୁରର ବିଶ୍ୱରଞ୍ଜନ ଯାଦବ (୩୨)। ସେ ଜଣେ ଯୁବନେତାଙ୍କ ଡ୍ରାଇଭର ଭାବେ କାମ କରୁଥିଲେ ବୋଲି ସୂଚନା ମିଳିଛି। ସୋମବାର ପାହାନ୍ତା ସମୟରେ ବିଶ୍ୱନାଥ ଛାତରୁ ପଡିଯାଇ ମୃତ୍ୟୁବରଣ କରିଥିବା ଚର୍ଚ୍ଚା ହେଉଛି। ପୋଲିସ ପ୍ରାଥମିକ ତଦନ୍ତରୁ ଏହା ସନ୍ଦେହ କରୁଥିବା ବେଳେ ଅନ୍ୟାନ୍ୟ ଦିଗକୁ ନେଇ ମଧ୍ୟ ତଦନ୍ତ ତ୍ୱରାନ୍ୱିତ କରିଛଇ। ବିଶ୍ୱରଞ୍ଜନଙ୍କ ଭିଣୋଇ ସତ୍ୟବ୍ରତ ନାୟକଙ୍କ ରିପୋର୍ଟ ଆଧାରରେ ଶହୀଦନଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୫/୨୦୨୫) ରୁଜୁ କରି ତଦନ୍ତ କରୁଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ବିଶ୍ୱରଞ୍ଜନଙ୍କ ମୃତଦେହକୁ ତାଙ୍କ ପିରବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବିଶ୍ୱବିଦ୍ୟାଳୟର ହଷ୍ଟେଲରୁ ଜଣେ ଅଣଛାତ୍ରଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ସେ ଛାତ ଉପରେ ଶୋଇଥିବା ବେଳେ ଅସାବଧାନତାରୁ ପଡ଼ିଗଲେ ନା ତାଙ୍କୁ କେହି ଠେଲିଦେଇଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱରଞ୍ଜନ ଭୁବନେଶ୍ୱରର ଅନ୍ୟ ସ୍ଥାନରେ ରହିବା ସହ ଅଧିକାଂଶ ସମୟରେ ବିଶ୍ୱବିଦ୍ୟାଳୟର ଫକୀର ମୋହନ ହଷ୍ଟେଲକୁ ଯାଉଥିଲେ। ହଷ୍ଟେଲର ୯୨ ନଂ. ରୁମ୍‌ରେ ରହୁଥିଲେ। ତେବେ ରବିବାର ସେ ସାଙ୍ଗମାନଙ୍କ ସହ ହଷ୍ଟେଲରେ ଭୋଜିଭାତ କରି ଖାଇଥିଲେ। ତେବେ ରାତିପ୍ରାୟ ୩ଟା ୪୫ରେ ହଷ୍ଟେଲ କେୟାର ଟେକର ଶୌଚ ସାରି ସ୍ନାନ ହୋଇ ରୁମ୍‌କୁ ଯିବା ବେଳେ ଏକ ଶବ୍ଦ ଶୁଣିଥିଲେ। ବିଶ୍ୱରଞ୍ଜନଙ୍କ ମୃତଦେହ ତଳେ ପଡିଥିବା ସେ ଦେଖିବାକୁ ପାଇ ଅନ୍ୟ ଛାତ୍ରମାନଙ୍କୁ ଜଣାଇଥିଲେ। ପରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, ୱାର୍ଡେନ୍ ପ୍ରମୁଖ ଘଟଣାସ୍ଥଳକୁ ଆସିବା ସହ ପୋଲିସକୁ ଜଣାଯାଇଥିଲା।

# ପଥର ଖଣିରେ ଶ୍ରମିକଙ୍କ ମୃତଦେହ


ଗୁଣ୍ଡୁରାପଶି ୨ନଂ. ପଥର ଖଣିରେ ମୃତଦେହ ପଡିଛି।

ଢେଙ୍କାନାଳ, ୧୧।୮ (ରତନ ନାୟାର)/ ଭାପୁର (ରାଜକୁମାର ପ୍ରଧାନ)

## ହତ୍ୟା ଅଭିଯୋଗ ନେଇ ଉତ୍ତେଜନା, ରାସ୍ତା ଅବରୋଧ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦର ଥାନା ଇନ୍ଦିପୁର ନିକଟସ୍ଥ ଗୁଣ୍ଡୁରାପଶି ୨ନଂ. ପଥର ଖଣିରୁ ସୋମବାର ସକାଳେ ଜଣେ ଶ୍ରମିକ ଅକ୍ଷୟ ନାୟକ(୫୫)ଙ୍କ ମୃତଦେହ ମିଳିଥିଲା। ତାଙ୍କ ଘର ବେଶାଳିଆ ଗ୍ରାମରେ। ଖବରପାଇ ପରିବାର ସଦସ୍ୟ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଅକ୍ଷୟଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିବା ସହ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ସଦର ଥାନା ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲା। ପରେ ଖଣି ନିଲାମ ନେଇଥିବା ବ୍ୟକ୍ତିଙ୍କ ପକ୍ଷରୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ନିକଟରେ ଏକ ଜେସିବି ମେଶିନ ରହିଥିବା ବେଳେ ଗଭୀର ପଥର ଖଣିରେ ଅକ୍ଷୟଙ୍କ ମୃତ୍ୟୁ କିଭଳି ହେଲା ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଇନ୍ଦିପୁର ଅଞ୍ଚଳରେ ବହୁ ସଂଖ୍ୟାରେ ବେଆଇନ ପଥରଖଣି ରହିଥିବା ବେଳେ ସେଠାରେ ପଥର ବ୍ୟବସାୟୀଙ୍କ ପ୍ରାଦୁର୍ଭାବରେ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ କହିଛନ୍ତି, ଶ୍ରମିକଙ୍କ ମୃତଦେହ ମିଳିଥିବା ଖଣି ବେଆଇନ ନା ଆଇନ ସମ୍ମତ ତାହା ଖଣି ବିଭାଗ ଅଧିକାରୀ କହିପାରିବେ। ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଏହି ଘଟଣାକୁ ନେଇ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇପାରିନାହିଁ। ଅଭିଯୋଗ ଆସିଲେ ଏହାକୁ ଆଧାର କରି ମାମଲା ରୁଜୁ ହେବ। ତେବେ ଶ୍ରମିକଙ୍କ ମୃତଦେହ ଉଦ୍ଧାରର ୧୨ ଘଣ୍ଟାର ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ ପାଇଁ ତତ୍ପରତା ନ ଦେଖାଇବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ପଥର ବ୍ୟବସାୟୀମାନଙ୍କ ପ୍ରତି ପ୍ରଶାସନ ଓ ପୋଲିସର ଅହେତୁକ ଅନୁକମ୍ପା ଏକପ୍ରକାର ସ୍ପଷ୍ଟ ହୋଇଥିବା ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

# ୫ ଆଇଇଡି ବୋମା ଜବତ

ମାଲକାନଗିରି, ୧୧।୮ (ଦୁର୍ଯ୍ୟୋଧନ ପାତ୍ର)-ଛତିଶଗଡ଼ ନାରାୟଣପୁର ଜିଲାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ୫ ଆଇଇଡି ବୋମା ସୋମବାର ଜବତ କରାଯାଇଛି।

ସୂଚନା ଅନୁଯାୟୀ, ନାରାୟଣପୁର ଜିଲା କୁତୁଲ ଗ୍ରାମଠାରୁ ଯବାନମାନେ ସର୍ଚ୍ଚ ଅପରେଶନ ପାଇଁ ବାହାରିଥିଲେ। ଏହି ସମୟରେ ଗୋଡନାର ଗ୍ରାମ ପାଖରେ ଥିବା ଏକ ନାଳ ନିକଟରୁ ୨ କିଲୋ ଓଜନର ଦୁଇଟି ଆଇଇଡି ବୋମା ଜବତ କରାଯାଇଥିଲା। ସେହିପରି କୋଡନାର ଓ ଧୁରବେଡା ଗ୍ରାମ ପାଖ ନାଳ ନିକଟରୁ ୩ କିଲୋ ଓଜନର ଦୁଇଟି ଆଇଇଡି ବୋମା ଜବତ ହୋଇଛି। ସମସ୍ତ ବୋମାକୁ ସୁରକ୍ଷିତ ସ୍ଥଳକୁ ନେଇ ସେଠାରେ ନିଷ୍କ୍ରିୟ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।


ଜବତ ହୋଇଥିବା ଆଇଇଡି।

# ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

ମୋହନା, ୧୧।୮ (ମନ୍ମଥ ମିଶ୍ର)


ରେଶ୍ମା (ଫାଇଲ ଫଟୋ)

ସ୍ତ୍ରୀଙ୍କୁ କଟୁରିରେ ହାଣି ହତ୍ୟା କରିଛନ୍ତି ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କୁଙ୍କୁଣୀ ଗାଁରେ। ମୃତା ହେଲେ ରେଶମା ବାଗସିଂ(୨୬)। ତେବେ ଅଭିଯୁକ୍ତ ସ୍ୱାମୀ ଅନନ୍ତ ବାଗସିଂ(୩୦)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାରେ ବ୍ୟବହୃତ କଟୁରି ଜବତ ହୋଇଛି। ଖବରରୁ ଜଣାପଡିଛି, ରବିବାର ସନ୍ଧ୍ୟାରେ ଅନନ୍ତ, ସ୍ତ୍ରୀ ରେଶମା ପିଲାଙ୍କୁ ଧରି ମୋହନାରେ ପଡ଼ିଥିବା ମୀନାବଜାର ବୁଲିବାକୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ବୁଲାବୁଲି ସାରି ସେମାନେ ଘରକୁ ଫେରିଥିଲେ। ପରେ ଅନନ୍ତ ଓ ରେଶ୍ମାଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅନନ୍ତ ଏକ କଟୁରିରେ ରେଶ୍ମାଙ୍କ ବେକ ଓ ମୁହଁକୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ବିଳମ୍ବିତ ରାତିରେ ମୋହନା ମେଡିକାଲକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରେଶ୍ମାଙ୍କ ବାପା ରାଧାକାନ୍ତ ନାୟକ ମୋହନା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ନଂ. ୧୨୪/୨୫ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ପ୍ରାଥମିକ ତଦନ୍ତ ପରେ ସ୍ୱାମୀ ଅନନ୍ତଙ୍କୁ ଗିରଫ କରାଯାଇଛି। ଏହାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

# ଗାଁ ଦାଣ୍ଡରେ ଜଣଙ୍କୁ ହତ୍ୟା କଲେ ଯୁବକ

ହିଞ୍ଜିଳିକାଟୁ, ୧୧।୮ (ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲାରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ସାମାନ୍ୟ ଘଟଣାରେ ହତ୍ୟାକାଣ୍ଡ ଘଟୁଛି। ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ରାଳବ ଗାଁ ଦାଣ୍ଡରେ ସୋମବାର ଅପରାହ୍ନରେ ଜଣଙ୍କୁ ଛୁରି ଭୁଷି ହତ୍ୟା କରାଯାଇଛି। ସେ ହେଲେ ରାଳବ ଗାଁ ଖଣ୍ଡିଆ ସାହିର ହରି ପଟ୍ଟନାୟକ (୫୨)। ଗାଁ ଦାଣ୍ଡରେ ଥିବା ମେଳା ମଣ୍ଡପ ଫ୍ୟାନ ସୁଇଚ ବନ୍ଦ ଘଟଣାକୁ କେନ୍ଦ୍ର କରି ଏପରି ଘଟଣା ଘଟିଛି। ଅଭିଯୁକ୍ତ ଅରୁଣ ଦଳାଇ (୩୪)ଙ୍କୁ ପୋଲିସ ଗିରଫ କରିଛି।

ଖବରରୁ ଜଣାପଡିଛି, ସୋମବାର ଅପରାହ୍ନରେ ଖଣ୍ଡିଆ ସାହିରେ ଥିବା ମେଳା ମଣ୍ଡପରେ ଅନ୍ୟମାନଙ୍କ ସହ ଅରୁଣ ଶୋଇଥିଲେ। ତେବେ ସେ ନିଦରୁ ଉଠିଲା ବେଳକୁ କେହି ମେଳା ମଣ୍ଡପ ସିଲିଂ ଫ୍ୟାନ ସୁଇଚ ବନ୍ଦ କରିଦେଇଥିଲେ। ଏହାକୁ ନେଇ ଅରୁଣ ସେଠାରେ ଥିବା ହରି ପଟ୍ଟନାୟକଙ୍କ ସାନପୁଅ ସାଗରଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ସାଗର ଘରେ କହିଥିଲେ। ହରି ଏ ବିଷୟରେ ଅରୁଣଙ୍କୁ ପଚାରିଥିଲେ। ଏଥିରେ ଅରୁଣ ଉତ୍ତ୍ୟକ୍ତ ହୋଇ ଘରୁ ଏକ ଛୁରି ଆଣି ହରିଙ୍କୁ ଗାଁ ଦାଣ୍ଡରେ ହତ୍ୟା କରିଥିଲେ। ହରିଙ୍କ ପେଟ ଓ ଗଳାର ବିଭିନ୍ନ ସ୍ଥାନରେ ଛୁରିରେ ଆଘାତ ପରେ ସେ ରକ୍ତ ଜୁଡୁବୁଡୁ ହୋଇ ଟଳି ପଡ଼ିଥିଲେ। ଖବର ପାଇ ହିଞ୍ଜିଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଅରୁଣଙ୍କୁ କାବୁ କରି ନେଇଥିଲା। ମୃତଦେହକୁ ଜବତ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ମଙ୍ଗଳବାର ସାଇଣ୍ଟିଫିକ ଫୋରେନସିକ ଟିମ୍ ଦ୍ୱାରା ତଦନ୍ତ କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯିବ ବୋଲି ପୋଲିସ କହିଛି। ଘଟଣା ନେଇ ମୃତକ ହରିଙ୍କ ଶଳା ଛବି ମହାନ୍ତି ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ହିଞ୍ଜିଳି ଥାନାରେ ନଂ. ୬୩୫/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାକୁ ନେଇ ଗାଁରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ

## ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା

କୁଜଙ୍ଗ, ୧୧।୮ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ବନ୍ଧ ରେଳଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାରେ ସୋମବାର ଜଣେ ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ ହୋଇଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଚରଦିଆ ଗ୍ରାମର ଟୁକୁନା ରାଉତଙ୍କ ଝିଅ ଭାରତୀ ରାଉତ। ସ୍ଥାନୀୟ ଲୋକେ ଓ ବାଟୋଇ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଅପରପକ୍ଷେ ଆକ୍ରମଣ କରିଥିବା ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଶେରଗଡ଼ ଥାନା ଅନ୍ତର୍ଗତ ପାଇକସାହି ଗାଁର ରାଜେଶ ବେହେରା। ମାତ୍ର ତାଙ୍କ ସହଯୋଗୀଦ୍ୱୟ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କିଛିବର୍ଷ ପୂର୍ବେ ଭାରତୀ ଏରସମା ଥାନା ଅନ୍ତର୍ଗତ ତନ୍ତିଆ ଗ୍ରାମର ସୁବଳ ଖଟୁଆଙ୍କ ସାନପୁଅ ରାକେଶ ଖଟୁଆଙ୍କୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀଙ୍କ ସହ ବେଙ୍ଗାଲୁରୁ ଚାଲିଯାଇଥିଲେ। ସେଠାରେ ପଡ଼ୋଶୀ ଭାବେ ରହୁଥିବା ରାଜେଶଙ୍କ ସହ ଭାରତୀଙ୍କର ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିବା କୁହାଯାଇଛି। କିଛିଦିନ ପୂର୍ବେ ଭାରତୀଙ୍କୁ ସ୍ୱାମୀ ଆଣି ତନ୍ତିଆରେ ଛାଡ଼ି ବେଙ୍ଗାଲୁରୁ ଫେରିଯାଇଥିଲେ। ସୋମବାର ଭାରତୀ କୌଣସି କାରଣରୁ ପାଟପୁର ଆସିବା ସମୟରେ ରେଳଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାରେ ରାଜେଶ ଓ ତାଙ୍କ ୨ ସହଯୋଗୀ ସାକ୍ଷାତ କରିଥିଲେ। ପରସ୍ପର କଥା ହେବା ମଧ୍ୟରେ ରାଜେଶ ଏକ ଧାରୁଆ ଅସ୍ତ୍ରରେ ଭାରତୀଙ୍କ ଗଳା ଓ ବାମ ହାତ କାଟି ଦେଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ରାଜେଶଙ୍କୁ କାବୁ କରି ମାଡ଼ ମାରି ଆହତ କରିବା ସହ ପୋଲିସ ଜିମା ଦେଇଛନ୍ତି। ପରେ ରାଜେଶଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି।

ଏ ସମ୍ପର୍କରେ ଭାରତୀଙ୍କ ଶ୍ୱଶୁର ସୁବଳ ଖଟୁଆ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ, ବୋହୂ ଭାରତୀ ସୁଭଦ୍ରା ଟଙ୍କା ଆସିଛିକି ନାହିଁ ଜାଣିବା ପାଇଁ ଚଟୁଆ ଗ୍ରାମ୍ୟବ୍ୟାଙ୍କକୁ ଆସିଥିଲେ। କିନ୍ତୁ ଖବର ପାଇଲେ ଯେ, କୌଣସି ବ୍ୟକ୍ତି ପାଟପୁର ନିକଟ ଷ୍ଟେଶନ ରାସ୍ତାରେ ତାଙ୍କୁ ହାଣି ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ.୨୯୯/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ଚୋରା ଖଣିଜ ବୋଝେଇ ଟ୍ରକ୍ ଜବତ

ଯୋଡ଼ା, ୧୧।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ନିକଟରୁ ପୋଲିସ ଏକ ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଛି। ପୋଲିସ ଗାଡ଼ି ସହ ଲୁହାପଥର ଥାନାକୁ ଆଣି ତଦନ୍ତ କରୁଛି। ଜବତ ଲୁହପଥରର ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ବାଂଶପାଣି ରେଳ ସାଇଡିଂରେ ଚଢ଼ାଉ କରିଥିଲା। ପୋଲିସ ଘଟଣାସ୍ଥଳରୁ ଲୁହାପଥର ବୋଝେଇ ଟ୍ରକ୍ (ନଂ. ଓଡି ୦୯ ଭି ୦୦୧୩)କୁ ଜବତ କରିଥିଲା। ଅନ୍ଧାରର ସୁଯୋଗ ନେଇ ଚୋରା ଖଣିଜ ବ୍ୟବସାୟୀ ସେଠାରୁ ଫେରାର ହୋଇଯାଇଥିଲେ। ଟ୍ରକ୍‌ରେ ପ୍ରାୟ ୩୦ ମେଟ୍ରିକ ଟନ୍ ଗୁଣ୍ଡ ଲୁହାପଥର ବୋଝେଇ ହୋଇଥିଲା, ଯାହାର ବଜାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ଆକଳନ କରାଯାଇଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା (ନଂ.୨୧୫/୨୦୨୫)ରୁଜୁ ହୋଇଛି। ପ୍ରକାଶଯୋଗ୍ୟ, ଯୋଡ଼ା ଖଣି ମଣ୍ଡଳରେ ଚୋରା ଖଣି ଖନନ ଏବଂ ଚୋରା ଖଣିଜ ପରିବହନ ବହୁ ମାତ୍ରାରେ ବୃଦ୍ଧି ପାଇଛି। ଚୋରା ଖଣିଜ ଖନନ କାରବାର ନେଇ ଭିଜିଲାନ୍ସ ପକ୍ଷରୁ କୋଇଡ଼ା ଖଣି ମଣ୍ଡଳରେ ତଦନ୍ତ କରାଯାଉଛି। ତେଣୁ ଖଣିଜ ଚୋରା ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ଏବେ ଯୋଡ଼ା ଖଣି ମଣ୍ଡଳରେ ପଡ଼ିଛି। ଜଗୁଆଳି ନ ଥିବା, ଦାବିଦାର ନ ଥିବା ପ୍ରାୟ ୭୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଲୁହାପଥର ଓ ମାଙ୍ଗାନିଜ ପଥର ଯୋଡ଼ା ଖଣି ମଣ୍ଡଳର ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ପଡ଼ିରହିଛି। ଏହାକୁ ଖଣିଜ ଚୋରା ବ୍ୟବସାୟୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ବୋହି ନେଇଯାଉଥିବା ଅଭିଯୋଗ ହେଉଛି।


ଜବତ ଖଣିଜ ବୋଝେଇ ଟ୍ରକ୍।

# ସିନ୍ ରିକ୍ରିଏଶନ କଲେ ଏସ୍‌ପି

## ଛାତ୍ରୀଙ୍କୁ ବଳାତ୍କାର ଘଟଣା

ଖଇରା (ଉତ୍କଳବନ୍ଧୁ ପଣ୍ଡା)/ ସିମୁଳିଆ (ସନ୍ତୋଷ ନାୟକ), ୧୧।୮

ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ ଅଧୀନ ଅନ୍ତରା କେନାଲ ନିକଟରେ ରବିବାର ଅପରାହ୍ନରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିଲା। ଏହି ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ସୋମବାର ଘଟଣାସ୍ଥଳକୁ ନେଇ ଏସ୍‌ପି ରାଜ ପ୍ରସାଦ ସିନ୍ ରିକ୍ରିଏଶନ କରିଛନ୍ତି। ଅଭିଯୁକ୍ତ ପ୍ରଶାନ୍ତ ସାମଲ ଘଟଣାବେଳର ସମସ୍ତ ତଥ୍ୟ ପୋଲିସ ଆଗରେ ପ୍ରକାଶ କରିଥିଲେ। ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସିମୁଳିଆ ଆଇଆଇସି ଶ୍ରବଣ କୁମାର ମହାରଣାଙ୍କ ସହ ସାଇଣ୍ଟିଫିକ ଏବଂ ଓଡ୍ରାଫ ଟିମ୍ ଏହି ସମୟରେ ଉପସ୍ଥିତ ଥିଲେ। ପୋଲିସ ତଦନ୍ତ ସମୟରେ ପାଣିରେ ଭାସୁଥିବା ଅଭିଯୁକ୍ତଙ୍କ ପ୍ୟାଣ୍ଟଶାର୍ଟକୁ ଉଦ୍ଧାର କରିଥିଲେ।


ସିନ ରିକ୍ରିଏଶନ ପାଇଁ ଅଭିଯୁକ୍ତଙ୍କୁ ପୋଲିସ ଘଟଣାସ୍ଥଳକୁ ନେଉଛି।

ଶାସକ ଦଳ ଘଟଣାକୁ ନେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ବିରୋଧୀ ବିଜେଡି ଓ କଂଗ୍ରେସ ନାରୀ ସୁରକ୍ଷା ପ୍ରଶ୍ନ ଉଠାଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ହସ୍ପିଟାଲରେ ପୀଡିତାଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସେହିଭଳି ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଚିକିତ୍ସାଧୀନ ପୀଡିତାଙ୍କୁ ଭଦ୍ରକ ମେଡିକାଲରେ ଭେଟି ପରିବାରବର୍ଗଙ୍କୁ ଆଶ୍ୱାସନା ଦେଇଛନ୍ତି। ଅଭିଯୁକ୍ତଙ୍କୁ କଠୋରତମ ଦଣ୍ଡବିଧାନ, ପୀଡିତାଙ୍କୁ ଉତ୍ତମ ଚିକିତ୍ସା, ପୀଡିତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଲାଗି ଦାବି କରିଛନ୍ତି। ସେହିଭଳି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ପୀଡିତାଙ୍କୁ ଭେଟିବା ପରେ ଓଡ଼ିଶାରେ ବାରମ୍ବାର ନାରୀ ନିର୍ଯାତନାକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରବିବାର ଅପରାହ୍ନରେ ନବମଶ୍ରେଣୀ ଛାତ୍ରୀ ଜଣକ ଟ୍ୟୁଶନରୁ ଫେରୁଥିବା ବେଳେ ଜେଲଫେରନ୍ତା ପ୍ରଶାନ୍ତ ବଳପୂର୍ବକ ଛାତ୍ରୀଙ୍କୁ ଅନ୍ତରା କେନାଲ ନିକଟସ୍ଥ ବୁଦା ଆଢୁଆଳକୁ ନେଇ ବଳାତ୍କାର କରି ପଳାଇ ଯାଉଥିବା ବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଗଛରେ ବାନ୍ଧି ନିର୍ଦ୍ଦୟ ମାଡ଼ ମାରିବା ସହ ବାଇକକୁ ପୋଡ଼ି ଦେଇଥିଲେ। ଗ୍ରାମବାସୀଙ୍କୁ ହସ୍ତାନ୍ତର ପରେ ସିମୁଳିଆ ପୋଲିସ ଏକ ମାମଲା(ନଂ. ୩୭୮/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସଚିବଙ୍କୁ ମୁଖ୍ୟ ସଚିବଙ୍କ ତାଗିଦ

## କେବେ ପୂରଣ ହେବ ମୁଖ୍ୟମନ୍ତ୍ରୀଙ୍କ ୩୧ ନିର୍ଦ୍ଦେଶନାମା

## ୭ ଦିନରେ ୩ ଚେତାବନୀ

ଭୁବନେଶ୍ୱର,୧୧।୮ (ରବିନାରାୟଣ ଜେନା)

୨୦୩୬ ମସିହା ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଗଣିତ ହେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ପୂରଣ କରିବା ପାଇଁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ଦିନରାତି ଉଦ୍ୟମ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୩ ମାସ ମଧ୍ୟରେ ୩୧ଟି ଦିଗ ଉପରେ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସ୍ୱାସ୍ଥ୍ୟଠାରୁ ଶିକ୍ଷା ପର୍ଯ୍ୟନ୍ତ, କେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କେବେ ସୁଦ୍ଧା ଶେଷହେବ ସେନେଇ 'ସମୟସୀମା' ଧାର୍ଯ୍ୟ କରିଛନ୍ତି। ସଚିବଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ଆଶା ବହୁତ ଥିଲେ ହେଁ କେତେକ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ସରକାରୀ ତଥ୍ୟରୁ ପରିଲକ୍ଷିତ ହୋଇଛି। ଏହାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କିଭଳି ତ୍ୱରିତ ତଥା ନିର୍ଦ୍ଦିଷ୍ଟ ସମୟ ଭିତରେ କାର୍ଯ୍ୟାନ୍ୱୟନ ହେବ ତାକୁ ନେଇ ସପ୍ତାହକ ମଧ୍ୟରେ ସଚିବମାନଙ୍କୁ ୩ ଥର ଅବଗତ କରାଗଲାଣି। ମୁଖ୍ୟ ସଚିବଙ୍କ ଓଏସ୍‌ଡି କଲ୍ୟାଣ କୁମାର ରଥ ଚଳିତମାସ ୪ରେ ପତ୍ର ଲେଖି ଅବଗତ କରାଇଥିବାବେଳେ ୭ରେ ଯୋଜନା ଓ ସଂଯୋଜନ ବିଭାଗ ଓଏସ୍‌ଡି ଡି.କେ. ଜେନା ପତ୍ର ଲେଖି ଅବଗତ କରାଇଥିଲେ। ସେହିପରି ସୋମବାର ଓଏସ୍‌ଡି କଲ୍ୟାଣ କୁମାର ରଥ ବ୍ୟକ୍ତିଗତ ନୋଟ୍‌ଶିଟ୍ ଲେଖି ପୁନଶ୍ଚ ସଚିବମାନଙ୍କୁ ଜଣାଇ ଦେଇଛନ୍ତି।

କଲ୍ୟାଣ କୁମାର ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ମଙ୍ଗଳବାର ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ହେଲେ ପୂର୍ବରୁ ବିଭାଗ ପକ୍ଷରୁ ୧୦ଟି ଦିଗ ଉପରେ ଆଲୋଚନା ପାଇଁ ଯେଉଁ ଅବଗତ କରାଯାଇଥିଲା, ଏବେ ତା'ର ସଂଶୋଧନ କରାଯାଇଛି। ମଙ୍ଗଳବାର ମାତ୍ର ୪ଟି ଦିଗ ଉପରେ ବିସ୍ତୃତ ଆଲୋଚନା ହେବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ରହିଛି। ସେଥିମଧ୍ୟରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଦେଇଥିବା ନିର୍ଦ୍ଦେଶନାମା କେତେଦୂର ପାଳନ ହୋଇଛି ତାହା ଉପରେ ଦର୍ଶାଇବାକୁ ରହିଛି। ଏହାବାଦ୍ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ '୫ମ ମୁଖ୍ୟ ଶାସନ ସଚିବସ୍ତରୀୟ ସମ୍ମିଳନୀ' ହେବାକୁଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ। ଏହାସହ 'ମୁଖ୍ୟମନ୍ତ୍ରୀଙ୍କ ଡାସ୍‌ବୋର୍ଡ' ସମ୍ପର୍କିତ ଆଲୋଚନା ଏବଂ କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଉପରେ ମଧ୍ୟ ଆଲୋଚନା ହେବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୩ ମାସ ମଧ୍ୟରେ ପ୍ରଦାନ କରିଥିବା ୩୧ଟି ନିର୍ଦ୍ଦେଶନାମା ମଧ୍ୟରୁ ସ୍ୱାସ୍ଥ୍ୟ ବିଭାଗକୁ ସର୍ବାଧିକ ୮ଟି ନିର୍ଦ୍ଦେଶ ଦିଆଯାଇଛି। ସେଥିମଧ୍ୟରେ ଗୁଟ୍‌ଖା, ପାନମସଲା ଏବଂ ଅନ୍ୟାନ୍ୟ ମାଦକଦ୍ରବ୍ୟ ନିଷେଧ ଦିଗରେ ସ୍ୱତନ୍ତ୍ର ନିୟମ କିମ୍ବା ମାର୍ଗଦର୍ଶିକା କାର୍ଯ୍ୟକାରୀ କରିବାକୁ ମେ'୧୫ରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ଗୃହ, ଆଇନ, ଖାଦ୍ୟଯୋଗାଣ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା। ହେଲେ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ସେହିପରି ବିଭିନ୍ନ ସରକାରୀ ମେଡିକାଲ କଲେଜର ସମସ୍ୟା, ନୂତନ ମେଡିକାଲ କଲେଜର ନୂତନ ଖସଡ଼ା ପ୍ରସ୍ତୁତ ସହିତ ଯାଞ୍ଚ ପ୍ରକ୍ରିୟା, ସମସ୍ତ ଉପଖଣ୍ଡସ୍ତରୀୟ ହସ୍ପିଟାଲରେ ଫିଜିଓଥେରାପି ସେଣ୍ଟର ଖୋଲିବା ପ୍ରସଙ୍ଗ, ରୋଗୀଙ୍କୁ ତ୍ୱରିତ ଚିକିତ୍ସା ପ୍ରକ୍ରିୟାରେ ସରଳୀକରଣ, ଚିକିତ୍ସାରେ ଅତ୍ୟାଧୁନିକ ବୈଷୟିକ ପଦ୍ଧତି ପ୍ରଣୟନ, ଏମ୍‌କେସିଜି ମେଡିକାଲ ସମସ୍ୟା, ସରକାରୀ ଡାକ୍ତରଖାନାରେ 'ଡିଡିଆର୍ ଏବଂ ଡିଇଏକ୍ସଏ' ଯନ୍ତ୍ରାଂଶ ବ୍ୟବସ୍ଥା ପ୍ରଭୃତି ରହିଥିଲା। ହେଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅବଧି ପୂରଣ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇ ନ ଥିବା ଜଣାପଡ଼ିଛି। ସେହିପରି ନିର୍ମାଣ, ସାଧାରଣ ପ୍ରଶାସନ, ନଗର ଉନ୍ନୟନ, ଅବକାରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, ଉଚ୍ଚଶିକ୍ଷା, ଶିଳ୍ପ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ବ୍ୟକ୍ତିଗତ ନୋଟ୍‌ଶିଟ୍ ସଂକ୍ରାନ୍ତରେ କୌଣସି ତଥ୍ୟ ସରକାରଙ୍କ ହସ୍ତଗତ ହୋଇ ନ ଥିବା ଓଏସ୍‌ଡିଙ୍କ ପତ୍ରରୁ ଜଣାଯାଇଛି।

# ସାଙ୍ଗଙ୍କ ସହ ଟ୍ରାଫିକ କନ୍‌ଷ୍ଟେବଲ ମୃତ

## ବାଇକ୍-ପିକ୍‌ଅପ୍ ଭ୍ୟାନ ଧକ୍କା

ବ୍ରହ୍ମପୁର,୧୧।୮ (ସୁବାସ ଚନ୍ଦ୍ର ପାଢ଼ୀ)



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ବ୍ରହ୍ମପୁର-ଦିଗପହଣ୍ଡି ରାସ୍ତାର ନାରାୟଣପୁର ଛକ ନିକଟରେ ସୋମବାର ପୂର୍ବାହ୍ନରେ ଏକ ବାଇକ୍ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ମାନେ ହେଲେ ବ୍ରହ୍ମପୁର ଟ୍ରାଫିକ ଥାନାରେ କାର୍ଯ୍ୟରତ କନ୍‌ଷ୍ଟେବଲ ତଥା ବ୍ରହ୍ମପୁର ସହରରେ ରହୁଥିବା ଗଜପତି ଜିଲା ରାୟଗଡ ବ୍ଲକ ନାରଣପୁରର ଅନିଲ ନାୟକ(୩୪) ଓ ତାଙ୍କ ସାଙ୍ଗ ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ନୀଳକଣ୍ଠନଗରର ସେଖ୍ ରହିମ୍ (୪୦)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଛି।

ପ୍ରକାଶ ଯେ, କନ୍‌ଷ୍ଟେବଲ ଅନିଲ ରବିବାର ରାତିରେ ନିଜ ଡ୍ୟୁଟି ସାରିବା ପରେ ସାଙ୍ଗ ରହିମ୍‌ଙ୍କ ସହ ନିଜ ଗ୍ରାମକୁ ଯାଇଥିଲେ। ସୋମବାର ଏକ ପଲ୍‌ସର ବାଇକ୍ ଯୋଗେ ସେମାନେ ବ୍ରହ୍ମପୁର ଫେରୁଥିଲେ। ପୂର୍ବାହ୍ନ ୧୧ଟାରେ ଉଭୟ ନାରାୟଣପୁର ଛକ ଅତିକ୍ରମ କରୁଥିବା ବେଳେ ବ୍ରହ୍ମପୁରର ଦିଗପହଣ୍ଡି ଆଡକୁ ଯାଉଥିବା ପିକ୍‌ଅପ୍ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହେବାରୁ ଉଭୟେ ରାସ୍ତାରେ ଛିଟିକି ପଡିଥିଲେ। କନଷ୍ଟେବଳ ଅନିଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ରହିମ୍‌ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଓ ଏମକେସିଜି ମେଡିକାଲରେ ପହଞ୍ଚି ୨ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ନଂ. ୩୫୯/୨୫ରେ ମାମଲା ରୁଜୁ ହୋଇଛି। ପିକ୍‌ଅପ ଚାଳକ ଫେରାର ହୋଇଯାଇଥିବା ପୋଲିସ କହିଛି। ମୃତ ଅନିଲଙ୍କ ସ୍ତ୍ରୀ ମଧ୍ୟ ଟ୍ରାଫିକ ଥାନାରେ କନ୍‌ଷ୍ଟେବଲ୍ ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି।

# ଦାୟିତ୍ୱ ନେଲେ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି



ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି।

ଭୁବନେଶ୍ୱର,୧୧।୮ (ସୁଚିସ୍ମିତା ସାହୁ)

ରାଜ୍ୟରେ ନୂଆ ମହିଳା ଆୟୋଗ ଅଧ୍ୟକ୍ଷା ଭାବେ ଶୋଭନା ମହାନ୍ତି ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶୋଭନା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଆୟୋଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ଅବସରରେ ସେ କହିଛନ୍ତି, ସମାଜରେ ମହିଳାଙ୍କ ସହ ବିଭିନ୍ନ ପ୍ରକାର ଘଟଣା, ଦୁର୍ଘଟଣା ଘଟିଯାଉଛି। ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ରୋକିବାକୁ ପ୍ରାଧାନ୍ୟ ଦିଆଯିବ। ମହିଳାଙ୍କ ସୁରକ୍ଷା ପାଇଁ ସମସ୍ତ ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରାଯିବ। ସମସ୍ତ ଘଟଣାର ତଦନ୍ତ କରି ଦୋଷୀକୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଦୋଷୀକୁ ଦଣ୍ଡ ଦେବା ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି। ସମସ୍ତ ଆଇନଗତ ନିୟମକୁ ଅନୁଧ୍ୟାନ କରିବା ସହିତ କିଭଳି ନ୍ୟାୟ ପ୍ରଦାନ କରାଯାଇପାରିବ ସେଥିପ୍ରତି ଅଧିକ ଧ୍ୟାନ ଦେବି ବୋଲି ମହିଳା ଆୟୋଗ ଅଧ୍ୟକ୍ଷା କହିଛନ୍ତି।

# ଟ୍ରେଣ୍ଡ୍ କରୁଛି ଦିଭିତା ଜୁନେଜାଙ୍କ 'ଆଇ ଲଭ୍ ମାଇ ଇଣ୍ଡିଆ'

ଭୁବନେଶ୍ୱର,୧୧।୮ (ଅନୁରାଧା ମହାରଣା)




ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ'ର ଗୀତ 'ଆଇ ଲଭ୍ ମାଇ ଇଣ୍ଡିଆ'ର ପୋଷ୍ଟର।

ସେପ୍ଟେମ୍ବର ୧୨ରେ ମୁକ୍ତିଲାଭ କରିବାକୁ ଥିବା ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ'। ଏହାର ଏକ ଗୀତ 'ଆଇ ଲଭ୍ ମାଇ ଇଣ୍ଡିଆ' ଜୀ ମ୍ୟୁଜିକ କମ୍ପାନୀ ପକ୍ଷରୁ ରିଲିଜ ହୋଇଛି। ଏହି ଗୀତରେ ଭାରତୀୟଙ୍କ ମାତୃଭୂମି ପ୍ରତି ଗଭୀର ପ୍ରେମ ଓ ସଂଯୋଗକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। କଣ୍ଠଶିଳ୍ପୀ ଜାଭେଦ ଅଲୀ ଓ ନିଖିତା ଗାନ୍ଧୀ ଏଥିରେ କଣ୍ଠଦାନ କରିଛନ୍ତି। ତନିଷ୍କ ବାଗଚୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହିଗୀତର ମୁଖ୍ୟ ଆକର୍ଷଣ ହେଉଛନ୍ତି ଚଳଚ୍ଚିତ୍ରର ମୁଖ୍ୟ ଅଭିନେତ୍ରୀ ଦିଭିତା ଜୁନେଜା। ତାଙ୍କ ଚରିତ୍ର 'ହୀର'କୁ ଦର୍ଶକଙ୍କ ସହ ଭାବନାତ୍ମକ ଭାବେ ସଂଯୋଗ କରିଛି। ଗୀତଟି ଲଣ୍ଡନର ଆଇକନିକ ସ୍ଥାନଗୁଡ଼ିକରେ ଶୁଟ୍ କରାଯାଇଛି। ନୃତ୍ୟ ନିର୍ଦ୍ଦେଶକ ଆଦିଲ ଶେଖ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଗୀତରେ ପ୍ରୀତ କାମାନୀ, ଆଶୁତୋଷ ରାଣା, ଗୁଲଶନ ଗ୍ରୋଭର, ସଞ୍ଜୟ ମିଶ୍ର, ମେଘନା ମଲ୍ଲିକ ଏବଂ ଅନ୍ତର୍ଜାତୀୟ ସ୍ତରର ଅଭିନେତା ସାରା ଲକେଟ, ଶାର୍ଲୋଟ ହାଜେଲବାଇ, ଲେଟନ ବେଷ୍ଟା ଓ ବେନ ୱାଲଟନ ଜୋନ୍ସ ଅଭିନୟ କରିଛନ୍ତି। ପୂର୍ବରୁ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରର ଆଉଏକ ଗୀତ 'ଭେ ରାଞ୍ଝନା' ଓ 'ଡୋରେ ଡୋରେ ଦିଲ୍ ପେ ତେରେ' ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରିଥିବାବେଳେ ଏବେ 'ଆଇ ଲଭ୍ ମାଇ ଇଣ୍ଡିଆ' ଗୀତର ଭିଡିଓ ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଓ ଶର୍ଟ ଭିଡିଓ ପ୍ଲାଟ୍‌ଫର୍ମରେ ଦେଶଭକ୍ତିର ବାର୍ତ୍ତା ବାଣ୍ଟୁଛି। ଉମେଶ ଶୁକ୍ଲାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ହୀର ଏକ୍ସପ୍ରେସ' ଦର୍ଶକଙ୍କ ଖୁବ୍ ମନୋରଞ୍ଜନ କରିବ ବୋଲି ଆଶା କରାଯାଉଛି।



୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ସୋମବାରଠାରୁ ଆରମ୍ଭ ହୋଇଥିବା ଅଭ୍ୟାସ ପରେଡ଼। (ଫଟୋ– ବିକାଶ ନାୟକ)

# ବାପାଝିଅଙ୍କ ମୃତ୍ୟୁ, ମା' ଗୁରୁତର

## ସ୍କୁଟିକୁ ଧକ୍କାଦେଇ ଘୋଷାରି ନେଲା ଟ୍ରକ୍

ବଡ଼ବିଲ,୧୧।୮ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ ଏନ୍‌ଏଚ୍ ୫୨୦ର ତୋପାଡ଼ିହିଠାରେ ଏକ ଅଜଣା ଟ୍ରକ୍ ଏକ ସ୍କୁଟିକୁ ଧକ୍କା ଦେଇ ଘୋଷାରି ନେଇଛି। ଦୁର୍ଘଟଣାରେ ବାପା, ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ରୁଗୁଡ଼ି ଥାନା ଅନ୍ତର୍ଗତ ଲୋଇଡ଼ାପଦା ଅଞ୍ଚଳର ଦିଲୀପ ସିଙ୍କୁ ଓ ତାଙ୍କ ଦୁଇବର୍ଷର ଝିଅ ଯଜ୍ଞିନ। ଗୁରୁତର ହେଲେ ତୁଳସୀ ସିଙ୍କୁ। ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୭ଟାରେ ଦିଲୀପ ଏକ ସ୍କୁଟି ଯୋଗେ ସ୍ତ୍ରୀ ତୁଳସୀ ଓ ଝିଅ ଯଜ୍ଞିନଙ୍କୁ ନେଇ ଗୁଆଲିରୁ ଲୋଇଡ଼ାପଦା ଅଭିମୁଖେ ଆସୁଥିଲେ। ତୋପାଡ଼ିହି ଛକ ନିକଟରେ ଏକ ଟ୍ରକ ତାଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇ ଘୋଷାରି ନେଇଥିଲା। ଫଳରେ ୩ଜଣଯାକ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ବାପା ଦିଲୀପ ଓ ଝିଅ ଯଜ୍ଞିନଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍ ନେଇ ଚାଳକ ଫେରାର ହୋଇଯାଇଥିଲେ। ଖବର ପାଇ ରୁଗୁଡ଼ି ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ତୁଳସୀଙ୍କୁ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ତଦନ୍ତ କରୁଛି।

# ଭୋଟ୍ ଅସଙ୍ଗତି ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବୁ : ବିଜେଡି

ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)

୮ ମାସ ତଳେ ବିଜେଡି ପକ୍ଷରୁ ଗତ ନିର୍ବାଚନରେ ପରିଲକ୍ଷିତ ଭୋଟ ଅସଙ୍ଗତିକୁ ନେଇ ନିର୍ବାଚନ କମିଶନରଙ୍କ ନିକଟରେ ତଥ୍ୟ ପ୍ରଦାନ କରାଯାଇ ଉତ୍ତର ମଗାଯାଇଥିଲା। ଯାହାର ସନ୍ତୋଷଜନକ ଉତ୍ତର ଏପର୍ଯ୍ୟନ୍ତ ମିଳିନାହିଁ। ତେଣୁ ବିଜେଡି ଏହି ମାମଲାକୁ ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ପୂର୍ବତନ ଏମ୍‌ପି ଅମର ପଟ୍ଟନାୟକ କହିଛନ୍ତି।

ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅମର ପଟ୍ଟନାୟକ କହିଛନ୍ତି, ଗତ ନିର୍ବାଚନରେ ଭୋଟ୍ ଶେଷ ହେବା ପରେ ନିର୍ବାଚନ କମିଶନରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ବିଜେଡି ତରଫରୁ ନିର୍ବାଚନ କମିଶନରଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଏହି ତାରତମ୍ୟ ମୁଖ୍ୟତଃ ତିନୋଟି ବିନ୍ଦୁରେ କେନ୍ଦ୍ରିତ ଥିଲା। ପ୍ରଥମଟି ରାଜ୍ୟର ସବୁ ସଂସଦ କ୍ଷେତ୍ରରେ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ଭୋଟ୍ ସଂଖ୍ୟା ଅଧିକ ଥିଲା। ଦ୍ୱିତୀୟଟି ହେଉଛି ସଂସଦ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ପ୍ରଭେଦ ଥିଲା। ନିର୍ବାଚନ ସମୟ ଶେଷ ହୋଇଯିବା ପରେ ଭୋଟ ପଡିବା ସଂଖ୍ୟା ପ୍ରାୟ ୭ରୁ ୩୦% ପର୍ଯ୍ୟନ୍ତ ରହିଥିଲା। ୫୦% ବିଧାନସଭା ଆସନରେ ଏହି ତାରତମ୍ୟ ୧୫ରୁ ୩୦% ପର୍ଯ୍ୟନ୍ତ ରହିଥିଲା। ୨୦୨୪ ଡିସେମ୍ବର ୧୯ରେ ବିଜେଡି ତରଫରୁ ଏହି ସମ୍ବନ୍ଧରେ ଅଭିଯୋଗ ଦାଖଲ କରାଯାଇ, ଏହାର ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା। ନିୟମ ଅନୁଯାୟୀ ନିର୍ବାଚନ ପରେ ଫର୍ମ ୧୭ସି କମିଶନଙ୍କ ଦ୍ୱାରା ପ୍ରଦାନ କରାଯିବା କଥା, କିନ୍ତୁ ତାହା ଦିଆଯାଇନାହିଁ। ନିର୍ବାଚନ କମିଶନ ଆମର ବିଭିନ୍ନ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି। ନିକଟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ପରେ ରାଜ୍ୟରେ କଂଗ୍ରେସ ମଧ୍ୟ ପ୍ରଶ୍ନ କରିଛି। ହେଲେ ଏହାର ବହୁ ପୂର୍ବରୁ ବିଜେଡି ଏହି ପ୍ରସଙ୍ଗ ଉଠାଇଥିଲା ବୋଲି ଅମର କହିଛନ୍ତି।

# ରାଜ୍ୟରେ ଶିଶୁ ସୁରକ୍ଷାକୁ ଅଧିକ ଧ୍ୟାନ ଦିଆଯିବ: ବବିତା

## ଓଏସ୍‌ସିପିସିଆର୍ ଅଧ୍ୟକ୍ଷା, ୪ ସଦସ୍ୟ ଦାୟିତ୍ୱ ନେଲେ

ଭୁବନେଶ୍ୱର,୧୧।୮ (ସୁଚିସ୍ମିତା ସାହୁ)

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ଭାବେ ବବିତା ପାତ୍ର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ସହିତ ଆୟୋଗର ୪ ସଦସ୍ୟ କାର୍ଯ୍ୟରେ ଯୋଗଦେଇଛନ୍ତି। ସେମାନେ ହେଲେ କଳ୍ପନା ଲେଙ୍କା, ଚନ୍ଦନା ଦାଶ, ମନସ୍ୱିତା ଖୁଣ୍ଟିଆ ଓ ସୁଜାତା ନାୟକ। ତେବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ବବିତା କହିଛନ୍ତି, ରାଜ୍ୟରେ ଶିଶୁମାନଙ୍କ ସୁରକ୍ଷାକୁ ଅଧିକ ଧ୍ୟାନ ଦିଆଯିବ। ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ବିକ୍ରି ଭଳି ଘଟଣାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଚେଷ୍ଟା କରାଯିବ। ଶିଶୁଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଆୟୋଗ ପକ୍ଷରୁ ଅଧିକ ଧ୍ୟାନ ଦିଆଯିବ। ଅଭିଭାବକମାନଙ୍କୁ ସଚେତନ କରାଯିବ। ଶିଶୁଙ୍କ ବିକାଶ ପାଇଁ ବିଗତ ମାମଲାକୁ ଅନୁଧ୍ୟାନ କରି ସ୍ୱତନ୍ତ୍ର ରୋଡ ମ୍ୟାପ୍ ପ୍ରସ୍ତୁତ କରିବି ବୋଲି ବବିତା କହିଛନ୍ତି।

# କଂଗ୍ରେସ ଗଠନକଲା ୩ ତଥ୍ୟାନୁଧ୍ୟାନ କମିଟି

## ନବରଙ୍ଗପୁର, ବାଲେଶ୍ୱର, ବରଗଡ଼ରେ ଛାତ୍ରୀ ନିର୍ଯାତନା

ଭୁବନେଶ୍ୱର,୧୧।୮ (ରବିନାରାୟଣ ଜେନା)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ନର୍ସିଂ ଛାତ୍ରୀଙ୍କ ମୃତ୍ୟୁ, ବାଲେଶ୍ୱର ଖଇରା ବ୍ଲକରେ ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଓ ବରଗଡ଼ର ଫିଙ୍ଗିମାଳରେ ୮ମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ପୋଡ଼ି ଭଳି ୩ଟି ସମ୍ବେଦନଶୀଳ ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ପ୍ରସଙ୍ଗ ଏବେ ଅସହ୍ୟ ହେଲାଣି। ସ୍ଥିତି ଏପରି ହେଲାଣି ଯେ, ଦୈନନ୍ଦିନ ଛାତ୍ରୀ ବଳାତ୍କାର ଓ ପୋଡ଼ି ଘଟଣା ସାମ୍ନାକୁ ଆସୁଛି। କଂଗ୍ରେସ ପକ୍ଷରୁ ଖୋଲାଯାଇଥିବା ମହିଳା ପ୍ରକୋଷ୍ଠ ବିଭିନ୍ନ ମାମଲା ଯାଞ୍ଚ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହି କ୍ରମରେ କଂଗ୍ରେସ ପକ୍ଷରୁ ସୋମବାର ନବରଙ୍ଗପୁର, ବାଲେଶ୍ୱର ଓ ବରଗଡ଼ରେ ଘଟିଥିବା ଲୋମଟାଙ୍କୁରା ଘଟଣାକୁ ନେଇ ୩ଟି ତଥ୍ୟାନୁସନ୍ଧାନ କମିଟି ଗଠନ କରାଯାଇଛି।

ନବରଙ୍ଗପୁରରେ ନର୍ସିଂଛାତ୍ରୀଙ୍କ ନିର୍ଯାତନାଜନିତ ଆତ୍ମହତ୍ୟା ଉଦ୍ୟମ ଏବଂ ଦୀର୍ଘ ୧୪ ଦିନ ଧରି ଜୀବନ ସହ ସଂଗ୍ରାମ ପରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ତାଙ୍କର ମୃତ୍ୟୁ ହୋଇଛି। ଏହି ଦୁଃଖଦ ଘଟଣାର ଅନୁଧ୍ୟାନ ପାଇଁ ମନୋରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ସେଥିରେ ସନରାଜ ଗଣ୍ଡ, ଲିପିକା ମାଝୀ, ହାରାବତୀ ଗଣ୍ଡ, ମନଷା ତ୍ରିପାଠୀ, ଅଖିଳ ସାଉନ୍ତା ଓ କ୍ଷମରାଜ ବାଗ ସଭ୍ୟ ରହିଛନ୍ତି। ଉକ୍ତ କମିଟି ଘଟଣାସ୍ଥଳକୁ ତୁରନ୍ତ ଗସ୍ତକରି ପୀଡ଼ିତାଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

ସେହିପରି ବାଲେଶ୍ୱର ଖଇରା ବ୍ଲକରେ ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଗତ ୧୦ ତାରିଖରେ ଅନ୍ତରା ଅଞ୍ଚଳର ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ଆସିଛି। ଏହି ଘଟଣାର ଅନୁଧ୍ୟାନ କରିବା ପାଇଁ ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ଉକ୍ତ କମିଟିରେ ମଧୁସ୍ମିତା ସେଠୀ, ଅମିତା ବିଶ୍ୱାଳ, ନିରୁପମା ପାତ୍ର, ବାସନ୍ତୀ ସାମଲ, ଶ୍ରେୟା ମହାନ୍ତି, ସହିଯତା ପରିଜା, ଜୟଶ୍ରୀ ପଟ୍ଟନାୟକ, କନକଲତା ମଲ୍ଲିକ ସଭ୍ୟା ଭାବେ ରହିଛନ୍ତି। ଅନ୍ୟପକ୍ଷେ ବରଗଡ଼ ଫିଙ୍ଗିମାଳ ଅଞ୍ଚଳରେ ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ପୋଡ଼ି ଏବଂ ବୁର୍ଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟଣାର ଅନୁଧ୍ୟାନ କରିବା ପାଇଁ ହମିଦ୍ ହୁସେନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ସେଥିରେ ଜିଲା ସଂଯୋଜକ ହରଦୀପ ସିଂ, ନିପନ୍ ଦାସ, ଅନନ୍ତ ପାଢ଼ୀ, କିଶୋର ଦଫାଦାର, ଅଭିଶେଷ ସେଠ୍, ସୁନୀତା ବାଗ୍, ନୀଳିମା ଅଗ୍ରୱାଲା, ସୁଧାରାଣୀ ସାହୁ, ରବି ପଣ୍ଡା ଓ କିଶୋର ସାହୁ ସଭ୍ୟ ରହିଛନ୍ତି।

# ଫଟୋ ଭାଇରାଲ୍ ପରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

# ନ୍ୟାୟ ଦାବିରେ ରାଇଘର ୧୨ ଘଣ୍ଟା ବନ୍ଦ

## ପ୍ରଶାସନର ପ୍ରତିଶ୍ରୁତି ପରେ ସନ୍ଧ୍ୟାରେ ହେଲା ମୃତଦେହ ସତ୍କାର

ରାଇଘର/ଉମରକୋଟ, ୧୧।୮
(କିରଣ ପଟ୍ଟନାୟକ/ସନ୍ତୋଷ ଶତପଥୀ)



ଧାରଣାରେ ବସିଥିବା ମୃତକଙ୍କ ପରିବାର, ଗ୍ରାମବାସୀ, ବିଜେଡି ଓ କଂଗ୍ରେସ ନେତାଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଫଟୋ ଭାଇରାଲ ପରେ ବିଷପାନକରି ଆତ୍ମହତ୍ୟା ଉଦ୍ୟମ କରିଥିବା ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଅଞ୍ଚଳର ଜଣେ ଯୁବତୀଙ୍କର ଭୁବନେଶ୍ୱର ଏମ୍ସରେ ଶନିବାର ଅପରାହ୍ନରେ ମୃତ୍ୟୁ ହୋଇଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ମୃତଦେହ ଧରି ସୋମବାର ଭୋରରୁ ରାଇଘରରେ ପହଞ୍ଚିଥିଲେ। ପୂର୍ବରୁ ପୀଡ଼ିତାଙ୍କୁ ନ୍ୟାୟ ଓ ତାଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ବିଜେଡି ପକ୍ଷରୁ ସୋମବାର ୧୨ ଘଣ୍ଟିଆ ରାଇଘର ବନ୍ଦ ଡାକରା ଦିଆଯାଇଥିଲା। ସୋମବାର ସକାଳୁ ରାଇଘରଠାରେ ସବୁ ଦୋକାନ, ବଜାର ଶିକ୍ଷାନୁଷ୍ଠାନ ଆଦି ବନ୍ଦ ଥିଲା। ଜରୁରିକାଳୀନ ସେବାକୁ ଛାଡ଼ି ବାକି ସବୁ ବନ୍ଦ ରହିଥିଲା। ମୃତଦେହ ରାଇଘରରେ ପହଞ୍ଚିବା ପରେ ବିଜେଡି, କଂଗ୍ରେସ ନେତା, ପୀଡ଼ିତାଙ୍କ ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ ମୃତଦେହ ରଖି ଧାରଣାରେ ବସିଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ୧କୋଟି ଟଙ୍କାର କ୍ଷତି ପୂରଣ, ଯେଉଁ ଯୁବକ ସୋସିଆଲ ମିଡିଆରେ ଫଟୋ ଭାଇରଲ କରିବାରେ ସହାୟତା କରିଥିଲେ ତାଙ୍କୁ ଗିରଫ ନ କରିବା ଯାଏ ମୃତଦେହ ସତ୍କାର କରାଯିବ ନାହିଁ ବୋଲି ଆନ୍ଦୋଳନକାରୀମାନେ ଦାବି ରଖିଥିଲେ। ଘଟଣାସ୍ଥଳରେ ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଅତିରିକ୍ତ ଏସ୍‌ପି ଆସିତ୍ୟ ସେନ, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ରାଇଘର ତହସିଲଦାର ରିତୁ ସିଂ, ଉମରକୋଟ ତହସିଲଦାର ମେଘବାନ ବାଗ ପ୍ରମୁଖ ପହଞ୍ଚି ବିଜେଡି ନେତା ପ୍ରଦୀପ ମାଝୀ, ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର, କଂଗ୍ରେସ ନେତା ମୁନା ତ୍ରିପାଠୀ, ମୃତକଙ୍କ ପରିବାର ସହ ଆଲୋଚନା କରିଥିଲେ। ପୀଡ଼ିତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ୧ ଲକ୍ଷ ଟଙ୍କା ଦେବେ। ପୀଡ଼ିତାଙ୍କ ପରିବାର ପାଇଁ ଏକ ଆବାସ ଗୃହ, ତାଙ୍କ ଭାଇଙ୍କୁ ନିୟନ୍ତ୍ରିତ ବଜାର କମିଟିରେ ଏକ ଅସ୍ଥାୟୀ ଚାକିରି ଦିଆଯିବା ନେଇ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ରେଡ଼କ୍ରସ୍ ପାଣ୍ଠିରୁ ୩୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଦିଆଯାଇଛି। ଅପରାହ୍ନରେ ପ୍ରବଳ ବର୍ଷା ହେଉଥିବାରୁ ମୃତଦେହ ଗଳିତ ହେବା ଆଶଙ୍କାକରି ପ୍ରଶାସନ ଦେଇଥିବା ଅନୁକମ୍ପା ରାଶି ଓ ପ୍ରତିଶ୍ରୁତିରେ ପରିବାର ଲୋକେ ରାଜି ହୋଇଥିଲେ। ଏହାପରେ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ସତ୍କାର ପୂର୍ବରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶନିବାର ପୀଡ଼ିତାଙ୍କ ମୃତ୍ୟୁ ହୋଇଥିବାବେଳେ ସୋମବାର ମୃତଦେହ ସତ୍କାର କରାଯାଇଛି। ଦୀର୍ଘ ସମୟ ଅପେକ୍ଷାର ଅନ୍ତ ଘଟିଲା। କିନ୍ତୁ ଅନ୍ୟ ଜିଲାର ପୀଡ଼ିତାଙ୍କ ଭଳି ଏହି ପୀଡ଼ିତାଙ୍କୁ କିଛି ଦିଆଗଲା ନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା ମୁନା ତ୍ରିପାଠୀ କହିଛନ୍ତି।

ପ୍ରକାଶ ଯେ, ରାଇଘର ଅଞ୍ଚଳର ପୀଡ଼ିତା କୋରାପୁଟ ଜିଲା ଜୟପୁରର ଏକ କଲେଜରେ ବିଏସ୍‌ସି ନର୍ସିଂ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ତାଙ୍କୁ ପଡ଼ୋଶୀ ଗ୍ରାମର ସତ୍ୟଜିତ ସରକାର ଏକତରଫା ପ୍ରେମ କରୁଥିଲେ। ପୀଡ଼ିତା ତାଙ୍କ ପ୍ରେମ ନିବେଦନ ଗ୍ରହଣ ନ କରିବାରୁ ସେ ୧୩ ଜୁଲାଇରେ ଜୟପୁର ସହରରେ ଛାତ୍ରୀଙ୍କୁ ମାରପିଟ କରିଥିଲେ। ସେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କିଛି ଫଟୋ, ଭିଡିଓ ଭାଇରାଲ କରିଥିଲେ। ପୀଡ଼ିତା ଲୋକଲଜ୍ଜା ସହି ନ ପାରି ୧୭ ଜୁଲାଇରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ୨୪ ତାରିଖରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ସତ୍ୟଜିତଙ୍କୁ ରାଇଘର ପୋଲିସ ଦଶପଲ୍ଲାରୁ ଓ ମୃତ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଜୟପୁରରୁ ଗିରଫ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...................................



ଗୁନ୍‌ଗୁନ୍
ପରିବାରବର୍ଗ


ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୫ ଲକ୍ଷ ଚାଷୀଙ୍କ ଖାତାକୁ ୩,୯୦୦ କୋଟିର ବୀମା ଦାବି ପ୍ରଦାନ

ଭୁବନେଶ୍ୱର,୧୧।୮ (ଅନୁରାଧା ମହାରଣା)

ରାଜସ୍ଥାନ ଝୁଞ୍ଝୁନୁରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ଝୁଞ୍ଝୁନୁ, ରାଜସ୍ଥାନରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅଧୀନରେ ପ୍ରଥମ କିସ୍ତି ଭାବେ ୩,୯୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ଦେଶର ୩୫ ଲକ୍ଷରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ହସ୍ତାନ୍ତର କରିଛନ୍ତି। ଏଥିରୁ ରାଜସ୍ଥାନ ପାଇଁ ୧,୪୨୬ କୋଟି ଟଙ୍କା ବଣ୍ଟନ ହୋଇଛି, ଯାହା ୯.୭୦ ଲକ୍ଷରୁ ଅଧିକ ଚାଷୀଙ୍କୁ ଉପକୃତ କରିଛି। ଏହି କାର୍ଯ୍ୟକ୍ରମରେ ଝୁଞ୍ଝୁନୁ, ସିକାର, ଜୟପୁର ଓ କୋଟପୁଟଲି-ବେହରୋର ଆଦି ଜିଲାରୁ ପ୍ରାୟ ୩୫,୦୦୦ ଚାଷୀ ଉପସ୍ଥିତ ଥିଲେ ଏବଂ ୨୩ଟି ରାଜ୍ୟରୁ ଲକ୍ଷ ଲକ୍ଷ ଚାଷୀ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବା ବେଳେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହା ସହ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଭାଗୀରଥି ଚୌଧାରୀ, ରାଜସ୍ଥାନ କୃଷି ମନ୍ତ୍ରୀ ଡ. କିରୋଡ଼ି ଲାଲ ମୀନା, କୃଷି ସଚିବ ଦେବେଶ ଚତୁର୍ବେଦୀ, ପିଏମଏଫବିୱାଇ ସିଇଓ ମୁକ୍ତାନନ୍ଦ ଅଗ୍ରୱାଲ ଓ ବରିଷ୍ଠ ଅଧିକାରୀ ତଥା ଚାଷୀ ନେତାମାନେ ଉପସ୍ଥିତ ଥିଲେ। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଏବେ ଗାଁରେ ଜଣେ ଚାଷୀଙ୍କ ଫସଲ ନଷ୍ଟ ହେଲେ ମଧ୍ୟ ସେ ସହାୟତା ପାଇବେ। କିଷାନ ସମ୍ମାନ ନିଧି ଅଧୀନରେ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ବଣ୍ଟନ ହୋଇଛି। ଚାଷୀମାନେ ୫୦% ଲାଭ ସହ ନ୍ୟୂନତମ ସମର୍ଥନ ମୂଲ୍ୟ (ଏମଏସପି) ପାଇବେ। ଯେତେ ଅଧିକ ଉତ୍ପାଦନ କରିବେ କେନ୍ଦ୍ର ସରକାର ଓ ରାଜସ୍ଥାନ ସରକାର ତାହା କିଣିବେ। ପନିପରିବା ଉତ୍ପାଦନ କରି ଦିଲ୍ଲୀ କିମ୍ବା ଜୟପୁର ଆଣିଲେ ସରକାର ପରିବହନ ଖର୍ଚ୍ଚ ବହନ କରିବେ ବୋଲି ସେ କହିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା କହିଛନ୍ତି, ଚାଷୀମାନେ ଏବେ ଉଚିତ ମୂଲ୍ୟ, ବୋନସ ଓ କିଷାନ ସମ୍ମାନ ନିଧିରେ ଅଧିକ ସୁବିଧା ପାଉଛନ୍ତି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାଗୀରଥି ଚୌଧାରୀ କହିଛନ୍ତି, 'ବିକଶିତ କୃଷି ଅଭିଯାନ' ଲ୍ୟାବରୁ ଜମିକୁ ସଂଯୋଗ କରୁଛି ଓ ଚାଷୀଙ୍କ ସହ ସିଧାସଳଖ ଯୋଗାଯୋଗକୁ ପ୍ରୋତ୍ସାହିତ କରୁଛି। ଅନ୍ୟପଟେ ନକଲି ସାର ଯୋଗାଣକାରୀଙ୍କ ବିରୋଧରେ ୫୭ଟି ମାମଲା ହୋଇଥିବା ସେ ସୂଚନା ଦେଇଛନ୍ତି। ୨୦୧୬ରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧୀନରେ ଆରମ୍ଭ ହୋଇଥିବା ପିଏମଏଫବିୱାଇ ପ୍ରାକୃତିକ ବିପର୍ଯ୍ୟୟ, ପ୍ରତିକୂଳ ପାଗ ଓ କୀଟପତଙ୍ଗ/ରୋଗ ବିରୋଧରେ ଆର୍ଥିକ ସୁରକ୍ଷା ପ୍ରଦାନ କରେ। ଏଯାଏ ୭୮ କୋଟିରୁ ଅଧିକ ଆବେଦନ ପୂରଣ କରି ୩୫,୮୬୪ କୋଟି ଟଙ୍କା ଚାଷୀଙ୍କ ପ୍ରିମିୟମ ବିରୋଧରେ ୧.୮୩ ଲକ୍ଷ କୋଟି ଟଙ୍କା ଦାବି ବଣ୍ଟନ କରାଯାଇଛି। ଖରିଫ ୨୦୨୫ ଋତୁ ପାଇଁ, ଯଦି ରାଜ୍ୟ ସରକାର ସବସିଡି ବିଳମ୍ବ କରେ, ୧୨ ପ୍ରତିଶତ ଜରିମାନା ଲାଗୁ ହେବ ଏବଂ ବୀମା କମ୍ପାନୀମାନେ ବିଳମ୍ବ ପେମେଣ୍ଟ ଉପରେ ୧୨ ପ୍ରତିଶତ ସୁଧ ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ୟେସ-ଟେକ, ୱିଣ୍ଡସ ପୋର୍ଟାଲ, ଏଆଇଡିଇ ମୋବାଇଲ ଆପ, କୃଷି ରକ୍ଷକ ପୋର୍ଟାଲ ଓ ହେଲ୍‌ପଲାଇନ ୧୪୪୪୭ ଆଦି ଟେକ୍ନୋଲୋଜି ନବୋନ୍ମେଷ ସାମିଲ ହୋଇଛନ୍ତି।



# ଆଇଡିବିଆଇ ଅଫିସର ସଂଘର ଦିନିକିଆ ଦେଶବ୍ୟାପୀ ଧର୍ମଘଟ




ଭୁବନେଶ୍ୱର,୧୧।୮ (ଅଭୟ ଦାଶ)

ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ନିଷ୍ପତ୍ତିକୁ ବିରୋଧ କରି ସର୍ବଭାରତୀୟ ସ୍ତରରେ ଆଇଡିବିଆଇ ଅଫିସର ସଂଘ ସୋମବାର ଦିନିକିଆ ଦେଶବ୍ୟାପୀ ଧର୍ମଘଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସର୍ବଭାରତୀୟ ଆଇଡିବିଆଇ ଅଫିସର ସଂଘ (ଏଆଇଆଇଡିବିଆଇଓଏ)ର ଭୁବନେଶ୍ୱର ଅଞ୍ଚଳ/ଜୋନ୍ ପକ୍ଷରୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ୟୁନିଟ-୪ ସ୍ଥିତ ହୋଟେଲ ଭିପ୍ଲାଟିନାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଆଇଆଇଡିବିଆଇଓଏ ଭୁବନେଶ୍ୱର ଅଞ୍ଚଳ/ଜୋନ୍‌ର ସମ୍ପାଦକ ଗୌତମ ପଟ୍ଟନାୟକ, ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦେବବ୍ରତ ବେହେରା, ଏଆଇବିଓଏର କେନ୍ଦ୍ରୀୟ ପରିଷଦ ସଦସ୍ୟ ପ୍ରତ୍ୟୁଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ଆଇଡିବିଆଇ ବ୍ୟାଙ୍କର ରାଷ୍ଟ୍ରାୟତ୍ତ ଚରିତ୍ରକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେବା ଏହି ବୈଠକର ମୂଳ ଉଦ୍ଦେଶ୍ୟ ଥିଲା। ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥାଇ ଆଇଡିବିଆଇ ବ୍ୟାଙ୍କ ସର୍ବଦା ଆର୍ଥିକ ଲାଭଦାୟକ ବ୍ୟାଙ୍କିଙ୍ଗ ସମେତ ସାମାଜିକ ବ୍ୟାଙ୍କିଙ୍ଗ ଦିଗ ଉପରେ ମଧ୍ୟ ଗୁରୁତ୍ୱ ଦେଇ ଆସିଛି। ସେହିଭଳି ୟୁନାଇଟେଡ୍ ଫୋରମ ଅଫ ଆଇଡିବିଆଇ ଅଫିସର୍ସ ଆଣ୍ଡ ଏମ୍ପ୍ଲଇଜ୍ ପକ୍ଷରୁ ଅଲ ଇଣ୍ଡିଆ ଆଇଡିବିଆଇ ଅଫିସର୍ସ ଆସୋସିଏଶନ୍, ଅଲ ଇଣ୍ଡିଆ ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନର ସଦସ୍ୟମାନେ ଦିନିକିଆ ଦେଶବ୍ୟାପୀ ଧର୍ମଘଟ ପାଳନ କରିଛନ୍ତି। ଅପରପକ୍ଷରେ ସଂଘ ପକ୍ଷରୁ ୨୦୨୫ ଜୁଲାଇ ୨୬ରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଏବଂ ଚଳିତ ବର୍ଷ ଅଗଷ୍ଟ ୯ରେ ମୁମ୍ବାଇର ଆଜାଦ ମଇଦାନଠାରେ ମଧ୍ୟ ଆଉ ଏକ ଧାରଣା ଦିଆଯାଇଥିଲା। ଏହି ଧାରଣାକୁ ୟୁନାଇଟେଡ୍ ଫୋରମ ଅଫ ବ୍ୟାଙ୍କ ୟୁନିଅନ ଏବଂ ଅନ୍ୟାନ୍ୟ କ୍ଷେତ୍ର ଯଥା ବୀମା ଏବଂ ରେଲୱେ ଇତ୍ୟାଦି ୟୁନିଅନ ସମର୍ଥନ କରିଥିଲା।

# ଗେମିଂ ଶିଳ୍ପର ସମ୍ପ୍ରସାରଣକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୧।୮

ଭାରତର ସର୍ବବୃହତ ସ୍ୱଦେଶୀ ସୋସିଆଲ ଗେମିଂ ଓ ଇଣ୍ଟରାକ୍ଟିଭ ଏଣ୍ଟରଟେନମେଣ୍ଟ ପ୍ଲାଟଫର୍ମ 'ୱିନ୍‌ଜୋ' ପକ୍ଷରୁ ବିଭିନ୍ନ ପଦକ୍ଷେପ ସହ ଗେମିଂ ଶିଳ୍ପର ସମ୍ପ୍ରସାରଣକୁ ଗୁରୁତ୍ୱାରୋପ କରାଯାଇଛି। ଏପରିକି ଏଡବ୍ଲ୍ୟୁଏସ ସହ ମିଳିତ ଭାବେ ପ୍ଲାଟଫର୍ମ ଗ୍ଲୋବାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସକୁ ବିସ୍ତାର କରୁଛି ବୋଲି ଘୋଷଣା କରିଛି। ସେହିଭଳି ୨୫୦ ମିଲିୟନରୁ ଅଧିକ ସକ୍ରିୟ ଉପଭୋକ୍ତା ଥିବା ୱିନଜୋ ପକ୍ଷରୁ ୨୦୨୪ ନଭେମ୍ବରରେ ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଫର ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ସହ ସହଭାଗିତାରେ ଏହାର ଅନ୍ୟତମ ଫ୍ଲାଗଶିପ ପଦକ୍ଷେପ ଜିସିଓଇକୁ ଶୁଭାରମ୍ଭ କରିଥିଲା। ସେହିପରି ଜିସିଓଇ ମାଧ୍ୟମରେ ୱିନଜୋ ଭାରତର ଗେମ ଷ୍ଟୁଡିଓଗୁଡ଼ିକୁ ସମ୍ପ୍ରସାରଣ ସହ ପ୍ଲାଟଫର୍ମର ଗେମ୍‌କୁ ଦ୍ରୁତ ଓ ଅଧିକ ପ୍ରଭାବୀ ରୂପେ ନିର୍ମାଣ ଓ ବିସ୍ତାର କରିବାରେ ସାହାଯ୍ୟ କରିବା ପାଇଁ ଏଡବ୍ଲ୍ୟୁଏସ ଜେନ ଏଆଇ ସଲ୍ୟୁଶନର ବ୍ୟବହାର କରିବା ସହ ଏଡବ୍ଲ୍ୟୁଏସ କ୍ଲାଉଡ ମେଣ୍ଟରିଙ୍ଗ ଓ ଟ୍ରେନିଂ ସହ ସ୍ଥାନୀୟ ଗେମିଂ ପ୍ରତିଭାଙ୍କୁ ଦକ୍ଷ କରିବ ବୋଲି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲା। ଏ ସମ୍ପର୍କରେ ୱିନଜୋର ସହପ୍ରତିଷ୍ଠାତା ପବନ ନନ୍ଦ କହିଛନ୍ତି, ଗ୍ଲୋବାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାଧ୍ୟମରେ ଆମେ ଶିଳ୍ପର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ। ଏପରିକି ଏଡବ୍ଲ୍ୟୁଏସ ସହଭାଗିତାରେ ଆମେ ଏଭଳି ଏକ ପ୍ଲାଟଫର୍ମ ନିର୍ମାଣ କରୁଛୁ, ଯାହା ଡେଭ୍‌ଲପରଙ୍କୁ ଜେନେରେଟିଭ ଏଆଇର ବ୍ୟବହାର କରି ନିମଜ୍ଜିତ, ସୁରକ୍ଷିତ ଓ ସମାବେଶୀ ଗେମିଂ ଅଭିଜ୍ଞତା ସୃଷ୍ଟି କରିବା ପାଇଁ ସଶକ୍ତ କରିବ।

# ୧୦୦୦ କୋଟିର କାରବାର ଆକଳନ

ଭୁବନେଶ୍ୱର,୧୧।୮

ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ୱେୟାରେବୁଲ୍ସ ବ୍ରାଣ୍ଡ୍ 'ବୋଲ୍ଟ' ପକ୍ଷରୁ ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ୧୦୦୦ କୋଟିର କାରବାର ଆକଳନ ସହ ଭିତ୍ତିଭୂମିର ଆଧୁନିକୀକରଣକୁ କ୍ଷେତ୍ର ଗୁରୁତ୍ୱ ଦେଇଛି। ଅପରପକ୍ଷରେ କମ୍ପାନୀ ଏକ ନୂଆ ବ୍ରାଣ୍ଡ୍ ଗୋବୋଲ୍ଟର ଶୁଭାରମ୍ଭ କରିଛି। ଏଥିସହିତ ଏକ ନୂଆ ଲୋଗୋ ସହ ଅଧିକ କେନ୍ଦ୍ରିତ ବ୍ୟବସାୟ ରଣନୀତି ଏବଂ ଟେକ୍ନୋଲୋଜି, ଡିଜାଇନ ଓ ଖୁଚୁରା ଅଭିବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶ ସାମିଲ ରହିଛି। ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ରାଣ୍ଡ ପ୍ରାୟ ୮୦୦ କୋଟି ଟଙ୍କାର ବ୍ୟବସାୟ କରିଛି, ଯାହା ଗତ ଦୁଇ ବର୍ଷରେ ଏହାର ରାଜସ୍ୱର ପ୍ରାୟ ଦୁଇ ଗୁଣ ଅଧିକ ବୋଲି କୁହାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଗୋବୋଲ୍ଟ ୧୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଗୋବୋଲ୍ଟର ସହପ୍ରତିଷ୍ଠାତା ବରୁଣ ଗୁପ୍ତା କହିଛନ୍ତି, ବୋଲ୍ଟ ସବୁବେଳେ ମୋ ପାଇଁ ଏକ ବ୍ରାଣ୍ଡଠାରୁ ଅଧିକ ରହିଛି। ଏହା ଏକ ଆଗ୍ରହ ପ୍ରକଳ୍ପ ଭାବେ ଆରମ୍ଭ ହୋଇଥିଲା।

# Classified Everyday

0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- **7735922768.** D-1572

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

## LOST

My name is Dipankar Mandal, At- Kimbhiriabasti, Mundasahi, GGP Colony, Thana- Mancheswar, Dist.- Khordha has damaged by white ant spite all Educational Certificate 10th, 12th, Diploma, B.Tech Certificate and Mark Sheet. I want to apply for Duplicate Certificates and Marksheet from respective Board. D-1618

I Haraprasad Sahu (60), S/o- Late Meli Sahu, Vill- Kodala, Askaroad, P.S.- Kodala, Ganjam on dated 28.07.2025 about 6 PM I lost my Bag carring documents such as RSD and Patta. Registration Sale Deed bearing Regd. Doc. No.- 1020/1999 and Hall Patta, vide Khatian No.- 167/56 of Mouza Sarania under Kodala Town any where. I searched the same but could not trace it out. D-1624

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By virtue of an affidavit before Notary Public, Bhubaneswar, dt.- 06.08.2025, I, Laxmipriya Panda, At/P.O.- Orikanta, Dist.- Cuttack, PIN- 754293 declare that I have changed my name from Laxmipriya Panda to Sandhyarani Rath. Henceforth, I shall be known as Sandhyarani Rath for all purposes.
Laxmipriya Panda
D-1621

By virtue of an affidavit sworn before Executive Magistrate, Talcher, Odisha, dated- 06.08.2025, I, AKURA NAIK, S/o- Late Pandab Naik, At/P.O.- Kakudia, P.S.- Kaniha, Dist.- Angul, State- Odisha declare that I have changed my name from KUDA NAYAK, S/o- Yudhister Nayak to AKURA NAIK, S/o- Late Pandab Naik. Henceforth, I shall be known as AKURA NAIK for all purposes. D-1620

By virtue of an affidavit sworn before the Notary Public, Jajpur, dated- 05.06.2025, I, Jagannath Biswal, Vill./P.O.- Nadiabhanga, P.S.- Kalinganagar, Dist.- Jajpur declare that I have changed the name of my son from Soumyaprakash Biswal to Somyo Prakash Biswal. Henceforth, he shall be known as Somyo Prakash Biswal for all purposes. D-1623

By virtue of an affidavit sworn before Executive Magistrate, Soro, BALASORE, dated 15.07.2025, I, TASHLIMA KHATUN, Address: AT- ADANGA, P.O./ P.S.- SORO, DIST.-BALASORE, ODISHA, PIN- 756045 declare that I have changed the name of my son from SK MAJOHID KADRI to SK MOJAHID KADRI. Henceforth, he shall be known as SK MOJAHID KADRI for all purposes.
SK MAJOHID KADRI
D-1625

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No.-1538
Dt- 31.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ.ଏସ୍.ଏସ୍. କେସ୍ ନମ୍ବର ୯୧୫/୨୦୨୪

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଲକ୍ଷ୍ମଣ ପାତ୍ର ...... ବାଦୀ

ବନାମ

ତହସିଲଦାର, ଭୁବନେଶ୍ୱର ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ.- ୩. ଅର୍ଜୁନ ନାୟକ, ପିତା-ସ୍ୱର୍ଗତ ସୌରୀ ନାୟକ, ଝାରପଡ଼ା, ଲକ୍ଷ୍ମୀ ସାଗର, ଖୋର୍ଦ୍ଧା, ୫. ହିନା ବେୱା, ସ୍ୱାମୀ-ସ୍ୱର୍ଗତ ନାରନ ପାତ୍ର, ପଟିଆ, ଚନ୍ଦ୍ରଶେଖରପୁର, ଖୋର୍ଦ୍ଧା, ୬. ଶ୍ରୀକାନ୍ତ ବିଶ୍ୱାଳ, ୮. ମନି ବିଶ୍ୱାଳ, ପିତା- ରାଜକିଶୋର ବିଶ୍ୱାଳ, ୯. ସବିତା ବିଶ୍ୱାଳ, ସ୍ୱାମୀ- କମଳାକାନ୍ତ ସ୍ୱାଇଁ, ପିତା- ସ୍ୱର୍ଗତ ରାଜକିଶୋର ବିଶ୍ୱାଳ

ପ୍ରତିବାଦୀ ନଂ.- ୮,୯ଙ୍କ ଠିକଣା: ଗ୍ରାମ- ଟାଙ୍ଗିବାଣ୍ଟ, ପୋଷ୍ଟ- କଲ୍ୟାଣପୁର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୮।୦୯।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ନୂଆ ରାଜଧାନୀ ବର୍ତ୍ତମାନ ଚନ୍ଦ୍ରଶେଖରପୁର, ମୌଜା- ପଟିଆ

ସାବକ

ଖାତା ନମ୍ବର- ୨୭୪, ପ୍ଲଟ୍ ନମ୍ବର- ୯୮୭, ରକବା- ଏ୦.୩୯ଡେସିମିଲ, ୯୮୮, ରକବା- ଏ୦.୨୫ଡେସିମିଲ ୯୯୨,ରକବା- ଏ୦.୭୨ଡେସିମିଲ ୯୯୩, ରକବା- ଏ୦.୮୪ଡେସିମିଲ କିସମ- ଶାରଦ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୩୩୮, ପ୍ଲଟ୍ ନମ୍ବର- ୧୨୧୨, ରକବା- ଏ୦.୨୬୦ଡେସିମିଲ ୧୨୧୭, ରକବା- ଏ୦.୨୫୦ଡେସିମିଲ କିସମ- ଶାରଦ ଦୁଇ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୩୧।୦୭।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୬୧୯

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ବିଦ୍ୟୁତ୍‌ଲତା ସାହୁ
ଜୟଦୁର୍ଗା ନଗର, ଭୁବନେଶ୍ୱର

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ଆପଣଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ
ଧ-୧୪୩୯


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୧।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୭୪୬ (୭୪୬.୨୯) ପଏଣ୍ଟ ବୃଦ୍ଧି ଘଟି ୮୦,୬୦୪ (୮୦,୬୦୪.୦୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୨୨୨ (୨୨୧.୭୫) ପଏଣ୍ଟ ବଢ଼ି ୨୪,୫୮୫ (୨୪,୫୮୫.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# 'ବିୟଣ୍ଡ ବ୍ୟାଟେଲଗ୍ରାଉଣ୍ଡ୍ସ'

ଭୁବନେଶ୍ୱର,୧୧।୮

କ୍ରାଫ୍ଟନ ଇଣ୍ଡିଆ ପକ୍ଷରୁ ଏକ ଡିଜିଟାଲ ଷ୍ଟୋରିଟେଲିଙ୍ଗ କ୍ୟାମ୍ପେନ 'ବିୟଣ୍ଡ ବ୍ୟାଟେଲଗ୍ରାଉଣ୍ଡ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହା ବିଜିଏମ୍‌ଆଇର ସବୁଠାରୁ ଉତ୍ସାହୀ ପ୍ରଶଂସକଙ୍କ ଦୃଷ୍ଟିକୋଣ ଓ ସ୍ୱପ୍ନ ମାଧ୍ୟମରେ ଭାରତୀୟ ଗେମିଂର ଆବେଗକୁ ଜୀବନ୍ତ କରିଛି। ଏପରିକି ରାଜସ୍ଥାନର କରନ କାର୍‌ଗୱାଲ ଏହି କ୍ୟାମ୍ପେନର ନେତୃତ୍ୱ ନେଇଛନ୍ତି। ରାଜସ୍ଥାନର ଗଙ୍ଗାନଗର ମରୁଭୂମି ସହରର ୨୮ ବର୍ଷୀୟ ରେଲ୍‌ୱେ ଟେକ୍ନିସିଆନ କରନ କାର୍‌ଗୱାଲଙ୍କ ଅସାଧାରଣ ଯାତ୍ରା ଯିଏ ପ୍ରତିକୂଳ ପରିସ୍ଥିତିରେ ସବୁ ବାଧାବିଘ୍ନକୁ ଦୂର କରି ନିଜ ଘରର ଛାତ ଉପରେ ଆଇକନିକ ବିଜିଏମଆଇ ବଗିର ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରତିକୃତି ନିର୍ମାଣ କରିଥିଲେ। ଏ ସମ୍ପର୍କରେ କ୍ରାଫ୍ଟନ ଇଣ୍ଡିଆର ପିପୁଲ୍ ଅପରେଶନ୍ସ ବିଭାଗର ମୁଖ୍ୟ ସୌରଭ ଶାହ କହିଛନ୍ତି, ବିୟଣ୍ଡ ବ୍ୟାଟେଲଗ୍ରାଉଣ୍ଡ୍ସ ସହିତ ଆମେ ସାଧାରଣ ଗେମରଙ୍କୁ ଚାମ୍ପିଅନ କରୁଛୁ, ଯିଏ ଆଗ୍ରହକୁ ଉଦ୍ଦେଶ୍ୟରେ ଓ ଗେମପ୍ଲେକୁ ବାସ୍ତବ ଦୁନିଆର ପ୍ରଭାବରେ ପରିଣତ କରିଛନ୍ତି। କରନଙ୍କ ବଗି କେବଳ ଏକ ନିର୍ମାଣ ନୁହେଁ ବରଂ ଏହା ଗେମିଂ କିଭଳି ମହତ୍ତ୍ୱାକାଂକ୍ଷା, ସୃଜନଶୀଳତା ଓ ପରିଚୟକୁ ପ୍ରୋତ୍ସାହିତ କରୁଛି, ତାହାର ଏହା ଏକ ପ୍ରତୀକ ବୋଲି ସେ କହିଛନ୍ତି।

# ମନ୍‌ସୁନ୍ ଫ୍ୟାଶନ

**ବର୍ଷାଦିନେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ହେଲେ କିଭଳି ଫ୍ୟାଶନକୁ ଆପଣାଇବେ ଜାଣନ୍ତୁ...**



- ବର୍ଷାଦିନେ ଗାଢ଼ ରଙ୍ଗର ପୋଷାକ ପିନ୍ଧନ୍ତୁ। ହଳଦିଆ, ଗୋଲାପୀ, ସବୁଜ, ନାରଙ୍ଗୀ ଆଦି ଯେକୌଣସି ରଙ୍ଗର ପୋଷାକ ଆପଣ ଚୟନ କରିପାରିବେ। କିନ୍ତୁ ଗାଢ଼ ରଙ୍ଗର ପୋଷାକ ଏହି ଦିନେ ଅଧିକ ସୁନ୍ଦର ଲାଗେ। ଅଧିକ ଫ୍ରେଶ୍ ଅନୁଭବ ସହ ଏଭଳି ଗାଢ଼ ରଙ୍ଗ ଏକ ଫ୍ୟାଶନେବୁଲ ଲୁକ୍ ଦେବ।
- ଅଧିକ ମୋଟା କପଡ଼ା ପିନ୍ଧିଲେ ଏହିଦିନେ ଶୁଖିବା ଅସୁବିଧା ହୋଇଥାଏ। ତେଣୁ ହାଲ୍‌କା ଫାବ୍ରିକ୍‌ର ଯେକୌଣସି ଡ୍ରେସ୍ ପିନ୍ଧନ୍ତୁ। କର୍ଟନ, ଲେୟନ, ଲିନେନ୍ ଆଦି ଫାବ୍ରିକ୍ ଏହିଦିନ ପାଇଁ ସୁନ୍ଦର ବିକଳ୍ପ ହୋଇପାରିବ। ଏସବୁ ପୋଷାକ ଓଦା ହେଲେ ଶୀଘ୍ର ଶୁଖିପାରିବ।
- ଏହି ଋତୁରେ ଅଧିକ ଲମ୍ବା ଡିଜାଇନ ପୋଷାକ ପିନ୍ଧନ୍ତୁ ନାହିଁ। ଅର୍ଥାତ୍ ପ୍ଲାଜୋ, ମ୍ୟାକ୍ସି ଡ୍ରେସ୍ କିମ୍ବା ଜିନ୍ସ ଆଦି ପିନ୍ଧିଲେ ଅଧିକ ଓଦା ହେବା ଆଶଙ୍କା ରହିବ। ତେଣୁ ସର୍ଟ କୁର୍ତ୍ତା, କ୍ରେପ୍ ପ୍ୟାଣ୍ଟ ଭଳି ଛୋଟ ଡିଜାଇନ ପୋଷାକ ବାଛନ୍ତୁ।
- ବର୍ଷାଋତୁରେ ସାଣ୍ଡାଲ, ଚପଲ ଓ ସ୍ଲିପର ପିନ୍ଧନ୍ତୁ। ତେବେ ଏସବୁ ସେଭଳି ମ୍ୟାଟେରିଆଲର ହେବା ଦରକାର ଯାହା ଶୀଘ୍ର ଶୁଖିପାରିବ। ହିଲ୍ସ ପିନ୍ଧିଲେ ଏହିଦିନେ ପାଣିକାଦୁଅରେ ବାଲାନ୍ସକରି ଚାଲିବା ବହୁତ କଷ୍ଟ।
- ଏହିଦିନେ ମେକ୍‌ଅପ୍ ମଧ୍ୟ ସେଇଭଳି ହେବା ଦରକାର ଯାହା ବର୍ଷାପାଣି ସଂସ୍ପର୍ଶରେ ଆସିଲେ ବି ଖରାପ ହେବ ନାହିଁ। ତେଣୁ ୱାଟରପ୍ରୁଫ୍ ମେକ୍‌ଅପ୍ ନିଅନ୍ତୁ। କାଜଲ, ମସ୍କରା, ଲିପ୍‌ଷ୍ଟିକ୍ ଆଦି ସବୁ ଏବେ ୱାଟରପ୍ରୁଫ୍‌ର ମିଳୁଛି। ଫାଉଣ୍ଡେଶନ ବଦଳରେ ବିବି କିମ୍ବା ସିସି କ୍ରିମ୍ ଲଗାନ୍ତୁ। ବ୍ଲଶ୍ କିମ୍ବା ହେଭି ଆଇସାଡୋ କରନ୍ତୁ ନାହିଁ। ଏହିଦିନେ ହାଲ୍‌କା ମେକ୍‌ଅପ୍ ଫ୍ରେଶ୍ ଲୁକ୍ ଦେଇଥାଏ।
- କେଶ ଖୋଲା ନ ରଖି ବାନ୍ଧି ରଖନ୍ତୁ।
- ବର୍ଷାରେ ବାହାରକୁ ଗଲେ ଷ୍ଟାଇଲିଶ୍ ରେନ୍‌କୋର୍ଟ ପିନ୍ଧନ୍ତୁ। ପାଖରେ ସବୁବେଳେ ପରଫ୍ୟୁମ୍ ରଖନ୍ତୁ। ଆବଶ୍ୟକ ହେଲେ ବ୍ୟବହାର କରି ଫ୍ରେଶ୍ ହୋଇପାରିବେ।

# ପ୍ରଥମେ ନିଜକୁ ସଜାଡ଼ନ୍ତୁ

**ପିଲାମାନେ ପ୍ରାୟତଃ ମା'ମାନଙ୍କ ବ୍ୟବହାର ଓ ଚାଲିଚଳଣିକୁ ଅନୁକରଣ କରିଥାନ୍ତି। ତେଣୁ ପିଲାଙ୍କୁ ଯେଉଁଭଳି ଶିକ୍ଷା ଦେବାକୁ ଚାହୁଁଛନ୍ତି ପ୍ରଥମେ ନିଜେ ସେହିଭଳି ବ୍ୟବହାରକୁ ଆପଣାଇ ନିଅନ୍ତୁ...**



➔ପିଲାମାନେ ସବୁବେଳେ ମା'ମାନଙ୍କ କଥାବାର୍ତ୍ତାକୁ ଅନୁକରଣ କରିଥାନ୍ତି। ତେଣୁ ମା'ମାନେ ନିଜ କଥାବାର୍ତ୍ତା ସମୟରେ କେଉଁ ଭଳି ଶବ୍ଦ ବ୍ୟବହାର କରିବେ ଓ କେଉଁ ଢଙ୍ଗରେ କହିବେ ସେସବୁ ବିଷୟରେ ନିଜକୁ ତର୍ଜମା କରନ୍ତୁ।

➔ ପିଲାମାନେ ଭାବନାତ୍ମକ ରୂପେ ମା'ମାନଙ୍କ ଭଳି ପ୍ରତିକ୍ରିୟା ବି ଦିଅନ୍ତି। ତେଣୁ ରାଗ ହେଉ କି ଖୁସି ପ୍ରତ୍ୟେକ ସମୟରେ ସେଇ ବ୍ୟବହାରକୁ ଅନୁକରଣ କରନ୍ତି।


➔ପିଲା ନିଜ ମା'ଠାରୁ ଟାଇମ୍ ମ୍ୟାନେଜମେଣ୍ଟ ବି ଶିଖନ୍ତି। କେତେବେଳେ ଉଠିବେ, କେଉଁ କାମକୁ କିଭଳି କରିବେ ସେସବୁ ଶିଖନ୍ତି।

➔ପିଲାଙ୍କୁ ଠିକ୍ ଢଙ୍ଗରେ ଖାଇବା, ପିଇବା ଶିଖାଇବାକୁ ଚାହୁଁଥିଲେ ନିଜେ ସେହିଭଳି କରନ୍ତୁ। ଆପଣ ଯଦି ଠିକ୍ ଢଙ୍ଗରେ ଖାଉଥିବେ ତା'ହେଲେ ପିଲା ମଧ୍ୟ ସେହିଭଳି ଖାଇବେ।

➔ ସଫାସୁତୁରା ବ୍ୟବହାର ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆପଣ ଏ ଦୃଷ୍ଟିରୁ ନିଜକୁ ସଜାଡ଼ି ନିଅନ୍ତୁ, ନଚେତ୍ ପିଲା ମଧ୍ୟ ସେହିଭଳି ଆଚରଣ କରିବେ।

# ଅଫିସ୍ ଯଦି ଗୋଟିଏ..

**ଅନେକ ସମୟରେ ଅଫିସର ସହକର୍ମୀଙ୍କ ମଧ୍ୟରେ ଭଲପାଇବା ଆରମ୍ଭ ହୋଇ ବିବାହର ରୂପ ନିଏ। ହେଲେ ଅଧିକାଂଶ କ୍ଷେତ୍ରରେ ବିବାହ ପରର ପ୍ରଫେସନାଲ ଲାଇଫ୍ କିଛିଟା ପ୍ରଭାବିତ ହୁଏ। ତେଣୁ କ୍ୟାରିୟର ଯେମିତି ଖରାପ ନ ହେବ ସେଥିପାଇଁ ପର୍ସନାଲ ଓ ପ୍ରଫେସନାଲ ଲାଇଫ୍ ମଧ୍ୟରେ ଏକ ସନ୍ତୁଳନ ରକ୍ଷାକରିବାକୁ ହେବ...**







ଗୋଟିଏ ଅଫିସ୍‌ରେ କାମ କରୁଥିବା କପଲ ନିଜ ବ୍ୟବହାର ଓ କଥାବାର୍ତ୍ତାକୁ ନେଇ ସଚେତନ ରହିବା ଜରୁରୀ। ସେମାନେ ଘର ଓ ଅଫିସ୍ ମଧ୍ୟରେ ଥିବା ପାର୍ଥକ୍ୟକୁ ସବୁବେଳେ ମନେରଖିବା ଦରକାର। ଏସବୁ ଦିଗକୁ ଧ୍ୟାନ ନ ଦେଲେ ବହୁ ସମସ୍ୟା ଆସିଥାଏ। ବେଳେବେଳେ କପଲମାନଙ୍କ ମଧ୍ୟରୁ କାହାକୁ ହୁଏତ ଅଫିସ୍ ବଦଳାଇବାକୁ ପଡ଼ିଥାଏ, ଯାହା କ୍ୟାରିୟର ଗ୍ରୋଥ୍‌କୁ କମାଇଦିଏ। କିନ୍ତୁ ଏସବୁ ସମସ୍ୟାକୁ ଏଡ଼ାଇବା ନିମନ୍ତେ ଅଫିସ୍‌ରେ କିଭଳି ବ୍ୟବହାର କରିବେ ଜାଣନ୍ତୁ।

**ପ୍ରଫେସନାଲ:** ବିବାହ କରିଥିଲେ ବି ଅଫିସ୍‌ରେ ଆପଣ ସହକର୍ମୀ ଏକଥା ଭୁଲନ୍ତୁ ନାହିଁ। ତେଣୁ ଅନ୍ୟ ସହକର୍ମୀଙ୍କ ସହ ଆପଣ ଯେଉଁଭଳି ମିଶୁଛନ୍ତି ନିଜ ପାର୍ଟନରଙ୍କ ସହିତ ଠିକ୍ ସେହିଭଳି ମିଶନ୍ତୁ। ପରସ୍ପର ସହ ପ୍ରଫେସନ ଦୃଷ୍ଟିରୁ ଯେତିକି ଆବଶ୍ୟକ ସେହି ଅନୁସାରେ କଥାବାର୍ତ୍ତା କରନ୍ତୁ। ଅଫିସ୍ ସମୟ ମଧ୍ୟରେ କୌଣସି ବ୍ୟକ୍ତିଗତ ପ୍ରସଙ୍ଗରେ ଆଲୋଚନା କରନ୍ତୁ ନାହିଁ। ଏହା ହୁଏତ ଭବିଷ୍ୟତରେ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଏନେଇ ସଚେତନ ରୁହନ୍ତୁ।

**କାହାକୁ କୁହନ୍ତୁ ନାହିଁ:** ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସହ ନିଜର ବୈବାହିକ ଜୀବନ ନେଇ କୌଣସି ଆଲୋଚନା କରନ୍ତୁ ନାହିଁ। କେହି ହୁଏତ ଆପଣଙ୍କର ଅନ୍ତରଙ୍ଗ ବନ୍ଧୁ ହୋଇପାରନ୍ତି, ମାତ୍ର ବ୍ୟକ୍ତିଗତ କଥା ଯଦି କୌଣସି କାରଣରୁ ତୁଣ୍ଡବାଇଦ ସହସ୍ରକୋଶ ଭଳି ବ୍ୟାପିଯାଏ ତା'ହେଲେ ବହୁ ସମସ୍ୟା ଆସିପାରେ। ଏଥିପାଇଁ ହୁଏତ ଆପଣଙ୍କ ମଧ୍ୟରେ ଝଗଡ଼ା ସୃଷ୍ଟିହେବା ସହ ସମ୍ପର୍କ ଖରାପ ହୋଇପାରେ। ତେଣୁ ବ୍ୟକ୍ତିଗତ କୌଣସି କଥା ଅନ୍ୟ କାହାକୁ କହିବା ସମୟରେ ସତର୍କ ରୁହନ୍ତୁ।

**ଖାଇବା ସମୟରେ:** ଅଫିସ୍‌ରେ ଖାଇବା ସମୟରେ କପଲ ବୋଲି ଆପଣ ଯେ ଏକାଠି ଖାଇବେ ତାହା ବି ଠିକ୍ ନୁହେଁ। ହୁଏତ ଆପଣଙ୍କ ପାର୍ଟନର ଅଫିସ୍‌ର ଅନ୍ୟ ପୁରୁଷ ବନ୍ଧୁଙ୍କ ସହ ଏକାଠି ଖାଇବାକୁ ଚାହୁଁଥିବେ। ତେଣୁ ଏ କ୍ଷେତ୍ରରେ ତାଙ୍କୁ ସ୍ୱାଧୀନତା ଦେବା ଉଚିତ ହେବ। ଅନୁରୂପଭାବେ ଆପଣ ମଧ୍ୟ ଅଫିସ୍ ପରିବେଶରେ ନିଜ ସମୟସୁବିଧା ଅନୁସାରେ ଖାଆନ୍ତୁ। ଏନେଇ ଆଗୁଆ କଥାବାର୍ତ୍ତା ହୋଇ ନିଜର ଟିଫିନ୍ ଅଲଗା ପ୍ୟାକ୍ କରି ଆଣନ୍ତୁ।

**ଅଫିସ୍‌ରେ ପ୍ରିଭେସି:** ଅଫିସ୍‌ରେ ପରସ୍ପରଠାରୁ ଆବଶ୍ୟକ ଦୂରତା ବଜାୟ ରଖନ୍ତୁ। କାରଣ କୌଣସି ପ୍ରକାର ଅନ୍ତରଙ୍ଗତା ଆପଣଙ୍କୁ ଅଫିସ୍‌ରେ ହ୍ୟାସାସ୍ପଦ କରାଇପାରେ ଓ ଭାବମୂର୍ତ୍ତି ଖରାପ କରିଥାଏ। ତେଣୁ ଅଫିସ୍‌ରେ ନିଜ ପ୍ରିଭେସିକୁ ନିଶ୍ଚୟ ଜଗନ୍ତୁ। ଅଫିସ୍‌ରେ ଆପଣ କେବଳ ସହକର୍ମୀ ବୋଲି ଭାବନ୍ତୁ। ସେଭଳି ନିହାତି ଜରୁରୀ ନ ହେଲେ ପରସ୍ପର ସହ ଏକାଠି ହୋଇ କଥାବାର୍ତ୍ତା କରନ୍ତୁ ନାହିଁ। ଏସବୁ ପାଇଁ ଆପଣ ଘରେ ସମୟ ବାହାର କରନ୍ତୁ। ଆଉ ଘରର କୌଣସି ସମସ୍ୟା ମଧ୍ୟ ଅଫିସ୍‌ରେ ଆଲୋଚନା କରନ୍ତୁ ନାହିଁ। ଏପରି ହୋଇପାରେ, ଯଦି ଘରେ କଥାବାର୍ତ୍ତା ନିମନ୍ତେ ସମୟ ମିଳୁନାହିଁ ତା'ହେଲେ ଅଫିସ୍‌ରୁ ବାହାରି କିଛି ସମୟ ପାଇଁ ଅନ୍ୟ କୌଣସି ସ୍ଥାନକୁ ଯାଇ ଆଲୋଚନା କରନ୍ତୁ, କିନ୍ତୁ ଅଫିସ୍ ପରିସରରେ ଏଭଳି କିଛି କାମ କରନ୍ତୁ ନାହିଁ ଯେଉଁଥିପାଇଁ ଆପଣଙ୍କୁ ଖରାପ ଲାଗିପାରେ।

## ଏମାନେ କ'ଣ କରନ୍ତି



**ମ୍ୟାନେଜ୍ କରୁଛି:** ବିବାହ ପୂର୍ବରୁ ଅଲଗା ୟୁନିଭର୍ସିଟିରେ ଉଭୟେ କାମ କରୁଥିଲୁ। କିନ୍ତୁ ପରେ ଆମେ ବହୁ ଚେଷ୍ଟା କରି ଏବେ କିଛି ବର୍ଷ ହେଲା ଗୋଟିଏ ୟୁନିଭର୍ସିଟିରେ ଜଏନ୍ କରିଛୁ। ଏଥିପାଇଁ ପର୍ସନାଲ ଲାଇଫ୍‌ରେ ବହୁ ସୁବିଧା ହେଉଛି। ପରସ୍ପରକୁ ତଥା ପିଲାମାନଙ୍କୁ ଅଧିକ ଟାଇମ୍ ଦେଇହେଉଛି। ହେଲେ ପ୍ରଫେସନାଲ ଲାଇଫ୍‌ରେ ବିଭିନ୍ନ ସମସ୍ୟା ଦେଖାଦେଉଛି। କପଲ୍ ହେଇଥିବାରୁ ପ୍ରାୟ ସବୁବେଳେ ଅନ୍ୟମାନଙ୍କ ଟାର୍ଗେଟରେ ରହୁଛୁ। ଯେହେତୁ ସମସ୍ତେ କଲିଗ୍, ତେଣୁ ଈର୍ଷାଭାବ ସହ ସମସ୍ତେ ବର୍ଡନ ଦେବାକୁ ଚାହାନ୍ତି। ତେଣୁ ଆମକୁ ସଚେତନ ହେବାକୁ ପଡ଼େ। ଆଉ କ୍ୟାରିୟର ଉପରେ ଅଧିକ ଫୋକସ୍ ଦେଉଛୁ। ବାକି ଯାହା ସମସ୍ୟା ଆସେ ଉଭୟେ ମିଶି ମ୍ୟାନେଜ୍ କରୁ, ମାତ୍ର ପ୍ରଫେସନାଲ ଲାଇଫ୍ ଯେମିତି ପ୍ରଭାବିତ ନ ହେବ ସେଥିପାଇଁ ସବୁବେଳେ ସଚେତନ ରହୁଛି।

*–ଡ. ଝାନ୍‌ସୀ ମିଶ୍ର, ଅଧ୍ୟାପିକା, ପୂର୍ବାଞ୍ଚଳ ୟୁନିଭର୍ସିଟି, ଉତ୍ତରପ୍ରଦେଶ*



**ଅଫିସ୍‌ରେ ଆମେ କଲିଗ୍:** ବିବାହ ପରଠାରୁ ଆମେ ଏକ ପ୍ରାଇଭେଟ୍ ନ୍ୟୁଟ୍ରିସନ୍ କମ୍ପାନୀରେ କାମ କରୁଛୁ, ହେଲେ ଏପର୍ଯ୍ୟନ୍ତ ଅଲଗା ଅଫିସ୍‌ରେ କାମ କରିବା କଥା ଚିନ୍ତା କରିନୁ। କାରଣ ଘରକୁ ଯିବା ଆସିବା ଓ ଅନ୍ୟ ସିକ୍ୟୁରିଟି ଦୃଷ୍ଟିରୁ ଏକାଠି କାମ କରିବା ଦ୍ୱାରା ସୁବିଧା ହେଉଛି। ଅବଶ୍ୟ ଅଫିସିଆଲି ଟିକେ ସତର୍କ ହେଇ କାମ କରିବାକୁ ପଡୁଛି। ଅଫିସ୍‌ରେ ଆମେ ପରସ୍ପର କଲିଗ୍ ଭଳି ବ୍ୟବହାର କରୁ। ଅଫିସ୍ ପରିବେଶରେ ଆମେ କେବେ ବି ଏକାଠି ଅଧିକ ସମୟ ବିତାଇବାକୁ ଚେଷ୍ଟା କରିନୁ। ନିହାତି ଦରକାର ହେଲେ ପର୍ସନାଲ କଥା ହେଉ ନଚେତ୍ ଅଲଗା ସ୍ଥାନରେ ବସି ନିଜ ନିଜ କାମ କରୁ। ଏମିତିକି ତାଙ୍କ ପାଇଁ ଟିଫିନ୍ ମଧ୍ୟ ଅଲଗା ପ୍ୟାକ୍ କରିଥାଏ। କାହିଁକିନା ଲଞ୍ଚ ପାଇଁ ମୁଁ ଫ୍ରି ଥିବା ସମୟରେ ସେ ସବୁବେଳେ ଫ୍ରି ହୋଇ ପାରନ୍ତି ନାହିଁ। ସେଥିପାଇଁ ଆମେ ଆମ ସୁବିଧା ଅନୁସାରେ ଖାଉ। ତେଣୁ ପ୍ରଫେସନାଲ୍ ଦୃଷ୍ଟିରୁ ଆମକୁ କେହି କିଛି କହିପାରନ୍ତି ନାହିଁ। ତେଣୁ ସଚେତନ ହୋଇ କାମ କଲେ ଗୋଟିଏ ଅଫିସ୍‌ରେ ବି କିଛି ଅସୁବିଧା ହେବ ନାହିଁ।

*–ପ୍ରିୟଦର୍ଶିନୀ ଜେନା, କର୍ମଜୀବୀ, ଭୁବନେଶ୍ୱର*





**ସୌନ୍ଦର୍ଯ୍ୟ**

# ଗୁଜୁରାତିରୁ ଗ୍ଲୋଇଂ ସ୍କିନ୍



**ତ୍ୱଚାକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ଘରୋଇ ଉପଚାର ରହିଛି। ତେବେ ଆସନ୍ତୁ ଜାଣିବା ଗୁଜୁରାତି ବ୍ୟବହାରକରି କିପରି ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରାଯାଇପାରିବ...**



ଗୁଜୁରାତିରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ତେଣୁ ଏହା ତ୍ୱଚା ପାଇଁ ଅତ୍ୟନ୍ତ ଉପକାରୀ। ନିୟମିତ ଏହାର ବ୍ୟବହାର କଲେ ତ୍ୱଚାକୁ ପୋଷଣ ମିଳିବା ସହ ବ୍ରଣ ଓ ଟାନିଂ ସମସ୍ୟା ଦୂର ହୋଇଥାଏ।

**ଗୁଜୁରାତି ଓ ଗୋଲାପ ଜଳ:** ଗୋଲାପ ଜଳ ସହ ଗୁଜୁରାତିର ଫେସ୍‌ପ୍ୟାକ୍ ତିଆରିକରି ମୁହଁରେ ଲଗାନ୍ତୁ। ଏଥିପାଇଁ ପ୍ରଥମେ ଗୁଜୁରାତି ମଞ୍ଜି ବାହାରକରି ଗୁଣ୍ଡ କରିନିଅନ୍ତୁ। ଏହାକୁ ଗୋଲାପ ଜଳରେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟକୁ ଆଦୌ ମସାଜ୍ କରନ୍ତୁ ନାହିଁ ଏବଂ ୧୦ ମିନିଟ୍ ପରେ ମୁହଁକୁ ଧୋଇଦିଅନ୍ତୁ କିମ୍ବା ଓଦା କପଡ଼ାରେ ପୋଛିଦିଅନ୍ତୁ।

**ଗୁଜୁରାତି ଓ ମହୁ:** ତ୍ୱଚାରେ ବ୍ରଣ ସମସ୍ୟା କିମ୍ବା ଦାଗ ଥିଲେ ମହୁ ସହ ଗୁଜୁରାତି ଲଗାନ୍ତୁ। ଗୁଜୁରାତି ଗୁଣ୍ଡକୁ ମହୁ ସହିତ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ମୁହଁକୁ ଧୋଇଦିଅନ୍ତୁ। ନିୟମିତ ଏହି ଉପାୟ ଆପଣାଇଲେ ତ୍ୱଚାର ଅନେକ ସମସ୍ୟା ଦୂର ହୋଇଥାଏ।

**ଗୁଜୁରାତି ଓ କ୍ଷୀର:** ଗୁଜୁରାତି ଗୁଣ୍ଡକୁ କ୍ଷୀର ସହ ମିଶାଇ ମୁହଁରେ ଲଗାନ୍ତୁ। ୧୫–୨୦ ମିନିଟ୍ ରଖିବା ପରେ ଧୀରେ ମାଲିସ୍‌କରି ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ। ପ୍ରଥମେ ସପ୍ତାହକୁ ଥରେ ଓ ପରେ ୨ କିମ୍ବା ୩ ଥର ଏହି ପ୍ୟାକ୍ ଲଗାଇପାରିବେ।



**ଖାଦ୍ୟରୁଚି**

# ଆଳୁ ବରା

**ଆବଶ୍ୟକ ସାମଗ୍ରୀ–** ସୁଜି ୨୦୦ଗ୍ରାମ୍, ଆଳୁ ୨ଟି (ବଡ଼) ଜିରା ୧ ଚାମଚ, ପିଆଜ ୧ (ବଡ଼), ଧଳା ରାଶି ୨ ଚାମଚ, କଞ୍ଚାଲଙ୍କା ୪/୫ଟି, ଚିଲି ଫ୍ଲେକ୍ସ ଅଧାଚାମଚ, ଭୃସଙ୍ଗପତ୍ର ଓ ଧନିଆପତ୍ର ଅଳ୍ପ, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଆଳୁର ଚୋପା ଛଡ଼ାଇ ତାକୁ ଗ୍ରେଟରରେ କୋରି ଦିଅନ୍ତୁ। ଏବେ ଏହି କୋରା ଆଳୁକୁ ପାଣିରେ ଭଲଭାବେ ଧୋଇ ଏକ ଜାଲିରେ ଛାଣିଦିଅନ୍ତୁ। ଏବେ କଡ଼େଇରେ ୧ ଚାମଚ ତେଲ ଗରମକରି ସେଥିରେ କିଛି ଜିରା ଫୁଟାନ୍ତୁ। ଏହାପରେ ୨ ଚାମଚ ଧଳା ରାଶି ପକାନ୍ତୁ। ଅଳ୍ପ ଭାଜିହେବା ପରେ ସେଥିରେ ପିଆଜକୁ କାଟି ପକାନ୍ତୁ। ପିଆଜ ଅଳ୍ପ ଭାଜି ହୋଇ ଆସିଲେ ସେଥିରେ ଭୃସୁଙ୍ଗପତ୍ର ପକାନ୍ତୁ। ଏହା ସହ କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ପକାନ୍ତୁ। ଅଳ୍ପ ଚିଲି ଫ୍ଲେକ୍ସ ମଧ୍ୟ ପକାନ୍ତୁ। ଏବେ ଏଥିରେ ପ୍ରାୟ ଅଧା ଲିଟର ପାଣି ଦିଅନ୍ତୁ। ପାଣି ଫୁଟିବା ପରେ ସେଥିରେ କୋରା ଆଳୁକୁ ପକାନ୍ତୁ। ଏବେ ପାଣି ଫୁଟିଲେ ସେଥିରେ ସୁଜି ପକାଇ ଗୋଳାନ୍ତୁ। କିଛି ସମୟ ପରେ ସୁଜି ଭଲଭାବେ ଯନ୍ତି ହୋଇଯିବ। ଯନ୍ତଣି ପ୍ରସ୍ତୁତ ହୋଇଯିବା ପରେ କଡ଼େଇକୁ ଗ୍ୟାସ୍‌ରୁ ଓହ୍ଲାଇ ଆଣି କିଛି ସମୟ ଘୋଡ଼ାଇ ରଖିଦିଅନ୍ତୁ।



ପରେ ଏହାକୁ ଆଣି ସେଥିରେ କିଛି କଟା ଧନିଆପତ୍ର ପକାଇ ତେଲ ହାତ କରି ଭଲଭାବେ ଚକଟି ଦିଅନ୍ତୁ। ଏବେ ଏହାକୁ ବରା ଭଳି ଆକାର ଦେଇ ହାତରେ ଗଢ଼ି ଦିଅନ୍ତୁ। ଶେଷରେ କଡ଼େଇରେ ତେଲ ଗରମକରି ଏସବୁକୁ ଛାଣି ଦିଅନ୍ତୁ। ଏବେ ଏହାକୁ ଯେକୌଣସି ଚଟଣି ସହ ଗରମ ଗରମ ଖାଆନ୍ତୁ।

ଧରିତ୍ରୀ
DHARITRI
51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୨/୨୦୨୫ Bhubaneswar, Tuesday, August 12/ 2025

# ଭାରତୀୟ କ୍ରୀଡ଼ାରେ ସର୍ବବୃହତ୍ ସଂସ୍କାର

**ନୂଆଦିଲ୍ଲୀ,୧୧।୮(ପି.ଟି.)**

ବହୁ ପ୍ରତୀକ୍ଷିତ ଜାତୀୟ କ୍ରୀଡ଼ା ଶାସନ ବିଲ୍ ସୋମବାର ଲୋକ ସଭାରେ ପାରିତ ହୋଇଯାଇଛି। ଏହାକୁ ସ୍ୱାଧୀନତା ପରଠୁ ଭାରତୀୟ କ୍ରୀଡ଼ାରେ ସବୁଠୁ ବଡ଼ ସଂସ୍କାର ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ବିହାର ନିର୍ବାଚନ ତାଲିକାରେ ହୋଇଥିବା ସଂଶୋଧନକୁ ନେଇ ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁ ସଭାକୁ ଶୀଘ୍ର ମୁଲତବୀ ରଖାଯିବା ପରେ ଅପରାହ୍ନ ୨ଟା ଅଧିବେଶନରେ ଜାତୀୟ ଆଣ୍ଟି-ଡୋପିଂ (ସଂଶୋଧିତ) ବିଲ୍ ମଧ୍ୟ ପାରିତ ହୋଇଛି।

**ନୂଆ କ୍ରୀଡ଼ା ବିଲ୍ ଲୋକ ସଭାରେ ପାରିତ**


କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ।

'ସ୍ୱାଧୀନତା ପରଠୁ ଭାରତୀୟ କ୍ରୀଡ଼ାରେ ଏହା ଏକକ ସର୍ବବୃହତ୍ ସଂସ୍କାର। ଏହି ବିଲ୍ କ୍ରୀଡ଼ା ମହାସଂଘରେ ଉତ୍ତରଦାୟିତ୍ୱ, ନ୍ୟାୟ ଓ ଶ୍ରେଷ୍ଠ ପରିଚାଳନାକୁ ନିଶ୍ଚିତ କରିବ। ଭାରତୀୟ କ୍ରୀଡ଼ା ଇକୋସିଷ୍ଟମରେ ଏହାର ଖୁବ୍ ମହତ୍ତ୍ୱ ରହିବ। ଦୁର୍ଭାଗ୍ୟର ବିଷୟ, ଏଭଳି ଗୁରୁତ୍ୱପୂର୍ଣ୍ଣ ବିଲ୍ ଓ ସଂସ୍କାରରେ ବିରୋଧୀଙ୍କ ଅଂଶୀଦାରିତା ନାହିଁ ବୋଲି ଲୋକ ସଭାରେ ମାଣ୍ଡବ୍ୟ କହିଛନ୍ତି। ଏହି ବିଲ୍ ଆଗତ ହେଲାବେଳେ ମଧ୍ୟ ଲୋକ ସଭାରେ ବିରୋଧୀ ନେତାମାନେ ଉପସ୍ଥିତ ନ ଥିଲେ। ବିଲ୍ ପାସ୍ ହେଲାବେଳେ ସେମାନେ ଭୋଟର ତଥ୍ୟରେ ହେର୍‌ଫେର୍ ଅଭିଯୋଗ ଓ ବିହାରରେ ନିର୍ବାଚନ ତାଲିକାରେ ହୋଇଥିବା ସଂଶୋଧନ ବିରୋଧରେ ନିର୍ବାଚନ କମିଶନ(ଇସି)ର ମୁଖ୍ୟ କାର୍ଯ୍ୟାଳୟ ଅଭିମୁଖେ ରାଲି କରିଥିଲେ। କିନ୍ତୁ ଦୁଇ ଏମ୍‌ପି ଆଲୋଚନାରେ ଭାଗନେଇ ବିଲ୍ ସପକ୍ଷରେ ମତ ରଖୁଥିବା ବେଳେ ବିରୋଧୀ ଦଳ ନେତାମାନେ ଫେରିଆସି ନାରାବାଜି କରିଥିଲେ। ବିଲ୍‌କୁ ଭଏସ୍ ଭୋଟ ମାଧ୍ୟମରେ ପାରିତ କରାଯିବା ପରେ ସଭାକୁ ଅପରାହ୍ନ ୪ଟାରେ ମୁଲତବୀ ରଖାଯାଇଥିଲା। ପୂର୍ବରୁ ପାର୍ଲିଆମେଣ୍ଟାରୀ କମିଟି ଅନ୍ ସ୍ପୋର୍ଟ୍ସର ଚେୟାରମ୍ୟାନ ଦିଗ୍‌ବିଜୟ ସିଂ ଲୋକ ସଭା ସ୍ପିକର ଓମ୍ ବିର୍ଲାଙ୍କୁ ପ୍ୟାନେଲ ଆଗରେ ଜାତୀୟ କ୍ରୀଡ଼ା ଶାସନ ବିଲ୍‌କୁ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ।

'ଏହି ଦୁଇ ବିଲ୍‌ର ଲକ୍ଷ୍ୟ ହେଉଛି କ୍ରୀଡ଼ା ଇକୋସିଷ୍ଟମରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱରେ ସଂସ୍କାର ଆଣିବା, ଯାହାକି ୨୦୩୬ ଅଲିମ୍ପିକ୍ସ ଆୟୋଜନ ଅଧିକାର ହାସଲ ଲକ୍ଷ୍ୟରେ ଥିବା ଭାରତର ଆବଶ୍ୟକତା। ୧୯୭୫ଠାରୁ ଉଦ୍ୟମ କରାଯାଉଛି ଏବଂ ୧୯୮୫ରେ ପ୍ରଥମ ଡ୍ରାଫ୍ଟ ପ୍ରସ୍ତୁତ ହୋଇଥିଲା। କିନ୍ତୁ ବ୍ୟକ୍ତିଗତ ଲାଭ ଲାଗି କ୍ରୀଡ଼ାକୁ ମଧ୍ୟ ରାଜନୀତିକରଣ କରାଗଲା। କେତେଜଣ ମନ୍ତ୍ରୀ ଏହି ବିଲ୍‌କୁ ଆଗତ କରିବାକୁ ଉଦ୍ୟମ କରିଥିଲେ। ହେଲେ ଏହା ଆଗକୁ ଆସିପାରି ନ ଥିଲା। ୨୦୧୧ରେ ଆମକୁ ଏକ ଜାତୀୟ କ୍ରୀଡ଼ା ନୀତି ମିଳିଥିଲା। ଏହା କ୍ୟାବିନେଟ୍‌ରେ ପହଞ୍ଚିଥିଲା ଓ ଏହା ଉପରେ ଆଲୋଚନା ମଧ୍ୟ ହୋଇଥିଲା। କିନ୍ତୁ ପରେ ବିଲ୍‌କୁ ସ୍ଥଗିତ ରଖାଯାଇଥିଲା। ଏହା ସଂସଦରେ ପହଞ୍ଚିପାରି ନ ଥିଲା। ଜାତୀୟ କ୍ରୀଡ଼ା ଶାସନ ବିଲ୍ ଏକ ପରିବର୍ତ୍ତନର ଶକ୍ତି। ଆମର ଏକ ବଡ଼ ଦେଶ ହେବା ସତ୍ତ୍ୱେ ଅଲିମ୍ପିକ୍ ଗେମ୍ସ ଓ ଅନ୍ତର୍ଜାତୀୟ ସ୍ତରରେ ଆମ ପ୍ରଦର୍ଶନ ସନ୍ତୋଷଜନକ ନୁହେଁ। ଭାରତର କ୍ରୀଡ଼ା ଦକ୍ଷତାକୁ ଗଠନ କରିବା ଏହି ବିଲ୍‌ର ଲକ୍ଷ୍ୟ' ବୋଲି ମାଣ୍ଡବ୍ୟ କହିଛନ୍ତି।

### ଜାତୀୟ ଡୋପିଂ ନିରୋଧୀ(ସଂଶୋଧନ) ବିଲ୍

ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି(ୱାଡା) ସହ ପରାମର୍ଶ ପରେ ପ୍ରସ୍ତୁତ କରାଯାଇଥିବା ସଂଶୋଧିତ ଜାତୀୟ ଡୋପିଂ ନିରୋଧୀ ବିଲ୍‌ର ଉଦ୍ଦେଶ୍ୟ ହେଉଛି ଦେଶର ଡୋପିଂ ନିରୋଧୀ ସଂସ୍ଥା(ନାଡା) କାର୍ଯ୍ୟକଳାପରେ ସରକାରଙ୍କ ହସ୍ତକ୍ଷେପକୁ ରୋକିବା। ଏହି ଆଇନ ୨୦୨୨ରେ ପାରିତ କରାଯାଇଥିଲା। ହେଲେ ଏହାକୁ ୱାଡା ପକ୍ଷରୁ ବିରୋଧ କରାଯିବାରୁ ଏହାର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯାଇଛି। ସଂଶୋଧିତ ବିଲ୍‌ରେ କ୍ରୀଡ଼ାରେ ଡୋପିଂ ନିରୋଧୀ ଜାତୀୟ ବୋର୍ଡକୁ ରଖାଯାଇଛି। କିନ୍ତୁ ଏହାକୁ ନାଡାର କାର୍ଯ୍ୟକଳାପ ତଦାରଖ କରିବା କ୍ଷମତା ଦିଆଯାଇନାହିଁ।

### ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍‌ଏସ୍‌ବି)

କ୍ରୀଡ଼ା ଶାସନ ବିଲ୍‌ରେ ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍‌ଏସ୍‌ବି) ବ୍ୟବସ୍ଥା ରହିଛି। ଏହାର କାର୍ଯ୍ୟ ହେଲା ସମସ୍ତ ମହାସଂଘର ଉତ୍ତରଦାୟିତ୍ୱ ଲାଗି ଏକ କଡ଼ା ବ୍ୟବସ୍ଥା ସୃଷ୍ଟି କରିବା। ସମସ୍ତ ଜାତୀୟ କ୍ରୀଡ଼ା ମହାସଂଘ(ଏନ୍‌ଏସ୍‌ଏଫ୍‌ଏସ୍)କୁ କେନ୍ଦ୍ର ସରକାରଙ୍କ ପାଣ୍ଠି ଲାଗି ଏନ୍‌ଏସ୍‌ବିଠାରୁ ସ୍ୱୀକୃତି ନେବାକୁ ପଡ଼ିବ। ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ ପରିଷଦର ନିର୍ବାଚନ ନ ହେଲେ କିମ୍ବା ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା କ୍ଷେତ୍ରରେ ମହାସଂଘଠାରୁ ସ୍ୱୀକୃତି ପ୍ରତ୍ୟାହାର କରିବାର ଅଧିକାର ମଧ୍ୟ ଏନ୍‌ଏସ୍‌ବିକୁ ଦିଆଯାଇଛି। ବାର୍ଷିକ ଅଡିଟ୍ ହୋଇଥିବା ପାଣ୍ଠିର ହିସାବ ପ୍ରକାଶ କରିବାରେ ବିଫଳ କିମ୍ବା ଜନସାଧାରଣଙ୍କ ପାଣ୍ଠିର ଦୁରୁପଯୋଗ କ୍ଷେତ୍ରରେ ଏନ୍‌ଏସ୍‌ବି କାର୍ଯ୍ୟାନୁଷ୍ଠାନ ନେଇପାରିବ। କିନ୍ତୁ ଏଥିଲାଗି ଏନ୍‌ଏସ୍‌ବିକୁ ଉକ୍ତ କ୍ରୀଡ଼ାର ବିଶ୍ୱ ପରିଚାଳନା ସଂସ୍ଥାଠାରୁ ଅନୁମତି ନେବା ଦରକାର।

### ଜାତୀୟ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲ

ଏହି ବିଲ୍‌ରେ ଜାତୀୟ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲର ବ୍ୟବସ୍ଥା ରଖାଯାଇଛି। ଏହା ଭାରତୀୟ କ୍ରୀଡ଼ାରେ ଏକ ସିଭିଲ୍ କୋର୍ଟ ଭଳି କାର୍ଯ୍ୟ କରିବ। ଖେଳାଳି ଚୟନଠାରୁ ମହାସଂଘର ନିର୍ବାଚନ ପର୍ଯ୍ୟନ୍ତ କ୍ରୀଡ଼ା ସହ ଜଡ଼ିତ ପ୍ରତ୍ୟେକ ଆଇନଗତ ବିବାଦର ସମାଧାନ କରିବ। ଏହାର ପ୍ରତିଷ୍ଠା ପରେ ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ କେବଳ ସୁପ୍ରିମ୍‌କୋର୍ଟରେ ହିଁ ଚ୍ୟାଲେଞ୍ଜ କରାଯାଇପାରିବ।

### ଆର୍‌ଟିଆଇ

ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡ଼ା ମହାସଂଘ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ଅଧୀନରେ ରହିବେ। ହେଲେ ଏଥିରେ ସଂଶୋଧନ କରାଯାଇଥିବାରୁ ବିସିସିଆଇ ଛାଡ଼ ପାଇବ। ସଂଶୋଧନ ପରେ କେବଳ ସରକାରୀ ପାଣ୍ଠିର ବ୍ୟବହାର କରୁଥିବା ମହାସଂଘ ଆର୍‌ଟିଆଇ ଅଧୀନରେ ରହିବେ ବୋଲି ସ୍ପଷ୍ଟ ହୋଇଛି।

# ରିଦ୍ଧିକାଙ୍କୁ ହେଭିୱେଟ୍ ସ୍ୱର୍ଣ୍ଣ


ରିଦ୍ଧିକାଙ୍କୁ ରେଫରି ବିଜେତା ଘୋଷଣା କରୁଛନ୍ତି।

**ବ୍ୟାଙ୍କକ୍, ୧୧।୮ (ପି.ଟି.)**

**୨୨ ବର୍ଷରୁ କମ୍ ଏସିଆନ ବକ୍ସିଂ ଚାମ୍ପିୟନଶିପ୍**

ଭାରତର ରିଦ୍ଧିକା ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ର ୨୨ ବର୍ଷରୁ କମ୍ କାଟେଗୋରୀ ଅନ୍ତର୍ଗତ ମହିଳା ୮୦+କେଜି କାଟେଗୋରିରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଫଳତଃ ଭାରତ ଚାମ୍ପିୟନଶିପ୍‌ରେ ଓଭରଅଲ୍ ଚତୁର୍ଥ ସ୍ଥାନ ଅଧିକାର କରିଛି। ଭାରତର ୨୨ ବର୍ଷରୁ କମ୍ ଦଳ ମୋଟ ୧୩ ପଦକ ସହ ଏହାର ଅଭିଯାନ ଶେଷ କରିଥିବା ବେଳେ ୧୯ ବର୍ଷରୁ କମ୍ ଦଳ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ ବ୍ରୋଞ୍ଜ ସମେତ ମୋଟ ୧୪ ପଦକ ସହ ସ୍ୱଦେଶ ଫେରିଛି। ୧୯ ବର୍ଷରୁ କମ୍ ଦଳ ଓଭରଅଲ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସୋମବାର ଭାରତ ଭାରତ ଏକମାତ୍ର ସ୍ୱର୍ଣ୍ଣ ପଦକ ୮୦+କେଜି କାଟେଗୋରୀରେ ପାଇଥିଲା। ଏଥିରେ ରିଦ୍ଧିକା କାଜାଖସ୍ତାନର ଆସେଲ ଟୋକ୍‌ଟାସିନ୍‌ଙ୍କୁ ପରାସ୍ତ କରିଥିଲେ। ବିପକ୍ଷ ବକ୍ସର ଶକ୍ତିଶାଳୀ ହୋଇଥିବାରୁ ରିଦ୍ଧିକାଙ୍କୁ ଆକ୍ରମଣାତ୍ମକ ସହ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥିଲା। ସକାଳ ସେସନରେ ମହିଳା ୫୭ କେଜି କାଟେଗୋରୀରେ ଯାତ୍ରୀ ପଟେଲ ଉଜବେକିସ୍ତାନର ଖୁମୋରାବୋନୁ ମାମାଜୋନୋଭାଙ୍କଠାରୁ ପରାଜିତ ହୋଇ ରୌପ୍ୟ ପଦକ ପାଇଥିଲେ। ପ୍ରିୟା ୬୦କେଜି ଫାଇନାଲରେ ଚାଇନାର ୟୁନ୍ ତିଆନଙ୍କଠାରୁ ଅଳ୍ପକେ ୨:୩ରେ ପରାଜିତ ହୋଇଥିଲେ। ପରେ ୭୫କେଜି ଫାଇନାଲରେ ନୀରଜ ଉଜବେକିସ୍ତାନର ଶାକାତ୍‌ଜନ ବୋଲ୍‌ତେଭଙ୍କଠାରୁ ହାରିଯାଇଥିଲେ। ୯୦+କେଜି ସ୍ୱର୍ଣ୍ଣ ମୁକାବିଲାରେ ଇଶାନ କାଟାରିଆ ଉଜବେକିସ୍ତାନର ଖଲିମଜୋନ ମାମାସୋଲିଭଙ୍କଠାରୁ ପରାସ୍ତ ହୋଇଥିଲେ। ଉଭୟେ ଭାରତୀୟ ବକ୍ସର ରୌପ୍ୟ ପଦକ ପାଇଥିଲେ।

# ୨୦୩୬ ଅଲିମ୍ପିକ୍ସ ଲାଗି ଭାରତର ବିଡ୍ ଆଲୋଚନା ସ୍ତରରେ ରହିଛି

**ନୂଆଦିଲ୍ଲୀ,୧୧।୮(ପି.ଟି.)**

୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଭାରତର ବିଡ୍ ଏବେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି)ର ଫ୍ୟୁଚର ହୋଷ୍ଟ କମିଶନ ସହ ନିରନ୍ତର ଆଲୋଚନା ପର୍ଯ୍ୟାୟରେ ଅଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଲୋକ ସଭାରେ ସୋମବାର ଏହା କହିଛନ୍ତି।

ଆମ୍ ଆଦ୍‌ମୀ ପାର୍ଟିର ସାଂସଦ ଗୁରମିତ ସିଂ ମିତ୍ ହେୟରଙ୍କ ପ୍ରଶ୍ନର ଉତ୍ତର ଦେଇ ମାଣ୍ଡବ୍ୟ କହିଛନ୍ତି, ପୂରା ବିଡିଂ ପ୍ରକ୍ରିୟା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ) ଦ୍ୱାରା କରାଯାଉଛି। ଆଇଓଏ ପକ୍ଷରୁ ଆଇଓସି ନିକଟରେ ଲେଟର ଅଫ୍ ଇଣ୍ଟେଣ୍ଟ ଦାଖଲ କରାଯାଇଛି। ଏହି ବିଡ୍ ଏବେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି)ର ଫ୍ୟୁଚର ହୋଷ୍ଟ କମିଶନ ସହ ନିରନ୍ତର ଆଲୋଚନା ପର୍ଯ୍ୟାୟରେ ଅଛି। ଭାରତରେ ଅଲିମ୍ପିକ୍ ଗେମ୍ସ ଆୟୋଜନ ଲାଗି ବିଡିଂ କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ହେଉଛି ଆଇଓଏର। ଅଲିମ୍ପିକ୍ସ ଆୟୋଜନ କରିବାର ଅଧିକାର ଆଇଓସି ଦ୍ୱାରା ଦିଆଯାଏ।

### ଭାରତୀୟ ଫୁଟ୍‌ବଲର ସ୍ଥିତି

ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ର୍‍ୟାଙ୍କିଂ ନିମ୍ନଗାମୀ ହେଉଥିବା ବେଳେ ଇଣ୍ଡିଆନ ସୁପର ଲିଗ୍ ଆୟୋଜନକୁ ନେଇ ଅନିଶ୍ଚିତତା ଲାଗିରହିଛି। ଏ ସମ୍ପର୍କରେ କଂଗ୍ରେସର କେରଳ ଏମ୍‌ପି ଆଦୁର ପ୍ରକାଶ ପ୍ରଶ୍ନ କରିଥିଲେ ଯେ, ଭାରତୀୟ ଫୁଟ୍‌ବଲର ନିମ୍ନଗାମୀ ସ୍ଥିତି ସମ୍ପର୍କରେ ସରକାର ଅବଗତ ଅଛନ୍ତି କି? କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ ଏହାର ଉତ୍ତର ରଖି କହିଛନ୍ତି, ଫୁଟ୍‌ବଲ ଦଳର ର୍‍ୟାଙ୍କିଂ ମ୍ୟାଚ୍ ଫଳାଫଳ, ପ୍ରତିପକ୍ଷ ଦଳର ଶକ୍ତି ଓ ନିରନ୍ତର ମ୍ୟାଚ୍ ଖେଳିବା ଦ୍ୱାରା ପ୍ରଭାବିତ ହୁଏ। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଏକ ସ୍ୱତନ୍ତ୍ର ସଂସ୍ଥା, ଯାହାକି ନିୟମିତ ଭାବେ ଏଆଇଏଫ୍‌ଏଫ୍ ସହ କ୍ରୀଡ଼ାରେ ଦେଶର ପ୍ରଦର୍ଶନ ଓ ସାମଗ୍ରିକ ବିକାଶକୁ ସମୀକ୍ଷା କରେ। ସେ ଅନୁଯାୟୀ ପରାମର୍ଶ ଦିଏ।

# ମହିଳା ଦିନିକିଆ ବିଶ୍ୱକପ୍ ଟ୍ରଫି ଉନ୍ମୋଚିତ

**ନୂଆଦିଲ୍ଲୀ,୧୧।୮(ପି.ଟି.)**

ଆସନ୍ତା ମାସରେ ଭାରତରେ ହେବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ଲାଗି ସୋମବାର ଟ୍ରଫି ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇସିସି ଚେୟାରମ୍ୟାନ ଜୟ ଶାହା, ୨୦୦୭ ଟି୨୦ ଓ ୨୦୧୧ ଦିନିକିଆ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ପୁରୁଷ ଦଳର ଖେଳାଳି ଯୁବରାଜ ସିଂ, ପୂର୍ବତନ ଅଧିନାୟିକା ମିଥାଲି ରାଜ ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ସାଥି ଖେଳାଳି ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜ ଯୋଗ ଦେଇଥିଲେ। କଦାପି ମହିଳା ବିଶ୍ୱକପ୍ ଜିତିନଥିବା ଭାରତ ୨୦୦୫ ଓ ୨୦୧୭ ସଂସ୍କରଣରେ ଫାଇନାଲରେ ପରାଜିତ ହୋଇ ରନରଅପ୍ ହୋଇଥିଲା। ସେପ୍ଟେମ୍ବର ୩୦ରୁ ଭାରତରେ ମହିଳା ବିଶ୍ୱକପ୍ ଖେଳାଯିବାକୁ ଥିବା ବେଳେ ଏଥିପୂର୍ବରୁ ଭାରତ ଟୁର୍ନାମେଣ୍ଟ ଫେଭରାଇଟ୍ ଅଷ୍ଟ୍ରେଲିଆ ସହିତ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ। ଏହା ଆସନ୍ତା ମାସ ୧୪ ତାରିଖରୁ ଆରମ୍ଭ ହେବ।



ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ ପୂର୍ବରୁ ସୋମବାର ମୁମ୍ବାଇରେ ଆୟୋଜିତ ଏକ ଇଭେଣ୍ଟ ବେଳେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ୍ ଏବଂ ପୂର୍ବତନ ଅଧିନାୟିକା ମିଥାଲି ରାଜ ଓ ଯୁବରାଜ ସିଂଙ୍କ ସହ ଆଇସିସି ଚେୟାରମ୍ୟାନ ଜୟ ଶାହା।

# ସମ୍ବିତ୍ ଚାମ୍ପିୟନ, ସୌମ୍ୟ ରନରଅପ୍



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୧।୮(ତପନ ସ୍ୱାଇଁ)**

**ଖୋର୍ଦ୍ଧା ଜିଲା ସିନିୟର ଓପନ ଚେସ୍**

ଖୋର୍ଦ୍ଧା ଜିଲା ସିନିୟର ଓପନ ଚେସ୍ ଚାମ୍ପିୟନଶିପ୍ ସୋମବାର ଘାଟିକିଆର ଏପିଜେ ସ୍କୁଲରେ ସଫଳତାର ସହ ଶେଷ ହୋଇଛି। ଏଥିରେ ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ସମ୍ବିତ୍ ପଣ୍ଡା ଚାମ୍ପିୟନ ଓ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରନରଅପ୍ ହୋଇଛନ୍ତି। ମନୀଷ କୁମାର ଏବଂ ଓମ୍ ଆଦିତ୍ୟ ଖାଡ଼ଙ୍ଗା ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ୭ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ସମ୍ବିତ୍ ପୂରା ୭ ପଏଣ୍ଟ ହାସଲ କରିଥିବାବେଳେ ସୌମ୍ୟ, ମନୀଷ ଏବଂ ଓମ୍ ୬ ପଏଣ୍ଟ ଲେଖାଏ ପାଇଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଚେସ୍ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଛି। ପ୍ରତିଯୋଗିତାର ଶ୍ରେଷ୍ଠ ୪ ଖେଳାଳି ରାଜ୍ୟ ଓପନ ଚେସ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୁରସ୍କାର ଆକାରରେ ପ୍ରତିଯୋଗୀଙ୍କୁ ୫୦,୦୦୦ ଟଙ୍କା, ଟ୍ରଫି ଓ ଚେସ୍ ବହି ପ୍ରଦାନ କରାଯାଇଛି। ସାଧ୍ୱୀ ପ୍ରତିଭା ମିଶ୍ର ମୁଖ୍ୟ ଅତିଥି ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଏବଂ ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜାମ ମୁଖ୍ୟ ବକ୍ତାଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସଭାପତି ଶକ୍ତିରଞ୍ଜନ ମହାନ୍ତି, ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ସଦସ୍ୟ ସ୍ୱୟଂଶୁ ସତ୍ୟକାମ, ସୁଶାନ୍ତ ଷଡ଼ଙ୍ଗୀ ଓ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାଇ ଇଣ୍ଟରନ୍ୟାଶନାଲ, ପଳାଶୁଣୀ ହାଇସ୍କୁଲ ବିଜୟୀ

**ଭୁବନେଶ୍ୱର, ୧୧।୮(ତପନ ସ୍ୱାଇଁ)**

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ସାଇ ଇଣ୍ଟରନ୍ୟାଶନାଲ ଓ ପଳାଶୁଣୀ ହାଇସ୍କୁଲ ଦଳ ବିଜୟ ହାସଲ କରିଛି। ସାଇ ଇଣ୍ଟରନ୍ୟାଶନାଲ ୬-୧ ଗୋଲରେ ବିଜେଇଏମ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଗସ୍ତ୍ୟ ପଟ୍ଟନାୟକ ୫ଟି ଏବଂ ଟି. ସେନାପତି ଗୋଟିଏ ଗୋଲ ଦେଇଥିଲେ। ବିଜେଇଏମ୍ ପକ୍ଷରୁ ଜ୍ଞାନଜ୍ୟୋତି ମହାନ୍ତି ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଅଗସ୍ତ୍ୟଙ୍କୁ ଅତିଥି ଆଥ୍‌ଲେଟିକ୍ସ କୋଚ୍ ନୀଳମାଧବ ଦେଓ ପୁରସ୍କୃତ କରିଥିଲେ। ପଳାଶୁଣୀ ସ୍କୁଲ ୨-୧ ଗୋଲରେ କିଟ୍ ଇଣ୍ଟରନ୍ୟାଶନାଲକୁ ହରାଇଦେଇଛି। ପଳାଶୁଣୀ ପକ୍ଷରୁ ରାଜେଶ ମୁର୍ମୁ ଓ ଇଶାନ ତିର୍କୀ ଏବଂ କିଟ୍ ପକ୍ଷରୁ ଆଦିତ୍ୟ ରାଜ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସହିଦ ସ୍ପୋର୍ଟିଂ କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଅତିଥିଭାବେ ଯୋଗଦେଇ ରାଜେଶ ମୁର୍ମୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦ୍ରକାନ୍ତ ବାରିକ, ଶେଖ ଓ୍ୱାଜିଦ ଖାଁ, ଶିବ ପ୍ରସାଦ ସାମନ୍ତରାୟ, ସୁଜିତ କୁମାର ପାତ୍ରୋ, ସୁନୀଲ କୁମାର, ଆଲୋକ ଦେହୁରି ମ୍ୟାଚ ପରିଚାଳନା କରିଥିଲେ।

# ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ

**ରାଜଗିର (ବିହାର), ୧୧।୮**

**୨୦ ବର୍ଷରୁ କମ୍ ଏସିଆ ମହିଳା ରଗ୍‌ବୀ ସେଭେନ୍ସ**

**ସାମିଲ ଥିଲେ ଓଡ଼ିଶାର ରିତୁ ଓ ମାମାଲି**

ଏଠାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ମହିଳା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଭାରତ ପ୍ରତିପକ୍ଷ ଉଜବେକିସ୍ତାନକୁ ପରାସ୍ତ କରିଛି। ଭାରତୀୟ ଦଳର ଏହି ସଫଳତାରେ ଓଡ଼ିଶାର ରିତୁ ମାଝି ଓ ମାମାଲି ସିଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ପୁଲ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ ପରେ ଭାରତୀୟ ଦଳ ସେମିଫାଇନାଲରେ ଚାଇନାଠାରୁ ୭-୨୮ରେ ହାରି ଯାଇଥିଲା। ମାତ୍ର ବ୍ରୋଞ୍ଜ ପଦକ ମୁକାବିଲାରେ ଆଧିପତ୍ୟ ବିସ୍ତାର କରି ଦଳ ୧୨-୫ରେ ବିଜୟୀ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଭାରତ କେବଳ ଫାଇନାଲିଷ୍ଟ ଚାଇନା ଓ ହଂକଂଠାରୁ ପରାଜିତ ହୋଇଥିଲା। ଭାରତ ପ୍ରଥମଥର ପାଇଁ ଏସିଆ ରଗ୍‌ବୀ ଏମିରେଟ୍ସ ୨୦ ବର୍ଷରୁ କମ୍ ପ୍ରତିଯୋଗିତା ଆୟୋଜନ କରିଥିଲା। ଘରୋଇ ପରିବେଶରେ ଭାରତୀୟ ଦଳ ପୋଡିୟମ ମଣ୍ଡନ କରିଥିବାରୁ ଖେଳାଳିଙ୍କ ଆତ୍ମବିଶ୍ୱାସ ବଢ଼ିଛି। ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ ଭାରତୀୟ ଦଳର ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିଛନ୍ତି। "ଘରୋଇ ଦର୍ଶକଙ୍କ ସମ୍ମୁଖରେ ପଦକ ହାସଲ ଭାରତୀୟ ରଗ୍‌ବୀ ପାଇଁ ଗର୍ବର ମୁହୂର୍ତ୍ତ। ଆମ ଭାରତୀୟ ମହିଳା ଦଳ ଏକ କଷ୍ଟସାଧ୍ୟ ଗ୍ରୁପ୍‌ରେ ସ୍ଥାନ ପାଇଥିଲା। ସେମିଫାଇନାଲରେ ପ୍ରବେଶ କରିବା ମଧ୍ୟ ଆମପାଇଁ ବଡ଼ ସଫଳତା ଥିଲା। ଏହି ପ୍ରଦର୍ଶନ ପରବର୍ତ୍ତୀ ପିଢ଼ିକୁ ପ୍ରେରିତ କରିବ" ବୋଲି ରାହୁଲ ପ୍ରକାଶ କରିଛନ୍ତି। ମହିଳା ବର୍ଗ ଫାଇନାଲରେ ହଂକଂକୁ ୨୯-୨୧ରେ ହରାଇ ଚାଇନା ଏବଂ ପୁରୁଷ ବର୍ଗରେ ଶ୍ରୀଲଙ୍କାକୁ ୩୩-୦ରେ ହରାଇ ହଂକଂ ଚାମ୍ପିୟନ ହୋଇଛି।


ଏସିଆ ମହିଳା ରଗ୍‌ବୀ ସେଭେନ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ